# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୫/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, January 25/2023 Page 20 ₹ 7.00

୪୯ଶ ଭାଗ ୬୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 63 ମୂଲ୍ୟ₹୭/-




**ନ୍ୟାୟପାଳିକାରେ କେନ୍ଦ୍ରର ହସ୍ତକ୍ଷେପ ବିପଜ୍ଜନକ**

ନ୍ୟାୟପାଳିକାରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ବିପଜ୍ଜନକ ବୋଲି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏନ୍. ସନ୍ତୋଷ ହେଗଡେ କହିଛନ୍ତି।

୦୨

୧୧

**ଦିଗ୍‌ବିଜୟଙ୍କ ମନ୍ତବ୍ୟ ବ୍ୟକ୍ତିଗତ**

ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଦେଇଥିବା ମନ୍ତବ୍ୟ ତାଙ୍କର ବ୍ୟକ୍ତିଗତ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।



### ମୋଦିଙ୍କ ଉପରେ ବିବାଦୀୟ ବିବିସି ଡକ୍ୟୁମେଣ୍ଟାରି

# କେରଳରେ ପ୍ରଦର୍ଶନ ବେଳେ ଉତ୍ତେଜନା

**ହାଇଦ୍ରାବାଦ/ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୨୪।୧**

ବ୍ରିଟେନ୍ ଜାତୀୟ ଗଣମାଧ୍ୟମ ବିବିସି ୨୦୦୨ ଗୁଜରାଟ ଦଙ୍ଗା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରକାଶ କରିଥିବା ବିବାଦୀୟ ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ'କୁ ହାଇଦ୍ରାବାଦ ୟୁନିଭର୍ସିଟି କ୍ୟାମ୍ପସ୍, କେରଳର ବିଭିନ୍ନ ସ୍ଥାନ ଏବଂ ଦିଲ୍ଲୀର ଜେଏନ୍‌ୟୁ ପରିସରରେ ପ୍ରଦର୍ଶନ ବେଳେ ଉତ୍ତେଜନା ସୃଷ୍ଟି ହୋଇଛି। ଶନିବାର ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ଉତ୍ତର କ୍ୟାମ୍ପସ୍‌ରେ ଥିବା ଶପିଂ କମ୍ପ୍ଲେକ୍ସରେ ଡକ୍ୟୁମେଣ୍ଟାରି ସ୍କ୍ରିନିଂକୁ ନେଇ ବିବାଦ ଦେଖାଦେଇଥିଲା। ଏହା ବିରୋଧରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବିଶ୍ୱବିଦ୍ୟାଳୟ ପ୍ରଶାସନ ନିକଟରେ ପ୍ରତିବାଦ ଜଣାଇଛି। ଏନେଇ ପ୍ରଶାସନ କ୍ୟାମ୍ପସ୍ ସୁରକ୍ଷା ବିଭାଗଠାରୁ ସବିଶେଷ ରିପୋର୍ଟ ମାଗିଛି।

କେରଳ ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ମଙ୍ଗଳବାର ବିବିସି ଡକ୍ୟୁମେଣ୍ଟାରି ପ୍ରଦର୍ଶନ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ମାନଭିୟମ ବିଥିଠାରେ ଯୁବକଂଗ୍ରେସ କର୍ମୀମାନେ ମୋଦିଙ୍କ ଉପରେ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରିଥିବାବେଳେ ଅନ୍ୟ କେତେକ ସ୍ଥାନରେ ସିପିଆଇ(ଏମ୍)ର ସହଯୋଗୀ ସଂଗଠନ ପକ୍ଷରୁ ଏହାର ସ୍କ୍ରିନିଂ ହୋଇଥିଲା। ଭାଜପା ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଯୁବକଂଗ୍ରେସ କର୍ମୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଉତ୍ତେଜନା ହ୍ରାସ ଲାଗି ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଷ୍ଟୁଡେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ସଦସ୍ୟମାନେ ସରକାରୀ ଆଇନ ମହାବିଦ୍ୟାଳୟ ଶ୍ରେଣୀଗୃହରେ ମଙ୍ଗଳବାର ସକାଳେ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ☞ପୃଷ୍ଠା–୪

**ଜେଏନ୍‌ୟୁ କ୍ୟାମ୍ପସ୍‌ରେ ଟେକାମାଡ଼**



ଥିରୁଭାନନ୍ତପୁରମ୍‌ର ମାନଭୀୟମ ବିଥିଠାରେ ଯୁବ କଂଗ୍ରେସ କର୍ମୀମାନେ ମଙ୍ଗଳବାର ବିବିସି ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ' ପ୍ରଦର୍ଶନ କରୁଛନ୍ତି।

## ସତ ଲୁଚି ରହିପାରିବନି: ରାହୁଲ

**ନୂଆଦିଲ୍ଲୀ,୨୪।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସିର ଡକ୍ୟୁମେଣ୍ଟାରିକୁ ଭାରତ ନିଷେଧ କରିଛି। ତେବେ ସତ୍ୟକୁ ଲୁଚାଇ ରଖାଯାଇପାରିବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଡକ୍ୟୁମେଣ୍ଟାରିକୁ ପକ୍ଷପାତମୂଳକ ଏବଂ ବସ୍ତୁନିଷ୍ଠ ନୁହେଁ କହି ଭାରତ ସରକାର ବ୍ୟାନ୍ କରିବା ରାଜନୈତିକ ଅସହିଷ୍ଣୁତା ବୋଲି ସେ ଭାବୁଥିବା କହିଛନ୍ତି। ଏହା ଗଣତାନ୍ତ୍ରିକ ଦେଶ। ଏଠାରେ ସତକୁ ଯେତେ ଘୋଡ଼ାଇଲେ ମଧ୍ୟ ତାହା ପଦାକୁ ବାହାରିବ ବୋଲି କଂଗ୍ରେସ ନେତା କହିଛନ୍ତି।

# ଓକିଲ ଧର୍ମଘଟ ରୋକିବାକୁ ଯୋଜନା କର

## ବିସିଆଇ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ



- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ
- ବୃତ୍ତିଗତ ଶିଷ୍ଟାଚାର ନିୟମ ମାନୁନାହାନ୍ତି ବାର୍ ସଦସ୍ୟ: ଖଣ୍ଡପୀଠ

**ନୂଆଦିଲ୍ଲୀ,୨୪।୧**

ଓଡ଼ିଶାର ବିଭିନ୍ନ ଭାଗରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ବାର୍ ଆସୋସିଏଶନ୍‌ଗୁଡ଼ିକୁ ଧର୍ମଘଟରୁ କ୍ଷାନ୍ତ ରହିବା ପାଇଁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ) କୌଣସି ବାସ୍ତବ ଯୋଜନା କରୁ ନ ଥିବାରୁ ସର୍ବୋଚ୍ଚ ଅଦାଲତ କଡ଼ା ଭର୍ତ୍ସନା କରିଛନ୍ତି।

ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବିରୋଧରେ ଏନ୍‌ଜିଓ 'କମନ୍ କଜ୍' ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଅବମାନନା ଆବେଦନ ଦାଖଲ କରାଯାଇଛି। ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ ଏବଂ ବେଲା ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନ୍‌ର ଶୁଣାଣି କରି ବିସିଆଇର ଖାମଖିଆଲି ମନୋଭାବକୁ ନିନ୍ଦା କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ବାର୍ ସଦସ୍ୟଙ୍କ ବିରୋଧରେ ଯଦି ବିସିଆଇ ଯାହା କରିବା କଥା ସେଦିଗରେ ତ୍ୱରିତ ପଦକ୍ଷେପ ନ ନେବ ତେବେ ଆଉ କିଏ କାର୍ଯ୍ୟାନୁଷ୍ଠାନ ନେବ? ଆମେ ନିର୍ଦ୍ଦିଷ୍ଟ ଭାବେ ପ୍ରତିକାରମୂଳକ ଉପାୟ ଚାହୁଁଛୁ। ଆପଣ ନିଜ ସୁବିଧା ଅନୁସାରେ ଯୋଜନା କରିବେ, ତାକୁ ଆମେ ଅନୁମତି ଦେଇପାରିବୁ ନାହିଁ ବୋଲି ବିସିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅର୍ଦ୍ଧେନ୍ଦୁ ମଉଳି କୁମାର ପ୍ରସାଦଙ୍କୁ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ଶୁଣାଣି ବେଳେ ପ୍ରସାଦ ଯୁକ୍ତି ବାଢ଼ିଥିଲେ ଯେ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ବାର୍ କାଉନ୍‌ସିଲଗୁଡ଼ିକରେ ଅନୁଧ୍ୟାନ କରାଯାଉଛି। ଖଣ୍ଡପୀଠ କହିଥିଲେ, ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯାଇପାରିବ ନାହିଁ। ରାଜ୍ୟ ବାର୍ କାଉନ୍‌ସିଲଗୁଡ଼ିକ ମଧ୍ୟ ବିସିଆଇର ଅଂଶବିଶେଷ। ଆପଣଙ୍କ ସଦସ୍ୟମାନେ କେବଳ ରାଜ୍ୟ ବାର୍ କାଉନ୍‌ସିଲଗୁଡ଼ିକରେ ସାମିଲ ଅଛନ୍ତି। ତେଣୁ ବିସିଆଇ ଭିନ୍ନ ବୋଲି କୁହନ୍ତୁ ନାହିଁ। ପ୍ରସାଦ କହିଥିଲେ, ସଦସ୍ୟମାନେ ବାର୍ କାଉନ୍‌ସିଲରୁ ଆସୁଥିଲେ ମଧ୍ୟ ସେମାନଙ୍କ କ୍ଷମତା ଓ କାର୍ଯ୍ୟକାରିତା ଭିନ୍ନ। ଆସୋସିଏଶନ୍‌ଗୁଡ଼ିକୁ ସମ୍ବେଦନଶୀଳ କରାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏନେଇ ଜଷ୍ଟିସ୍ ତ୍ରିବେଦୀ କହିଥିଲେ, ସେମାନେ ସମସ୍ତେ ପ୍ରସଙ୍ଗର ସମ୍ବେଦନଶୀଳତାକୁ ବୁଝିସାରିଛନ୍ତି, କିନ୍ତୁ ସେସବୁକୁ ଅନୁସରଣ କରୁନାହାନ୍ତି। ଏହା ଉପରେ ଆଇନଜୀବୀ ପ୍ରସାଦ କହିଥିଲେ, ଓଡ଼ିଶା ଏବଂ କାଲ୍‌କାଟାରେ ବାର୍ ଆସୋସିଏଶନ ପଦାଧିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେତେଜଣଙ୍କୁ ନିଲମ୍ବନ ମଧ୍ୟ କରାଯାଇଛି। ଗତ ନଭେମ୍ବରରେ ସୁପ୍ରିମକୋର୍ଟଙ୍କ ଏକ ଅନ୍ୟ ଖଣ୍ଡପୀଠ କହିଥିଲେ, ପଶ୍ଚିମ ଓଡ଼ିଶାରେ ରାଜ୍ୟ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଉତ୍ସର୍ଗୀକୃତ ନ୍ୟାୟବ୍ୟବସ୍ଥା









ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ବଡ଼ ଧରଣର ପାୱାର ବ୍ରେକ୍‌ଡାଉନ୍ ହୋଇଛି। ବିଦ୍ୟୁତ୍ ସଙ୍କଟ ଉପୁଜିବା ଫଳରେ ରାଜଧାନୀ ଇସ୍‌ଲାମାବାଦ ସମେତ କରାଚୀ ଓ ଅନ୍ୟ ସହରଗୁଡ଼ିକ ଅନ୍ଧାରରେ ରହିଛି। ଲୋକଙ୍କ ସମସ୍ୟା ବହୁଗୁଣିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ମଙ୍ଗଳବାର ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି। କେଉଁ କାରଣରୁ ଏତେ ବଡ଼ ବିଭ୍ରାଟ ହେଲା ତାହା ଜାଣିବା ପାଇଁ ଶରିଫ୍ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଟୁଇଟ୍ କରିଛନ୍ତି।

## ସଂକ୍ଷେପରେ

### କୋଠା ଭୁଶୁଡ଼ି ୩ ମୃତ

**ଲକ୍ଷ୍ନୌ,୨୪।୧(ପି.ଟି.):** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ହଜରତଜଙ୍ଗରେ ମଙ୍ଗଳବାର ଏକ ବହୁମହଲା ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଭଗ୍ନାବଶେଷ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଏଥିରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ସମେତ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ସାମିଲ ହୋଇଛନ୍ତି। ଭଗ୍ନାବଶେଷ ତଳୁ ୩ଟି ମୃତଦେହ ବାହାର କରାଯାଇ ହସ୍ପିଟାଲ ପଠାଯାଇଥିବା ୟୁପି ଉପମୁଖ୍ୟମନ୍ତ୍ରୀ ବ୍ରିଜେଶ ପାଠକ କହିଛନ୍ତି। ୪ ଘଣ୍ଟା ପୂର୍ବରୁ ଭୂକମ୍ପ ହୋଇଥିବାରୁ ଏହାର ପ୍ରଭାବରେ ବିଲ୍ଡିଂ ଭୁଶୁଡ଼ିଲା କି ବୋଲି ପ୍ରଶ୍ନ ହେବାରୁ ବର୍ତ୍ତମାନ କିଛି କୁହାଯାଇ ପାରିବ ନାହିଁ ବୋଲି ଜିଲାପାଳ ସୂର୍ଯ୍ୟପାଲ ଗଙ୍ଗୱାର କହିଛନ୍ତି। ଆହତମାନଙ୍କୁ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।

### ନଦୀପଠାରୁ ମିଳିଲା ପରିବାରର ୭ ଜଣଙ୍କ ମୃତଦେହ

**ପୁଣେ, ୨୪।୧:** ମହାରାଷ୍ଟ୍ର ପୁଣେର ପରଗାଓ ବ୍ରିଜ୍ ନିକଟରୁ ଗୋଟିଏ ପରିବାରର ୭ ଜଣଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ମଧ୍ୟରେ ଏକ ବୟସ୍କ ଦମ୍ପତି ଥିବାବେଳେ ସେମାନଙ୍କ ଝିଅ, ଜ୍ୱାଇଁ ଓ ୩ ପିଲାଙ୍କ ମୃତଦେହ ମିଳିଛି। ଭୀମାନଦୀ ପଠାରୁ ସୋମବାର ୩ ଜଣଙ୍କର ଓ ମଙ୍ଗଳବାର ଆଉ ୪ ଜଣଙ୍କ ମୃତଦେହ ମିଳିଥିବା ସ୍ଥାନୀୟ ପୋଲିସ କହିଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ପୋଲିସର ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ଚଳାଇଛି।

### ଭାଜପା ନେତାଙ୍କୁ ହତ୍ୟା

**ଇମ୍ଫାଲ,୨୪।୧:** ମଣିପୁରର ଥୌବାଲ ଜିଲାରେ ମଙ୍ଗଳବାର ଭାଜପର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ଜଣକୁ ଗିରଫ କରି ତଦନ୍ତ ଚଳାଇଛି। ଲୈଶରାମ ରାମେଶ୍ୱର ସିଂ ଭାଜପା ରାଜ୍ୟ ଶାଖା ଏକ୍ସ-ସର୍ଭିସମେନ୍ ସେଲ୍‌ର ଆବାହକ ଥିଲେ। ମଙ୍ଗଳବାର ସକାଳେ କ୍ଷତ୍ରୀସ୍ଥିତ ବାସଭବନ ଗେଟ୍ ନିକଟରେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ପୋଲିସ କହିଛି। ଆକ୍ରମଣକାରୀମାନେ ଏକ ନମ୍ବର ବିହୀନ କାରରେ ଆସିଥିଲେ।

### ନବୀନ ଜିନ୍ଦଲଙ୍କୁ ହତ୍ୟା ଧମକ

**ରାୟପୁର,୨୪।୧:** ଶିଳ୍ପପତି ନବୀନ ଜିନ୍ଦଲଙ୍କୁ ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ୪୮ ଘଣ୍ଟା ମଧ୍ୟରେ ଯଦି ସେ ୫ ନିୟୁତ ପାଉଣ୍ଡ ପୈଠ ନ କରନ୍ତି, ତେବେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଚିଠିରେ ଉଲ୍ଲେଖ ରହିଛି। ବିଳାସପୁର କେନ୍ଦ୍ରୀୟ ଜେଲ୍‌ରେ ଥିବା ପୁଷ୍ପେନ୍ଦ୍ର ଚୌହାନ ଏହି ଚିଠି ପଠାଇଥିବା ରାଇଗଡ଼ ଏସ୍‌ପି ଅଭିଷେକ ମୀନା କହିଛନ୍ତି। ପୁଷ୍ପେନ୍ଦ୍ର ଜଣେ ପେସାଦାର ଅପରାଧୀ ଏବଂ ପୂର୍ବରୁ ସେ ଏଭଳି ଗୋଟିଏ ଦୁଇଟି ମାମଲାରେ ଜଡ଼ିତ ଅଛି। ସେ ପୂର୍ବରୁ ଛତିଶଗଡ଼ ରାଜ୍ୟପାଳ ଏବଂ ଭାରତର ରାଷ୍ଟ୍ରପତିଙ୍କୁ ହତ୍ୟା କରିବା ଲାଗି ଧମକପୂର୍ଣ୍ଣ ଚିଠି ପଠାଇଥିଲେ। ସେ ଏକ ପ୍ରକାର ମାନସିକ ବିକାରଗ୍ରସ୍ତ ବୋଲି ଅନୁଭବ କରାଯାଉଥିବା ଏସ୍‌ପି କହିଛନ୍ତି। ଜେଏସ୍‌ପିଏଲ୍‌ର ମହାପ୍ରବନ୍ଧକ ସୁଧୀର ରାୟଙ୍କ ଅଭିଯୋଗକ୍ରମେ କୋଟ୍ରା ରୋଡ୍ ପୋଲିସ ପୁଷ୍ପେନ୍ଦ୍ରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ଡବ୍ଲ୍ୟୁଏଚ୍‌ଓର ତନାଘନା

### କଫ୍ ସିରପ୍ ପିଇ ୩୦୦ରୁ ଊର୍ଦ୍ଧ୍ୱ ଶିଶୁ ମୃତ



**ଜେନେଭା,୨୪।୧**

ବିଷାକ୍ତ କଫ୍ ସିରପ୍ ପିଇ ଅଦ୍ୟାବଧି ୩ ଦେଶର ୩୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଲାଣି। ଏହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି। ଭାରତ ଓ ଇଣ୍ଡୋନେସିଆରେ ପ୍ରସ୍ତୁତ କଫ୍ ସିରପ୍‌ଗୁଡ଼ିକରେ ଅତ୍ୟଧିକ ମାତ୍ରାରେ ଟକ୍ସିନ୍ ରହୁଥିବା ଦର୍ଶାଇ ଡବ୍ଲ୍ୟୁଏଚ୍‌ଓ ୬ ଫାର୍ମା କମ୍ପାନୀକୁ ଏଥିରେ ବ୍ୟବହୃତ କଞ୍ଚାମାଲର ବିସ୍ତୃତ ବିବରଣୀ ମାଗିଛି। କେବଳ ଏତିକି ନୁହେଁ, ସାରା ବିଶ୍ୱରେ ପିଲାମାନଙ୍କୁ କଫ୍ ସିରପ୍ ସେବନ କରାଇବା ଉପରେ ପୁନର୍ବିଚାର ନିମନ୍ତେ ପରିବାରଗୁଡ଼ିକୁ ପରାମର୍ଶ ଦେବାକୁ ମଧ୍ୟ ଜାତିସଂଘର ସ୍ୱାସ୍ଥ୍ୟ ଏଜେନ୍ସି ଚିନ୍ତା କରୁଛି। କାରଣ କେତେକ ଉତ୍ପାଦ ବ୍ୟବହାରର ସୁରକ୍ଷାକୁ ନେଇ ଉଠିଥିବା ପ୍ରଶ୍ନ ଏବେ ବି ଅନୁତ୍ତରିତ ରହିଛି। ଏପରି ଉତ୍ପାଦଗୁଡ଼ିକ ଶିଶୁଙ୍କ ପାଇଁ କେତେ ଜରୁରୀ ତାହା ମଧ୍ୟ ଜାଣିବାକୁ ବିଶେଷଜ୍ଞମାନେ ବିଚାର କରୁଥିବା ଜଣାପଡ଼ିଛି।

ଗାମ୍ବିଆ, ଇଣ୍ଡୋନେସିଆ ଓ ଉଜ୍‌ବେକିସ୍ତାନର ୩୦୦ରୁ ଅଧିକ ଶିଶୁ କଫ୍ ସିରପ୍ ପିଇ ପ୍ରାଣ ହରାଇଥିବା କୁହାଯାଉଛି। ଏକ ବିବୃତି ଅନୁସାରେ ୨୦୨୨ ଜୁଲାଇରେ ଗାମ୍ବିଆର ଶିଶୁମାନେ ବିଷାକ୍ତ କଫ୍ ସିରପ୍ ପିଇବା ପରେ ସେମାନେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅନ୍ୟୁନ ୭୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୨ ଡିସେମ୍ବର ୨୨ରେ ଉଜ୍‌ବେକିସ୍ତାନରେ ୧୮ ଶିଶୁ କଫ୍ ସିରପ୍ ସେବନ କରି ମୃତ୍ୟୁ ମୁଖରେ ପଡ଼ିଥିଲେ। ଗାମ୍ବିଆ ଶିଶୁ ମୃତ୍ୟୁ ପାଇଁ ହରିୟାଣାର ମେଡେନ୍ ଫାର୍ମାସ୍ୟୁଟିକାଲ୍ସ ଏବଂ ଉଜ୍‌ବେକିସ୍ତାନରେ ପିଲାଙ୍କ ମୃତ୍ୟୁ ଲାଗି ଉତ୍ତର ପ୍ରଦେଶର ମାରିଓନ୍ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଡୋକ୍-୧ ମ୍ୟାକ୍ସ ସିରପ୍‌କୁ ଦାୟୀ କରାଯାଉଛି। ମୃତ ଶିଶୁଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୫ ବର୍ଷରୁ କମ୍। ଅନୁରୂପ ଭାବେ ଗତବର୍ଷ ଶେଷ ୪ ମାସ ମଧ୍ୟରେ ଇଣ୍ଡୋନେସିଆରେ ୨୦୦ରୁ ଊର୍ଦ୍ଧ୍ୱ ଶିଶୁ କଫ୍ ସିରପ୍ ପିଇ ପ୍ରାଣ ହରାଇଥିଲେ। ଏହି ସିରପ୍‌ଗୁଡ଼ିକ ପିଟି ୟାରିଣ୍ଡୋ ଫାର୍ମାଟାମା, ପିଟି ୟୁନିଭର୍ସାଲ ଫାର୍ମାସ୍ୟୁଟିକାଲ, ପିଟିକୋନିମାକ୍ସ ଏବଂ ପିଟି ଏଏଫ୍ଆଇ ଫାର୍ମା ଦ୍ୱାରା ପ୍ରସ୍ତୁତ। ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ସୋମବାର ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ ଏହି କଫ୍ ସିରପ୍‌ଗୁଡ଼ିକରେ ଅଧିକ ମାତ୍ରାରେ ଡାଇଥିଲିନ୍ ଗ୍ଲାଇକୋଲ୍ ଏବଂ ଏଥିଲିନ୍ ଗ୍ଲାଇକୋଲ୍ ରହିଛି। ଫିଲିପାଇନ୍ସ, ଟିମୋର ଲେଷ୍ଟେ, ସେନେଗାଲ ଓ କମ୍ବୋଡିଆରେ ମଧ୍ୟ ଏଭଳି ସିରପ୍ ବିକ୍ରି ହେଉଥିବାରୁ ଏହି ଦେଶଗୁଡ଼ିକର ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଇପାରେ ବୋଲି ଡବ୍ଲ୍ୟୁଏଚ୍‌ଓ ମନେକରୁଛି। ଆଗକୁ ଶିଶୁ ମୃତ୍ୟୁ ରୋକିବା ପାଇଁ ୧୯୪ ସଦସ୍ୟ ରାଷ୍ଟ୍ରକୁ ତତ୍କାଳ ଆବଶ୍ୟକ ଓ ସମନ୍ୱିତ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଏଭଳି ସିରପ୍ ବ୍ୟବହାର ନ କରିବା ପାଇଁ ପୂର୍ବରୁ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ସତର୍କତା ଜାରି କରାଯାଇଛି। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଯାହା କହୁଛି, ଜାତୀୟ ଓ ଅନ୍ତର୍ଜାତୀୟ ନିୟମାବଳୀ ଅନୁସାରେ ତା'ର ଅନୁପାଳନ କରାଯାଉଥିବା ବିଷୟ ମଙ୍ଗଳବାର ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ୍ ଫାର୍ମାସ୍ୟୁଟିକାଲ ମାନୁଫେକ୍ଚରର୍ସ ଆଣ୍ଡ ଆସୋସିଏଶନ୍ସ (ଆଇଏଫ୍‌ପିଏମ୍‌ଏ) ଏକ ବିବୃତିରେ ସ୍ପଷ୍ଟ କରିଛି। ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ମେଡେନ୍ ଏବଂ ମାରିଓନ୍ ମାନୁଫାକ୍ଚରିଂ ୟୁନିଟ୍‌କୁ ବନ୍ଦ କରାଯାଇଛି। ନିଜ ଉତ୍ପାଦରେ କୌଣସି ସମସ୍ୟା ନ ଥିବା ଦୁଇ କମ୍ପାନୀ ଟେଷ୍ଟିଂ ପରେ କେନ୍ଦ୍ରକୁ ଜଣାଇଛନ୍ତି।




### ଶ୍ରଦ୍ଧା ହତ୍ୟା ମାମଲାରେ ଚାର୍ଜଶିଟ୍ ଦାଖଲ



**ନୂଆଦିଲ୍ଲୀ,୨୪।୧**

ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲ୍‌କର ହତ୍ୟା ମାମଲାରେ ଦିଲ୍ଲୀ ପୋଲିସ ମଙ୍ଗଳବାର ସାକେତ୍ କୋର୍ଟରେ ଅଭିଯୁକ୍ତ ଆଫ୍‌ତାବ ଅମିନ୍ ପୁନାୱାଲାଙ୍କ ବିରୋଧରେ ୬,୬୨୯ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଆଫ୍‌ତାବଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଫେବୃୟାରୀ ୭ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଆଫତାବ ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ୩୫ ଖଣ୍ଡ କରି ଅନେକ ଦିନ ଯାଏ ସହରର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ।

## ଟୁଇଟରକୁ ଫେରିଲେ କଙ୍ଗନା



**ମୁମ୍ବାଇ**

ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରକୁ ପୁଣିଥରେ ଫେରିଲେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ। ଟୁଇଟର ନିୟମ ଉଲଂଘନ କରିଥିବାରୁ ତାଙ୍କ ଆକାଉଣ୍ଟକୁ ବ୍ୟାନ୍ କରାଯାଇଥିଲା। ତେବେ ଆକାଉଣ୍ଟରୁ ବ୍ୟାନ୍ ହଟାଯିବା ପରେ ମଙ୍ଗଳବାର ଅଭିନେତ୍ରୀ ପ୍ରଥମ ଟୁଇଟ୍ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ ଲେଖିଛନ୍ତି, ସମସ୍ତଙ୍କୁ ହ୍ୟାଲୋ, ପୁଣିଥରେ ଟୁଇଟରକୁ ଫେରି ଭଲ ଲାଗିଲା। ନିଜ ଆଗାମୀ ଫିଲ୍ମ ଏମର୍ଜେନ୍ସିର ଏକ ଭିଡିଓ ମଧ୍ୟ କଙ୍ଗନା ଶେୟାର କରିଛନ୍ତି। ୨୦୨୧ ମସିହା ମେ'ରେ କଙ୍ଗନାଙ୍କ ଆକାଉଣ୍ଟ ସସ୍‌ପେଣ୍ଡ କରାଯାଇଥିଲା। କଙ୍ଗନା ବାରମ୍ବାର ନିୟମ ଉଲଂଘନ କରୁଥିବା ଯୋଗୁ ଟୁଇଟର କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଥିଲେ।

## ପୁଣି ଅଟକିଲା ଦିଲ୍ଲୀ ମେୟର ନିର୍ବାଚନ

### ଅନିର୍ଦ୍ଦିଷ୍ଟ କାଳ ଗୃହ ମୁଲତବୀ

**ନୂଆଦିଲ୍ଲୀ,୨୪।୧**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ ଭାଜପା କାଉନ୍‌ସିଲରଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁ ମଙ୍ଗଳବାର ହେବାକୁ ଥିବା ଦିଲ୍ଲୀ ମେୟର ନିର୍ବାଚନ ଦ୍ୱିତୀୟ ଥର ପାଇଁ ଅଟକିଛି। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ହାଉସ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଏମ୍‌ସିଡି ନିର୍ବାଚନରେ ଏଏପି ବିଜୟୀ ହୋଇଥିଲା। ନିର୍ବାଚନକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ମେୟର ଓ ଡେପୁଟି ମେୟର ନିର୍ବାଚନ ହୋଇପାରୁ ନାହିଁ। ଗତ ୬ ତାରିଖରେ ୨୫୦ ସଦସ୍ୟ ବିଶିଷ୍ଟ ଏମ୍‌ସିଡି ହାଉସ୍‌ର ପ୍ରଥମ ବୈଠକ ବସିଥିଲା। ଭାଜପା ନିର୍ବାଚନ ହାରିଥିଲେ ମଧ୍ୟ ଏମ୍‌ସିଡିକୁ ନିୟନ୍ତ୍ରଣ କରିବା ଲାଗି ଉଦ୍ୟମ କରୁଥିବା ଅଭିଯୋଗ କରି ଏଏପି କାଉନ୍‌ସିଲରମାନେ ହଟ୍ଟଗୋଳ କରିବାରୁ ମେୟାର ନିର୍ବାଚନକୁ ୨୪ ତାରିଖକୁ ସ୍ଥଗିତ ରଖାଯାଇଥିଲା। ମଙ୍ଗଳବାର ମେୟର ନିର୍ବାଚନ ପାଇଁ କାଉନସିଲରମାନେ ଏକତ୍ରିତ ହୋଇଥିବାବେଳେ ଉପରାଜ୍ୟପାଳ ଭି.କେ. ସାକ୍ସେନା ନିଯୁକ୍ତ କରିଥିବା ପ୍ରିଜାଇଡିଂ ଅଫିସର ଭାଜପାର ସତ୍ୟ ଶର୍ମା ପ୍ରଥମେ ୧୦ ଜଣ ମନୋନୀତ କାଉନସିଲରଙ୍କୁ ଶପଥ ପାଠ କରାଇଥିଲେ। ୬ ତାରିଖ ବୈଠକ ଭଳି ଏଥର ମଧ୍ୟ ଏଏପି ଶର୍ମାଙ୍କ କାର୍ଯ୍ୟକୁ ବିରୋଧ କରିଥିଲା। ଏହାକୁ ନେଇ ହଟ୍ଟଗୋଳ ଜାରି ରହିବାରୁ ମେୟର ନିର୍ବାଚନ ହୋଇ ନ ପାରି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

## ଗୋଇନ୍ଦା ତଥ୍ୟ ସାର୍ବଜନୀନ କରିବା ଗମ୍ଭୀର ପ୍ରସଙ୍ଗ: ରିଜିଜୁ

**ନୂଆଦିଲ୍ଲୀ,୨୪।୧(ଆଇଏଏନ୍ଏସ୍)**

ବିଚାରପତି ପଦବୀ ଲାଗି କଲେଜିୟମ ପ୍ରାର୍ଥୀଙ୍କ ନାମ ସୁପାରିସ କଲାବେଳେ ସେମାନଙ୍କ ସମ୍ପର୍କରେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ତଥ୍ୟକୁ ସର୍ବସାଧାରଣରେ ପ୍ରକାଶ କରିଦେଉଛନ୍ତି। ଏହା ଗମ୍ଭୀର ପ୍ରସଙ୍ଗ ବୋଲି କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ମଙ୍ଗଳବାର କହିଛନ୍ତି। ଇ-କୋର୍ଟ ପ୍ରକଳ୍ପର ପୁରସ୍କାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ରିଜିଜୁ କହିଥିଲେ, ରାଷ୍ଟ୍ର ପାଇଁ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ 'ର' ଏବଂ ଗୋଇନ୍ଦା ବ୍ୟୁରୋର ସମ୍ବେଦନଶୀଳ ତଥ୍ୟକୁ ସର୍ବସାଧାରଣରେ ପ୍ରକାଶ କରାଯିବା ଗମ୍ଭୀର ତଥା ଚିନ୍ତାଜନକ ବିଷୟ। କଲେଜିୟମ ପ୍ରସ୍ତାବ ସମ୍ପର୍କରେ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।



## 'ନ୍ୟାୟପାଳିକାରେ କେନ୍ଦ୍ରର ହସ୍ତକ୍ଷେପ ବିପଜ୍ଜନକ'

### ଜନପ୍ରତିନିଧି ନିଜକୁ ଜନତାଙ୍କ ମାଲିକ ଭାବୁଛନ୍ତି: ଜଷ୍ଟିସ୍ ହେଗ୍‌ଡ଼େ

**ମହୀଶୂର,୨୪।୧(ଆଇଏଏନ୍ଏସ୍)**

ବିଚାରପତି ନିଯୁକ୍ତି ଏବଂ ନ୍ୟାୟିକ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଠିକ୍ ନୁହେଁ। ଏହା ବିପଜ୍ଜନକ ବୋଲି କର୍ନାଟକର ପୂର୍ବତନ ଲୋକାୟୁକ୍ତ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏନ୍. ସନ୍ତୋଷ ହେଗଡେ ମଙ୍ଗଳବାର କହିଛନ୍ତି। ଗଣମାଧ୍ୟମ ସହ ଏକ ଆଲୋଚନା କାର୍ଯ୍ୟକ୍ରମରେ ଜଷ୍ଟିସ୍ ହେଗ୍‌ଡ଼େ କହିଥିଲେ, ନ୍ୟାୟପାଳିକାରେ କାର୍ଯ୍ୟପାଳିକା ହସ୍ତକ୍ଷେପ କରିବା ଉଚିତ ନୁହେଁ। ଏଭଳି ହସ୍ତକ୍ଷେପ ବିପଜ୍ଜନକ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ହେଗଡେ କହିଛନ୍ତି, ଲୋକାୟୁକ୍ତ ହେବା ପୂର୍ବରୁ ସମାଜ ସମ୍ପର୍କରେ ସେ ବିଶେଷ କିଛି ଜାଣି ନ ଥିଲେ। ଯେଉଁମାନେ ଧନୀ ସେମାନେ ସବୁ ସମ୍ମାନ ପାଆନ୍ତି। ଏପରିକି ଜେଲ୍‌ରୁ ବାହାରିଲେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଏ। ଧର୍ମ ଏବଂ ଭାଷାକୁ ନେଇ ମତଭେଦ ସୃଷ୍ଟି ହେବା ଦେଶ ପାଇଁ ବିପଦ ବୋଲି ପୂର୍ବତନ ଲୋକାୟୁକ୍ତ କହିଛନ୍ତି। ଦେଶରେ ଦୁର୍ନୀତି ନିୟନ୍ତ୍ରଣ ବାହାରେ। ଜନପ୍ରତିନିଧିମାନେ ନିଜକୁ ଜନତାଙ୍କ ମାଲିକ ଭାବୁଛନ୍ତି। ରାଜନେତାମାନେ ଦୁର୍ନୀତି ବିରୋଧରେ ବଡ଼ ବଡ଼ ଭାଷଣ ଦେଉଛନ୍ତି ଓ ପରସ୍ପର ବିରୋଧରେ ଅଭିଯୋଗ ଆଣୁଛନ୍ତି। ତେବେ ଦୁର୍ନୀତି ହଟାଇବା ଦିଗରେ କିଛି କରିବାକୁ ସେମାନେ ଚାହୁଁନାହାନ୍ତି ବୋଲି ଜଷ୍ଟିସ୍ ହେଗ୍‌ଡେ କହିଛନ୍ତି। ଏଭଳି ସ୍ଥିତି ଜାରି ରହିଲେ ଲୋକେ ଶାସନ ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିବେ। ଏଭଳି ସ୍ଥିତି କେବେ ଆସିବ, ତାହା ସେ ଜାଣନ୍ତି ନାହିଁ ବୋଲି ହେଗ୍‌ଡ଼େ କହିଛନ୍ତି।






**ଆଜିର ମନ୍ତବ୍ୟ**

"ଭାଜପା ଜମ୍ମୁ-କଶ୍ମୀରକୁ ପୃଥକ୍ କରିଛି। କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ସାଙ୍ଗକୁ ବିଧାନସଭା ନିର୍ବାଚନ କରାଯାଉ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇଁ ନ ଦିଶେ ହସି ପଶେ**
**ଉତ୍ତର ମେଘ ଦକ୍ଷିଣ ଆସେ**
**ସଜ ଗୋବରରେ ଅଂଶେଇ ବସେ**
**ନାଥ ବୋଲେ ପୁତା ନିଶ୍ଚେ ବରଷେ।**

ଯଦି ସୂର୍ଯ୍ୟ ଉଦୟ ବେଳେ ଦିଶନ୍ତି ନାହିଁ ଓ ଅସ୍ତ ବେଳେ ପଶ୍ଚିମ ଦିଗ ଲାଲ ଦିଶେ, ଉତ୍ତର ଦିଗରେ ବାଦଲ ଆଚ୍ଛାଦିତ ହୋଇ ଦକ୍ଷିଣ ଦିଗକୁ ଆସେ, ତେବେ ବର୍ଷା ହେବାର ସମସ୍ତ ଲକ୍ଷଣ ଦେଖାଦିଏ। ସେହିପରି ଗୋବରରେ ଏକ ପ୍ରକାର ନୀଳବର୍ଣ୍ଣ ମାଛି ବସିଥିବାର ଦେଖାଗଲେ ବର୍ଷା ହେବାର ସମ୍ଭାବନା ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଉଖୁଡ଼ା ଖାଇଲା ବେଳକୁ ହଣ ହଣ**
**ଦେଲା ବେଳକୁ ଏ କ'ଣ ସେ କ'ଣ।**

ଖାଇଲା ବେଳକୁ ଆଗଭର, ଅଥଚ ଦେବା କଥା ପଡ଼ିଲେ କେତେକଙ୍କ ନାହି ଶୁଖିଯାଏ। ଦେବାରୁ କିପରି ମୁକୁଳିବେ ସେ ନେଇ ଯୋଜନା କରିବସୁଥିବା ବେଳେ ଲୋଭୀ ବ୍ୟକ୍ତିଙ୍କର ଏପରି ମନ୍ଦ ପ୍ରକୃତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ଏୟାର ଇଣ୍ଡିଆକୁ ୧୦ ଲକ୍ଷ ଜରିମାନା

## ବିଶୃଙ୍ଖଳିତ ଯାତ୍ରୀଙ୍କ ସମ୍ପର୍କରେ ଡିଜିସିଏକୁ ଜଣାଇ ନ ଥିଲା




**ନୂଆଦିଲ୍ଲୀ,୨୪।୧**

ଗତବର୍ଷ ଡିସେମ୍ବର ୬ରେ ପ୍ୟାରିସ–ଦିଲ୍ଲୀ ବିମାନରେ ଦୁଇଜଣ ବିଶୃଙ୍ଖଳିତ ଯାତ୍ରୀଙ୍କ ସମ୍ପର୍କରେ ଠିକ୍ ସମୟରେ ରିପୋର୍ଟ କରି ନ ଥିବା ଏୟାର ଇଣ୍ଡିଆ ଉପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ସେଦିନ ଏଆଇ–୧୪୨ ବିମାନରେ ଜଣେ ମଦ୍ୟପ ଯାତ୍ରୀ କ୍ରିଉ ସଦସ୍ୟଙ୍କ ପରାମର୍ଶ ନ ମାନି ଶୌଚାଳୟରେ ଧୂମପାନ କରିଥିଲେ। ସେହିପରି ଅନ୍ୟ ଜଣେ ଯାତ୍ରୀ ଏକ ଖାଲି ସିଟ୍‌ରେ ଆରାମ କରିବା ସହ ଜଣେ ମହିଳା ଯାତ୍ରୀଙ୍କ କମ୍ବଳକୁ ବ୍ୟବହାର କରିଥିଲେ। ବିଶୃଙ୍ଖଳିତ ଯାତ୍ରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ଜଣାଇବା ପାଇଁ ଡିଜିସିଏ ପୂର୍ବରୁ ଏୟାର ଇଣ୍ଡିଆ ମ୍ୟାନେଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଏୟାର ଇଣ୍ଡିଆ ଜବାବ ରଖିବା ପରେ ଏହା ଉପରେ ଡିଜିସିଏ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି।

ପ୍ରଥମ ପୃଷ୍ଠାରୁ...

## ଓକିଲ ଧର୍ମଘଟ...

ହାଇକୋର୍ଟଙ୍କ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁରରେ ଆନ୍ଦୋଳନରତ ଆଇନଜୀବୀମାନଙ୍କ ଲାଇସେନ୍ସଗୁଡ଼ିକୁ ବିସିଆଇ ରଦ୍ଦ କରିବା ନେଇ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ଆପଣ କିଛି ବାସ୍ତବ କାର୍ଯ୍ୟଯୋଜନା ନେଇ ଆସିବେ ବୋଲି ଆମେ ମନେକରୁଥିଲୁ। ପରବର୍ତ୍ତୀ ଶୁଣାଣି ପାଇଁ ସମ୍ପୂର୍ଣ୍ଣ ବିବରଣୀ ନେଇ ଆସନ୍ତୁ ବୋଲି ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଉପରେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବେ ବୋଲି ପ୍ରସାଦ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି। ଖଣ୍ଡପୀଠ ଆହୁରି କହିଥିଲେ, ବିସିଆଇ ପକ୍ଷରୁ କରାଯାଉଥିବା ଅବହେଳାରୁ ଆମକୁ କୌଣସି ସୁଫଳ ମିଳୁନାହିଁ। ଆଚରଣ ଓ ବୃତ୍ତିଗତ ଶିଷ୍ଟାଚାର ଉପରେ ପୂର୍ବରୁ ନିୟମ ରହିଆସିଛି, ଯାହାର ଅନୁପାଳନ ହେଉନାହିଁ ବୋଲି ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଏହି ପ୍ରସଙ୍ଗରେ ଆବେଦନକାରୀ ଏନ୍‌ଜିଓ 'କମନ୍ କଜ୍' ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲ ଭାରତୀୟ ସେନାର ପୂର୍ବତନ ଅଧିକାରୀ ହରିଶ ଉପ୍ପଲ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଅବତାରଣା କରିଛନ୍ତି। ପିଟିଶନ୍‌ରେ ସେ ଉଲ୍ଲେଖ କରିଛନ୍ତି ଯେ, ଆନ୍ଦୋଳନକୁ ଓହ୍ଲାଉଥିବା ଆଇନଜୀବୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ଅନେକ ରାୟ ରହିଛି। କିନ୍ତୁ ସେଗୁଡ଼ିକର ଅନୁପାଳନ ହେବା ଦରକାର। ବିସିଆଇ କଠୋର ହୋଇଥିଲେ ଆଇନଜୀବୀମାନେ ପରିଣାମ ସମ୍ପର୍କରେ ସଚେତନ ହୋଇଥାଆନ୍ତେ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ, ବିସିଆଇର ଅନେକ ଅଧିକାର ଓ କର୍ତ୍ତବ୍ୟ ରହିଛି। ତେଣୁ ବିସିଆଇ ଦାୟିତ୍ୱବାନ୍ ଆଚରଣ କରିବା ଉଚିତ। ଏହାର ସମ୍ବେଦନଶୀଳତା ଦେଖାଯିବା ଜରୁରୀ। ଏନେଇ ଆମେ ଦ୍ୱିତୀୟ ଥର ପାଇଁ ସତର୍କ କରାଉଛୁ ବୋଲି ଶୁଣାଣି ବେଳେ ଜଷ୍ଟିସ୍ ମାହେଶ୍ୱରୀ ବିସିଆଇକୁ ତାଗିଦ କରିଥିଲେ। ଆସନ୍ତା ମାର୍ଚ୍ଚ ୧୬ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରାଯିବ। ସେତେବେଳେ ଆମେ ବିସିଆଇଠାରୁ ଆଉ ଥରେ 'ସରି' ଶୁଣିବାକୁ ଚାହୁଁନାହୁଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

## କେରଳରେ ପ୍ରଦର୍ଶନ...

କରିଥିଲେ। ସେହିପରି ପୂଜାପୁରାଠାରେ ଡେମୋକ୍ରାଟିକ ୟୁଥ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଡିୱାଇଏଫ୍‌ଆଇ) ପକ୍ଷରୁ ସ୍କ୍ରିନିଂ ଚାଲିଥିବାବେଳେ ବହୁସଂଖ୍ୟାରେ ଭାଜପା କର୍ମୀ ପହଞ୍ଚି ବିକ୍ଷୋଭ କରିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। ଏଭଳି କାର୍ଯ୍ୟ ଦେଶ ପ୍ରତି ବିଶ୍ୱାସଘାତ କହି ଏହାକୁ ବନ୍ଦ କରିବା ଲାଗି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ତୁରନ୍ତ ହସ୍ତକ୍ଷେପ କରିବାକୁ ଭାଜପା ଅନୁରୋଧ କରିବା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ଉକ୍ତ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ଅନୁମତି ନ ଦେବାକୁ ଭାଜପା ରାଜ୍ୟ ସଭାପତି କେ. ସୁରେନ୍ଦ୍ରନ୍ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ବହିର୍ବ୍ୟାପାର ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ କେରଳ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ଖାରଜ କରିଦେଇଥିବା ମାମଲାକୁ ପୁନର୍ବାର ପ୍ରଦର୍ଶନ କରିବା ସର୍ବୋଚ୍ଚ ଅଦାଲତଙ୍କ ବିଶ୍ୱସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବ ବୋଲି ମୁରଲୀଧରନ୍ କହିବା ସହ ବିବିସି ଡକ୍ୟୁମେଣ୍ଟାରିର ସ୍କ୍ରିନିଂକୁ ଦେଶଦ୍ରୋହ ବୋଲି କହିଥିଲେ। ୟୁଟ୍ୟୁବରେ ବିବିସି ଡକ୍ୟୁମେଣ୍ଟାରିର ପ୍ରଥମ ଅଧ୍ୟାୟ 'ଇଣ୍ଡିଆ: ଦି ମୋଦି କୋଶ୍ଚିନ'କୁ ବ୍ଲକ୍ କରିବା ଲାଗି ସୂଚନା ପ୍ରସାରଣ ମନ୍ତ୍ରଣାଳୟ ନିର୍ଦ୍ଦେଶ ଜାରି କରିଥିଲା। ଟୁଇଟ୍ ହୋଇଥିବା ଏହାର ଲିଙ୍କ୍‌କୁ ଡିଲିଟ୍ କରିବା ଲାଗି ଟୁଇଟରକୁ କୁହାଯାଇଥିଲା।

ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଏକ ଛାତ୍ର ସଂଗଠନ ମଙ୍ଗଳବାର କ୍ୟାମ୍ପସ୍‌ରେ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରୁଥିବାବେଳେ ଟେକାମାଡ଼ ହୋଇଥିଲା। ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ ନ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିବା ସହ କ୍ୟାମ୍ପସ୍ ପରିସରରେ ବିଜୁଳି ଓ ଇଣ୍ଟରନେଟ ସେବା ବନ୍ଦ କରିଥିଲେ। ଏଭଳି ଅନଧିକୃତ କାର୍ଯ୍ୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଭଙ୍ଗ କରିବ ବୋଲି କର୍ତ୍ତୃପକ୍ଷ କହିଥିଲେ। ଏହା ସତ୍ତ୍ୱେ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ବେଳେ କେତେଜଣ ଦୁର୍ବୃତ୍ତ ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଛି।

# ଓସ୍କାରରେ ନାଟୁ ନାଟୁ

## ଫାଇନାଲ୍ ସୂଚୀରୁ ବାଦ୍ ପଡ଼ିଲା 'ଛେଲୋ ଶୋ'

### ଡକ୍ୟୁମେଣ୍ଟାରି ଅଲ୍ ଦ୍ୟାଟ୍ ବ୍ରେଥ୍‌ସ, ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ ମଧ ମନୋନୀତ

**ନୂଆଦିଲ୍ଲୀ, ୨୪।୧:** ମନୋରଞ୍ଜନ ଜଗତ କ୍ଷେତ୍ରରେ ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର 'ଓସ୍କାର' ପାଇଁ ମନୋନୀତ ହୋଇଛି 'ନାଟୁ ନାଟୁ' ଗୀତ। ଦକ୍ଷିଣ ଭାରତୀୟ ଫିଲ୍ମ ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳିଙ୍କ ସିନେମା 'ଆର୍‌ଆର୍‌ଆର୍'ର ଏହି ଗୀତ ଖୁବ୍ ଚର୍ଚ୍ଚା ସାଉଁଟିବାରେ ଲାଗିଛି। ଅରିଜିନାଲ ସଙ୍ଗ୍ କାଟାଗୋରିରେ ନାଟୁ ନାଟୁକୁ ବଛାଯାଇଛି। ଅଭିନେତା ରିଜ୍ ଏହମଦ ଏବଂ ଏଲିସୋନ୍ ୱିଲିୟମ୍ସ ଓସ୍କାର ପୁରସ୍କାର ପାଇଁ ମନୋନୀତ ଫିଲ୍ମଗୁଡ଼ିକର ନାମ ତାଲିକା ଘୋଷଣା କରିଛନ୍ତି। ନିକଟରେ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ଜିତିଥିବା 'ନାଟୁ ନାଟୁ' ବ୍ୟତୀତ ଲେଡି ଗାଗାଙ୍କ 'ହୋଲ୍ଡ ମାଇଁ ହ୍ୟାଣ୍ଡ', ରିହାନାଙ୍କ 'ଲିଫ୍ଟ ମି ଅପ୍' ସମେତ ୪ ଗୀତକୁ ମଧ ନୋମିନେଟ୍ କରାଯାଇଛି। ସେହିପରି ୨ ଭାରତୀୟ ଡକ୍ୟୁମେଣ୍ଟାରି ଫିଲ୍ମ 'ଅଲ୍ ଦ୍ୟାଟ୍ ବ୍ରେଥ୍‌ସ' ଏବଂ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' (ଶର୍ଟ ଫିଲ୍ମ)କୁ ବେଷ୍ଟ ଡକ୍ୟୁମେଣ୍ଟାରି କାଟେଗୋରିରେ ଚୟନ କରାଯାଇଛି। ଓସ୍କାରର ଫାଇନାଲ ତାଲିକାରୁ କିନ୍ତୁ ବାଦ୍ ପଡ଼ିଛି ଛେଲୋ ଶୋ', ଯାହାକୁ ବେଷ୍ଟ ଅନ୍ତର୍ଜାତୀୟ ଫିଚର୍ ଫିଲ୍ମ କାଟେଗୋରିରେ ବଛାଯାଇଥିଲା। ଆସନ୍ତା ମାର୍ଚ୍ଚ ୧୨ରେ ଲସ୍‌ଏଞ୍ଜଲ୍ସରେ ଚଳିତବର୍ଷର ୯୫ତମ ଓସ୍କାର ସମାରୋହ ହେବ। ଚାଟ୍ ଶୋ' ହୋଷ୍ଟ ଜିମି କିମେଲ ତୃତୀୟ ଥର ପାଇଁ ସମାରୋହ ପରିଚାଳନା କରିବେ।



# ଓଡ଼ିଶାରେ ଦେଖାଦେଲା ଧୂମକେତୁ

- ୩୦ରୁ ଫେବୃୟାରୀ ୨ଯାଏ ଖାଲି ଆଖିରେ ଦେଖିହେବ
- ୨୩ ବର୍ଷ ପରେ ଖାଲି ଆଖିରେ ଦେଖିବାର ସୁଯୋଗ
- ୫୦ ହଜାର ବର୍ଷ ପରେ ପୁଣି ଆସିବ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

ରାଜ୍ୟର କେତେକ ସ୍ଥାନରେ ଧୂମକେତୁ ଦେଖାଗଲାଣି, ଯାହାର ନାମ ହେଉଛି 'ସି/୨୦୨୨ ଇ–୩'। ଗତ ୨୧ରୁ ୨୩ ତାରିଖ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ରାତିଆକାଶରେ ଏହି ଧୂମକେତୁକୁ ସାଧାରଣ ଦୂରବୀକ୍ଷଣ ଓ ବାଇନାକୁଲାରରେ ଲୋକେ ଦେଖିଛନ୍ତି। ଭୁବନେଶ୍ୱରରେ ୨୨ ଓ ୨୩ ତାରିଖରେ ଏହାକୁ ବାଇନାକୁଲାରରେ ପଠାଣି ସାମନ୍ତ ପ୍ଲାନେଟାରିୟମର କେତେଜଣ କର୍ମଚାରୀ ଦେଖିଥିବାବେଳେ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ ଦେଖାଯାଇଥିବା ସୂଚନା ମିଳିଛି। ଗତ ୨୨ରେ ଜୟପୁରରୁ ମଳୟ ପାତ୍ର ଏବଂ ୨୩ ତାରିଖରେ ଭୁବନେଶ୍ୱରରୁ ରାକେଶ ରାଉଳ ଏହାର ଫଟୋ ଉତ୍ତୋଳନ କରିଛନ୍ତି।

ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ଉତ୍ତର–ପୂର୍ବ ଦିଗ୍‌ବଳୟ ମେଘ, ଧୂଳି ଓ ସହର ଆଲୋକରୁ ମୁକ୍ତ ରହିଲେ ଧୂମକେତୁଟି ଆସନ୍ତା ୩୦ ତାରିଖରୁ ଫେବୃୟାରୀ ୨ତାରିଖ ଯାଏ ଖାଲି ଆଖିରେ ଦେଖିହେବ। ଦୀର୍ଘ ୨୩ବର୍ଷ ପରେ ଖାଲି ଆଖିରେ ଏକ ଧୂମକେତୁ ଦେଖିବାର ବିରଳ ସୁଯୋଗ ଆସିଛି। ବିଶେଷକରି ସହର ଆଲୋକଠାରୁ ଦୂରରେ ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରୀଛାତ୍ର ଏପରି ଏକ ବିରଳ ସୁଯୋଗ ହାତଛଡ଼ା କରନ୍ତୁ ନାହିଁ ବୋଲି ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ଫେବୃୟାରୀ ୧ରେ ପ୍ରାୟ ୪.୨ କୋଟି କିଲୋମିଟର ଦୂରତାରେ ଏହା ପୃଥିବୀର ନିକଟତମ ଅବସ୍ଥାକୁ ଆସିବ। ଜାନୁୟାରୀ ୩୦ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ଧୂମକେତୁ ଦେଖିବାର ଉତ୍କୃଷ୍ଟ ସମୟ। ୩୦ ତାରିଖ ସନ୍ଧ୍ୟା ୭ଟା ୩୦ରେ ଉତ୍ତର–ପୂର୍ବ ଦିଗ୍‌ବଳୟର ପ୍ରାୟ ୨୦ଡିଗ୍ରୀ ଉପରେ ଏହା ଠିକ୍ ସପ୍ତର୍ଷିମଣ୍ଡଳ ଓ ଧ୍ରୁବ ତାରା ମଝିରେ ଦେଖାଯିବ। ପରେ ଧୀରେ ଧୀରେ ଉପର ଆଡ଼କୁ ଏକ ଘଣ୍ଟାରେ ପ୍ରାୟ ୧୫ଡିଗ୍ରୀ ହିସାବରେ ଗତି କରି ସାରା ରାତି ଖାଲି ଆଖିରେ ଦେଖାଯାଇପାରେ। ପରବର୍ତ୍ତୀ ଦିନଗୁଡ଼ିକରେ ଏକା ସମୟ ଅର୍ଥାତ୍ ସନ୍ଧ୍ୟା ୭ଟା ୩୦ରେ ପୂର୍ବଦିନଠାରୁ ପ୍ରାୟ ୫ଡିଗ୍ରୀ ଉପରେ ଦେଖାଯିବ ଓ ପୂର୍ବଦିନ ତୁଳନାରେ ଅସ୍ତ ହେବାକୁ ୫ରୁ ୧୦ମିନିଟ୍ କମ୍ ସମୟ ନେବ। ଏହିପରି ଦିନ ପରେ ଦିନ ଧୀରେ ଧୀରେ ଏହା ଉପରୁ ଉପରକୁ ଦେଖାଯିବ। ଧୂମକେତୁଟି ସୂର୍ଯ୍ୟଠାରୁ ଦୂରେଇ ଯାଉଥିବା ଫଳରେ ଏହାର ଉଜ୍ଜ୍ୱଳତା କମି କମି ୩ ତାରିଖ ପରେ ଏହାକୁ ଖାଲି ଆଖିରେ ଦେଖିବା ସମ୍ଭବ ହେବନାହିଁ। ଏହି ଧୂମକେତୁଟି ପୁଣି ଆଉଥରେ ଆମ ପାଖକୁ ୫୦ହଜାର ବର୍ଷ ପରେ ଆସିବ। ସୂଚନାଯୋଗ୍ୟ, ଧୂମକେତୁଟି ଖାଲି ଆଖିରେ ଏକ ତାରା ଓ ତାକୁ ଲାଗିରହିଥିବା ଝାପ୍‌ସା ମେଘ ଭଳିଆ ଖୁବ୍ ଛୋଟ ଲାଞ୍ଜଟିଏ ପରି ଦେଖାଯିବ। ବିଭିନ୍ନ ଫଟୋ ବା ଟିଭିରେ ଦେଖାଯାଉଥିବା ଚିତ୍ର ଭଳି ଏହା ଏତେ ବଡ଼ ଓ ଉଜ୍ଜ୍ୱଳ କେବେ ବି ଖାଲି ଆଖିରେ ଦେଖାଯିବ ନାହିଁ। ବିଭିନ୍ନ ଗଣମାଧ୍ୟମରେ ଆସୁଥିବା ଚିତ୍ରଗୁଡ଼ିକ ଦୂରବୀକ୍ଷଣରେ ନିଆଯାଇଥାଏ ବୋଲି ପଟ୍ଟନାୟକ କହିଛନ୍ତି।



ଫଟୋ ସୌଜନ୍ୟ: ମଳୟ ପାତ୍ର, ଜୟପୁର

# ନେପାଳରେ ଭୂକମ୍ପ, ଦିଲ୍ଲୀରେ ଝଟକା

## ନେପାଳର ବଜୁରା ଜିଲାରେ ମହିଳା ମୃତ

**ନୂଆଦିଲ୍ଲୀ,୨୪।୧(ପି.ଟି.)**

ନେପାଳରେ ମଙ୍ଗଳବାର ଅପରାହ୍ନରେ ୫.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ଝଟକା ଦିଲ୍ଲୀ, ଜୟପୁର ସମେତ ଉତ୍ତରପଶ୍ଚିମ ଭାରତରେ ଅନୁଭବ କରାଯାଇଛି। ଏହାର ପ୍ରଭାବରେ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ହରିୟାଣା, ଦିଲ୍ଲୀ, ରାଜସ୍ଥାନରେ ଆସବାବପତ୍ର, ସିଲିଂ ଫ୍ୟାନ୍, କାନ୍ଥରେ ଲାଗିଥିବା ଫ୍ରେମ୍ ଆଦି ଦୋହଲିଥିଲା। ଦିଲ୍ଲୀରେ ବହୁମହଲା ବିଶିଷ୍ଟ ଘରେ ରହିଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ ବୋଲି କହିଛନ୍ତି।

ଅପରାହ୍ନ ୨ଟା ୨୮ରେ ଭୂକମ୍ପ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ପଶ୍ଚିମ ନେପାଳ ଏବଂ ଉତ୍ତରାଖଣ୍ଡଠାରୁ ୧୪୮ କିଲୋମିଟର ପୂର୍ବରେ ବୋଲି ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବଜୁରା ଜିଲାରେ ଜଣେ ୩୫ ବର୍ଷୀୟ ମହିଳା ଘାସ କାଟୁଥିବାବେଳେ ପଥର ପଡ଼ି ତାଙ୍କର ମୃତ୍ୟୁ ଘଟିଛି। ଭୂକମ୍ପରେ ପ୍ରାୟ ୪୦ଟି ଘର କ୍ଷତିଗ୍ରସ୍ତ ହୋଇଛି। ଅଧିକ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ସଂଗ୍ରହ କରାଯାଉଥିବା ଜଣେ ପୋଲିସ ଅଫିସର କହିଛନ୍ତି। ବାଡ଼ିମାଲିକା ମ୍ୟୁନିସିପାଲିଟିରେ ଏକ ମନ୍ଦିରରେ ଫାଟ ସୃଷ୍ଟି ହୋଇଛି। ଭୂକମ୍ପ ଯୋଗୁ ଭୂସ୍ଖଳନ ଘଟି ୪୦ରୁ ଅଧିକ ମେଣ୍ଢା ମରିଥିବାବେଳେ ଜଣେ ଲୋକ ଆହତ ହୋଇଛନ୍ତି। ତଲାସି ଓ ଉଦ୍ଧାର କାର୍ଯ୍ୟରେ ନେପାଳ ପୋଲିସ ଓ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି।

ହିମାଳୟ କୋଲିଜନ ଜୋନ୍ ଭୂକମ୍ପ ପ୍ରବଣ ଅଞ୍ଚଳ। ଏହାର ୨,୪୦୦ କିଲୋମିଟର ଅଞ୍ଚଳ ମଧ୍ୟରେ ଗତ ୨୪ ଘଣ୍ଟାରେ ୪ ଥର ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡ଼ିଛି। ସୋମବାର ରାତି ୭ଟା ୧୨ରେ ଆସାମର ଚାଚର ଅଞ୍ଚଳରେ ୪.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ମଙ୍ଗଳବାର ସକାଳ ୧୦ଟା ୫୫ ଏବଂ ମଧ୍ୟାହ୍ନ ୧୨ଟା ୫୩ରେ ଭୁଟାନରେ ଭୂକମ୍ପ ହୋଇଥିଲା ବୋଲି ସିସ୍‌ମୋଲୋଜି କେନ୍ଦ୍ର ପକ୍ଷରୁ କୁହାଯାଇଛି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶସ୍ଥ ତିନୋଟି ଗ୍ରହଯୋଗର ସୁପ୍ରଭାବରେ ଆପଣଙ୍କୁ ଆଦୌ କଳ୍ପନା କରି ନ ଥିବା କୌଣସି ମର୍ଯ୍ୟାଦାଜନକ ସ୍ଥିତିକୁ ନେଇଯାଇପାରେ। ସାମାଜିକ ଜୀବନ ଉନ୍ନତତର ରହିବ। ଅର୍ଥନୈତିକ ଅଭିବୃଦ୍ଧି, କଥନଶୈଳୀର ଲାଳିତ୍ୟ, ଲୋକପ୍ରିୟତାର ଦ୍ୟୋତକ ସାଜିପାରେ। ଈର୍ଷାପରାୟଣ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**ବୃଷ**
ପାପଗ୍ରହଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ଥିତି ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଥାଇ ସୁଦ୍ଧା କର୍ମକ୍ଷେତ୍ରରେ ଅପ୍ରତିଦ୍ୱନ୍ଦ୍ୱୀ ରହିବେ। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ଯତ୍‌ପରୋନାସ୍ତି ଚେଷ୍ଟା କରିପାରନ୍ତି। ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ନିଜ ପରିସରରେ ଘଟିଯାଉଥିବା ସମ୍ପର୍କବିହୀନ ବ୍ୟକ୍ତିମାନଙ୍କ ଘଟଣାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମିଥୁନ**
ଚନ୍ଦ୍ର ସ୍ୱ ଭାବରୁ ଅଷ୍ଟମସ୍ଥ ହେତୁ ଆର୍ଥିକ ଅନଟନର ସମ୍ମୁଖୀନ ହେବେ। ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ସଜ୍ଜନମାନଙ୍କ ସଙ୍ଗ ଲାଭକରି ସାମୟିକ ଖୁସୀ ରହିବେ। ପାରିବାରିକ,ଲୋକ ସମ୍ପର୍କ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**କର୍କଟ**
ପରିସ୍ଥିତି ବଦଳି ଯିବାର ଶୁଭ ସୂଚନା ପାଇ ମନ ଖୁସୀ ହୋଇଯିବ। ଅଫିସ୍ କାମରେ କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ନିର୍ମାଣାଧୀନ କାମ ଓ ଜମିଜମା ବିବାଦୀୟ ପରିସ୍ଥିତି ସ୍ଥଗିତ ରହିଯିବ। ଚେଷ୍ଟାସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ସିଂହ**
ସମ୍ପର୍କୀୟମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଗବେଷଣା, ଅନୁସନ୍ଧାନ, ରଚନାତ୍ମକ କାର୍ଯ୍ୟ ତଥା ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ। ଅସଂଯତ କାର୍ଯ୍ୟକଳାପଜନିତ ଅଭିଯୋଗ ଦ୍ୱାରା ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ପରିବର୍ତ୍ତନ ଦେଖାଯିବ ନାହିଁ।

**କନ୍ୟା**
ଆଜି ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଯେଉଁ କାମ ପାଇଁ ଚିନ୍ତିତ, ସେଥି ସକାଶେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ସମ୍ପନ୍ନ ହେବ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**
ଏକ ଭିନ୍ନ ପରିବେଶରେ କୌଣସି ବ୍ୟକ୍ତିଙ୍କ ସହ ମିତ୍ର ବନ୍ଧନରେ ଆବଦ୍ଧ ହେବେ। କଚେରି ମାମଲା ମନ୍ଥର ହୋଇପାରେ ; ଯାହା କୁ ନେଇ ଅନୁଶୋଚନା କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ ସ୍ଥଗିତ କାମ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ପାଇଁ ମନ ବଳାଇବେ।

**ବିଛା**
ଆପଣଙ୍କ ଭୁଲ୍ ନିଷ୍ପତ୍ତି ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ଯାହା ହୋଇ ପାରିନାହିଁ, ସେଥିପାଇଁ ଚିନ୍ତା ନ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ଉପକୃତ ହେବେ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ସତ୍ୟର ପରିପନ୍ଥୀ ହେତୁ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। କିନ୍ତୁ ଅନ୍ୟ ଦିଗରୁ ଉପକୃତ ହେବେ।

**ଧନୁ**
ଆଜି ଦିନଟିରେ ସହଜରେ କାମ ହାସଲ ହେବା କଷ୍ଟକର ହୋଇପାରେ। ଅର୍ଥନୈତିକ ଅଭିବୃଦ୍ଧି କାରଣରୁ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ଆଲୋଚନା ପରିସରରେ ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ।

**ମକର**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି କାମ ହାସଲର ରାସ୍ତା ଉନ୍ମୁକ୍ତ କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାଂସ୍କୃତିକ କାମରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ କୌଣସି କାମ ଅଟକି ରହିବ ନାହିଁ।

**କୁମ୍ଭ**
ଦୂରଦର୍ଶିତା ଗୁଣ ହେତୁ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଆଡଜଷ୍ଟ କରାଇ ନେବାରେ ଅସୁବିଧା ରହିବ ନାହିଁ। ପାରିବାରିକ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ।

**ମୀନ**
କୌଣସି କାମ ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ସାଙ୍ଗରେ ନେବା ଜିନିଷକୁ ଭୁଲି ଯାଇପାରନ୍ତି। ଅନ୍ୟମାନେ ଶତ୍ରୁତା କଲେ ମଧ ଆପଣଙ୍କ ପ୍ରତିଷ୍ଠା ନ୍ୟୂନ ହେବ ନାହିଁ। ଅର୍ଥସଂକଟ ଦୂରୀଭୂତ ପାଇଁ ବିଶେଷ କିଛି ଚିନ୍ତା କରିବାକୁ ପଡ଼ିବ ନାହିଁ।

ଆଜି ମାଘ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ବୁଧବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମବେଶ, ବଡଛତାମଠ ପକ୍ଷରୁ ବେଶଲାଗି ଓ କ୍ଷିରିଭୋଗ, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ଜାନୁୟାରୀ ୨୫ ତାରିଖ, ରାଶିନକ୍ଷତ୍ର–ପୂର୍ବଭାଦ୍ରବ/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୨୭ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

**ଓଏସ୍ଏଚ୍ଇସି ଉପାଧ୍ୟକ୍ଷଙ୍କ କାର୍ଯ୍ୟକାଳ ବୃଦ୍ଧି**

ଭୁବନେଶ୍ୱର,(ବ୍ୟୁରୋ): ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍ଏଚ୍ଇସି) ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ପ୍ରଫେସର ଦାସଙ୍କ କାର୍ଯ୍ୟକାଳ ଆସନ୍ତା ୨୬ ତାରିଖରେ ଶେଷ ହେବାକୁ ଥିବାବେଳେ ରାଜ୍ୟ ସରକାର ଆଉ ବର୍ଷେ ପାଇଁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି। ରାଜ୍ୟର ବୃହତ୍ ଏକାଡେମିକ ଇଣ୍ଟରେଷ୍ଟକୁ ଦୃଷ୍ଟିରେ ରଖି ତାଙ୍କର ଏହି କାର୍ଯ୍ୟକାଳ ଅବଧି ବୃଦ୍ଧି କରାଯାଇଛି। ଫଳରେ ଆସନ୍ତା ୨୦୨୪ ଜାନୁୟାରୀ ୨୫ ତାରିଖ ପର୍ଯ୍ୟନ୍ତ ପ୍ରଫେସର ଦାସ ଓଏସ୍ଏଚ୍ଇସିର ଉପାଧ୍ୟକ୍ଷ ପଦବୀରେ ରହିବେ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

**ମହିଳା କ୍ରିକେଟର ରାଜଶ୍ରୀଙ୍କ ମୃତ ଘଟଣା**

# ତଦନ୍ତ ରିପୋର୍ଟ ୮ ସପ୍ତାହରେ ଦେବାକୁ ନିର୍ଦ୍ଦେଶ

ପୁରୀ ଅଫିସ,୨୪।୧

ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ମୃତ୍ୟୁ ମାମଲାରେ ଗତ ୧୪ ତାରିଖରେ ଜାତୀୟ ମାନବ ଅଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ଟିମ୍ ତଦନ୍ତ ଏବଂ ରାଜଶ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଲଢ଼େଇ ପରିବାରର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍ଏଚ୍ଆର୍ସି କେସ ନମ୍ବର ୭୬୧/ଇନ୍/୨୦୨୩ରେ ଦାଏର କରିଥିଲେ। ତେବେ ମଙ୍ଗଳବାର ଉକ୍ତ ମାମଲାର ବିଚାର କରି ଜାତୀୟ ମାନବ ଅଧିକାର କମିଶନ କମିଶନରେଟ ପୋଲିସ କଟକଙ୍କୁ ୮ ସପ୍ତାହ ଭିତରେ ଘଟଣାର ତଦନ୍ତ କରି ଅଭିଯୋଗକାରୀ ଏବଂ କମିଶନଙ୍କ ନିକଟରେ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଦାଶ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ ତାରିଖ ପୁରୀ ରାମଚଣ୍ଡୀ ଥାନା ଅଧୀନ ଭୁଆଁ



ଗ୍ରାମର ମହିଳା କ୍ରିକେଟର ରାଜଶ୍ରୀଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ରାଜଶ୍ରୀ କଟକର ମହାବୀର ପ୍ୟାଲେସରେ ଏକ ହଷ୍ଟେଲରେ ରହୁଥିଲେ। ରାଜଶ୍ରୀ ଜଣେ ଭଲ କ୍ରିକେଟର ଭାବେ ସୁନାମ ଅର୍ଜନ କରିଥିବା ବେଳେ ଓସିଏ ଚୟନ କମିଟିରୁ ତାଙ୍କୁ ବାଦ୍ ଦିଆଯାଇଥିଲା। ପରେ ଗତ ୧୧ ତାରିଖରେ ରାଜଶ୍ରୀ କଟକରୁ ନିଖୋଜ ହୋଇଥିଲେ। ଏହି ନିଖୋଜ ମାମଲାକୁ ନେଇ ଓସିଏ ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ରାଜଶ୍ରୀଙ୍କ ପରିବାର ପକ୍ଷରୁ ପୁରୀ ଜିଲା ରାମଚଣ୍ଡୀ ଥାନାରେ ମଧ ଅଭିଯୋଗ ହୋଇଥିଲା। ତେବେ ୧୩ତାରିଖ ଦିନ କଟକର ଏକ ଜଙ୍ଗଲରୁ ରାଜଶ୍ରୀଙ୍କ ସ୍କୁଟି ଏବଂ କିଛି ଦୂରରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ରାଜଶ୍ରୀଙ୍କ ଶରୀରର ବିଭିନ୍ନ ଜାଗାରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିଲେ। ତେଣୁ ଉକ୍ତ ଘଟଣାକୁ ଗୁରୁତର ସହ ନେଇ ମାମଲାର ବିଚାର କରିବା ପାଇଁ ସଭାପତି ଦାଶ ଏନ୍ଏଚ୍ଆର୍ସିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୪ ବର୍ଷର ଶିଶୁକୁ ହତ୍ୟା

ଧରାକୋଟ, ୨୪।୧ (ଡି.ଏନ୍.ଏ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ଜଣେ ୪ବର୍ଷର ଶିଶୁଙ୍କୁ ମଙ୍ଗଳବାର ରାତିରେ ପିଟି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଗୋବିନ୍ଦ ପାତ୍ରଙ୍କ ପୁଅ ଓ.ନୀତେଶ। ସୂଚନା ଅନୁଯାୟୀ, ନୀତେଶ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ତେବେ ସେହି ଗ୍ରାମର କୀର୍ତ୍ତନ ସେଠୀଙ୍କ ସାନ ପୁଅ ଶ୍ରୀକାନ୍ତ ନୀତେଶଙ୍କୁ ଧରିଥିବା କେତେ ଜଣ ବ୍ୟକ୍ତି ଦେଖିଥିଲେ ବୋଲି ପରିବାରକୁ ସୂଚନା ଦେଇଥିଲେ। ନୀତେଶଙ୍କ ମା' ଶ୍ରୀକାନ୍ତଙ୍କ ଘରକୁ ଯାଇ ପଚରାଉଚରା କରିବା ପରେ ସେଠାରେ ନୀତେଶଙ୍କ ଜୋତା ପଡ଼ିଥିବା ଦେଖିଥିଲେ। ଗ୍ରାମର ଅନ୍ୟ କେତେଜଣ ଲୋକ ଶ୍ରୀକାନ୍ତଙ୍କ ଘରେ ପହଞ୍ଚି ଖୋଜାଖୋଜି କରିବା ପରେ ନୀତେଶଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଛାତ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ନୀତେଶଙ୍କ ପରିବାର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ କରାଯିବା ପରେ ପୋଲିସ ଶ୍ରୀକାନ୍ତଙ୍କ ଘରୁ ମୃତଦେହ ଜବତ କରିବା ସହିତ ତାଙ୍କ ମା'ଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

# ଭାରତ ଅପରେଟିଂ ସିଷ୍ଟମ୍‌ର ପରୀକ୍ଷଣ ସଫଳ: କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ସ୍ୱଦେଶୀ ମୋବାଇଲ ଅପରେଟିଂ ସିଷ୍ଟମ- 'ଭାରତ ଅପରେଟିଂ ସିଷ୍ଟମ'ର ପରୀକ୍ଷଣ ସଫଳ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଆଇଆଇଟି ମାଡ୍ରାସ୍‌ର ସଫଳ ପ୍ରଚେଷ୍ଟାକୁ ପ୍ରଶଂସା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଦେଶରେ ସଶକ୍ତ, ସ୍ୱଦେଶୀ ଏବଂ ଆତ୍ମନିର୍ଭର ଭାରତର ଡିଜିଟାଲ ଭିତ୍ତିଭୂମିକୁ ପୂରଣ କରିବା ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ସରକାରଙ୍କ ପଦକ୍ଷେପ ସହ ନୀତି ନିର୍ଦ୍ଧାରକଙ୍କୁ ପ୍ରୋତ୍ସାହନ ଦେବା, ପ୍ରଧାନମନ୍ତ୍ରୀଙ୍କ ଭିଜନରେ ଏହା ଏକ ପରୀକ୍ଷାମୂଳକ ପଦକ୍ଷେପ। ଡାଟା ପ୍ରାଇଭେସି ଦିଗରେ ଭାରତ ଅପରେଟିଂ ସିଷ୍ଟମ ଏକ ସଫଳ ଶୁଭାରମ୍ଭ। ପ୍ରଧାନମନ୍ତ୍ରୀଙ୍କ ନୀତି ଓ ଦୂରଦୃଷ୍ଟି ଆଧାରରେ ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ଭାରତ ଅପରେଟିଂ ସିଷ୍ଟମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ଉଲ୍ଲେଖନୀୟ, ଧର୍ମେନ୍ଦ୍ରଙ୍କ ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗାୟକ ସୁଖବିନ୍ଦର ସିଂ

**ସମଗ୍ର ଭାରତ, ସଙ୍ଗୀତ ଜଗତ ଆପଣଙ୍କୁ ଧନ୍ୟବାଦ ଦେଉଛି**

ଭୁବନେଶ୍ୱର,୨୪।୧(ବ୍ୟୁରୋ): ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଲୋକପ୍ରିୟ ଗାୟକ ସୁଖବିନ୍ଦର ସିଂ ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ହକି ସଙ୍ଗୀତ ପାଇଁ ମୁଖ୍ୟମନ୍ତ୍ରୀ ସୁଖବିନ୍ଦରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାର ଜବାବରେ ସୁଖବିନ୍ଦର କହିଛନ୍ତି, ସମଗ୍ର ଭାରତବର୍ଷ ଆପଣଙ୍କୁ ଧନ୍ୟବାଦ କହିବା ଉଚିତ। ଆପଣ ହକି ବିଶ୍ୱକପ୍ ଆୟୋଜନ କରିଛନ୍ତି। ହକିକୁ ଆପଣ ଯେଉଁ ସମ୍ମାନ ଦେଇଛନ୍ତି ସେଥିପାଇଁ ସମଗ୍ର ଓଡ଼ିଶା, ଭାରତ ଏବଂ ସଙ୍ଗୀତ ଜଗତ ଆପଣଙ୍କୁ ଧନ୍ୟବାଦ ଦେଉଛି। ସମସ୍ତ ହକି ଗ୍ରାଉଣ୍ଡ ଦେଖିଛି। ଏହା ମୋତେ ବହୁତ ଖୁସି ଦେଇଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ହକି ଜର୍ସି ଦେଇ ସ୍ୱାଗତ କରିଥିଲେ।






# ବକ୍ସି ଜଗବନ୍ଧୁଙ୍କ ସାହସ ଓ ବୀରତ୍ୱ ଅତୁଳନୀୟ: ମନ୍ତ୍ରୀ



ଭୁବନେଶ୍ୱର,୨୪।୧(ବ୍ୟୁରୋ)

**ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**

ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ଦୃଢ଼ପ୍ରତିଜ୍ଞା ଓ ଅବିଚଳିତ ବ୍ୟକ୍ତିତ୍ୱ ବ୍ରିଟିଶ ଶାସକଙ୍କୁ ଭୟଭୀତ କରାଇଥିଲା। ସେ ଥିଲେ ପାଇକମାନଙ୍କ ମଉଡ଼ମଣି। ତାଙ୍କ ସାହସ ଓ ବୀରତ୍ୱ ଅତୁଳନୀୟ ଥିଲା ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଲ୍ଲେଖ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ସୂଚନା ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷ ଲେନିନ୍ ମହାନ୍ତି କହିଥିଲେ ଯେ ବକ୍ସିଙ୍କ ପରି ବୀର ପୁରୁଷଙ୍କ ପାଇଁ ଓଡ଼ିଶା ଗର୍ବିତ। ପୂର୍ବସୂରୀମାନଙ୍କ କୃତି ଓ କୃତିତ୍ୱ ତଥା ଇତିହାସର ପ୍ରେରଣା ପାଇଁ ଗୋଟିଏ ଜାତି ସଶକ୍ତ ହୋଇଥାଏ। ମୁଖ୍ୟବକ୍ତା ସାହିତ୍ୟିକା ଡ.ପ୍ରତିଭା ମହାରଥୀ କହିଥିଲେ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ବକ୍ସି ଜଗବନ୍ଧୁ ଜଣେ ବିରଳ ପୁରୁଷ। ମାତୃଭୂମି ପାଇଁ ଜୀବନ ଉତ୍ସର୍ଗକରି ବକ୍ସି ଜଗବନ୍ଧୁ ଆଜି ମୃତ୍ୟୁଞ୍ଜୟୀ। ଅତିଥିମାନଙ୍କ ଦ୍ୱାରା ଦୀପାୟନ ଓ ବକ୍ସିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ସ୍ୱରସୁଧା ଅନୁଷ୍ଠାନର ଶିଳ୍ପୀବୃନ୍ଦ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱଜିତ ବଳିୟାରସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ସଇଁତଳା, ୨୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଦେଢ଼େଲ ଜଙ୍ଗଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ମଙ୍ଗଳବାର ଜବତ କରିଛି। ମହିଳା ଜଣକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଠୁରନୀକାନୀ ଗ୍ରାମର ରତନୀ ରଣା(୫୫) ବୋଲି ଚିହ୍ନଟ କରାଯାଇଛି। ସୋମବାର ଦେଢ଼େଲ ଜଙ୍ଗଲ ନିକଟ ତାଙ୍କ କପାବିଲକୁ ରତନୀ ଯାଇଥିଲେ। ସନ୍ଧ୍ୟା ଯାଏ ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ସକାଳେ ଗ୍ରାମ ସମୀପ ଦେଢ଼େଲ ଜଙ୍ଗଲରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପରିବାର ମୃତାଙ୍କ ବୋହୂ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ରତନୀଙ୍କର ବୋଲି ଚିହ୍ନଟ କରିଥିଲେ। ବଲାଙ୍ଗୀର ଜାମଗାଁର ଜଣେ ଠିକାଦାରଙ୍କ ପାଖରେ କାମ କରୁଥିବା ରତନୀଙ୍କ ସ୍ୱାମୀ ରସିକ ରଣା ଘରକୁ ଆସିବା ପରେ ସଇଁତଳା ପୋଲିସକୁ ଖବର ଦେଇଥିଲେ। ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ସଇଁତଳା ଥାନାଧିକାରୀ ଅବନୀ ସାହୁ, ଏସ୍ଆଇ ଥବୀର ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବଲାଙ୍ଗୀରରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚିଥିଲେ। ଘଟଣାସ୍ଥଳରୁ ହଳେ ଚପଲ, ଗୋଟିଏ ଛୋଟ ଛୁରି, କିଛି କପଡ଼ା ଓ ମଦ ପାଉଚ ଜବତ କରାଯାଇଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ରତନୀଙ୍କ ପୁଅ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଇଛନ୍ତି। ସ୍ୱାମୀ ବଲାଙ୍ଗୀରରେ କାମ କରୁଥିବା ବେଳେ ଘରେ ରତନୀ ବୋହୂ ସହ ରହୁଥିଲେ। ଏ ନେଇ ଥାନାରେ ଏକ ମାମଲା(୧୮/୨୩) ରୁଜୁ ହୋଇଛି। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି କହିଛନ୍ତି ଏସ୍‌ଡିପିଓ।




# ଅଧ୍ୟକ୍ଷ ଶୂନ୍ୟ ମାନବାଧିକାର କମିଶନ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

**ଚୟନ କମିଟି ବୈଠକ ଘୁଞ୍ଚିଲା**

**ନିଯୁକ୍ତ ହୋଇନାହାନ୍ତି କାର୍ଯ୍ୟକାରୀ ଅଧ୍ୟକ୍ଷ**

ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆରସି) ଅଧ୍ୟକ୍ଷ ଶୂନ୍ୟ ହୋଇଛି। ପୂର୍ବତନ ଅଧ୍ୟକ୍ଷ ଜଷ୍ଟିସ୍ ବି.କେ. ପଟେଲଙ୍କ କାର୍ଯ୍ୟକାଳ ଜାନୁୟାରୀ ୨୨ରେ ଶେଷ ହେବା ପରେ ଏହି ପଦବୀ ଖାଲିପଡ଼ିଛି। ଏବେ କମିଶନରେ ଜଣେମାତ୍ର ସଦସ୍ୟ ଜଷ୍ଟିସ୍ ରଘୁବୀର ଦାସ ରହିଛନ୍ତି। ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଶେଷହେବା ପରେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପର୍ଯ୍ୟନ୍ତ କାହାରିକୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇନାହିଁ। ଫଳରେ ମାନବାଧିକାର କମିଶନରେ କୌଣସି ନୂତନ ମାମଲା ଗ୍ରହଣ କରାଯାଇ ପାରୁନାହିଁ। ତୁରନ୍ତ ଅଧ୍ୟକ୍ଷ ପଦବୀ ପୂରଣ ନ ହେଲେ ମାମଲା ଶୁଣାଣି ନେଇ ସମସ୍ୟା ହେବ ବୋଲି ମାନବାଧିକାର କର୍ମୀମାନେ ଆଶଙ୍କା କରିଛନ୍ତି। ମିଳିଥିବା ସୂଚନା ମୁତାବକ ଅଧ୍ୟକ୍ଷ ଚୟନ କମିଟି ବୈଠକ ମଙ୍ଗଳବାର ଅପରାହ୍ନରେ ବସିବାର ଥିଲା। ତେବେ ଏହାକୁ ପରବର୍ତ୍ତୀ ସମୟକୁ ଘୁଞ୍ଚାଇ ଦିଆଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ମାନବାଧିକାର କମିଶନରେ ଜଣେ ଅଧ୍ୟକ୍ଷଙ୍କ ବ୍ୟତୀତ ୨ ଜଣ ସଦସ୍ୟଙ୍କୁ ସରକାର ନିଯୁକ୍ତି ଦେଇଥାଆନ୍ତି। ସଦସ୍ୟ ଜଷ୍ଟିସ ଅସୀମ ଅମିତାଭ ଦାସଙ୍କ କାର୍ଯ୍ୟକାଳ ୨୦୨୨ ଅଗଷ୍ଟ ମାସରୁ ଶେଷ ହୋଇଛି। ସେବେଠାରୁ ଏହି ପଦବୀ ଖାଲି ପଡ଼ିଥିଲେ ମଧ ତାହାକୁ ପୂରଣ କରାଯାଇନାହିଁ। ମାନବାଧିକାର କମିଶନରେ କେବଳ ଜଣେ ସଦସ୍ୟ ରହିଛନ୍ତି।

ବୈଠକ ନେଇ କୌଣସି ସୂଚନା ଦିଆଯାଇ ନାହିଁ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ବୈଠକରେ ଯୋଗଦେବାକୁ କୁହାଯାଇଥିଲା। ବିରୋଧୀ ଦଳରୁ ଏକମାତ୍ର ସଦସ୍ୟ ହୋଇଥିଲେ ମଧ ତାଙ୍କ କଥାର ଗୁରୁତ୍ୱ ରହୁ ନାହିଁ। ଚୟନ କମିଟି ବୈଠକରେ ଯୋଗଦେବାର ମାନେ କ'ଣ। ସରକାର ଯାହାଙ୍କୁ ଚାହିଁବେ ତାଙ୍କୁ ଅଧ୍ୟକ୍ଷ ପଦବୀରେ ବସାଇ ଦେବେ। ଆମ ଉପସ୍ଥିତିର କୌଣସି ଗୁରୁତ୍ୱ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। -ଶ୍ରୀମା

# ଉତ୍ସର୍ଗୀକୃତ ନ୍ୟାୟବ୍ୟବସ୍ଥା

କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ କ୍ରମାଗତ ଭାରତୀୟ ବିଚାର ବ୍ୟବସ୍ଥା ଉପରେ ଆକ୍ରମଣ କରିଚାଲିଛନ୍ତି। ବିଶେଷକରି କଲେଜିୟମ୍ ବ୍ୟବସ୍ଥାକୁ ସମାଲୋଚନା କରି ବିଚାରପତିମାନେ ବିଚାରପତିଙ୍କୁ ବାଛିବା ପରମ୍ପରାକୁ ସେ ନାପସନ୍ଦ କରି ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ ଅବାଞ୍ଛିତ ମତ ଗଣମାଧ୍ୟମକୁ ଦେଉଛନ୍ତି। ଏହା ସତ୍ତ୍ୱେ ରିଜିଜୁ କହୁଛନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟ ତରଫରୁ ସରକାରୀ ପୋଲିସ ଗୋଇନ୍ଦା ସଂସ୍ଥାର ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯିବା ଫଳରେ ଦେଶର କ୍ଷତି ଘଟୁଛି। ସମ୍ବିଧାନରେ କଲେଜିୟମ୍ ନ ଥିଲା ଓ ଏହା ବିଚାରପତିମାନଙ୍କ ଦ୍ୱାରା ସୃଷ୍ଟ ବ୍ୟବସ୍ଥା ବୋଲି ରିଜିଜୁ କହିଛନ୍ତି। ସେଥିପାଇଁ ସେ ନ୍ୟାଶନାଲ ଜୁଡିସିଆଲ୍ ଆପଏଣ୍ଟମେଣ୍ଟସ କମିଶନ (ଏନ୍‌ଜେଏସି)କୁ ଲାଗୁ କରିବା ଉପରେ ଜୋର ଦେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କଲେଜିୟମ୍ ବ୍ୟବସ୍ଥାରେ ଭାରତର ପ୍ରଧାନ ବିଚାରପତି ଓ ସୁପ୍ରିମକୋର୍ଟର ୪ ଜଣ ବରିଷ୍ଠ ବିଚାରପତି ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟଗୁଡ଼ିକରେ ଥିବା ଉଚ୍ଚନ୍ୟାୟାଳୟ ସକାଶେ ବିଚାରପତିଙ୍କ ପଦୋନ୍ନତି ଓ ହାଇକୋର୍ଟ ବିଚାରପତିଙ୍କ ବଦଳି ଆଦି ନିଷ୍ପତ୍ତି ନେଇଥାଆନ୍ତି। ଅନ୍ୟପକ୍ଷରେ ଏନ୍‌ଜେଏସିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏକ୍ସ-ଅଫିସିଓ ଅଧ୍ୟକ୍ଷ ଥିବା ବେଳେ ତାଙ୍କ ପରେ ଥିବା ଦୁଇ ବରିଷ୍ଠ ବିଚାରପତି, କେନ୍ଦ୍ର ଆଇନମନ୍ତ୍ରୀ ଏବଂ ଦୁଇ ଜଣ ପ୍ରଖ୍ୟାତ ବ୍ୟକ୍ତିଙ୍କୁ କମିଟିରେ ସ୍ଥାନିତ କରିବାର ବ୍ୟବସ୍ଥା କରାଯାଇଥିଲା। ତେବେ ସେହି ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ ଏବଂ ଲୋକ ସଭାରେ ବିରୋଧୀ ଦଳ ନେତା (ଏଭଳି ନେତାଙ୍କ ଅଭାବ ଥିଲେ ଲୋକ ସଭାରେ ବିରୋଧୀଙ୍କ ମଧ୍ୟରେ ସର୍ବାଧିକ ଭୋଟ ପାଇଥିବା ରାଜନୈତିକ ଦଳର ନେତା) ମନୋନୀତ କରିବାର ବିଧି ସୃଷ୍ଟି କରାଯାଇଥିଲା। କଲେଜିୟମ୍ ବ୍ୟବସ୍ଥାଠାରୁ ଏନ୍‌ଜେଏସି ଅଧିକ ସ୍ୱଚ୍ଛ ବୋଲି ଯୁକ୍ତି ଦର୍ଶାଯାଇଥାଏ। କାରଣ ଏଥିରେ କେବଳ ବିଚାରପତି ନୁହନ୍ତି, ଅନ୍ୟାନ୍ୟ ବର୍ଗଙ୍କ ଅଂଶଗ୍ରହଣ ରହୁଛି। ତେବେ ସୁପ୍ରିମକୋର୍ଟଙ୍କ ତରଫରୁ ଏନ୍‌ଜେଏସିକୁ ଅସାମ୍ବିଧାନିକ ଘୋଷଣା କରାଯିବା ପରଠାରୁ କେନ୍ଦ୍ର ଓ କଲେଜିୟମ୍ ବ୍ୟବସ୍ଥାକୁ ସମର୍ଥନ କରୁଥିବା ଶ୍ରେଣୀ ମଧ୍ୟରେ ସଂଘର୍ଷ ଚାଲିଛି।

ରିଜିଜୁ ଯେତେବେଳେ କଲେଜିୟମ୍‌ରେ ବିଚାରପତିଙ୍କ ନିଯୁକ୍ତି ପ୍ରଧାନ ବିଚାରପତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବିଚାରପତିଙ୍କ ଦ୍ୱାରା କରାଯାଉଥିବା କଥା କହୁଛନ୍ତି, ସେତିକିବେଳେ ଅନ୍ୟ କେତେକ ସଂସ୍ଥାରେ ମଧ୍ୟ ସର୍ବୋଚ୍ଚରେ ଥିବା ବ୍ୟକ୍ତି ଏକାକୀ ନିଷ୍ପତ୍ତି ନେଇଥାଆନ୍ତି କିଏ ତାଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିପାରିବେ। ଉଦାହରଣ ସ୍ୱରୂପ, ପ୍ରଧାନମନ୍ତ୍ରୀ ଏକାକୀ ନିଷ୍ପତ୍ତି ନେଇ କେନ୍ଦ୍ର କ୍ୟାବିନେଟ୍ ପାଇଁ ସଦସ୍ୟ ବାଛିଥାଆନ୍ତି, ଯାହାର ଲାଭ ରିଜିଜୁ ନିଜେ ଏବେ ଉପଭୋଗ କରୁଛନ୍ତି। ସେଥିରେ କୌଣସି ପୋଲିସ ଗୋଇନ୍ଦା ସଂସ୍ଥାର ରିପୋର୍ଟ ମଗାଯାଏ ନାହିଁ କିମ୍ବା ତାଙ୍କର କୌଣସି ଅନ୍ୟ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବାର ପ୍ରୟୋଜନ ଉପୁଜେ ନାହିଁ। ସେହିଭଳି ଭାବେ ପ୍ରତ୍ୟେକ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱଇଚ୍ଛାରେ ମନ୍ତ୍ରିମଣ୍ଡଳ ଗଠନ କରିଥାଆନ୍ତି। କେବଳ ଜାତୀୟ ଦଳଗୁଡ଼ିକରେ ହାଇକମାଣ୍ଡଙ୍କ ସବୁଜ ସଙ୍କେତ ଲୋଡ଼ାଯାଇଥାଏ। ନଚେତ୍ ସବୁ ଆଞ୍ଚଳିକ ଦଳର ସର୍ବୋଚ୍ଚ ନେତା ଯେତେବେଳେ ମୁଖ୍ୟମନ୍ତ୍ରୀ ହୁଅନ୍ତି, ମନଇଚ୍ଛାରେ ଅପାଠୁଆ ଓ ଅପାରଗଙ୍କୁ ମନ୍ତ୍ରୀ ଭାବେ ବସାଇ ଦିଅନ୍ତି। ଆଜି ମୋଦିଙ୍କ କ୍ୟାବିନେଟ୍ ମଧ୍ୟ ଏହି ଚିରାଚରିତ ଢଙ୍ଗଠାରୁ କୌଣସି ଭାବେ ଭିନ୍ନ ନୁହେଁ। ସେଥିପାଇଁ ଯଦି ରିଜିଜୁଙ୍କ କଥାକୁ ସମର୍ଥନ ଦିଆଯାଏ, ତେବେ ପ୍ରଧାନମନ୍ତ୍ରୀ ଏବଂ ପ୍ରତ୍ୟେକଟି ରାଜ୍ୟର ମୁଖ୍ୟମନ୍ତ୍ରୀ ତାଙ୍କ କ୍ୟାବିନେଟ୍ ଗଠନ ବେଳେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ବା ହାଇକୋର୍ଟ ମୁଖ୍ୟ ବିଚାରପତି, ସବୁଠାରୁ ବଡ଼ ବିରୋଧୀ ଦଳ ନେତା, ଦୁଇ ଜଣ ପ୍ରଖ୍ୟାତ ବ୍ୟକ୍ତିଙ୍କ ମତ ଲୋଡ଼ି କ୍ୟାବିନେଟ୍ ପ୍ରସ୍ତୁତ କଲେ ଦେଶର ଅନେକ ମଙ୍ଗଳ ଏହି ପ୍ରଥମ ପଦକ୍ଷେପରୁ ହୋଇପାରନ୍ତା। ପରକୁ ଉପଦେଶ ଦେବା ପୂର୍ବରୁ ନିଜ ପରିସ୍ଥିତିକୁ ବୁଝିବା ହୁଅନ୍ତା ରିଜିଜୁଙ୍କ ପାଇଁ ଅତ୍ୟନ୍ତ ଜ୍ଞାନୋଦୟକାରୀ। ପରିବର୍ତ୍ତିତ ପରିସ୍ଥିତିରେ ମନେହେଉଛି ଯେପରି ସରକାର ଏକ ଉତ୍ସର୍ଗୀକୃତ ନ୍ୟାୟବ୍ୟବସ୍ଥା ସୃଷ୍ଟି କରିବାକୁ ଚାହୁଁଛନ୍ତି, ଯେ କି ପ୍ରତ୍ୟେକ ପଦକ୍ଷେପକୁ ସମର୍ଥନ କରି 'ଭାରତ ମାତା କୀ ଜୟ ଧ୍ୱନି'ରେ ଘୋଡ଼ାଇ ଦେବେ।

# ପୁରୁଣା ମେଧା

ନୂଆପିଢ଼ି ପାଇଁ ଆଇଟି ସେକ୍ଟର କର୍ମଶକ୍ତି ଭାବେ ଉଭାହୋଇଛି। ସେଥିପାଇଁ ଅଧିକ ସଂଖ୍ୟକ ଭାରତୀୟ ଆଇଟି ପ୍ରଫେସନାଲ ନିଯୁକ୍ତି ଓ ରୋଜଗାର ଆଶାରେ ଆମେରିକା, କାନାଡା, ଇଂଲଣ୍ଡ, ଜର୍ମାନୀ ଏବଂ ନ୍ୟୁଜିଲାଣ୍ଡ ଆଦି ଦେଶକୁ ଯାଉଛନ୍ତି। ସବୁଠୁ ଅଧିକ କର୍ମଚାରୀ ଅଛନ୍ତି ଆମେରିକାରେ। ୱାଶିଂଟନ ପୋଷ୍ଟ ରିପୋର୍ଟ ଅନୁଯାୟୀ, ଗତବର୍ଷ ନଭେମ୍ବରରୁ ଏଯାବତ ଆଇଟି ସେକ୍ଟର ପାଖାପାଖି ୨,୦୦,୦୦୦ କର୍ମଚାରୀଙ୍କୁ ଚାକିରିରୁ ବିଦା କରିଛି। ରିପୋର୍ଟ ଅନୁସାରେ ବିଦା ହୋଇଥିବା ଆଇଟି ପ୍ରଫେସନାଲଙ୍କ ମଧ୍ୟରେ ୩୦ରୁ ୪୦ ପ୍ରତିଶତ ଭାରତୀୟ (ପ୍ରାୟ ୬୦ରୁ ୮୦ ହଜାର) ଅଛନ୍ତି, ଯେଉଁମାନେ ଏଚ୍-୧ବି ଓ ଏଲ-ଏ ଭିଜା ନେଇ ରହିଛନ୍ତି। ଦୁର୍ଭାଗ୍ୟପୂର୍ଣ୍ଣ ଯେ, ଏତେ ସଂଖ୍ୟକ କର୍ମଚାରୀଙ୍କ ଚାକିରି ଯିବା ପରେ ଏଚ୍-୧ବି ଭିଜା ଦ୍ୱାରା ଯେଉଁମାନେ ଯାଇଥିଲେ ସେମାନେ ରୋଜଗାର ପାଇଁ ସଂଘର୍ଷ କରୁଛନ୍ତି। ବଡ଼ କଥା ହେଉଛି ସେମାନଙ୍କୁ ଏହି ସମୟ ମଧ୍ୟରେ ଭିଜା ସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡ଼ିବ, ନଚେତ ସେମାନେ ଆପଣାଇଥିବା ଦେଶକୁ ଛାଡ଼ିବାକୁ ହେବ। ଅନେକେ ମଧ୍ୟ ଆମେରିକାରୁ ଘର ଦ୍ୱାର ବିକ୍ରି କରି ପଳାଇ ଆସିଲେଣି। କାରଣ ସେଠାରେ ଚାକିରି ଗଲେ ରୋଜଗାର ନ କରି ବଞ୍ଚିବାର ଅନ୍ୟ ଉପାୟ ନାହିଁ। ସେଠାରୁ ଛାଡ଼ି ଆସି ଏଠାରେ ସମ୍ପତ୍ତିରେ ଭାଗ ବସାଉଛନ୍ତି। ଏଠାକାର ପରିମଳ ଓ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି। ମନେରଖିବାକୁ ହେବ ଯେ ସେମାନେ ଭାରତର ପ୍ରତ୍ୟେକ ଟିକସଦାତାଙ୍କ ଅର୍ଥରେ ପଢ଼ିଛନ୍ତି। ପଢ଼ିସାରିବା ପରେ ଏଠାରେ ସେମାନଙ୍କ ଜ୍ଞାନ ଉପଯୋଗ ନ କରି ଅଧିକ ରୋଜଗାର ଆଶାରେ ଆମେରିକା କିମ୍ବା ଅନ୍ୟ ଦେଶକୁ ଚାଲି ଯାଉଛନ୍ତି। ସେମାନେ ହେଉଛନ୍ତି ବାସ୍ତବ ପଳାତକ, ଯେଉଁମାନେ ମାତୃଭୂମିର ଭବିଷ୍ୟତ ପିଢ଼ିକୁ ଅଣଦେଖା କରି କେବଳ ନିଜର ସୁବିଧା ପାଇଁ ଜନ୍ମଭୂମି ଛାଡ଼ି ପଳାଇଥିଲେ। କିନ୍ତୁ ଏବେ ଆଇଟି ସେକ୍ଟର ଏକ ପରିବର୍ତ୍ତିତ ଧାରାରେ ଆଗଉଥିବା ସମୟରେ ଏମାନେ ଅଲୋଡ଼ା ହୋଇଯାଉଛନ୍ତି। କୁହାଯାଉଛି, ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବିଶ୍ୱରେ ଅଭିବୃଦ୍ଧିର ମାନ୍ଦାବସ୍ଥା ଦେଖାଦେବ ବୋଲି ସତର୍କ ବାଣୀ ଶୁଣାଇବା ପରେ ଆଇଟି କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ କରୁଛନ୍ତି। କିନ୍ତୁ ପ୍ରକୃତ କାରଣ ହେଉଛି ଟ୍ୟାଲେଣ୍ଟ ବା ମେଧା ପୁରୁଣା ହୋଇଯାଉଛି। ଏହି ପଳାତକମାନେ ଯାହା ପଢ଼ିକି ଯାଇଥିଲେ ତାହା ଏବେ ପୁରାତନ ଜ୍ଞାନ ଭାବେ ବିବେଚିତ ହେଉଥିବାରୁ ତାଙ୍କର ଚାହିଦା ହ୍ରାସ ପାଉଛି। ଆମେରିକାର ମ୍ୟାନପାୱାର ଗ୍ରୁପର ରିପୋର୍ଟ ମୁତାବକ ଏବେ ପରିବର୍ତ୍ତିତ ଆଇଟି କ୍ଷେତ୍ରରେ ଟେକ୍ ଟ୍ୟାଲେଣ୍ଟ ବା ପ୍ରଯୁକ୍ତି ମେଧାର ଅଭାବ ଥିବା ଦର୍ଶାଯାଇଛି। ଆଇଟି ଇଣ୍ଡଷ୍ଟ୍ରି ଏମ୍ପ୍ଲୟର ରିପୋର୍ଟରେ ମଧ୍ୟ କୁହାଯାଇଛି ଯେ, ୭୬% କର୍ମଚାରୀଙ୍କଠାରେ ହାର୍ଡ ଓ ସଫ୍ଟ ସ୍କିଲରେ କଠିନତା ଲକ୍ଷ୍ୟ କରାଯାଇଛି। ଏଥିପାଇଁ ୨୦୨୩ରେ ଆମେରିକାର ଆଇଟି କମ୍ପାନୀଗୁଡ଼ିକ ଟେକ୍ ଟ୍ୟାଲେଣ୍ଟକୁ ଗୁରୁତ୍ୱ ଦେଇ ୩୫% ଯୋଗ୍ୟ ଆଇଟି ପ୍ରଫେସନାଲଙ୍କୁ ଆଣିବାକୁ ଯୋଜନା କରିଥିବା ଜଣାପଡ଼ିଛି। ମ୍ୟାନପାୱାର ଗ୍ରୁପ ରିପୋର୍ଟ ଏହା ମଧ୍ୟ ଦର୍ଶାଇଛି ଯେ ୨୦୨୩ର ପ୍ରଥମ ତ୍ରୈମାସିକରେ ଆଇଟି ଇଣ୍ଡଷ୍ଟ୍ରି ପକ୍ଷରୁ ୭୦% ନୂଆ ଟେକନିକାଲ ସ୍କିଲ ସମ୍ପନ୍ନ ମେଧାଙ୍କୁ ଅଣାଯିବାର ଯୋଜନା କରାଯାଇଛି। ଏଥିରୁ ବୁଝାପଡୁଛି ଯେ, ପଦବୀ ପୂରଣ ପାଇଁ ଆଇଟି ସେକ୍ଟରଗୁଡ଼ିକ ଟ୍ୟାଲେଣ୍ଟ ଅନ୍ୱେଷଣରେ ଅଛନ୍ତି। ଏଣୁ ବିକାଶଶୀଳ ଆଇଟି କ୍ଷେତ୍ରରେ ମେଧା ଆବଶ୍ୟକତାକୁ ଲକ୍ଷ୍ୟ କରି ଛଟେଇ କରାଯାଉଥିବା ପ୍ରକ୍ରିୟାକୁ ସ୍ୱୀକାର କରିବାକୁ ହେବ। ଭାରତୀୟମାନଙ୍କ ମେଧା ସ୍ତର ଓ ନିଯୁକ୍ତିଭିତ୍ତିକ ଯୋଗ୍ୟତା ଉପରେ ଅନୁଧ୍ୟାନ କରୁଥିବା ଆସ୍ପାୟାରିଂ ମାଇଣ୍ଡସ୍‌ର ୨୦୧୭ ରିପୋର୍ଟ ବି ଏହାକୁ ସ୍ପଷ୍ଟ କରିଥିଲା। ଏହା ଦର୍ଶାଇଛି ଯେ, ଭାରତରେ ୯୫% ଇଞ୍ଜିନିୟର ସଫ୍ଟୱେର ଡେଭଲପମେଣ୍ଟ ଚାକିରି ପାଇଁ ଯୋଗ୍ୟ ନୁହନ୍ତି। ଯେହେତୁ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକରେ ଆଇଟି କ୍ଷେତ୍ରରେ ଭାରତୀୟଙ୍କ ଉପସ୍ଥିତି ଅଧିକ , ସେଥିପାଇଁ ଧାରଣା ରହିଛି ଯେ ସେମାନେ ମେଧା ସମ୍ପନ୍ନ, ସମୃଦ୍ଧ କୌଶଳୀ। ସେମାନେ କାର୍ଯ୍ୟରେ ନିଶ୍ଚିତ ସଫଳ ହେବେ, ଏଭଳି ତ୍ରୁଟିପୂର୍ଣ୍ଣ ଧାରଣା ମଧ୍ୟ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜାନୁୟାରୀ ୧୯୯୮

- ରୁଷିଆର ମହାକାଶ କେନ୍ଦ୍ର 'ମୀର'ରେ ଦେଖାଦେଇଥିବା ବିଭ୍ରାଟକୁ ସଜାଡ଼ିବା ପାଇଁ ଏକ ମହକାଶ ଯାନ ପ୍ରେରଣ।
- ଗଞ୍ଜାମ ଜିଲାର ତତ୍କାଳୀନ ପାତ୍ରପୁର ନିର୍ବାଚନମଣ୍ଡଳିର ବିଧାୟକ ତ୍ରିଲୋଚନ ଜାନିଙ୍କ ପରଲୋକ।

# ଓଡ଼ିଶାରେ ଶିଳ୍ପାୟନର ଦିଶା



ଅନିଲ ବିଶ୍ୱାଳ

ସାରା ବିଶ୍ୱରେ ଆଜିର ସମୟରେ ଅର୍ଥନୀତି ଦୃଷ୍ଟିରୁ ଦୁଇଟି ସମସ୍ୟା ସବୁ ଦେଶ ପାଇଁ ଆହ୍ୱାନ ହୋଇ ଠିଆ ହୋଇଛି। ଗୋଟିଏ ହେଲା ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାର ଆହ୍ୱାନ ଓ ଅନ୍ୟଟି ହେଲା ଦେଶ ଚଳାଇବା ପାଇଁ ରାଜକୋଷକୁ ଅର୍ଥ ଯୋଗାଡ଼ କରିବାର ଆହ୍ୱାନ। ଏହି ଦୁଇଟି ପ୍ରସଙ୍ଗରେ ଶିଳ୍ପାୟନର ବଡ଼ ଭୂମିକା ରହିଛି। ଆଧୁନିକ ବିଶ୍ୱରେ ଶିଳ୍ପର ପରିଭାଷା ମଧ୍ୟ ବଦଳିଛି। ଶିଳ୍ପ କହିଲେ ଆଉ ଆଗ ଭଳି କେବଳ ବଡ଼ ବଡ଼ କଳକାରଖାନାକୁ ବୁଝାଯାଉନି। ବର୍ତ୍ତମାନ ସମୟରେ ସଫ୍ଟୱେରରୁ ନେଇ ପର୍ଯ୍ୟଟନ, ଫ୍ୟାଶନରୁ ନେଇ ମନୋରଞ୍ଜନ, ଖାଦ୍ୟ ପ୍ରକ୍ରିୟାକରଣ, ଇ-କର୍ମସ ଏସବୁକୁ ମଧ୍ୟ ଶିଳ୍ପର ମାନ୍ୟତା ମିଳିଛି ଓ ଏହିଭଳି ନୂଆ ନୂଆ କ୍ଷେତ୍ରରେ ହିଁ ବେଶି ଅର୍ଥନୈତିକ କାରବାର ହେଉଛି, ବେଶି ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଓଡ଼ିଶା ଅନେକ ଦୃଷ୍ଟିରୁ ଭାଗ୍ୟବାନ୍। ଏଠାରେ ଅନେକ ପ୍ରକାର ପ୍ରାକୃତିକ ଖଣିଜ ସମ୍ପଦର ଅମାପ ଭଣ୍ଡାର ରହିଛି। ୪୫୦ କିମିର ସୁଦୀର୍ଘ ବେଳାଭୂମି ରହିଛି। ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ମାନବ ସମ୍ବଳ ଏସବୁରେ ମଧ୍ୟ ଓଡ଼ିଶା ସମୃଦ୍ଧ, ପରିପୁଷ୍ଟ। ଏହା ବାଦ୍ ଆମ ପାଖରେ କୃଷି ପାଇଁ ବିସ୍ତୀର୍ଣ୍ଣ ଉର୍ବର ଭୂମି ଅଛି। ପର୍ଯ୍ୟଟନରୁ ନେଇ ହସ୍ତଶିଳ୍ପ, ହସ୍ତତନ୍ତରେ ଆମ ପାଖରେ ଯଥେଷ୍ଟ ଭିତ୍ତିଭୂମି ରହିଛି। ସେ ଦୃଷ୍ଟିରୁ ଆମେ ଶିଳ୍ପାୟନର ଠିକ୍ ଉପଯୋଗ କରି ଦେଶରେ ଏକ ସମ୍ପନ୍ନ ରାଜ୍ୟ ହେବାର ଯଥେଷ୍ଟ ସୁଯୋଗ ରହିଛି।। ଏବେ ରାଜ୍ୟରେ ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ସରିଛି। ଅନେକ ବଡ଼ ବଡ଼ ପୁଞ୍ଜି ନିବେଶକାରୀମାନେ ପୁଞ୍ଜି ନିବେଶର ପ୍ରସ୍ତାବ ନେଇ ଏଠାକୁ ଆସିଥିଲେ। ଆଗରୁ ମଧ୍ୟ ଦୁଇ ଦୁଇଟି ମେକ୍ ଇନ୍ ଓଡ଼ିଶା ହୋଇଛି।

ହେଲେ ଓଡ଼ିଶାରେ ଶିଳ୍ପାୟନର ସ୍ୱରୂପ କ'ଣ ତାହା ଏକ ଆଲୋଚନାର ବିଷୟ। ୨୦୧୬ରେ ଓ ୨୦୧୮ରେ ହୋଇଥିବା ମେକ୍ ଇନ୍ ଓଡ଼ିଶା ଆୟୋଜନରେ ଖର୍ଚ୍ଚ ହୋଇଥିଲା ୫୫ କୋଟି ଟଙ୍କା। ଦୁଇଟିଯାକରେ ସମୁଦାୟ ପୁଞ୍ଜି ପ୍ରସ୍ତାବ ଆସିଥିଲା ୬ ଲକ୍ଷ ୨୬ ହଜାର କୋଟି ଟଙ୍କାର। ୭ ଲକ୍ଷ ୨୮ ହଜାର ୬୮୧ ନିଯୁକ୍ତି ସମ୍ଭାବନାର ଆକଳନ କରାଯାଇଥିଲା। ଏବେ ସୁଦ୍ଧା ମୋଟ ପ୍ରସ୍ତାବିତ ୨୮୬ ପ୍ରସ୍ତାବରୁ ୧୬୪ଟିକୁ ଅନୁମୋଦନ ମିଳିଛି। ସେଥିରୁ ମାତ୍ର ୧୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହୋଇଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ୧୬ଟି ପ୍ରକଳ୍ପର ପୁଞ୍ଜି ନିବେଶ ପରିମାଣ ହେଉଛି ୫ ହଜାର ୬୭୪ କୋଟି ଟଙ୍କା ଓ ନିଯୁକ୍ତି ମିଳିଛି ୫ ହଜାର ୮୭୮ ଜଣଙ୍କୁ। ତେଣୁ କେଉଁଠି ନା କେଉଁଠି ସରକାର ଯାହା ଆଶା ରଖିଥିଲେ, ତାହାଠାରୁ କମ୍ ସଫଳତା ମିଳିଛି। ଆମେ ଆଶା ରଖିବା ଯେ ଆଗାମୀ ଦିନରେ ପ୍ରସ୍ତାବ ଆସିଥିବା ସମସ୍ତ ପ୍ରକଳ୍ପ କିପରି କ୍ରିୟାନ୍ୱୟନ ହେଉ।

ଏବେ ହୋଇଥିବା ୨୦୨୨ ମେକ୍ ଇନ୍ ଓଡ଼ିଶାରେ ମୋଟ ୧୦.୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଛି। ସେଥିରୁ କେବଳ ଖଣିଜ ସମ୍ପଦ ଯଥା ଲୁହାପଥର, ବକ୍ସାଇଟ, ମାଙ୍ଗାନିଜ, ଆଦିକୁ ଭିତ୍ତି କରି ଆସିଥିବା ବିଭିନ୍ନ ପ୍ରକଳ୍ପର ପରିମାଣ ହେଉଛି ୫.୫ ଲକ୍ଷ କୋଟି ଟଙ୍କାର। ସେହିଭଳି ଏହି ଶିଳ୍ପମାନଙ୍କ ଉପରେ ନିର୍ଭର କରି ଅନ୍ୟ କ୍ଷେତ୍ର ଯଥା ଶକ୍ତି ଉତ୍ପାଦନ, ପରିବହନ ଆଦିରେ ଯାହା ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି, ତାହାର ପରିମାଣ ହେଉଛି ୩.୫୮ ଲକ୍ଷ କୋଟି ଟଙ୍କାର। ଅର୍ଥାତ୍ ମୋଟ ପୁଞ୍ଜି ନିବେଶ ପ୍ରସ୍ତାବର ପାଖାପାଖି ୮୬% ହେଉଛି ଆମ ରାଜ୍ୟରେ ଥିବା ଖଣିଜ ସମ୍ପଦକୁ ଆଧାର କରି। ବାକି ୧୪% ହେଉଛି ବାକି ଯେତେ ପ୍ରକାରର ଶିଳ୍ପ ରହିଗଲା। ସେହିଭଳି ଯେଉଁ ପୁଞ୍ଜି ନିବେଶ ପ୍ରସ୍ତାବ ଖଣିଜ ସମ୍ପଦ କ୍ଷେତ୍ରରେ ଆସିଛି, ସେଥିରେ ମଣିଷର ଦୈନନ୍ଦିନ ଜୀବନରେ ବ୍ୟବହାରରେ ଆସୁଥିବା ବିଭିନ୍ନ ସାମଗ୍ରୀ, ଯାହାକୁ ଆମେ କଞ୍ଜ୍ୟୁମର ଗୁଡ୍ ବୋଲି କହୁ ତାହାର ଉତ୍ପାଦନ ପାଇଁ ସେଭଳି କିଛି ଆଖିଦୃଶିଆ ପ୍ରସ୍ତାବ ନାହିଁ। ପ୍ରାୟ ସମସ୍ତ ପ୍ରସ୍ତାବ ହେଉଛି ଷ୍ଟିଲ, ବକ୍ସାଇଟ ନହେଲେ ଆଉ କିଛି ଧାତବ ପଦାର୍ଥର ଉତ୍ପାଦନକୁ ନେଇ। ଆମେ କାହିଁକି ଆମ ରାଜ୍ୟରେ ଉତ୍ପାଦିତ ଷ୍ଟିଲ୍‌ରେ ଆମର ଏଇଠି ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରିବା ପାଇଁ ଯୋଜନା ହେବ ନାହିଁ ତାହା ଏକ ପ୍ରସଙ୍ଗ।



ଆଜିବି ଓଡ଼ିଶାରେ ଆମେ ଦୈନନ୍ଦିନ ଜୀବନଶୈଳୀରେ ବ୍ୟବହାର କରୁଥିବା ବିଭିନ୍ନ ଜିନିଷମାନଙ୍କର ସେଭଳି କୌଣସି ନାମକରା ବ୍ରାଣ୍ଡର କାରଖାନା ନାହିଁ। ଆମେ ଏକ ଲମ୍ବା ସମୟ ପାଇଁ ଏଠାରେ ମିଳୁଥିବା ଲୁହାପଥର ବା ଅନ୍ୟ ଖଣିଜ ପଦାର୍ଥକୁ ତରଳାଇ ସେଥିରୁ ଲୁହା ବା ବକ୍ସାଇଟ ବାହାର କରିବାର କାରଖାନା ପ୍ରତିଷ୍ଠାରେ ସମୟ ବିତାଇଛେ। ହେଲେ ଏହାର ପରବର୍ତ୍ତୀ ଶିଳ୍ପ କଥା ଆମେ ଭାବିନେ। ଆମରି ରାଜ୍ୟରୁ ଉତ୍ପାଦିତ ଲୁହା ଉପରେ ନିର୍ଭର କରି ଆଜି ପଞ୍ଜାବ, ହରିୟାନାରେ ଶହ ଶହ ଗାଡ଼ି ତିଆରି କାରଖାନା ଗଢ଼ି ଉଠିଛି। ଆମର ଏଠି ସାଇକେଲ କାରଖାନାଟିଏ ବି ନାହିଁ।

ମେକ୍ ଇନ୍ ଓଡ଼ିଶା ୨୦୨୨ରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ମାତ୍ର ୭ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି, ଯାହା ମୋଟ ପୁଞ୍ଜି ନିବେଶର ପାଖାପାଖି ମାତ୍ର ୦.୭%। କିନ୍ତୁ ସେଥିରେ ଯେଉଁ କର୍ମନିଯୁକ୍ତି ସୃଷ୍ଟି ହେବାର ଆକଳନ ହୋଇଛି, ତାହା ହେଉଛି ୧ ଲକ୍ଷ ୪୪ ହଜାର ; ଯାହା ମୋଟ ଆକଳନ ହୋଇଥିବା ନିଯୁକ୍ତି ସୁଯୋଗର ୧୪%। ସେହିଭଳି ଟେକ୍ସଟାଇଲ କ୍ଷେତ୍ରରେ ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି ମାତ୍ର ୨୬୪୦ କୋଟି ଟଙ୍କାର, କିନ୍ତୁ କର୍ମନିଯୁକ୍ତି ଆକଳନ ହୋଇଛି ୩୩ ହଜାର ୫୮୭। ୦.୨%ରେ ପୁଞ୍ଜି କିନ୍ତୁ ନିଯୁକ୍ତି ୩.୨%, ଯାହାକି ଅନ୍ୟ କ୍ଷେତ୍ରର ନିଯୁକ୍ତି ହାର ଅପେକ୍ଷା ଅଧିକ। ସେହି ସମାନ ସ୍ଥିତି କୃଷି ବିପଣନ ଓ ଏଗ୍ରି ବିଜ୍‌ନେସ୍‌ରେ। କମ୍ ପୁଞ୍ଜି ନିବେଶ ପ୍ରସ୍ତାବ କିନ୍ତୁ ଅଧିକ କର୍ମ ନିଯୁକ୍ତିର ସମ୍ଭାବନା। କିନ୍ତୁ ଆମେ ଯଦି ଖଣିଜ ପଦାର୍ଥ ଆଧାରିତ ପୁଞ୍ଜି ନିବେଶର ହାର ଓ ନିଯୁକ୍ତିକୁ ଦେଖିବା, ତା'ହେଲେ ଏହି ହାର କମ୍। ଶିଳ୍ପାୟନର ଯେଉଁ ଦୁଇଟା ଉଦ୍ଦେଶ୍ୟ ଅଛି ଯଥା ରାଜକୋଷକୁ ଟିକସ ଆଣିବା ଓ ନିଯୁକ୍ତି ସୃଷ୍ଟି କରିବା, ଏହି ଦୁଇଟା ଭିତରେ ଯଦି ସମନ୍ୱୟ ନ ରୁହେ ; ତାହାଲେ ରାଜ୍ୟ ହୁଏତ ଧନୀ ହୋଇଯାଇପାରେ ; କିନ୍ତୁ ରାଜ୍ୟର ଲୋକମାନେ ଗରିବ ହୋଇଯିବେ। ଆମ ଶିଳ୍ପାୟନର ଦିଶା କୁଆଡ଼େ ? ନିଯୁକ୍ତି ସୃଷ୍ଟି କରିବା ନା କେବଳ ରାଜକୋଷ ପାଇଁ ଟିକସ ସଂଗ୍ରହ କରିବା ?

ଆଜିର ସମୟରେ ସମଗ୍ର ଅଟୋମୋବାଇଲ ଶିଳ୍ପରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି, ତାହା ହେଉଛି ଇ-ଯାନ ବା ବିଦ୍ୟୁତଚାଳିତ ଗାଡ଼ି। ହେଲେ ଏଥରକ ମେକ୍ ଇନ୍ ଓଡ଼ିଶାରେ ସେ କ୍ଷେତ୍ରରେ ମାତ୍ର ୫୦୦ କୋଟିର ପ୍ରସ୍ତାବ ଆସିଛି। ସାରା ଦେଶରେ ଏବେ ଇ-ଯାନ ଶିଳ୍ପର ଯେଉଁ ଭିତ୍ତିଭୂମି ଅଛି, ତାହା ହେଉଛି ପାଖାପାଖି ୧ ଲକ୍ଷ କୋଟିର ; ଯାହା ଆଗାମୀ ୫ ବର୍ଷ ଭିତରେ ୩ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଯିବ। ସେହି ସ୍ଥିତିରେ ଏହି ୫୦୦ କୋଟିର ପ୍ରକଳ୍ପ କ'ଣ ଓଡ଼ିଶାକୁ ଇ-ଯାନ ଶିଳ୍ପର ଏକ କେନ୍ଦ୍ର ବୋଲି ମାନ୍ୟତା ଦେଇପାରିବ କି? ଆମେ ଅତୀତରେ ସବୁ ସୁବିଧା ଥାଇ ମଧ୍ୟ ଅଟୋମୋବାଇଲ ଶିଳ୍ପରେ ଉତ୍ପାଦନ କେନ୍ଦ୍ର ହେବାର ସୁଯୋଗକୁ ହାତଛଡ଼ା କରିଥିଲେ, ସମାନ ସ୍ଥିତି ଏବେ ହେବାକୁ ଯାଉଛି। ସେହିଭଳି ଓଡ଼ିଶାରେ ଅକ୍ଷୟ ଶକ୍ତିର ପ୍ରବଳ ସମ୍ଭାବନା ଅଛି। ଏବେ ସୁଦ୍ଧା ଓଡ଼ିଶାର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ମାତ୍ର ୬୨୭ ମେଗାୱାଟ୍। ଭବିଷ୍ୟତ ବିଶ୍ୱର ଶକ୍ତି ଉତ୍ସ ହେଉଛି ଅକ୍ଷୟ ଶକ୍ତି। ତେଣୁ କେଉଁଠି ନା କେଉଁଠି ଆମର ଶିଳ୍ପାୟନର ଦିଶା ଆଗାମୀ ଭବିଷ୍ୟତରେ ଯାହା ଯାହା ପରିବର୍ତ୍ତନ ହେବାକୁ ଯାଉଛି, ସେହି ଦିଗରେ ଯିବାର ଆବଶ୍ୟକତା ରହିଛି।

ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିର କାହାଣୀ ୧୯୫୦ ଦଶକରେ ଅତି ଖରାପ ସ୍ଥିତିରୁ ଆରମ୍ଭ ହୋଇ ଅନେକ ଉତ୍ଥାନ ପତନ ଭିତରେ ଆଜିର ସମୟରେ ବଳକା ବଜେଟରେ ପହଞ୍ଚିଛି। ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଆତ୍ମନିଯୁକ୍ତି ଏବଂ ନିଯୁକ୍ତି ସୃଷ୍ଟି କରିବା। ଯେବେଯାଏ ପ୍ରତ୍ୟେକ ବ୍ୟକ୍ତି ପାଖରେ ଅର୍ଥ ଉପାର୍ଜନ କ୍ଷମତା ନ ପହଞ୍ଚିଛି, ସେତେବେଳ ଯାଏ ଗରିବୀ ହଟିବନି। ତେଣୁ ଆମକୁ ନୂଆ ବିକଳ୍ପର ରାସ୍ତା ବାହାର କରିବାକୁ ପଡ଼ିବ।

ହରିରାଜପୁର, ପୁରୀ
ମୋ: ୯୪୩୮୫୭୯୨୯୦

# ନୂତନ ପର୍ଯ୍ୟଟନ ନୀତି



ଅରୁଣ କୁମାର ତ୍ରିପାଠୀ

ଯେ କୌଣସି ରାଷ୍ଟ୍ରର ଉନ୍ନତିରେ ପର୍ଯ୍ୟଟନ ଶିଳ୍ପର ଭୂମିକା ପ୍ରଣିଧାନଯୋଗ୍ୟ। ଅନ୍ୟ ସମସ୍ତ ନିବେଶ କ୍ଷେତ୍ରରେ ପରିବେଶକୁ ଧୂଆଁ ନିର୍ଗତ ହେଉଥିବା ସ୍ଥଳେ, ପର୍ଯ୍ୟଟନ ଶିଳ୍ପକୁ ଧୂମବିହୀନ ଶିଳ୍ପର ମାନ୍ୟତା ଦିଆଯାଏ। ଆରୁବା, ବ୍ରିଟିଶ ଉପଦ୍ୱୀପ, ମାଳଦ୍ୱୀପ, ସେଚିଲସ, ବାହାମସ ଆଦି ଅର୍ଥନୀତିରେ ମୋଟ ଘରୋଇ ଉତ୍ପାଦର ପ୍ରାୟତଃ ୩୦ ଶତକଡ଼ା ଏହି ପର୍ଯ୍ୟଟନ ଶିଳ୍ପରୁ ମିଳେ। ବିକାଶଶୀଳ ତଥା ତୃତୀୟ ବିଶ୍ୱର ଅର୍ଥନୀତିରେ ସ୍ଥାନୀୟ ଆଧାରିକ ସଂରଚନା ତଥା ନିୟୋଜନ ପ୍ରଦାନ କରି ବିକାଶମୁହାଁ କରେଇବାରେ ଧୂମବିହୀନ ଶିଳ୍ପର ଭୂମିକା ଅନେକ ଗୁରୁତ୍ୱ ବହନ କରେ।

ନିକଟରେ ପ୍ରଣୀତ ଓଡ଼ିଶାର ନୂତନ ପର୍ଯ୍ୟଟନ ନୀତିରେ ଆକର୍ଷଣୀୟ ପ୍ରସ୍ତାବ ମାନ ରହିଅଛି, ଯାହା ନିବେଶକାରୀଙ୍କୁ ଲୋଭ ଦେଖାଇ ଏହି ଧୂମବିହୀନ ଶିଳ୍ପ ଆଡ଼କୁ ନିମନ୍ତ୍ରଣ କରିବ। ରାଜ୍ୟ କ୍ୟାବିନେଟରେ ଅନୁମୋଦିତ ହୋଇ ଗେଜେଟ ଘୋଷଣାନାମା ସହ ପ୍ରକାଶ ପାଇଥିବା ଏହି ନୀତିରେ ଋଣରେ ବିଶେଷ ରିହାତି, ଭୂମି ପଞ୍ଜୀକରଣ ଦେୟଛାଡ଼, କିସମ ପରିବର୍ତ୍ତନ ଦେୟ ଛାଡ଼, ନିଯୁକ୍ତି ଦରରେ ରିହାତି ସହ ନିରନ୍ତର ବିକାଶ ବିଷୟକ ନିବେଶରେ ମଧ୍ୟ କିଛିକାଂଶରେ ରିହାତି ଦିଆଯାଇଅଛି। ଡିସେମ୍ବର ପହିଲା ପରଠୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ନିବେଶ ପରିପ୍ରେକ୍ଷୀରେ ଏହି ରିହାତି ପ୍ରଦାନ କରାଯିବ। ୫୦ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ ଉପରେ ୩୦ ପ୍ରତିଶତର ରିହାତି ସହ ସର୍ବାଧିକ ୧୫ କୋଟି ପର୍ଯ୍ୟନ୍ତ ଛାଡ଼ର ପ୍ରାବଧାନ ରଖାଯାଇଅଛି। ପୁନଶ୍ଚ ୫୦ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶ କ୍ଷେତ୍ରରେ ୩୦ ପ୍ରତିଶତ ରିହାତି ସହ ସର୍ବାଧିକ ୨୦ କୋଟିର ଛାଡ଼ ପ୍ରଦାନର ବ୍ୟବସ୍ଥା କରାଯାଇଅଛି। ଏଣୁ କୁହାଯାଇପାରିବ ସର୍ବାଧିକ ୨୦ କୋଟିର ରିହାତି ଏହି ନୀତି ମାଧ୍ୟମରେ ନିବେଶକ ଗଣ ପାଇପାରିବେ।

କିନ୍ତୁ କିଛି ସ୍ୱତନ୍ତ୍ର ଅଞ୍ଚଳ ଯଥା ଚିଲିକା ହ୍ରଦ, ଅବିଭକ୍ତ କୋରାପୁଟ,ବଲାଙ୍ଗୀର ଓ କଳାହାଣ୍ଡି ଜିଲା, କନ୍ଧମାଳ ଓ ଗଜପତି ଜିଲାରେ ନିବେଶ, ମହିଳା ତଥା ସମନ୍ୱିତ ବର୍ଗଙ୍କ ଦ୍ୱାରା ପ୍ରାଧିକୃତ ନୂତନ ନିବେଶ ଆଦିରେ ଏହି ରିହାତିରେ ଅଧିକା ୫ ପ୍ରତିଶତ ଦାବି ଉଦ୍ୟୋକ୍ତା କରିପାରିବେ। ସରକାରଙ୍କ ଯୋଜନାରେ ଅଧିକୃତ ଇକୋ-ରିଟ୍ରିଟ ଏବଂ ସ୍ୱତନ୍ତ୍ର ଚାହିଦା ଥିବା ସ୍ଥାନମାନଙ୍କରେ ତମ୍ବୁ ବ୍ୟବସ୍ଥାରେ ପର୍ଯ୍ୟଟନର ଆଖିଦୃଶିଆ ବିକାଶକୁ ନଜର ରଖି ଏହିସବୁ ନୂତନ ରିହାତି ଦର ବ୍ୟବସ୍ଥିତ କରାଯାଇଅଛି। ଜଳଜ ପର୍ଯ୍ୟଟନରେ ୨୫ ପ୍ରତିଶତ ରିହାତି, ସର୍ବାଧିକ ୫୦ ଲକ୍ଷର ପରିମାଣ ସହ ସ୍ଥିର କରାଯାଇଅଛି। ୨୦୨୨ରୁ ୨୦୨୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି ଯୋଜନାରେ ପୂର୍ବରୁ ଭଲ ସଫଳତା ଅର୍ଜନ ତଥା ଋଣ ଖିଲାପ କରି ନ ଥିବା ଉଦ୍ୟୋକ୍ତାମାନଙ୍କୁ ସୁଧ ଉପରେ ୫ ପ୍ରତିଶତର ରିହାତି, ଯାହା ଏକ କୋଟିର ସୀମା ମଧ୍ୟରେ ରହିବାର ବ୍ୟବସ୍ଥା କରାଯାଇଅଛି।



ଏହି ନିୟମରେ ଘରୋଇ ନିବେଶକୁ ପ୍ରୋତ୍ସାହନ ନିମନ୍ତେ ଷ୍ଟାମ୍ପ ଡ୍ୟୁଟିରେ ଶତ ପ୍ରତିଶତ ଛାଡ଼, ଜମିର କିସମ ପରିବର୍ତ୍ତନ କରରେ ଶତ ପ୍ରତିଶତ ଫେରସ୍ତର ବ୍ୟବସ୍ଥା ମଧ୍ୟ କରାଯାଇଅଛି। ଏହି ନୀତିରେ ଶକ୍ତି କ୍ଷେତ୍ରରେ ନିବେଶର ପ୍ରାରମ୍ଭିକ ୫ ବର୍ଷ ପର୍ଯ୍ୟନ୍ତ ୫ ମେଗା ଭୋଲ୍ଟ ଏମ୍ପିୟାରର ବିଦ୍ୟୁତ୍ କର ଛାଡ଼ର ବ୍ୟବସ୍ଥା ରହିଅଛି। ନୂତନ ତଥା ନବୀକରଣ ଯୋଗ୍ୟ ଶକ୍ତି ଉପଭୋଗ କ୍ଷେତ୍ରରେ ଉପାଂଶ ଖର୍ଚ୍ଚର ଅର୍ଦ୍ଧେକ ସରକାରଙ୍କ ଦ୍ୱାରା ବହନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଅଛି।

ରାଜ୍ୟ ମଧ୍ୟରେ ନିୟୋଜନର ବିକାଶ ନିମନ୍ତେ ଏହି ନିୟମରେ ଅନେକ ସହାୟତା ପ୍ରଦାନ କରାଯାଇଅଛି। ଯେକୌଣସି ନିୟୋଜନ କ୍ଷେତ୍ରରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ତଥା ସୁରକ୍ଷା ବୀମାର ବ୍ୟବସ୍ଥା ରହିଅଛି। ପର୍ଯ୍ୟଟନ ନୀତିରେ ଏହି ନିବେଶର ପ୍ରଥମ ପାଞ୍ଚ ବର୍ଷ ଉଦ୍ୟୋକ୍ତାଙ୍କ ଅଂଶ ସରକାରଙ୍କ ଦ୍ୱାରା ବହନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଅଛି। ପୁନଶ୍ଚ କର୍ମଚାରୀଙ୍କ ତାଲିମ ନିମନ୍ତେ ମୁଣ୍ଡପିଛା ୨୦୦୦ ଟଙ୍କାର ଖର୍ଚ୍ଚ ସରକାର ବର୍ତ୍ତମାନ ବହନ କରିବେ ବୋଲି କଥା ଦେଇଅଛନ୍ତି।

ନିରନ୍ତର ବିକାଶ ତଥା ପରିବେଶର ସୁରକ୍ଷା ନିମନ୍ତେ ଏହି ନୀତିରେ ଅନେକ ବ୍ୟବସ୍ଥା କରାଯାଇଅଛି । ପରିବେଶ ନିରାପତ୍ତା ସଂରକ୍ଷଣ ସଂରଚନା କ୍ଷେତ୍ରରେ ବ୍ୟବହୃତ ବିନିମୟ ଉପଚାରିତ ଦ୍ରବ୍ୟ ଓ ବ୍ୟବସ୍ଥିତ ସ୍ଥାନାନ୍ତରଣ ଯୋଜନା କ୍ଷେତ୍ରରେ ୨୦ ପ୍ରତିଶତର ରିହାତି ହିସାବରେ ସର୍ବାଧିକ ୨୦ ଲକ୍ଷର ଛାଡ଼ ବ୍ୟବସ୍ଥା କରାଯାଇଅଛି।

ଦେଶରେ ପର୍ଯ୍ୟଟନର ବିକାଶ ନିମନ୍ତେ ପର୍ଯ୍ୟଟନ ସହାୟକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେଉଁ ବିଦେଶୀ ପର୍ଯ୍ୟଟକମାନଙ୍କୁ ଭ୍ରମଣ ଉଦ୍ଦେଶ୍ୟରେ ନିଅନ୍ତି, ସେମାନଙ୍କୁ ସଂପୃକ୍ତ ଅଞ୍ଚଳର ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟରେ ପଞ୍ଜୀକରଣ କରେଇବାକୁ ପଡ଼େ। ସେହି ପଞ୍ଜୀକରଣ ଦେୟରେ ୭୫ ପ୍ରତିଶତ ରିହାତି ସହ ବିଭିନ୍ନ ସ୍ଥାନରେ ପ୍ରବେଶ ଶୁଳ୍କ ଉପରେ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରାଯାଇଅଛି। ମୋଟ ଉପରେ କୁହାଯାଇପାରେ ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ଏହା ଏକ ମାଇଲଖୁଣ୍ଟ ହେବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସବୁ ନିୟମ ସହ ଅନାବିଷ୍କୃତ ସ୍ଥାନମାନଙ୍କରେ ଉପଯୁକ୍ତ ଆଧାରିକ ସଂରଚନାର ବିକାଶ ତଥା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସଂପୃକ୍ତ ସ୍ଥାନମାନଙ୍କୁ ଉପଯୁକ୍ତ ସ୍ଥାନ ଦେଇପାରିଲେ ରାଜ୍ୟର ପ୍ରଭୂତ ଉନ୍ନତି ସାଧିତ ହେଇପାରିବ।

ମୋ-୯୦୭୮୮୩୮୬୨୭

## ଏଇ ଭାରତରେ

ଛତୁ ଚାଷ ରୋଜଗାରର ବାଟ ଦେଖାଉଥିବା ବେଳେ ଛତୁ କଫି ଷ୍ଟାର୍ଟଅପ୍ ଏବେ ଚର୍ଚ୍ଚାର ବିଷୟ ହୋଇଛି। କେରଳର ଲାଲୁ ଥୋମାସ ଛତୁ ମିଶ୍ରିତ କଫି ନୂଆ କରି କୋଲାମସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ସହଯୋଗରେ ତିଆରି କରିଛନ୍ତି। ସେ ସଂଯୁକ୍ତ ଆରବ ରାଷ୍ଟ୍ରରେ ଜଣେ ସେଫ୍ ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ୧୫ ବର୍ଷ ରହିବା ପରେ ଭାରତ ଫେରି ଛତୁ ଚାଷ ଆରମ୍ଭ କରିଥିଲେ। କେବଳ ଛତୁ ଉତ୍ପାଦନ କରି ସେଥିରୁ ଅଧିକ ଲାଭ ପାଇବା କଷ୍ଟକର ବୋଲି ଅନୁଭବ କରିବା ପରେ ସେ ଏଥିରୁ ଅନ୍ୟ କିଛି ଉତ୍ପାଦ ପ୍ରସ୍ତୁତ କରିବା ଚିନ୍ତା କରିଥିଲେ। ପରେ ସେ 'ସେଫ୍ ବେ' ଷ୍ଟାର୍ଟଅପ୍ ଗଠନ କରି ଛତୁ କଫି ବିକ୍ରି କରୁଛନ୍ତି। ଛତୁ ଓ କଫି ମିଶ୍ରଣ (୭୦ ପ୍ରତିଶତ ଛତୁ ଓ ୩୦% କଫି)କୁ ପାଉଡର କରିବା ପରେ ଏଥିରେ ପାନୀୟ ତିଆରି କରୁଛନ୍ତି। ଆମେ ବଜାରରେ ପିଉଥିବା କଫିଠାରୁ ଏହା କୌଣସିଗୁଣରେ ବିକମ୍ ନୁହେଁ। ସାଧାରଣତଃ କଫି ଯେମିତି ତିଆରି କରାଯାଏ ଏହାକୁ ମଧ୍ୟ ସେଭଳି କରାଯାଇପାରିବ। ଏହା ବ୍ୟତୀତ ଏହାକୁ ବିନା କ୍ଷୀର କିମ୍ବା ଚିନିରେ କେବଳ ଉଷୁମ ପାଣିରେ କରାଯାଇପାରୁଛି। ଲାଲୁ ୫ ପ୍ରକାର ଛତୁକୁ ଧୋଇ ଶୁଖାଇ ତାହାକୁ ସୌର ଚାଳିତ ମେଶିନରେ ପାଉଡର କରୁଛନ୍ତି। ଏସବୁ ଛତୁ ସେ ନିଜେ ଉତ୍ପାଦନ କରୁଛନ୍ତି ଓ କଫି ବାହାରୁ ଆଣୁଛନ୍ତି। ଏହା ମଧ୍ୟ ସ୍ୱାସ୍ଥ୍ୟବର୍ଦ୍ଧକ ବୋଲି କାଉନ୍‌ସିଲ ଫର୍ ଫୁଡ ଆଣ୍ଡ ରିସର୍ଚ୍ଚ ଡେଭଲପମେଣ୍ଟ (ସିଏଫ୍‌ଆର୍‌ଡି) ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି। ଏହି କଫି ମାର୍ଚ୍ଚ ୨୦୨୩ରୁ ଦେଶର ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ ବୋଲି କହନ୍ତି ଲାଲୁ।

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭ୍ରୂରୁର ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | 7 | | 6 | | |
| | | | | 9 | | | | |
| | 4 | | 3 | | | 9 | | 8 |
| | | | | 2 | | | 5 | 1 |
| 8 | 1 | | | | | | | |
| | | | | 3 | 1 | | | 6 |
| 4 | | 9 | 5 | | | | | 3 |
| 5 | 8 | | | | 6 | 2 | | |
| 2 | 7 | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 4 | 6 | 5 | 2 | 3 | 8 | 1 |
| 1 | 5 | 6 | 8 | 3 | 9 | 2 | 4 | 7 |
| 3 | 8 | 2 | 7 | 1 | 4 | 9 | 6 | 5 |
| 9 | 4 | 7 | 5 | 6 | 3 | 8 | 1 | 2 |
| 2 | 3 | 5 | 4 | 8 | 1 | 7 | 9 | 6 |
| 8 | 6 | 1 | 9 | 2 | 7 | 5 | 3 | 4 |
| 4 | 1 | 9 | 2 | 7 | 8 | 6 | 5 | 3 |
| 5 | 2 | 3 | 1 | 9 | 6 | 4 | 7 | 8 |
| 6 | 7 | 8 | 3 | 4 | 5 | 1 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ତାଲିକା ପ୍ରଦାନ ଏକ ପ୍ରହସନ

ମହାଶୟ, ଓଡ଼ିଶାର ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ତଥ୍ୟର ସତ୍ୟାସତ୍ୟ ଉପରେ ସନ୍ଦେହ ରହିଛି। ଏଥିରେ ଅନେକ ତଥ୍ୟ ଲୁଚା ଯାଇଥିବାର ଅଭିଯୋଗ ହେଉଛି। ଯେଉଁ ସମ୍ପତ୍ତି ତାଲିକା ଦିଆଯାଇଛି, ତା'ର ଯାଞ୍ଚ ପାଇଁ କୌଣସି ବ୍ୟବସ୍ଥା ନାହିଁ। ମନ୍ତ୍ରୀମାନେ କ୍ଷମତାକୁ ଆସିବା ପରେ କେତେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି, ତାହା ଜାଣିବାର କୌଣସି ବ୍ୟବସ୍ଥା ନାହିଁ। ସେମାନେ ଯେଉଁ ସମ୍ପତ୍ତି ଅର୍ଜନ କରିଛନ୍ତି, ତା'ର ଉତ୍ସ ସ୍ୱଚ୍ଛ କିମ୍ବା ଅସ୍ୱଚ୍ଛ ତାହା କେହି ଜାଣିପାରିବେ ନାହିଁ। ଏଣୁ ଏହି ବ୍ୟବସ୍ଥା ଏକ ପ୍ରହସନରେ ପରିଣତ ହୋଇଛି।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଡଟ୍ ଫେଷ୍ଟ: ସେବେ-ଓ-ଏବେ ଫଟୋ ପ୍ରଦର୍ଶନୀ, ଇଡ୍‌କୋ, ପୂର୍ବାହ୍ନ ୧୦ଟା। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୬ଟା।
- ବାଲାଜି ଇଲେକ୍ଟ୍ରୋନିକ୍ସ ଏବଂ ଫର୍ନିଚରର ଉଦ୍‌ଘାଟନ, ତ୍ରିଷ୍ଣା ଟୁଇନ୍ ଟାୱାର ବି, କିଟ୍ ପାଖ, ପୂର୍ବାହ୍ନ ୧୦ଟା।
- ୧୩ତମ ଜାତୀୟ ମତଦାତା ଦିବସ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଭୁବନେଶ୍ୱରର ଉଦ୍‌ଘାଟନୀ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ପାରମ୍ପରିକ ଜଣିକିଆ ନୃତ୍ୟ ମହୋତ୍ସବ 'ଏକମ୍', ଭଞ୍ଜକଳା ମଣ୍ଡପ, ଅପରାହ୍ନ ୪ଟା।
- ଡକୁମେଣ୍ଟାରି ଫିଲ୍ମ 'ସୁଭାଷ' ରିଲିଜ୍, ୟୁଥ୍ ଫର୍ ନେଶନ ବିଲ୍ଡିଂ, ଅପରାହ୍ନ ୪ଟା।
- ଜ୍ଞାନଯଜ୍ଞ ଶିବିର, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ଦୁର୍ଗାପୂଜା ପଡ଼ିଆ, ସନ୍ଧ୍ୟା ୬ଟା ୩୦।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସତ୍ୟଭାମାପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

# ଅକ୍ସିଜେନ୍ ନ ମିଳିବାରୁ ରୋଗୀ ମୃତ୍ୟୁ ଅଭିଯୋଗ

### ଏସ୍‌ସିବି ମେଡିକାଲ

କଟକ ଅଫିସ,୨୪।୧

ଏସ୍‌ସିବି ମେଡିକାଲରେ ଜଣେ ରୋଗୀଙ୍କୁ ଠିକ୍ ସମୟରେ ଅକ୍ସିଜେନ୍ ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ବାଲେଶ୍ୱର ଅଞ୍ଚଳର ଭାଗବତ ମହାନ୍ତି(୮୨)। ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ସମ୍ପର୍କୀୟମାନେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଭାଗବତ ଶ୍ୱାସରୋଗରେ ପୀଡ଼ିତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ସୋମବାର ରାତିରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କାଜୁଆଲ୍‌ଟିରେ ଡାକ୍ତର ତାଙ୍କୁ ଦେଖିବା ପରେ ମେଡିସିନ ୱାର୍ଡକୁ ପଠାଇଦେଇଥିଲେ। ସେଠାରେ ଭାଗବତ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ କାର୍ଯ୍ୟରତ ନର୍ସଙ୍କୁ ଅକ୍ସିଜେନ ଦେବା ପାଇଁ ଅନୁରୋଧ କରିଥିଲେ। ହେଲେ ନର୍ସ ଜଣକ ଅକ୍ସିଜେନ ନାହିଁ ବୋଲି କହିଥିଲେ। ଇତିମଧ୍ୟରେ ପ୍ରାୟ ୧ ଘଣ୍ଟା ବିତିଯାଇଥିଲେ ମଧ୍ୟ ମେଡିସିନ ୱାର୍ଡରେ ତାଙ୍କୁ ଅକ୍ସିଜେନ ମିଳି ନ ଥିଲା। ଫଳରେ ରୋଗୀଙ୍କ ମୃତ୍ୟୁ ଘଟିଥିଲା ବୋଲି ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଏଠାରେ ରୋଗୀଙ୍କ ପ୍ରତି ଘୋର ଅବହେଳା କରାଯାଉଥିବା ନେଇ ମୃତକଙ୍କ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, କାଜୁଆଲ୍‌ଟି ଓ ମେଡିସିନ ବିଭାଗ ମୁଖ୍ୟଙ୍କୁ ଏ ନେଇ ପଚରାଯାଇଛି। ଏଥିସହ ଏକ ସ୍ୱତନ୍ତ୍ର କମିଟି ଗଠନ ହୋଇ ଘଟଣାର ଅନୁଧ୍ୟାନ କରାଯାଉଛି। ରୋଗୀ ଚିକିତ୍ସାରେ ଅବହେଳା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଏସ୍‌ସିବି ମେଡିକାଲରେ ଅଭିଯୋଗ କରିବାକୁ ଆସିଥିବା ମୃତକଙ୍କ ସମ୍ପର୍କୀୟ।

# ଆରମ୍ଭ ହେଲା 'ୱନ୍ ୱିକ୍ ୱନ୍ ଲାବ୍' ଅଭିଯାନ

### ସିଏସ୍‌ଆଇଆର୍ ଡିଜିଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ପକ୍ଷରୁ ଏହାର ପରିସର ମଧ୍ୟରେ ବୈଷୟିକ ସଫଳତା ଏବଂ ନବସୃଜନ ପ୍ରଦର୍ଶନ ପାଇଁ ଏକ ବିସ୍ତାରିତ ଦେଶବ୍ୟାପୀ 'ୱନ୍‌ୱିକ୍‌ୱନ୍‌ଲାବ' ଅଭିଯାନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ଡ. ଏସ୍ ବାସୁ, ଓଡ଼ିଶା ଶିଳ୍ପ ବିଭାଗ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ସିଏସ୍‌ଆଇଆର୍ ଡାଇରେକ୍ଟର ଜେନେରାଲ ଡ. ଏନ୍. କାଲାଇସେଲ୍‌ଭି ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଭିସିଏମ୍ ଏବଂ ଆନ୍ଧ୍ରପ୍ରଦେଶର ଏପିଏମ୍‌ଡି ଏବଂ ଭିସିଏମ୍‌ଡି ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହୋଇଥିଲା।

ଏହି ଅବସରରେ ଡ. କାଲାଇସେଲ୍‌ଭି ସିଆର୍‌ଟିଡିଏଚ୍, ଡିଜାଇନ୍ ଏବଂ ପ୍ରୋଜେକ୍ଟ ଇଞ୍ଜିନିୟର ସ୍ଲରି ପାଇଲଟ୍ ପ୍ଲାଣ୍ଟ, ଉନ୍ନତ ସାମଗ୍ରୀ ପ୍ରଯୁକ୍ତି ବିଭାଗ, ବର୍ଜ୍ୟବସ୍ତୁ ଉପଯୋଗ ଏବଂ ହାଇଡ୍ରୋ ଓ ଇଲେକ୍ଟ୍ରୋମେଟାଲର୍ଜି ବିଭାଗ, ସି ବେଡ୍ ମିନେରାଲ୍ ପାଇଲଟ୍ ପ୍ଲାଣ୍ଟ ପରିଦର୍ଶନ କରି ଲାବରେ ଯାହା ସବୁ ଦେଖିଲେ ତାହା ତାଙ୍କ କଳ୍ପନା ବାହାରେ ବୋଲି କହିଥିଲେ। ସେଠାରେ କେବଳ ଖଣିଜ ପଦାର୍ଥ ଏବଂ ଧାତୁ ସମ୍ପର୍କିତ ବିଭାଗ ସମ୍ବନ୍ଧରେ ଦେଖିବାକୁ ମିଳିବ ବୋଲି ଭାବିଥିବାବେଳେ ଅନେକ ଔଷଧୀୟ ଜାତୀୟ ମୂଲ୍ୟବାନ ଜିନିଷ ରହିଛି। 'ୱନ୍ ୱିକ୍ ୱନ୍ ଲାବ'କ୍ୟାମ୍ପେନ୍ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ ଷ୍ଟାର୍ଟଅପ୍ ଉଦ୍ୟୋଗ ପାଇଁ ସୁଯୋଗ ପାଇଁ ସୃଷ୍ଟି କରିବାର ଏକ ଅଭିଯାନ ବୋଲି ସେ ମତ ଦେଇଥିଲେ। ଓଡ଼ିଶା ଶିଳ୍ପ ବିଭାଗ ମୁଖ୍ୟ ସଚିବ ଶର୍ମା ଯୋଗଦେଇ ଓଡ଼ିଶା ଖଣିଜ ପଦାର୍ଥର ପ୍ରମୁଖ ସ୍ଥାନ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ଖଣିଜ ପଦାର୍ଥ ସମ୍ପର୍କିତ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମତ ଦେଇଥିଲେ।



# ଆଜି ମହାପ୍ରଭୁଙ୍କ ପଦ୍ମବେଶ

ପୁରୀଅଫିସ,୨୪।୧

ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହମାନେ ପଦ୍ମବେଶରେ ଦର୍ଶନ ଦେବେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମାଘ ମାସ ଆମାବାସ୍ୟାଠାରୁ ଶୁକ୍ଳପକ୍ଷ ପଞ୍ଚମୀ ବା ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ମହାପ୍ରଭୁଙ୍କ ଏହି ବେଶ ଅନୁଷ୍ଠିତ ହୋଇଥାଏ। ତେଣୁ ଚଳିତବର୍ଷ ଜାନୁୟାରୀ ୨୬ ଗୁରୁବାର ଶ୍ରୀପଞ୍ଚମୀ ପଡୁଥିବାରୁ ବୁଧବାର ଶ୍ରୀବିଗ୍ରହଙ୍କ ଦୁର୍ଲ୍ଲଭ ପଦ୍ମବେଶ ଅନୁଷ୍ଠିତ ହେବ। ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ସିଂହାର ବେଶରେ ଶ୍ରୀବିଗ୍ରହଙ୍କ ଏହି ପଦ୍ମବେଶ ଅନୁଷ୍ଠିତ ହେବ। ବେଶ ସମ୍ପନ୍ନ ହେବା ପରେ ଶ୍ରୀବିଗ୍ରହଙ୍କୁ ଖିରି ଓ ଅମାଲୁ ଭୋଗ କରାଯିବ। ସୂଚନାଯୋଗ୍ୟ, ଶ୍ରୀବିଗ୍ରହମାନେ ପ୍ରତିଦିନ ବଡସିଂହାର ବେଶରେ ରାତ୍ର ପହୁଡ ଯାଇଥାନ୍ତି। ମାତ୍ର ବର୍ଷକରେ ଏହି ଗୋଟିଏ ଦିନ ଶ୍ରୀବିଗ୍ରହମାନେ ପଦ୍ମବେଶରେ ରାତ୍ର ପହୁଡ ଯାଇଥାନ୍ତି। ବେଶ ପରଦିନ ଅର୍ଥାତ ଗୁରୁବାର ମହାପ୍ରଭୁଙ୍କ ମଙ୍ଗଳଆଳତି ପର୍ଯ୍ୟନ୍ତ ଏହି ବେଶ ରହିଥାଏ। ପରେ ଅବକାଶ ନୀତି ପରେ ବେଶ ଓଲାଗି କରାଯାଏ।

# କୋର୍ଟରେ ହାଜର ହେଲେନି ଶ୍ରଦ୍ଧାଞ୍ଜଳି

### ବେଆଇନ ଅର୍ଥ କାରବାର ମାମଲା

■ ଜାମିନ ଆବେଦନ କଲେ ଖଗେଶ୍ୱର

ଭୁବନେଶ୍ୱର,୨୪।୧(ବ୍ୟୁରୋ): ବହୁଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ମୁଖ୍ୟ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରା ସମନ ସତ୍ତ୍ୱେ ମଙ୍ଗଳବାର କୋର୍ଟରେ ହାଜର ହୋଇନାହାନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ବେଆଇନ ଅର୍ଥ କାରବାର ମାମଲାରେ ଶ୍ରଦ୍ଧାଞ୍ଜଳି ୪ର୍ଥ ଅଭିଯୁକ୍ତ ଥିବାରୁ ଗିରଫ ହେବା ଭୟରେ ସେ କୋର୍ଟରେ ହାଜର ହୋଇ ନ ଥିବା ଚର୍ଚ୍ଚା ହେଉଛି। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ କୋର୍ଟଙ୍କୁ ସେ ଆଉ କିଛି ଦିନ ସମୟ ମାଗିଛନ୍ତି। ଅନ୍ୟପକ୍ଷରେ କୋର୍ଟରେ ଶ୍ରଦ୍ଧାଞ୍ଜଳିଙ୍କ ପାଇଁ ୨ଜଣ ଓକିଲ ପାୱାର ଫାଇଲ (ୱକଲତ୍‌ନାମା) କରିଛନ୍ତି। ଫଳରେ ଏହାକୁ ନେଇ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତାଙ୍କ ଓକିଲ କିଏ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିବାକୁ ଶ୍ରଦ୍ଧାଞ୍ଜଳିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ଫେବୃୟାରୀ ୭ରେ ଶ୍ରଦ୍ଧାଞ୍ଜଳି କୋର୍ଟରେ ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି। ଜେଲରେ ଥିବା ଅର୍ଚ୍ଚନା, ତାଙ୍କ ସ୍ୱାମୀ ଜଗବନ୍ଧୁ ଓ ଖଗେଶ୍ୱର ଭିଡିଓ କଲ୍ ଜରିଆରେ କୋର୍ଟରେ ହାଜର ହୋଇଥିବାବେଳେ ଶ୍ରଦ୍ଧାଞ୍ଜଳିଙ୍କ ସହ ସେମାନେ ମଧ ୭ତାରିଖରେ କୋର୍ଟଙ୍କ ନିକଟରେ ହାଜର ହେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଖଗେଶ୍ୱରଙ୍କ ପକ୍ଷରୁ କୋର୍ଟରେ ତାଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। ଏଥିସହ ଖଗେଶ୍ୱରଙ୍କ ସମ୍ପତ୍ତି ଜବତ ନେଇ କୋର୍ଟ କରିଥିବା ନୋଟିସ୍‌ର ଜବାବ ମଧ ରଖାଯାଇଛି। ଫେବୃୟାରୀ ୨ରେ ଖଗେଶ୍ୱରଙ୍କ ଜାମିନ ଆବେଦନର ଶୁଣାଣି ହେବାର ରହିଛି। ଇଡି ପକ୍ଷରୁ ଦୁର୍ବଳ ତଦନ୍ତ ହୋଇଥିବାରୁ ଖଗେଶ୍ୱରଙ୍କୁ ଜାମିନ ମିଳିଯାଇପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଇଡି ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଆଲିଶାନ୍ ଘରକୁ ଆଟାଚ୍ କରିଥିବାବେଳେ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି ପ୍ରକ୍ରିୟା ଜାରି ରଖିଛି।

# ପିପିଲିରେ ନେଦରଲାଣ୍ଡ୍ସ ହକି ଖେଳାଳିଙ୍କ ପରିବାର



ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ସହ ହକି ଖେଳାଳୀଙ୍କ ପରିବାର।

### ■ ଚାଲିଚଳଣି, ଓଡ଼ିଶୀ ନୃତ୍ୟ ଦେଖିଲେ
### ■ ଗ୍ରାମାଞ୍ଚଳ ପରିବେଶର ଅନୁଭୂତି ସାଉଁଟିଲେ

ପିପିଲି,୨୪।୧(ଡି.ଏନ୍.ଏ.)

ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଚାଲିଥିବାରୁ ବିଭିନ୍ନ ଦେଶ ବିଦେଶର ଖେଳାଳିଙ୍କ ସମେତ ସେମାନଙ୍କ ପରିବାର ଓ ହକିପ୍ରେମୀ ଆସି ଖେଳର ମଜା ନେଉଛନ୍ତି। ଏଥିସହ ବିଦେଶୀ ଖେଳାଳି ଓ ସେମାନଙ୍କ ପରିବାର ସଦସ୍ୟ ଆଖପାଖ ପର୍ଯ୍ୟଟନ ସ୍ଥଳ, ଅଞ୍ଚଳ ବୁଲି ନୂଆ ଅନୁଭୂତି ସାଉଁଟୁଛନ୍ତି। ଏହି ପରିପ୍ରେକ୍ଷୀରେ ନେଦରଲାଣ୍ଡ୍ସର ହକି ଖେଳାଳିଙ୍କ ପରିବାର ମଙ୍ଗଳବାର ରାଜଧାନୀ ଉପକଣ୍ଠ ପିପିଲି ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ। ୧୮ଜଣିଆ ସଦସ୍ୟ ପିପିଲିର ବୀରପୁରୁଷୋତ୍ତମପୁର ବ୍ରାହ୍ମଣ ସାହିକୁ ଆସି ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅତିବାହିତ କରିଛନ୍ତି।

ନେଦରଲାଣ୍ଡ୍ସର ଏକ ଏନ୍‌ଜିଓରେ କାମ କରୁଥିବା ବସନ୍ତ ବାରିକ ଏହି ୧୮ଜଣ ସଦସ୍ୟଙ୍କୁ ବୀରପୁରୁଷୋତ୍ତମପୁର ଗ୍ରାମକୁ ବୁଲାଇବାକୁ ଆଣିଥିଲେ। ଏହି ସଦସ୍ୟଙ୍କ ମଧ୍ୟରେ ନେଦରଲାଣ୍ଡ୍ସ ହକି ଟିମ୍‌ର କ୍ୟାପ୍‌ଟେନ ଓ ଭାଇସ୍ କ୍ୟାପ୍‌ଟେନଙ୍କ ପରିବାର ଲୋକେ ସାମିଲ ଥିଲେ। ପ୍ରଥମେ ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ଗ୍ରାମବାସୀ ସେମାନଙ୍କୁ ଦୂବ ଅରୁଆ ଚାଉଳ ଦେଇ ବନ୍ଦାପନା କରିଥିଲେ। ପରେ ଗ୍ରାମ ପରିଦର୍ଶନ ବେଳେ ନଡ଼ିଆ ଗଛରୁ ପଇଡ଼ ପିଇବାକୁ ଦେଇଥିଲେ ଗ୍ରାମବାସୀ। ଏଥିସହ ସଦସ୍ୟମାନେ ଗାଁ ଚାଲିଚଳଣି, ଓଡ଼ିଆ ପରମ୍ପରା ବିଷୟରେ ଜାଣିବା ସହ ଲୋକଙ୍କ ଜୀବିକା ବିଷୟରେ ପଚାରି ବୁଝିଥିଲେ। ଏପରିକି ପ୍ରସ୍ତୁତ କରାଯାଇଥିବା ରନ୍ଧାଖାଦ୍ୟକୁ ବିଦେଶୀମାନେ ନିଜ ହାତରେ ସମସ୍ତଙ୍କୁ ପରଷିଥିଲେ। ଏହାବ୍ୟତୀତ ସେମାନଙ୍କ ପାଇଁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହା ସେମାନଙ୍କୁ ବେଶ୍ ଆନନ୍ଦିତ କରିଥିଲା। ଅନ୍ୟପଟେ ନିକଟରେ ବିଦେଶୀ ଅତିଥିଙ୍କୁ ପାଖରେ ପାଇ ଗ୍ରାମବାସୀ ମଧ୍ୟ ଉତ୍ସାହିତ ଥିଲେ। ସେହିଭଳି ଗ୍ରାମାଞ୍ଚଳ ପରିବେଶ ବିଦେଶୀଙ୍କୁ ଆକୃଷ୍ଟ କରିଥିବା ବେଳେ ଏହି ଗ୍ରାମ ପାଇଁ କିଛି କରିବାକୁ ଆଗ୍ରହୀ ଥିବା ଦେଖିବାକୁ ମିଳିଥିଲା।

## ରିକ୍ସାରେ ବୁଲିଲେ, ସିଂହଦ୍ୱାରରୁ ଶ୍ରୀମନ୍ଦିର ଦେଖିଲେ



ପୁରୀ ଅଫିସ,୨୪।୧: ନେଦରଲାଣ୍ଡ୍ସ ଦଳର ହକି ଖେଳାଳିଙ୍କ ପରିବାର ପରେ ପୁରୀ ସହରକୁ ବୁଲିବାକୁ ଯାଇଥିଲେ। ୧୮ଜଣିଆ ସଦସ୍ୟ ପୁରୀରେ ପହଞ୍ଚିବା ପରେ ବଡ଼ଦାଣ୍ଡରେ ସ୍କୁଲ ପିଲାଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ରୀମନ୍ଦିର ବାହାରେ ସିଂହଦ୍ୱାରରୁ ଶ୍ରୀମନ୍ଦିରକୁ ଦର୍ଶନ କରିଥିଲେ। ପରେ ସଦସ୍ୟମାନେ ରିକ୍ସାରେ ବସି ବେଳାଭୂମି, ସ୍ୱର୍ଗଦ୍ୱାର, ବଡ଼ଦାଣ୍ଡ ଆଦି ବୁଲିଥିଲେ। ତେବେ ଓଡ଼ିଶାର କଳା ସଂସ୍କୃତି ଓ ପରମ୍ପରାକୁ ବେଶ୍ ଉପଭୋଗ କରିଥିଲେ। ଖେଳାଳିଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ପୁରୀରେ ବୁଲି ବହୁତ ଭଲ ଲାଗିଲା। ଏଠାର ଜାଗା ଓ ପରିବେଶ ମଧ୍ୟ ବହୁତ ଭଲ। ଓଡ଼ିଶାରେ ଆୟୋଜିତ ହେଉଥିବା ହକି ବିଶ୍ୱକପ୍‌କୁ ସେମାନେ ଭଲ ଭାବେ ଉପଭୋଗ କରିଥିବା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚାନ୍ଦିନୀ



@ ଅରୁଣ



@ ପୀତବାସ



@ ଅସ୍ମିତା



@ ତୃଷ୍ଣା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଦେବେନ୍ଦ୍ର ଶର୍ମା ମଙ୍ଗଳବାର ସନ୍ଧ୍ୟାରେ ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।



ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ୧୪୯ତମ ଶ୍ରାଦ୍ଧ ଦିବସରେ ମଙ୍ଗଳବାର କଳ୍ପନା ମ୍ୟୁଜିୟମ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ରାଜ୍ୟ ପାଇକ ଆଖଡ଼ା କାଉନସିଲ ପକ୍ଷରୁ ପାଇକ କ୍ରୀଡ଼ା ପ୍ରଦର୍ଶନ କରାଯାଉଛି।

# 'ନନ୍‌ଷ୍ଟପ୍ ଭୁବନେଶ୍ୱର' ଝୁମାଇଲା





ସୁଖୱିନ୍ଦର ସିଂ

ହକି ବିଶ୍ୱକପ୍ ପାଇଁ ଆୟୋଜିତ ଉତ୍‌ଫେଷ୍ଟର ଭୁବନେଶ୍ୱର ଲାଇଭ୍ କାର୍ଯ୍ୟକ୍ରମ ମଙ୍ଗଳବାର ଶେଷ ହୋଇଛି। ଶେଷସନ୍ଧ୍ୟାରେ ଦର୍ଶକଙ୍କ ସଂଖ୍ୟା ଅଧିକ ରହିଥିଲା। ଭିଡ଼କୁ ଦେଖି ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଥିଲା। ସନ୍ଧ୍ୟାରେ ବଲିଉଡ୍‌ର ସୁପରିଚିତ କଣ୍ଠଶିଳ୍ପୀ ସୁଖୱିନ୍ଦର ସିଂ, ଅରୁଣିତା କାଞ୍ଜିଲାଲ୍ ଓ ପୱନଦୀପ୍ ରାଜନ୍‌ଙ୍କ ସଙ୍ଗୀତ ଏବଂ ବଲିଉଡ ଡ୍ୟାନ୍ସର ସଲମାନ୍ ୟୁସୁଫ୍ ଖାନ୍‌ଙ୍କ ନୃତ୍ୟ ଦର୍ଶକଙ୍କୁ ଝୁମାଇଥିଲା। 'ନନ୍‌ଷ୍ଟପ୍ ଭୁବନେଶ୍ୱର' ଥିମ୍ ସହ ଶେଷ ସନ୍ଧ୍ୟା ସମାପ୍ତ ହୋଇଥିଲା।

**– ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ**

## ସରିଲା ଭୁବନେଶ୍ୱର ଲାଇଭ୍

## ମୁଖ୍ୟ ଆକର୍ଷଣ ସୁଖୱିନ୍ଦର

ନନ୍‌ଷ୍ଟପ୍ ଭୁବନେଶ୍ୱର ଲାଇଭ୍‌ରେ କଣ୍ଠଶିଳ୍ପୀ ସୁଖୱିନ୍ଦରଙ୍କ ଧମାକାଦାର୍ ସଙ୍ଗୀତ ପରିବେଷଣ ରାଜଧାନୀବାସୀଙ୍କ ମଧ୍ୟରେ ଜୋସ୍ ଭରିଥିଲା। ସୁଖବିନ୍ଦର୍‌ଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ମେଁ ରମ୍‌ତା ଯୋଗୀ..., ଚଲ୍ ଛେୟାଁ ଛେୟାଁ..., ହୋଲେ ହୋଲେ ସେ..., ଆଜା ଆଜା ଦିଲ୍ ବି ଛୋଡ଼େ..., ଆଦି ସଙ୍ଗୀତ ଗାଇ ସେ ଧୁମ୍ ମଚାଇଥିଲେ। ସୁଖୱିନ୍ଦର୍‌ଙ୍କ ଜୟ ହୋ...ସଙ୍ଗୀତର ତାଳେ ତାଳେ ଗୁଞ୍ଜରିତ ହୋଇଥିଲା ଅଞ୍ଚଳ। ଏହାରି ଭିତରେ ତାଙ୍କର ଭୁବନେଶ୍ୱର ଜୟ ହୋ... ଓଡ଼ିଶା ଜୟ ହୋ.... ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ରୋମାଣ୍ଟିକ୍ ଗୀତ ହୋଲେ ହୋଲେ ହୋ ଯାଏଗା ପ୍ୟାର୍ ଗାଇ ସେ ପ୍ରେମ ବର୍ଷାଇଥିଲେ। ଏହାପରେ କୁଛ୍ କରିୟେ....ଚକ୍‌ଦେ ଇଣ୍ଡିଆ.....ବିଡ଼ି ଜୋ ଲୟି ଲେ.... କର୍ ହର୍ ମୈଦାନ୍ ଫତେ... ଆଦି ସଙ୍ଗୀତ ପରିବେଷଣ କରି ମଞ୍ଚ ଦୁଲୁକାଇଥିଲେ। ତାଙ୍କ ସହ ମାଧୁରୀ ଶ୍ରୀବାସ୍ତବ ସଙ୍ଗୀତ ପରିବେଷଣ କରିଥିଲେ।



ଅରୁଣିତା କାଞ୍ଜିଲାଲ୍



ପୱନଦୀପ୍ ରାଜନ୍



## ତୁ ମୋରି ଦୁନିଆ ଗୀତରେ ୟୁସୁଫ୍‌ଙ୍କ ନୃତ୍ୟ

ଆରମ୍ଭରୁ ଧୁମ୍ ମଚାଇଥିଲେ ଡ୍ୟାନ୍ସର୍ ସଲ୍‌ମାନ ୟୁସୁଫ୍ ଖାନ୍। ଓଡ଼ିଆ ଗୀତ ତୁ ଥରେ ବୁଝି ଯା ପ୍ରିୟା... ତୁ ମୋରି ଦୁନିଆ... ଗୀତରେ ନୃତ୍ୟ ପରିବେଷଣ କରି ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରିଥିଲେ। ଏହାସହିତ ତୁ ମୁଝକୋ... ତେରି ମେରି ବାତେଁ.... ଆଦି ସଙ୍ଗୀତରେ ସେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେ କହିଥିଲେ, ଭୁବନେଶ୍ୱରର ଖାଇବା ଏଥର ଖାଇକି ଯିବି। ଏଭଳି ଦର୍ଶକ ମୁଁ କେବେ ପାଇନି। ମୁଁ ଏଠାକୁ ଆସି ବହୁତ ଖୁସି।

## ରମାକାନ୍ତଙ୍କ ହାତରେ ସୁଖୱିନ୍ଦରଙ୍କ ପୋଟ୍ରେଟ୍

ରାୟଗଡ଼ାରୁ ଆସିଥିବା ୨୩ ବର୍ଷୀୟ ଯୁବକ ରମାକାନ୍ତ ନାୟକଙ୍କ ହାତରେ ଥିଲା ସୁଖୱିନ୍ଦର ସିଂଙ୍କ ଏକ ପୋଟ୍ରେଟ୍। ସେ ସୁଖୱିନ୍ଦରଙ୍କର ବହୁତ ବଡ଼ ଫ୍ୟାନ୍। ନିଜେ ଆଙ୍କିଥିବା ଛବିକୁ ଭେଟିଦେବା ପାଇଁ ସେ ଏହାକୁ ଧରି ତାଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ। ଏପରିକି ଦର୍ଶକଙ୍କ ମଝିରେ ରହି ସେ ପୋଟ୍ରେଟ୍ ଉଠାଇ ଦେଖାଇଥିଲେ।



## ପ୍ରେମର ଉଷ୍ମତା ଭରିଲା ଅରୁଣିତା ଓ ପୱନ୍‌ଦୀପଙ୍କ ରୋମାଣ୍ଟିକ୍ ଗୀତ

ଅଗର୍ ତୁମ୍ ମିଲ୍ ଯାଓ..., ତୁହିରେ ତୁହିରେ..., ଲଗ୍ ଯା ଗଲେ...., ତୁମେ ଦିଲ୍ ଭି ଦେଙ୍ଗେ...ଆଦି ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ହୃଦୟ ଛୁଇଁଥିଲେ ଅରୁଣିତା। ତାଙ୍କର ପ୍ରତ୍ୟେକଟି ଗୀତ ବେଶ୍ ହୃଦୟସ୍ପର୍ଶୀ ଥିଲା। ସେହିପରି କେସେ ହୁଆ.. ସଙ୍ଗୀତ ଗାଇ ମଞ୍ଚକୁ ଆସିଥିଲେ ପୱନଦୀପ୍। ଲେ ଯାଏ ଯାନେ କାହାଁ.... ଆଶିୟାନା...ତେରେ ମିଟି ମେଁ ମିଲ୍ ଜାୱା.... ଆଦି ବଲିଉଡ଼ ସଙ୍ଗୀତ ପରିବେଷଣ କରିଲେ। ପୱନ୍‌ଦୀପଙ୍କ ସଙ୍ଗୀତ ଦର୍ଶକଙ୍କୁ ବେଶି ଛୁଇଁଥିଲା। ଏହି ଦୁଇ କଣ୍ଠଶିଳ୍ପୀଙ୍କ ରୋମାଣ୍ଟିକ ଗୀତ ଦର୍ଶକଙ୍କ ମନରେ ପ୍ରେମର ଉଷ୍ମତା ଭରିଥିଲା।

## ଶୈଳବାଳା କଲେଜକୁ କାରଣ ଦର୍ଶାଅ ନୋଟିସ୍

**ଇ-ନାମଲେଖା ନିୟମର ଉଲ୍ଲଂଘନ**

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଇ-ନାମଲେଖା ନିୟମକୁ ମାନୁନାହାନ୍ତି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ। ଏଥିଲାଗି ପୁଣି ଏକ କଲେଜକୁ ରାଜ୍ୟ ସରକାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଇ-ନାମଲେଖାର ନିର୍ଦ୍ଦେଶାବଳୀକୁ ପାଳନ ନ କରି ପିଲାଙ୍କ ନାମ ଲେଖାଇଥିବାରୁ କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ରଜତ କୁମାର ମାନସିଂହ ମଙ୍ଗଳବାର ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ଉଲ୍ଲେଖ ରହିଛି, ୨ ଜଣ ପିଲାଙ୍କ ନାମ ଅପ୍‌ଡେଟ୍ କରିବା ପାଇଁ ତୁମ କଲେଜ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରାଯାଇଥିଲା। ଏହାପରେ ଇ-ନାମଲେଖା ନିୟମର ଉଲ୍ଲଂଘନ ହୋଇଥିବା ଜଣାପଡ଼ିଥିଲା। ତେଣୁ ନାମଲେଖା ଟିମ୍ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ କରାଯାଇଛି ଓ ସେମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତା'ର ଜବାବ ଆସନ୍ତା ୩୧ତାରିଖ ସୁଦ୍ଧା ଦେବାକୁ କୁହାଯାଇଛି।

## ମହାପ୍ରଭୁଙ୍କୁ ଦର୍ଶନକଲେ ଅନନ୍ତ ଅମ୍ବାନୀ

ପୁରୀ ଅଫିସ,୨୪।୧

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଓ ନୀତା ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ ମଙ୍ଗଳବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିସରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅନନ୍ତ ଅମ୍ବାନୀ ପ୍ରାୟ ଅପରାହ୍ନ ୩ଟା ୪୫ ମିନିଟ୍‌ରେ କାର୍ ଯୋଗେ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ତେବେ ଅନନ୍ତ ଶ୍ରୀମନ୍ଦିର ପରିସରକୁ ଯିବା ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭକୁ ପ୍ରଣାମ କରିବା ସହ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ଦର୍ଶନ କରି ବାଇଶ ପାହାଚ ଦେଇ ଶ୍ରୀମନ୍ଦିର ପରିସରକୁ ପ୍ରବେଶ କରିଥିଲେ। ଭିତର କାଠ ନିକଟରେ ରତ୍ନସିଂହାସଦ ରଢ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ପରେ ମୁକ୍ତିମଣ୍ଡପ ନିକଟକୁ ଯାଇ



ସେଠାରେ ଆଶୀର୍ବାଦ ନେବା ସହ ଆଦି ନୃସିଂହ, ମା' ବିମଳା, ମା' ମହାଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଥିବା କାନପତା ହନୁମାନଙ୍କ ଦର୍ଶନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରିଥିଲେ। ଏହି ଅବସରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଓ ସେବାୟତମାନଙ୍କୁ କିଛି ଅର୍ଥଦାନ କରିଥିଲେ। ପରେ ବାଇଶ ପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ତେବେ ବାଇଶ ପାହାଚ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ, ମାହାର୍ଦ୍ଦ, ଶ୍ରୀମନ୍ଦିର କ୍ୟାଲେଣ୍ଡର ସହ ମହାପ୍ରଭୁଙ୍କ ରଥଯାତ୍ରା କାଠ, ଦଉଡି, ଆଦି ସ୍ମୃତି ପ୍ରଦାନ କରାଯାଇଥିଲା। ତେବେ ମହାପ୍ରଭୁଙ୍କ ଦର୍ଶନ କରି ଅନନ୍ତ ଭାବବିହ୍ୱଳ ହେବା ସହ ଜୟ ଜଗନ୍ନାଥ କହିଥିଲେ। ମହାପ୍ରଭୁଙ୍କ କୃପା ରହୁ ବୋଲି ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ବିଶିଷ୍ଟ ଶିଳ୍ପପତି ବିରେନ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକା ମର୍ଚ୍ଚାଣ୍ଟଙ୍କ ସହିତ ତାଙ୍କର ନିର୍ବନ୍ଧ ହୋଇଛି। ତେବେ ବିବାହ ପୂର୍ବରୁ ବିଭିନ୍ନ ପୀଠ ଯାଇ ଠାକୁର ଓ ଠାକୁରାଣୀଙ୍କ ଦର୍ଶନ କରୁଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ପୂର୍ବରୁ ଅନନ୍ତ ଗୁଆହାଟୀର କାମାକ୍ଷା ପୀଠ ଯାଇ ଦର୍ଶନ କରିଥିବା ଜଣାପଡିଛି।

## ସମୁଦ୍ରରେ ସ୍ନାନବେଳେ ବୁଡ଼ିଯିବା ଘଟଣା, ୨ ସାଙ୍ଗ ମୃତ

ଅସ୍ତରଙ୍ଗ,୨୪।୧(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପୀର ଜାହାନିଆ ବେଳାଭୂମିରେ ସୋମବାର ୨ଜଣ ସାଙ୍ଗ ସମୁଦ୍ରରେ ସ୍ନାନବେଳେ ବୁଡ଼ିଯିବା ଘଟଣାରେ ବିଳମ୍ବିତ ରାତିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କ ମୃତଦେହ ମଙ୍ଗଳବାର ଜବତ କରାଯାଇଛି। ମୃତକ ଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲା ଅଣସୁଦା ପଞ୍ଚାୟତ ଅନ୍ତର୍ଗତ ପଣସପଦା ପିତେଇପୁର ଗ୍ରାମର ଏସ୍.କେ. ଅଜମଦ ଅଲ୍ଲୀ ଓ ସାକିର ଖାନ। ଏ ନେଇ ଅସ୍ତରଙ୍ଗ ଥାନାରେ ଦୁଇଟି ମାମଲା (ନଂ.୧,୨/୨୩) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୋମବାର ଅଜମଦ, ସାକିରଙ୍କ ସମେତ ୩ଜଣ ସାଙ୍ଗ ଅସ୍ତରଙ୍ଗ ଜାହାନିଆ ପୀଠକୁ ବୁଲିବାକୁ ଆସିଥିଲେ। ଅପରାହ୍ନରେ ଅଜମଦ ଓ ସାକିର ନିକଟସ୍ଥ ସମୁଦ୍ରକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଦୁହେଁ ହଠାତ୍ ସମୁଦ୍ରର ଗଭୀରକୁ ଚାଲିଯାଇଥିଲେ। ଏ ନେଇ ଅନ୍ୟଜଣେ ସାଙ୍ଗ ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀଙ୍କୁ ଜଣାଇଥିଲେ। ଖବରପାଇ ଅସ୍ତରଙ୍ଗ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଯୁବକଙ୍କ ମିଳିତ ଉଦ୍ୟମରେ ସନ୍ଧ୍ୟାରେ ଅଜମଦଙ୍କୁ ଉଦ୍ଧାର କରିଥିବା ବେଳେ ସାକିରଙ୍କୁ ବହୁ ଖୋଜିବା ସତ୍ତ୍ୱେ ପାଇ ନ ଥିଲେ। ଅନ୍ୟପଟେ ଅଜମଦଙ୍କୁ ପ୍ରଥମେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅସ୍ତରଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଅପରପକ୍ଷେ ଅଗ୍ନିଶମ କର୍ମଚାରୀମାନେ ମଙ୍ଗଳବାର ସକାଳୁ ଯାଇ ପୁଣି ବେଳାଭୂମିର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବାବେଳେ ଜାହାନିଆ ବେଳାଭୂମିର ସାଇବାବାଙ୍କ ମନ୍ଦିରସ୍ଥିତ ଆଇଁସିଣିଆ ତଣ୍ଡାର ସମୁଦ୍ର କୂଳରେ ସାକିରଙ୍କ ମୃତଦେହ ଲାଗିଥିବା ଦେଖିଥିଲେ। ଅଗ୍ନିଶମ କର୍ମଚାରୀମାନେ ତାଙ୍କ ମୃତଦେହ ଜବତ କରି ଅସ୍ତରଙ୍ଗ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ମୃତଦେହକୁ ଜବତ କରିବା ସହିତ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

**ଆମାଜନ୍ ଏୟାରର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟିକ ସଂସ୍ଥା ତଥା ଇ-କର୍ମସ ଲିଡର ଆମାଜନ ପକ୍ଷରୁ ଏକ ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଭାରତ ୟୁନିଟ୍ 'ଆମାଜନ ଇଣ୍ଡିଆ' ତା'ର ପରିବହନ ନେଟ୍‌ୱର୍କକୁ ଅଧିକ ଉନ୍ନତ କରିବା ଏବଂ ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଶୀଘ୍ର ଡେଲିଭରିକୁ ସକ୍ଷମ କରିବା ଲାଗି ଭାରତରେ ଆମାଜନ ଏୟାରର ଶୁଭାରମ୍ଭ କରାଇଛି। ବିଶେଷକରି ଆମାଜନ ଏକ ବୋଇଂ ୭୩୭-୮୦୦ ଏୟାରକ୍ରାଫ୍ଟର ସମଗ୍ର କାର୍ଗୋ କ୍ଷମତାର ବ୍ୟବହାର କରିବ। ଯାହାକୁ କ୍ୱିକ୍‌ଜେଟ୍ କାର୍ଗୋ ଏୟାରଲାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା କରିବ ବୋଲି ଆମାଜନ ଇଣ୍ଡିଆ ପକ୍ଷରୁ କୁହାଯାଇଛି।

# ବଢୁଛି ଫାସ୍‌ଟାଗ୍ ଟୋଲ୍ ଟିକସ ସଂଗ୍ରହ

ନୂଆଦିଲ୍ଲୀ,୨୪।୧



- ପୂର୍ବ ବର୍ଷରେ ଇଲେକ୍ଟ୍ରୋନିକ୍ ଟୋଲ୍ ସଂଗ୍ରହ ୩୪,୭୭୮ କୋଟି ଟଙ୍କା ଥିଲା
- ଜାତୀୟ ତଥା ରାଜ୍ୟ ରାଜପଥରେ ୪୨୦୦ କୋଟି ଟଙ୍କା ମାସିକ ଟୋଲ୍ ସଂଗ୍ରହ
- ବର୍ଷକ ମଧ୍ୟରେ ଟିକସ ସଂଗ୍ରହ ୪୬% ବଢ଼ିଛି

ଭାରତୀୟ ସଡ଼କ ପଥରେ ପ୍ରତିଦିନ ଲକ୍ଷାଧିକ ଗାଡ଼ି ଚଳପ୍ରଚଳ କରୁଥିବା ବେଳେ ସଡ଼କ ପଥରେ ଆଦାୟ ହେଉଥିବା ଟିକସ ପରିମାଣ କିନ୍ତୁ ସେହି ଅନୁସାରେ ଆଦାୟ ହେଉ ନ ଥିଲା। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣକରି କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ଫାସ୍‌ଟାଗ୍ ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲେ। ଏପରିକି ସାରା ଦେଶରେ ଟେକ୍ନୋଲୋଜି ଜରିଆରେ ସଡ଼କ ପଥର ଟିକସ ଆଦାୟ କରାଗଲା। ବିଶେଷକରି ଫାସ୍‌ଟାଗ୍ ମାଧ୍ୟମରେ ଜାତୀୟ ତଥା ରାଜ୍ୟ ରାଜପଥରେ ଟୋଲ୍ ସଂଗ୍ରହକୁ କଡ଼ାକଡ଼ି କରାଗଲା। ଅପରପକ୍ଷରେ ଫାସ୍‌ଟାଗ୍‌ର ବ୍ୟବହାର ବୃଦ୍ଧି ସାଙ୍ଗକୁ ଟିକସ ସଂଗ୍ରହରେ ମଧ୍ୟ ବୃଦ୍ଧି ଘଟିଲା। ଏପରିକି ୨୦୨୨ରେ ଫାସ୍‌ଟାଗ୍ ଜରିଆରେ ପ୍ରାୟ ୫୧,୦୦୦ (୫୦,୮୫୫) କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିବା ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ କୁହାଯାଇଛି। ଏପରିକି ୨୦୨୧ ବର୍ଷର ଟିକସ ସଂଗ୍ରହଠାରୁ ୨୦୨୨ର ଟିକସ ସଂଗ୍ରହ ଯଥେଷ୍ଟ ଅଧିକ ଓ ସର୍ବାଧିକ ବୋଲି ଜଣାପଡ଼ିଛି। ଏପରିକି ୨୦୨୧ଠାରୁ ୨୦୨୨ରେ ଟିକସ ସଂଗ୍ରହ ପ୍ରାୟ ୪୬% ଅଧିକ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଉଛି। ସେହିପରି ଏନ୍‌ଏଚ୍‌ଏଆଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ପୂର୍ବ ବର୍ଷରେ ଇଲେକ୍ଟ୍ରୋନିକ୍ ଟୋଲ୍ ସଂଗ୍ରହ ୩୪,୭୭୮ କୋଟି ଟଙ୍କା ରହିଥିଲା। ଏପରିକି ଫାସ୍‌ଟାଗ୍ କାରବାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୨୧ରେ ତୁଳନାରେ ୨୦୨୨ରେ ଏହା ୪୮% ବୃଦ୍ଧି ହୋଇଥିବା ବେଳେ ୨୦୨୧ ଏବଂ ୨୦୨୨ରେ ଫାସ୍‌ଟାଗ୍ କାରବାର ସଂଖ୍ୟା ଯଥାକ୍ରମେ ୨୧୯ କୋଟି ଏବଂ ୩୨୪ କୋଟି ରହିଥିଲା ବୋଲି ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ(ମର୍ଥ) ପକ୍ଷରୁ କୁହାଯାଇଛି। ସେହିପରି ୨୦୨୨ରେ ସଂଗ୍ରହ ହୋଇଥିବା ରାଜସ୍ୱଗୁଡ଼ିକ ହାରାହାରି ପ୍ରାୟ ୪,୨୦୦ କୋଟି ଟଙ୍କା ଥିଲା। ୨୦୨୨ ମାର୍ଚ୍ଚରେ ମାସିକ ସଂଗ୍ରହ ପ୍ରଥମ ଥର ପାଇଁ ୪,୦୦୦ କୋଟି ଟଙ୍କା ଅତିକ୍ରମ କରିଥିଲା। ମର୍ଥର ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୬.୪ କୋଟି ଫାସ୍‌ଟାଗ୍ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ଏପରିକି ସମଗ୍ର ଭାରତରେ ଫାସ୍‌ଟାଗ୍ ସକ୍ଷମ ଫି ପ୍ଲାଜାର ସଂଖ୍ୟା ୨୦୨୨ରେ ୧,୧୮୧କୁ ବୃଦ୍ଧି ପାଇଛି।

## ଆକ୍ସିସ୍ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୪।୧

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସମୟ ମଧ୍ୟରେ ବ୍ୟାଙ୍କ ଟିକସ ପରବର୍ତ୍ତୀ ଲାଭ ବାର୍ଷିକ ଭିତ୍ତିରେ ୬୨% ବୃଦ୍ଧି ପାଇ ୫,୮୫୩ କୋଟି ଟଙ୍କାରେ ପହଞ୍ଚିଛି। ଏହା ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୩,୬୧୪ କୋଟି ଟଙ୍କା ଥିଲା। ବିଶେଷକରି ବ୍ୟାଙ୍କର ନେଟ୍ ସୁଧ ଆୟ (ଏନ୍‌ଆଇଆଇ) ବାର୍ଷିକ ଭିତ୍ତିରେ ୩୨% ଏବଂ ତ୍ରୈମାସିକ ଭିତ୍ତିରେ ୧% ବୃଦ୍ଧି ପାଇ ୩ୟ ତ୍ରୈମାସିକ ଶେଷସୁଦ୍ଧା ୧୧,୪୫୯ କୋଟି ଟଙ୍କା ହୋଇଛି, ଯାହା ୨୦୨୧-୨୨ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ମଧ୍ୟରେ ୮,୬୫୩ କୋଟି ଟଙ୍କା ଥିଲା। ସେହିଭଳି ବାର୍ଷିକ ଭିତ୍ତିରେ ଏଥିରେ ୦.୭୩% ଓ ତ୍ରୈମାସିକ ଭିତ୍ତିରେ ୦.୩୦% ବୃଦ୍ଧି ଘଟିଛି। ସେହିଭଳି କାସାରେ ବାର୍ଷିକ ୧୦% ଏବଂ ତ୍ରୈମାସିକ ଭିତ୍ତିରେ ୪% ବୃଦ୍ଧି ହୋଇଥିବା ବେଳେ କାସା ଅନୁପାତ ୪୪% ରେ ରହିଛି।

## ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୪।୧



ସୋନିର ନୂତନ ଉତ୍ପାଦ 'ଅଲଟ୍ରା-ୱାଇଡ୍ ଏଫ୍‌ଇ ୨୦-୭୦ଏମ୍‌ଏମ୍ ଏଫ୍୪ ଜି'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ଏଫ୍‌ଇ ୨୦-୭୦ଏମ୍‌ଏମ୍ ଏଫ୍୪ ଜି ଲେନ୍ସର ଷ୍ଟାଣ୍ଡାର୍ଡ ଜୁମ୍ ବର୍ଗକୁ ପୁନଃ ପରିଭାଷିତ ହୋଇଛି। ଏହି ଲେନ୍ସରେ ୨୦ଏମ୍‌ଏମ୍‌ରୁ ୭୦ଏମ୍‌ଏମ୍ ପର୍ଯ୍ୟନ୍ତ ଅଲଟ୍ରା ୱାଇଡ୍ ଜୁମ୍ ରେଞ୍ଜ ରହିଛି, ଯାହା ନୂଆ ଯୁଗର କଣ୍ଟେଣ୍ଟ କ୍ରିଏଟର୍ସଙ୍କୁ ଏକ୍ସଟ୍ରିମ୍ ଭର୍ସେଟିଲିଟି, ଅତ୍ୟାଧୁନିକ ଇମେଜ୍ ଏବଂ ଉଚ୍ଚସ୍ତରୀୟ ଅପରେବିଲିଟି ପ୍ରଦାନ କରିବ। ଏପରିକି ସୋନିର ଏଫ୍‌ଇ ୨୦-୭୦ଏମ୍‌ଏମ୍ ଏଫ୍୪ ଜି ଆମାଜନ୍ ଡଟ୍ ଇନ୍ ଏବଂ ସମଗ୍ର ଭାରତରେ ସମସ୍ତ ସୋନି ସେଣ୍ଟର, ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ସପ୍‌ଆଟ୍‌ଏସ୍‌ସି.କମ୍ ଏବଂ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଷ୍ଟୋରରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ, ଯାହାର ମୂଲ୍ୟ ୧,୨୪,୯୯୦ ଟଙ୍କା ରହିଛି। ବିଶେଷ କରି ଏହା ପ୍ରବର୍ତ୍ତନ ସହ ଲେନ୍ସର ଷ୍ଟାଣ୍ଡାର୍ଡ ଜୁମ୍ ବର୍ଗକୁ ପୁନଃ ବ୍ୟାଖ୍ୟା କରୁଛି, ଯାହା ଏକ ଉଲ୍ଲେଖନୀୟ କମ୍ପାକ୍ଟରେ ଅଲଟ୍ରା-ୱାଇଡ୍ ୨୦-୭୦ ଏମ୍‌ଏମ୍ ଜୁମ୍ ରେଞ୍ଜକୁ ନେଇ ଗର୍ବ କରେ ଏବଂ ହାଲ୍‌କା ପୂର୍ଣ୍ଣ ଫ୍ରେମ୍ ଲେନ୍ସ ସହ ଏକ ନିରନ୍ତର ଏଫ୍୪ ଅପରେଟର ସହିତ ସମଗ୍ର ଜୁମ୍ ରେଞ୍ଜର ରହିଛି, ପ୍ରଭାବଶାଳୀ ଜି ଲେନ୍ସ ପ୍ରତିଛବି ଗୁଣବତ୍ତା, ଉଚ୍ଚ ବେଗ ସଠିକତା ଏବଂ ଟ୍ରାକିଂ ଏଏଫ୍ ଏବଂ ସର୍ବାଧିକ ଗତିଶୀଳତା ଏବଂ ଅପରେବିଲିଟି ପାଇଁ ଏକ ସ୍ମାର୍ଟ ଡିଜାଇନ ସହ ଏହି ନୂତନ ଲେନ୍ସ ବିଭିନ୍ନ ପ୍ରକାର ସୃଷ୍ଟିକର୍ତ୍ତାଙ୍କ ପାଇଁ ଡିଜାଇନ କରାଯାଇଛି।

## ଓଡ଼ିଶାର ୧୦ ସହରରେ ଜିଓ ଟ୍ରୁ ୫ଜି ସେବା

ନୂଆଦିଲ୍ଲୀ,୨୪।୧



ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ମଙ୍ଗଳବାର ଓଡ଼ିଶାର ଆଉ ୬ ଟି ସହରରେ ଜିଓ ଟ୍ରୁ ୫ଜି ସେବାର ଶୁଭାରମ୍ଭ କରିଥିବା ଜଣାପଡ଼ିଛି। ଏପରିକି ରାଜ୍ୟର ମୋଟ ୧୦ଟି ସହରରେ ଏହି ସେବା ଉପଲବ୍ଧ ହେଉଛି। ବିଶେଷକରି ଜିଓ ଟ୍ରୁ ୫ଜି ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ ଏବଂ ସମ୍ବଲପୁର ଭଳି ସହରରେ ଆରମ୍ଭ ହୋଇଛି। ପୂର୍ବରୁ ଜିଓ ଟ୍ରୁ ୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବ୍ରହ୍ମପୁର ସହରରେ ପ୍ରଚଳନ କରାଯାଇସାରିଛି। ସେହିଭଳି ଦେଶର ୫୦ଟି ସହରରେ ସର୍ବବୃହତ୍ ଟ୍ରୁ ୫ଜି ସେବା ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଦେଶର ମୋଟ ୧୮୪ ସହରରେ ଜିଓ ବ୍ୟବହାରକାରୀ ସମ୍ପ୍ରତି ଜିଓ ଟ୍ରୁ ୫ଜି ସେବା ଉପଭୋଗ କରୁଛନ୍ତି। ଏଥିମଧ୍ୟରୁ ଅଧିକାଂଶ ସହରରେ ରିଲାଏନ୍ସ ଜିଓ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ୫ଜି ସେବା ପ୍ରଚଳନ କରିଛି। ଏ ସମ୍ପର୍କରେ ଜିଓର ମୁଖପାତ୍ର କହିଛନ୍ତି, ଦେଶର ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୫୦ଟି ସହରରେ ଜିଓ ଟ୍ରୁ ୫ଜି ସେବା ପ୍ରଚଳନ କରିବା ନେଇ ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ ଏବଂ ଏଥିସହିତ ଦେଶର ମୋଟ ୧୮୪ ସହରରେ ଜିଓ ଟ୍ରୁ ୫ଜି ସେବା ଉପଲବ୍ଧ ହେଉଛି। ଏହା ଏପର୍ଯ୍ୟନ୍ତ କେବଳ ଭାରତ ନୁହେଁ, ପୃଥିବୀର ଯେକୌଣସି ସ୍ଥାନରେ ଅନ୍ୟତମ ସର୍ବବୃହତ୍ ୫ଜି ସେବା ପ୍ରଚଳନ ହୋଇଛି।

## ଟାଟା ମୋଟର୍ସର ୨ଏସ୍ ଫ୍ୟାସିଲିଟି ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୧



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ଆଉ ଏକ ୨ଏସ୍ ଫ୍ୟାସିଲିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ପ୍ରାଧିକୃତ ଡିଲର ଅଷ୍ଟଭିନାୟକ ମୋଟର୍ସ ଆନୁକୂଲ୍ୟରେ ସ୍ଥାନୀୟ ଗୋହରିଆଠାରେ ଉକ୍ତ ୨ଏସ୍ (ସ୍ପେୟାର ଏବଂ ସର୍ଭିସ୍) ଫ୍ୟାସିଲିଟି ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଟାଟା ମୋଟର୍ସ ଲିମିଟେଡ୍ (ସେଲ୍‌ସ ଓ ମାର୍କେଟିଂ) ର ଉପାଧ୍ୟକ୍ଷ ରାଜେଶ କଲ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ମୋଟର୍ସ ଲିମିଟେଡ୍‌ର ଆଞ୍ଚଳିକ ପରିଚାଳକ-ଇଷ୍ଟ ରଣଭୀର କନ୍‌ୱର୍ ଏବଂ ଟାଟା ମୋଟର୍ସ ଲିମିଟେଡ୍‌ର ଡୋମେଷ୍ଟିକ୍‌ର ଫିଲ୍ଡ ସର୍ଭିସ୍-ଜିଏମ୍ ଅରୁଣ ଜଲାଲୀ, ଅଷ୍ଟଭିନାୟକ ମୋଟର୍ସର ଏମ୍‌ଡି ରାକେଶ ଅଗ୍ରୱାଲ, ବିନୟ ଗୁପ୍ତାଙ୍କ ସମେତ ଟାଟା ମୋଟର୍ସର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଓ ଅନ୍ୟମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏ ସମ୍ପର୍କରେ ଟାଟା ମୋଟର୍ସ ଲିମିଟେଡ୍ (ସେଲ୍‌ସ ଓ ମାର୍କେଟିଂ) ର ଅଧ୍ୟକ୍ଷ ରାଜେଶ କଲ୍ କହିଛନ୍ତି, ଗ୍ରାହକଙ୍କ ପାଇଁ ପ୍ରତ୍ୟେକ ପ୍ରକାର ସୁବିଧା ସୁନିଶ୍ଚିତ କରିବା ଆମର ମୌଳିକ ଲକ୍ଷ୍ୟ। ଏପରିକି ଗ୍ରାହକଙ୍କ ସହ ସୁସମ୍ପର୍କକୁ ଆହୁରି ମଜଭୁତ କରିବା ଏବଂ ଉନ୍ନତମାନର ସେବା ଯୋଗାଇବା ପାଇଁ ଟାଟା ମୋଟର୍ସ ଏଭଳି ଏକ ସେବା ଓ ସୁବିଧା ଆଣିଛି।

## 'ବଜାର ସ୍ଥିତି ସହ ଖାପଖୁଆଇ ଚଳିବାକୁ ହେବ'

ଭୁବନେଶ୍ୱର,୨୪।୧

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ହିସାର)ର ନିର୍ଦ୍ଦେଶକ ମଣ୍ଡଳଙ୍କ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜିନ୍ଦଲ ଷ୍ଟେନ୍‌ଲେସ (ମିଶ୍ରିତ ସଂସ୍ଥାକୁ ବିଚାରକୁ ନେଇ) ପ୍ରୋଫର୍ମା ମିଶ୍ରିତ ରାଜସ୍ୱ, ଇବିଆଇଟିଡିଏ ଏବଂ ପିଏଟ ଯଥାକ୍ରମେ ୯୦୭୩ କୋଟି, ୯୫୧ କୋଟି ଏବଂ ୫୬୮ କୋଟି ରେକର୍ଡ କରାଯାଇଛି। ଏହି ତ୍ରୈମାସରେ ମୋଟ ଋଣ ୨୮୨୪ କୋଟି ଏବଂ ମୋଟ ଋଣ ଓ ଇକ୍ୱିଟି ଅନୁପାତ ୦.୩ ଥିଲା, ଯାହା ମେଟାଲ ଶିଳ୍ପରେ ସର୍ବୋତ୍ତମ। ପ୍ରୋଫର୍ମା ମିଶ୍ରିତ ସଂସ୍ଥା ପାଇଁ ସୁଧ, ପୂର୍ବ ତ୍ରୈମାସିକ ତୁଳନାରେ ୧୬%କୁ ଖସିଛି। ପୂର୍ବ ତ୍ରୈମାସିକ ସହ ତୁଳନାକଲେ ଜେଏସ୍‌ଏଲ୍‌ର ବିକ୍ରୟ ପରିମାଣ, ସ୍ୱତନ୍ତ୍ର ରାଜସ୍ୱ, ଇବିଆଇଟିଡିଏ ଏବଂ ପିଏଟି ଯଥାକ୍ରମେ ୨୨%, ୧୪%, ୫୧% ଏବଂ ୮୬% ବୃଦ୍ଧି ଦେଖାଦେଇଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବଦଳୁଥିବା ବଜାର ସ୍ଥିତି ସହ ଖାପଖୁଆଇ ଚଳିବା ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ବିକ୍ରୟ ଏବଂ କାର୍ଯ୍ୟ ଯୋଜନା ମୂଳ। ଏହି ରଣନୀତି ଗତ ତ୍ରୈମାସରେ ଆମକୁ ଭଲ ଭାବରେ ସାହାଯ୍ୟ କରିଛି ଏବଂ ଆମର ବିକ୍ରୟ ମିଶ୍ରଣକୁ ଘରୋଇ ଚାହିଦା ମେଣ୍ଟାଇବାକୁ ସାହାଯ୍ୟ କରିଛି। ଅକ୍ଷୟ ଶକ୍ତି ଉତ୍ସ ମାଧ୍ୟମରେ ଆମର ଶକ୍ତି ଭବିଷ୍ୟତର ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧତାକୁ ମଧ୍ୟ ଆମେ ଗୁରୁତ୍ୱ ଦେଇ ଆସୁଛୁ। ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ତରଫରୁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦ ଉପରେ ଆଦାୟ ହେଉଥିବା ରପ୍ତାନି ଶୁଳ୍କ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବାରୁ ଆମେ ଭାରତ ସରକାରଙ୍କୁ ଧନ୍ୟବାଦ ଦେଉଛୁ। ଏହି ପଦକ୍ଷେପ ସରକାରଙ୍କ ଲୋକାଲ ଟୁ ଗ୍ଲୋବାଲ ମାଣ୍ଡେଟ ଉତ୍ସାହ ଦେବ।

# ଆଜିଠାରୁ ଦିଲ୍ଲୀରୁ 'ଶ୍ରୀଜଗନ୍ନାଥ ଯାତ୍ରା'

ନୂଆଦିଲ୍ଲୀ,୨୪।୧

**୮ ଦିନିଆ ଭାରତ ଗୌରବ ଏସି ଟୁରିଷ୍ଟ ଟ୍ରେନ୍**



ରେଳ ମନ୍ତ୍ରଣାଳୟର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଆର୍‌ସିଟିସି ଲିଃ ପକ୍ଷରୁ ବୁଧବାରଠାରୁ 'ଶ୍ରୀଜଗନ୍ନାଥ ଯାତ୍ରା' ପାଇଁ ଏକ ୮ ଦିନିଆ ଭାରତ ଗୌରବ ଟୁରିଷ୍ଟ ଟ୍ରେନ୍ ଚଳାଚଳ ଆରମ୍ଭ କରିଛି। ଏହା ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ତୀର୍ଥସ୍ଥାନ ଏବଂ ଐତିହ୍ୟସ୍ଥଳୀକୁ ଯାତ୍ରା କରିବ ବୋଲି ଆଇଆର୍‌ସିଟିସି ପକ୍ଷରୁ କୁହାଯାଇଛି। ବିଶେଷକରି ଏହି ଟ୍ରେନ୍ ୮ ଦିନିଆ ଯାତ୍ରା ଆରମ୍ଭ କରିବାକୁ ଯାଉଛି। ପର୍ଯ୍ୟଟକମାନେ ଭାରତର ପ୍ରମୁଖ ଧାମ ପୁରୀ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିପାରିବେ। ଏହାବ୍ୟତୀତ ବାରାଣସୀ, ବୈଦ୍ୟନାଥ ଏବଂ ଗୟା ଭଳି ପ୍ରମୁଖ ସ୍ଥାନ ପର୍ଯ୍ୟଟନରେ ଆକର୍ଷଣୀୟ ହେବ। ଏହି ପ୍ରସ୍ତାବିତ ୮ ଦିନିଆ ଭାରତ ଗୌରବ ଟୁରିଷ୍ଟ ଟ୍ରେନ୍ ଯାତ୍ରାର ପ୍ରଥମ ରହଣି ବାରାଣସୀ ସହରରେ ହେବ। ସେଠାରେ ପର୍ଯ୍ୟଟକମାନେ କାଶୀ ବିଶ୍ୱନାଥ ମନ୍ଦିର, ଗଙ୍ଗାଘାଟ ଏବଂ ଆରତିସ୍ଥଳ ଆଦି ପରିଦର୍ଶନ କରିପାରିବେ। ବାରାଣସୀ ପରେ ଟ୍ରେନ୍ ଝାଡ଼ଖଣ୍ଡର ଯଶିଡିହି ରେଳଷ୍ଟେଶନକୁ ଯାତ୍ରା ଆରମ୍ଭ କରିବ ଏବଂ ପର୍ଯ୍ୟଟକମାନେ ବୈଦ୍ୟନାଥ ଧାମ ଜ୍ୟୋତିର୍ଲିଙ୍ଗ ମନ୍ଦିର ପରିଦର୍ଶନ କରିବା ସୁଯୋଗ ପାଇବେ। ଏହା ପରେ ପରେ ଟ୍ରେନ୍ ଯଶିଡିହି ରେଳଷ୍ଟେଶନରୁ ଓଡ଼ିଶାର ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ପୁରୀଠାରେ ପର୍ଯ୍ୟଟକଙ୍କ ପାଇଁ ହୋଟେଲରେ ୨ରାତି ପାଇଁ ରହିବାର ବ୍ୟବସ୍ଥା କରାଯାଇଛି। ସେହିଭଳି ପୁରୀରେ ଜଗନ୍ନାଥ ମନ୍ଦିର, ସୁବର୍ଣ୍ଣ ବେଳାଭୂମି, କୋଣାର୍କର ସୂର୍ଯ୍ୟମନ୍ଦିର ଏବଂ ଭୁବନେଶ୍ୱରର ବିଭିନ୍ନ ମନ୍ଦିର ଦର୍ଶନ କରିବାର ସୁଯୋଗ ପାଇପାରିବେ। ପୁରୀ ପରେ ଗୟା ହେବ ଟ୍ରେନ୍‌ର ଶେଷ ଗନ୍ତବ୍ୟସ୍ଥଳ। ସେଠାରେ ବିଷ୍ଣୁପାଦ ମନ୍ଦିରରେ ଯାତ୍ରାର ସମାପନ ଘଟିବ। ଏହି ୮ ଦିନିଆ ଯାତ୍ରା ଶେଷକରି ଟ୍ରେନ ଫେବୃୟାରୀ ୧ତାରିଖରେ ଦିଲ୍ଲୀରେ ପହଞ୍ଚିବ। ଅପରପକ୍ଷରେ ଆଧୁନିକ ଶୈଳୀର ଶୀତତାପ ନିୟନ୍ତ୍ରକ ରେକ୍ ବିଶିଷ୍ଟ ଏହି ଟୁରିଷ୍ଟ ଟ୍ରେନ୍ ଯାତ୍ରା ସମୟରେ ଗାଜିଆବାଦ, ଆଲିଗଡ଼, ଟୁଣ୍ଡଲା, ଏଟାୱା, କାନପୁର ଏବଂ ଲକ୍ଷ୍ନୌ ଆଦି ଷ୍ଟେଶନରେ ବୋର୍ଡ ଡି-ବୋର୍ଡର ସୁବିଧା ମଧ୍ୟ ରହିବ। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ଟୁରିଷ୍ଟ ଟ୍ରେନ୍‌ରେ ୧୧ଟି ୩ୟ ଶ୍ରେଣୀ ଏସି କୋଚ, ଗୋଟିଏ ପାଣ୍ଟ୍ରି କାର ଏବଂ ୨ଟି ଏସ୍‌ଏଲ୍‌ଆର୍ ରହିବ। ଉକ୍ତ ଟ୍ରେନ୍‌ରେ ଯାତ୍ରୀମାନଙ୍କ ମନୋରଞ୍ଜନ ଓ ସର୍ବସାଧାରଣ ସୂଚନା ପାଇଁ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ ମଧ୍ୟ ଲଗାଯାଇଛି। ଘରୋଇ ପର୍ଯ୍ୟଟନର ପ୍ରସାର କରିବା ଦିଗରେ ଭାରତ ସରକାରଙ୍କ 'ଦେଖୋ ଅପ୍‌ନା ଦେଶ'ର ଏକ ଅଂଶ ଭାବେ ଭାରତ ଗୌରବ ଟୁରିଷ୍ଟ ଟ୍ରେନ୍ ଚଳାଚଳ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତି ପର୍ଯ୍ୟଟକ ପିଛା ୧୭,୬୫୫ ଟଙ୍କା ଠାରୁ ଆରମ୍ଭ ହେଉଛି।



ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ରାଜ୍ୟର ପ୍ରମୁଖ ଖାଇବା ତେଲ 'ଫ୍ରିଡମ ଅଏଲ'ର ଓଡ଼ିଶା ବଜାର ମୁଖ୍ୟ ଅମିୟ ଧଳଙ୍କୁ ବରୁଣେଶ୍ୱର କ୍ଲବର ସଦସ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ରାଜ୍ୟ ଖବର**

## କୃଷି କ୍ଷେତ୍ରରେ ପ୍ରାକୃତିକ ସମ୍ପଦର ସୁବିନିଯୋଗ ଦରକାର: ଓୟୁଏଟି କୁଳପତି

ଭୁବନେଶ୍ୱର,୨୪।୧(ବ୍ୟୁରୋ)

କୃଷିକ୍ଷେତ୍ରରେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ସୁବିନିଯୋଗ ଦରକାର। ଏହାଦ୍ୱାରା କୃଷି ଉତ୍ପାଦନରେ ବୃଦ୍ଧି ନ ଘଟିଲେ ଆଗାମୀ ଦିନରେ ଦେଶରେ ଖାଦ୍ୟ ସମସ୍ୟା ଉତ୍କଟ ହେବ ବୋଲି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ କୃଷି ଇଞ୍ଜିନିୟରିଂ କଲେଜରେ ମଙ୍ଗଳବାର ୨୧ ଦିନିଆ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଫେସର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଳ ପରିଚାଳନା ସଂସ୍ଥାନ (ଆଇସିଏଆର୍) ନିର୍ଦ୍ଦେଶକ ଅର୍ଜମାଦତ୍ତ ଷଡ଼ଙ୍ଗୀ ମଧ୍ୟ ଯୋଗଦେଇଛନ୍ତି।

ଏହି ଅବସରରେ ଅର୍ଜମାଦତ୍ତ କହିଛନ୍ତି, କୃଷି ଉତ୍ପାଦନ ପାଇଁ ଜଳର ଆବଶ୍ୟକତା ଓ ସୁବିନିଯୋଗ ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ କୃଷି ଇଞ୍ଜିନିୟରିଂ କଲେଜର ଡିନ୍ ପ୍ରଫେସର ସଞ୍ଜୟ କୁମାର ଦାଶ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଜଗଦୀଶ ଚନ୍ଦ୍ର ପାଲ ମଧ୍ୟ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନର ସହକାରୀ ଅଧ୍ୟାପକ ଓ ରିସର୍ଚ୍ଚ ସ୍କଲାର, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଓୟୁଏଟିର ଗବେଷଣାରତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ଭରତ ଚନ୍ଦ୍ର ସାହୁ ଏବଂ କୁଳପତି ପ୍ରଫେସର ରାଉଳଙ୍କ ଉଦ୍ୟମ ଯୋଗୁ ଏହି ଶିବିର ସଫଳ ହୋଇପାରିବା ସହ ୨୧ ଦିନିଆ କାର୍ଯ୍ୟକ୍ରମରେ ଇସ୍ରୋ, ଆଇଆଇଟି, ଦିଲ୍ଲୀ, ଖଡ଼ଗପୁର ଆଦି ଅନୁଷ୍ଠାନରୁ ବିଶେଷଜ୍ଞମାନେ ଯୋଗଦେବା କାର୍ଯ୍ୟକ୍ରମ ଅଛି ବୋଲି ସୂଚନା ଦିଆଯାଇଛି।



ଆମେରିକାର ଶିକାଗୋ ୟୁନିଭର୍ସିଟି ଟ୍ରଷ୍ଟ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି (ଇଆଇଟି) ବିଭାଗ ମଧ୍ୟରେ ମଙ୍ଗଳବାର ୫ ବର୍ଷିଆ ସହଭାଗିତା ଆରମ୍ଭ ହୋଇଛି। ଡେଟା ପଲିସି ଆଣ୍ଡ ଇନୋଭେଶନ୍ ସେଣ୍ଟର (ଡିପିଆଇସି) କାର୍ଯ୍ୟକ୍ରମ ପାଇଁ ଇଆଇଟି ନୋଡାଲ ଡିପାର୍ଟମେଣ୍ଟ ଭାବେ କାର୍ଯ୍ୟ କରିବ। ଏଥି ସକାଶେ ଏହି ଟ୍ରଷ୍ଟର ସ୍କୋଲାର ପ୍ରଫେସର ମିଶେଲ କ୍ରେମର, ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ବେଞ୍ଜାମିନ୍ କ୍ରାଉସ୍, ଡେଭେଲପ୍‌ମେଣ୍ଟ ଇନୋଭେଶନ୍ ଲାବ୍ ଆଣ୍ଡ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଡ. ଲେନି ଚୌଧରୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ମହିଳାଙ୍କୁ ଆକ୍ରମଣ କରି ଗଣବଳାତ୍କାର

**ଫୁଲବାଣୀ ଅଫିସ, ୨୪।୧:** ଫୁଲବାଣୀ ସଦର ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଆକ୍ରମଣ ସହ ଗଣବଳାତ୍କାର କରାଯାଇଛି। ଗତ ରବିବାର ସନ୍ଧ୍ୟାରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ନ ଥିଲେ। କେତେଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଘରେ ପଶି ପ୍ରଥମେ ତାଙ୍କ କାରର ଆଗପଛ କାଚ ଭାଙ୍ଗିଥିଲେ। ପ୍ରତିରୋଧ କରିବାରୁ ସେମାନେ ଗଣବଳାତ୍କାର କରିଥିବା ମହିଳା ଜଣକ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୀଡ଼ିତା ଏବଂ ତାଙ୍କ ସ୍ୱାମୀ କହିଛନ୍ତି ଯେ, ପ୍ରାୟ ୨ ମାସ ପୂର୍ବେ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ଝଗଡ଼ା ହୋଇଥିଲା। ସେହି ରାଗ ଶୁଝାଇବାକୁ ସମ୍ପୃକ୍ତ ବ୍ୟକ୍ତିମାନେ ଏଭଳି କାଣ୍ଡ କରିଛନ୍ତି। ଏ ନେଇ ଥାନାରେ ନଂ.୧୨/୨୩ରେ ମାମଲା ରୁଜୁ ହୋଇଛି।

## ମହିଳା ମାଓବାଦୀ, ସମର୍ଥକ ଗିରଫ

ନବରଙ୍ଗପୁର/ରାଇଘର, ୨୪।୧(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ପୋଲିସ ମେନପୁର ନୂଆପଡ଼ା ଡିଭିଜନର ଜଣେ ମହିଳା ମାଓବାଦୀ ଓ ତାଙ୍କ ସମର୍ଥକଙ୍କୁ ଗିରଫ କରିଛି। ଏନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି। ଗିରଫ ମହିଳା ମାଓବାଦୀ ହେଲେ ଛତିଶଗଡ଼ ସୁକ୍‌ମା ଜିଲା ଗୋରିଆସ ଥାନା ଅଧୀନ ମଟୋଡ଼ି ଗାଁର ପୋଜେ ମାଣ୍ଡବୀ ଓରଫ ଅନୀତା(୨୫)। ଅନ୍ୟପକ୍ଷରେ ସହଯୋଗୀ ଜଣକ ହେଲେ ନୂଆପଡ଼ା ଜିଲା ସେନାପଲି ଥାନା ଅଞ୍ଚଳର ସମୁଦ୍ର ବାଘ। ସେ କ୍ୱାକ୍ ଭାବେ କାମ କରନ୍ତି। ପୋଜେ ମାଣ୍ଡବୀଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବାବେଳେ ରାଇଘର ହାତୀଗାଁ ସଂରକ୍ଷିତ ଜଙ୍ଗଲରୁ ସିଆର୍‌ପିଏଫ୍, ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରି ସେମାନଙ୍କୁ ଗିରଫ କରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୦୧୦ରେ ମାଓବାଦୀ ନେତା ରମେଶଙ୍କ ସହଯୋଗୀ ଭାବେ ପୋଜେ କାମ କରୁଥିଲେ। ପରେ ୨୦୧୦ରୁ ୨୦୧୩ ବଡ଼ଚଟିଆ ଏଲ୍‌ଓସିରେ କାମ କରୁଥିବାବେଳେ ତାଙ୍କୁ ମେନପୁର ନୂଆପଡ଼ା ଡିଭିଜନଙ୍କୁ ବଦଳି କରାଯାଇଥିଲା। ସେ ୩୦୩ ରାଇଫଲ ପରିଚାଳନା କରୁଥିଲେ। ପୋଜେ ନୂଆପଡ଼ା, କଳାହାଣ୍ଡି, ଗରିଆବନ୍ଦ, ଜିଲାରେ ଅନେକ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ନୂଆପଡ଼ା ଅଞ୍ଚଳରେ ହୋଇଥିବା ବିଭିନ୍ନ ଫାୟାରିଂ କେସ୍‌ରେ ପୋଜେଙ୍କ ନାଁ ରହିଛି।

## ହାର୍ଡକୋର ମାଓବାଦୀ ଚେଷ୍ଟିଙ୍କୁ ଗିରଫ କଲା ଏନ୍‌ଆଇଏ

**ମାଲକାନଗିରି,୨୪।୧ (ଡି.ଏନ.ଏ.):** ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରୁ ହାର୍ଡକୋର ମାଓବାଦୀ ଚେଷ୍ଟିଙ୍କୁ ମଙ୍ଗଳବାର ଏନ୍‌ଆଇଏ ଗିରଫ କରିଛି। ତାଙ୍କ ନାମରେ ୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ୨୦୧୨ ଜୁଲାଇରେ ଚେଷ୍ଟି ବିଏସ୍‌ଏଫ୍ ଉପରେ ଆକ୍ରମଣ କରିଥିଲେ। ଏଥିରେ ୪ ଯବାନ ଶହୀଦ ହୋଇଥିଲେ। ୨୦୧୩ରେ ଚେଷ୍ଟିଙ୍କୁ ପୋଲିସ ଗିରଫ କରିଥିଲା। ସେ ୨୦୧୮ରେ ଜାମିନରେ ଆସି ଆଉ କୋର୍ଟରେ ହାଜର ହୋଇ ନ ଥିଲେ। ବିଏସ୍‌ଏଫ୍ ଉପରେ ଆକ୍ରମଣ ଘଟଣାରେ ଏନ୍‌ଆଇଏ ନିକଟରେ ଏକ ମାମଲା ରୁଜୁ କରି ଚେଷ୍ଟିଙ୍କୁ ଖୋଜୁଥିଲା।


ଟ୍ରଫି ସହ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ୍ ବିଜୟୀ ଭାରତୀୟ ଦଳ।

# ସେମିରେ ଆଜାରେଙ୍କା, ରିବାକିନା

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ,୨୪।୧(ପି.ଟି.)

ଚଳିତ ବର୍ଷର ପ୍ରଥମ ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିରେ ପ୍ରବେଶ କରିଛନ୍ତି ଭିକ୍ଟୋରିଆ ଆଜାରେଙ୍କା ଓ ଏଲିନା ରିବାକିନା। ସେହିପରି ପୁରୁଷ ସିଙ୍ଗଲ୍ସରେ ଷ୍ଟିଫାନୋସ୍ ସିତ୍‌ସିପାସ ଓ କାରେନ୍ ଖାଚାନୋଭ ସେମିରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଜେସିକା ପେଗୁଲାଙ୍କୁ ପରାସ୍ତ କରିଛନ୍ତି ୨୪ ନମ୍ବର ସ୍ଥାନରେ ଥିବା ଭିକ୍ଟୋରିଆ ଆଜାରେଙ୍କା। ପୂର୍ବତନ ବିଶ୍ୱ ମାନ୍ୟତାର ୧ ନମ୍ବର ଖେଳାଳି ତଥା ୨୦୧୨ ଓ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ ବିଜୟୀ ଆଜାରେଙ୍କା ଅଲରାଉଣ୍ଡ ପ୍ରଦର୍ଶନ ସହିତ ବିଜୟୀ ହୋଇଥିଲେ। ୬-୪, ୬-୧ରେ ସେ ଏକପାଖିଆ ଭାବରେ ଏହି ମ୍ୟାଚ ଜିତି ନେଇଥିଲେ। ୩୩ ବର୍ଷୀୟା ତଥା ଗୋଟିଏ ସନ୍ତାନର ମା' ଆଜାରେଙ୍କା ରଡ୍ ଲାଭେର ଆରେନାରେ ପ୍ୟାରିସ୍ ସେଣ୍ଟ ଜର୍ମେନ ଜର୍ସିରେ ପ୍ରବେଶ କରିଥିଲେ। ପ୍ରଥମ ୧୨ ମିନିଟରେ ସେ ୩-୦ରେ ବିଜୟୀ ହେବା ପରେ ଆଉ ପଛକୁ ଫେରି ନ ଥିଲେ। ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବା ସହ ଦୁଇ ସେଟ୍‌ରେ ମ୍ୟାଚ କରାୟତ୍ତ କରିବା ସହିତ ସେମିରେ ପ୍ରବେଶ କରିଥିଲେ। ସେହିଭଳି ଦ୍ୱିତୀୟ ସେମି ଫାଇନାଲରେ ବିଶ୍ୱ ମାନ୍ୟତାର ୨୨ ନମ୍ବର ଖେଳାଳି ତଥା ବର୍ତ୍ତମାନର ଫ୍ରେଞ୍ଚ ଓପନ ଚାମ୍ପିୟନ ୧୭ ନମ୍ବର ମାନ୍ୟତାରେ ଥିବା ଜେଲେନା ଓଷ୍ଟାପେଙ୍କୋଙ୍କୁ ପରାସ୍ତ କରିଛନ୍ତି। ୨୦୧୭ରେ ଫ୍ରେଞ୍ଚ ଓପନ ବିଜୟିନୀ ଓଷ୍ଟାପେଙ୍କୋଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି ରିବାକିନା। ବର୍ଷା କାରଣରୁ ଏହି ମ୍ୟାଚ୍‌ଟି ୨୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ପ୍ରଥମ ସେଟ୍‌ରେ ରିବାକିନା ୩୫ଟି ଏସ୍ ଜରିଆରେ ପ୍ରଭାବ ବିସ୍ତାର କରି ଖେଳିଥିଲେ। ମସ୍କୋରେ ଜନ୍ମିତ ରିବାକିନା ୨୦୧୮ରୁ କାଜାଖସ୍ତାନ ପକ୍ଷରୁ ଖେଳି ଆସୁଛନ୍ତି। ଭିକ୍ଟୋରିଆ ଆଜାରେଙ୍କା ଓ ଏଲିନା ରିବାକିନାଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ।


ଭିକ୍ଟୋରିଆ ଆଜାରେଙ୍କା


ଏଲିନା ରିବାକିନା

## କୋର୍ଡାଙ୍କ ଅଭିଯାନ ଶେଷ

ଚଳିତ ଅଷ୍ଟ୍ରେଲିଆନ ଓପନରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ୨୨ ବର୍ଷୀୟ ସେବାଷ୍ଟିଆନ କୋର୍ଡାଙ୍କ ଅଭିଯାନ ମଙ୍ଗଳବାର ଶେଷ ହୋଇଛି। କାରେନ୍ ଖାଚାନୋଭଙ୍କ ବିପକ୍ଷ ପ୍ରଥମ କ୍ୱାର୍ଟରରେ କଚଟିରେ ଆଘାତ କାରଣରୁ ସେ ଓହରି ଯାଇଥିଲେ। ଆହତ ହୋଇ ଓହରିବା ପୂର୍ବରୁ କୋର୍ଡା ୭-୬(୫), ୬-୩ ଓ ୩-୦ରେ ପଛୁଆ ଥିଲେ। ମ୍ୟାଚ ପରେ କୋର୍ଡାଙ୍କ ପାଇଁ ତାଳି ବଜାଇବାକୁ ଦର୍ଶକଙ୍କୁ କହିଥିଲେ ଖାଚାନୋଭ। ବିଶ୍ୱ ମାନ୍ୟତାରେ ୧୮ ନମ୍ବର ସ୍ଥାନରେ ରହିଥିବା ଖାଚାନୋଭ ପ୍ରଥମ ସେମିରେ ଷ୍ଟିଫାନୋସ ସିତ୍‌ସିପାସଙ୍କୁ ଭେଟିବେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା ଗ୍ରୀସ୍‌ର ଷ୍ଟିଫାନୋସ୍ ସିତ୍‌ସିପାସ ୬-୩, ୭-୬(୫) ଓ ୬-୪ ସେଟ୍‌ରେ ଅଣ ସିଡେଡ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କୁ ପରାସ୍ତ କରିଛନ୍ତି। ବୁଧବାର ଆମେରିକୀୟ ଟମି ପଲ୍ ଓ ବେନ୍ ଶେଲଟନ୍ ଏବଂ ନୋଭାକ୍ ଜୋକୋଭିଚ୍ ଓ ଆଣ୍ଡି ରୁବଲେଭଙ୍କ ମଧ୍ୟରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବ।

## ସାନିଆ-ବୋପାନ୍ନାଙ୍କୁ ୱାକ୍‌ଓଭର

ମେଲବୋର୍ନ, ୨୪।୧ (ପି.ଟି.)

ଅଷ୍ଟ୍ରେଲିଆନ ଓପନ୍ ମିକ୍ସଡ ଡବଲ୍ସରେ ୱାକ୍‌ଓଭର ସହିତ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଯୋଡି ସାନିଆ ମିର୍ଜା ଓ ରୋହନ ବୋପାନ୍ନା। ମଙ୍ଗଳବାର ଲାଟଭିଆର ଜେଲେନା ଓଷ୍ଟାପେଙ୍କୋ ଓ ସ୍ପେନ୍‌ର ଡେଭିଡ ଭେଗା ହର୍ନାଣ୍ଡେଜ ଓହରିଯିବା କାରଣରୁ ସାନିଆ- ବୋପାନ୍ନା ଯୋଡି ସେମିରେ ପ୍ରବେଶ କରିଛନ୍ତି। ସୋମବାର ଉରୁଗୁଏର ଆରିଏଲ ବାହେର ଓ ଜାପାନର ମାକୋଟୋ ନିନୋମିୟାଙ୍କୁ ପରାସ୍ତ କରି ଉଭୟ କ୍ୱାର୍ଟରରେ ପ୍ରବେଶ କରିଥିଲେ। ଆସନ୍ତା ମାସରେ ଟେନିସ୍‌ରୁ ଅବସର ନେଉଥିବା ୩୬ ବର୍ଷୀୟ ସାନିଆଙ୍କର ଏହା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ। ସେମିରେ ଭାରତୀୟ ଯୋଡି ବିଶ୍ୱ ମାନ୍ୟତାରେ ୩ ନମ୍ବର ସ୍ଥାନରେ ଥିବା ନିଲ୍ ସ୍କୁପସ୍କି ଓ ଡିଜେୟାର କ୍ରାୱଜିକଙ୍କୁ ଭେଟିବେ। ପୂର୍ବରୁ ସାନିଆ- ବୋପାନ୍ନା ୩ଟି ଗ୍ରାଣ୍ଡସ୍ଲାମରେ ଖେଳିଥିବା ବେଳେ ପ୍ରଥମ ଥର ପାଇଁ ସେମିରେ ପ୍ରବେଶ କରିଛନ୍ତି।


ସାନିଆ ମିର୍ଜା ଓ ରୋହନ ବୋପାନ୍ନା।

# ଭାରତ ବିଦାୟ ପଛରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

ଭୁବନେଶ୍ୱର,୨୪।୧(ସ୍ପୋର୍ଟ୍ସ ବ୍ୟୁରୋ)

ଲଗାତର ଦ୍ୱିତୀୟଥର ପାଇଁ ଘରୋଇ ମାଟିରେ ବିଶ୍ୱକପ୍ ଖେଳୁଥିବା ଭାରତୀୟ ହକି ଦଳର କ୍ୱାର୍ଟର ଫାଇନାଲ ସମ୍ଭାବନାକୁ ଶେଷ କରି ଦେଇଥିଲା ନ୍ୟୁଜିଲାଣ୍ଡ। ରବିବାର କ୍ରସ୍‌ଓଭର ମ୍ୟାଚ୍‌ରେ ସଡନ୍ ଡେଥ୍‌ରେ ନ୍ୟୁଜିଲାଣ୍ଡ ମ୍ୟାଚ୍ ଜିତିଥିବା ବେଳେ ଦଳ ପାଇଁ ହିରୋ ରହିଥିଲେ ଗୋଲ୍‌କିପର ଲିଓନ୍ ହାୱାର୍ଡ। ଲିଓନ୍‌ଙ୍କ ଏହି ପ୍ରଦର୍ଶନ ବଳରେ ପ୍ରଥମଥର ପାଇଁ ନ୍ୟୁଜିଲାଣ୍ଡ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟରରେ ବେଲଜିୟମ ନିକଟରୁ ହାରି ବିଦାୟ ନେଇଥିଲେ ହେଁ ଲିଓନଙ୍କ କାହାଣୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଭାରତ ବିପକ୍ଷ ବିଜୟର ନାୟକ ସାଜିଥିବା ୩୨ ବର୍ଷୀୟ ଲିଓନ୍ ଜଣେ ପେସାଦାର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ଏପରି କି ସେ କେବଳ ନିଜ ଅବସର ସମୟରେ ହକି ଖେଳନ୍ତି। ଭାରତ ବିପକ୍ଷ ବିଜୟକୁ ନିଜ ହକି କ୍ୟାରିୟରର ସ୍ମରଣୀୟ ମୁହୂର୍ତ୍ତ ବୋଲି କହିଛନ୍ତି ଲିଓନ୍। ରବିବାରର କ୍ରସ୍‌ଓଭର ମ୍ୟାଚ୍‌ରେ ସମ୍‌ଶେର ସିଂଙ୍କ ଶଟ୍‌କୁ ରୋକିବା ସହିତ ନିଆରା ଢଙ୍ଗରେ ନୃତ୍ୟକରି ସେଲିବ୍ରେଶନ୍ କରିଥିଲେ। ନୃତ୍ୟ କରିବା ସମୟରେ ଲିଓନ୍‌ଙ୍କ ସହ ସମ୍ପୂର୍ଣ୍ଣ ଦଳ ଯୋଗଦେଇଥିଲା। ପେନାଲ୍ଟି ଶୁଟ୍‌ଆଉଟରେ ଲିଓନ୍‌ଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ଅକ୍‌ଲାଣ୍ଡ ବାସିନ୍ଦା ଲିଓନ୍ ହାୱାର୍ଡ ଜଣେ ପେସାଦାର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ୮ଟି ପେନାଲ୍ଟି ଶଟ୍‌ରୁ ସେ ୫ଟି ଶେଭ୍ କରିବାରେ ସମର୍ଥ ହୋଇଥିଲେ। ପୂର୍ବରୁ ନିର୍ଦ୍ଧାରିତ ସମୟରେ ଦଳର ଅନ୍ୟତମ ଗୋଲକିପର ଡୋମିନିକ୍ ଡିକ୍ସନ ଭାରତୀୟ ଆକ୍ରମଣ ବିପକ୍ଷରେ ୫ଟି ପେନାଲ୍ଟି କର୍ନର ରୋକିଥିଲେ। ପି.ଆର. ଶ୍ରୀଜେଶଙ୍କୁ ମୋର ହିରୋ ବୋଲି ମାନୁଥିବା ବେଳେ ତାଙ୍କ ସମ୍ମୁଖରେ ଏପରି ପ୍ରଦର୍ଶନ ମୋ ପାଇଁ ସର୍ବଦା ସ୍ମରଣୀୟ ରହିବ। ମ୍ୟାଚ୍‌ର ଏଭଳି ସମୟ ପାଇଁ ମୁଁ ଆଗରୁ ପ୍ରସ୍ତୁତି କରିଥିଲି। ନିଜ ଉପରେ ରହିଥିବା ଭରସା କାରଣରୁ ସଫଳତା ମିଳିଲା ବୋଲି ସେ କହିଛନ୍ତି। ଲିଓନ୍ ବିଗତ ବର୍ଷରେ ଅନେକ ଚାକିରି କରିବା ସହିତ ହକି ପ୍ରଶିକ୍ଷକ ଭାବେ କାମ କରିଛନ୍ତି। ଦିନରେ ୱାଇକାଟୋ ଫାର୍ମରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିବା ବେଳେ ଖାଲି ସମୟରେ ହକି ଅଭ୍ୟାସ କରିଥାନ୍ତି। ଅଫିସ କାମ ଶେଷ କରିବା ପରେ ସପ୍ତାହରେ ୧୦-୧୫ ଘଣ୍ଟା ହକି ଅଭ୍ୟାସ କରୁଥିବା ସୂଚନା ଦେଇଛନ୍ତି ହାୱାର୍ଡ। କାମ ସହିତ ଖେଳିବା ବେଳେବେଳେ କଷ୍ଟଦାୟକ ହୋଇଥାଏ। ମାତ୍ର ଅଫିସ୍‌ରୁ ତାଙ୍କୁ ମିଳିଥିବା ସହଯୋଗ କାରଣରୁ ସେ ଏତେବାଟ ଆସିପାରିଥିବା କହିଛନ୍ତି। ହକି ଖେଳିବା ଲାଗି ବେଳେବେଳେ ମାତ୍ର ୩-୪ ଘଣ୍ଟା ଅଫିସରେ ରହିବାକୁ ଅନୁମତି ମିଳିଥାଏ ବୋଲି ସେ କହିଛନ୍ତି। ହାୱାର୍ଡଙ୍କ ବଡ଼ଭାଇ ଜେରେମି ହାୱାର୍ଡ ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଥାନ୍ତି। ଚଳିତ ବିଶ୍ୱକପ୍‌ରେ ଜେରେମି ଅଷ୍ଟ୍ରେଲିଆ ପାଇଁ ଏକ ହାଟ୍ରିକ୍ ସ୍କୋର ମଧ୍ୟ କରିଛନ୍ତି। ଉଭୟଙ୍କ ମାତାପିତା ରବିବାର କଳିଙ୍ଗ ଷ୍ଟାଡିୟମ ଷ୍ଟାଣ୍ଡରେ ଉପସ୍ଥିତ ଥିଲେ। ଦୁଇଭାଇଙ୍କ ଦଳ ବର୍ତ୍ତମାନ ନକ୍‌ଆଉଟରେ ପ୍ରବେଶ କରିଥିବା ବେଳେ ହାୱାର୍ଡଙ୍କ ଦଳ ନ୍ୟୁଜିଲାଣ୍ଡ ସମ୍ମୁଖରେ ଡିଫେଣ୍ଡିଂ ଚାମ୍ପିୟନ ବେଲ୍‌ଜିୟମର ଚ୍ୟାଲେଞ୍ଜ ରହିଛି।


ଭାରତ ବିପକ୍ଷ ପେନାଲ୍ଟି ଶୁଟ୍ ଆଉଟ୍‌ରେ ନ୍ୟୁଜିଲାଣ୍ଡ ଗୋଲ୍‌କିପର ଲିଓନ୍ ହାୱାର୍ଡ।

# ପ୍ରତୀକ, ହର୍ଷିତ, ସୁରଜିତ୍ ଚାମ୍ପିୟନ

ଭୁବନେଶ୍ୱର,୨୪।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଭଦ୍ରକର ତିହିଡି ଅନ୍ତର୍ଗତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ୬୬ତମ ରାଜ୍ୟସ୍ତରୀୟ ସ୍କୁଲ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ୨୩ ଜିଲାରୁ ୬୮ ଜଣ ପୁରୁଷ ଓ ୨୩ ଜଣ ମହିଳା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର ବର୍ଗରେ ପ୍ରତୀକ କୁଶଳ ରାଉତ, ଜୁନିୟର ବର୍ଗରେ ହର୍ଷିତ ରଞ୍ଜନ ସାହୁ ଓ ସିନିୟର ବର୍ଗରେ ସୁରଜିତ୍ ନାୟକ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ସହକାରୀ ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ, ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାର ୫ ଶ୍ରେଷ୍ଠ ପ୍ରତିଯୋଗୀ ୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବେ। ଦେବାଶିଷ ପାଣିଗ୍ରାହୀ ଚିଫ୍ ଆର୍ବିଟର ଭାବେ ରହିଥିବା ବେଳେ ବିଭୁଦତ୍ତ ରଥ, ସୌମ୍ୟକାନ୍ତ ସାହୁ ଓ ସନ୍ତୋଷ କୁମାର ସାହୁ ସହଯୋଗ କରିଥିଲେ।

# ପ୍ରଥମ ଦିନରେ ଓଡ଼ିଶା ୯୬/୨

**ରଣଜୀ ଟ୍ରଫି**

ଭୁବନେଶ୍ୱର,୨୪।୧
(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାର ଇଡେନ ଗାର୍ଡେନରେ ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ୨ ଉଇକେଟ ହରାଇ ୯୬ ରନ୍ ସଂଗ୍ରହ କରିଛି। ଖରାପ ଆଲୋକ କାରଣରୁ ଦିନରେ ମାତ୍ର ୩୫ ଓଭର ଖେଳ ସମ୍ଭବ ହୋଇଥିଲା। ଓଡ଼ିଶା ଏହି ମ୍ୟାଚରେ କାର୍ତ୍ତିକ ବିଶ୍ୱାଳ, ଅଭିଷେକ ରାଉତ ଓ ଜୟନ୍ତ ବେହେରାଙ୍କୁ ବାଦ୍ ଦେଇ ସନ୍ଦୀପ ପଟ୍ଟନାୟକ, ରାକେଶ ପଟ୍ଟନାୟକ ଓ ବସନ୍ତ ମହାନ୍ତିଙ୍କୁ ଖେଳାଇଥିଲା। ଟସ୍ ଜିତି ବେଙ୍ଗଲ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅନୁରାଗ ଷଡଙ୍ଗୀ(୧୫) ଓ ଶାନ୍ତନୁ ମିଶ୍ର (୪୧*) ପ୍ରଥମ ଉଇକେଟରେ ୨୬ ରନ୍ ଯୋଡିଥିଲେ। ଆକାଶଦୀପ୍‌ଙ୍କ ବଲରେ ଅନୁରାଗ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ସନ୍ଦୀପ ପଟ୍ଟନାୟକ (୩୦) କ୍ରିଜ୍‌ରେ ଯୋଗ ଦେବା ସହିତ ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡିଥିଲେ। ୪୬ ବଲ୍ ଖେଳି ୬ ଚୌକା ମାରି ସେ ଇଶାନ ପୋରେଲଙ୍କ ଶିକାର ହୋଇଥିଲେ। ଶାନ୍ତନୁ ଷ୍ଟମ୍ପ ଅପସାରଣ ବେଳକୁ ୧୦୬ ବଲ୍ ଖେଳି ୬ ଚୌକା ମାରି ବ୍ୟାଟିଂ କରୁଥିବା ବେଳେ ୯ ରନ୍ କରି ଅଧିନାୟକ ଶୁଭ୍ରାଂଶୁ ସେନାପତି ବ୍ୟାଟିଂ କରୁଛନ୍ତି। ବେଙ୍ଗଲ ପକ୍ଷରୁ ଆକାଶ ଦୀପ୍ ଓ ଇଶାନ ପୋରେଲ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଗ୍ରୁପ୍ ଡି'ରେ ୩୨ ପଏଣ୍ଟ ସହିତ ବେଙ୍ଗଲ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଓଡ଼ିଶା ୮ ପଏଣ୍ଟ ସହିତ ୭ମ ସ୍ଥାନରେ ରହିଛି।

## ସରକାରଙ୍କ ନିଷ୍ପତ୍ତି ଉପରେ ରେସ୍‌ଲରଙ୍କ ଅସନ୍ତୋଷ

**ନୂଆଦିଲ୍ଲୀ, ୨୪।୧ (ପି.ଟି.):** ଭାରତୀୟ ହକି ମହାସଂଘ (ଡବ୍ଲ୍ୟୁଏଚ୍‌ଆଇ) ସଭାପତି ବ୍ରିଜ ଭୂଷଣ ଶରନ ସିଂ ଯୌନ ନିର୍ଯାତନା ଦେବା ସହ ଧମକଚମକ ଦେଇଛନ୍ତି ବୋଲି ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ସରକାର ବିନା ପରାମର୍ଶରେ ନିରୀକ୍ଷଣ କମିଟି ଗଠନ କରିଥିବାରୁ ପ୍ରତିବାଦକାରୀ ରେସ୍‌ଲରମାନେ ଦୁଃଖ ପ୍ରକାଶ କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ସୋମବାର ଏମ୍.ସି ମେରୀକମ୍‌ଙ୍କ ଅଧ୍ୟକ୍ଷତାରେ ୫ ସଦସ୍ୟ ବିଶିଷ୍ଟ ନୀରିକ୍ଷଣ କମିଟି ଗଠନ କରିଥିଲେ। ଏହି କମିଟି ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଆଗତ ଅଭିଯୋଗ ବିରୋଧରେ ତଦନ୍ତ କରିବ। ଏଥିସହିତ ଭାରତୀୟ ରେସ୍‌ଲିଂ ମହାସଂଘର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବ।

# ୱେଷ୍ଟଇଣ୍ଡିଜକୁ ହରାଇଲା ଭାରତ

**ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ**

ଇଷ୍ଟ ଲଣ୍ଡନ
(ଦକ୍ଷିଣ ଆଫ୍ରିକା), ୨୪।୧(ପି.ଟି.)

ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ଚମତ୍କାର ଅର୍ଦ୍ଧଶତକ ବଳରେ ଭାରତ ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଟି୨୦ ସିରିଜର ଏକ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୫୬ ରନରେ ପରାସ୍ତ କରିଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଆରମ୍ଭ ଧିମା ରହିଥିଲା। ପ୍ରଥମ ୧୦ ଓଭରରେ ୨ ଉଇକେଟ ହରାଇ ମାତ୍ର ୬୦ ରନ କରିଥିଲା। ମାତ୍ର ସ୍ମୃତି ଓ ହରମନପ୍ରୀତ ଦଳର ସ୍କୋରକୁ ଆଗେଇ ନେଇଥିଲେ। ସ୍ମୃତି ତାଙ୍କ ୭୪ ରନର ଅପରାଜିତ ଇନିଂସରେ ୫୧ ବଲ୍‌ରୁ ୧୦ ଚୌକା ଓ ଗୋଟିଏ ଛକା ଲଗାଇଥିବା ବେଳେ ହରମନପ୍ରୀତ ୩୫ ବଲ୍‌ରେ ୮ଚୌକା ସହ ୫୬ ରନ କରି ଅପରାଜିତ ରହିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ବିନିମୟରେ ୧୬୭ ରନ କରିପାରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୪ ଉଇକେଟ ବିନିମୟରେ ୧୧୧ ରନ କରିଥିଲା। ଦଳ ପକ୍ଷରୁ ସିମେନି କ୍ୟାମ୍ପବେଲ ୪୭ ଓ ହେଲି ମାଥ୍ୟୁସ ୩୪ ରନ କରି ଅପରାଜିତ ରହିଥିଲେ। ଟୁର୍ନାମେଣ୍ଟରେ ଭାରତର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା ଦଳ: ୨୦ ଓଭରରେ ୧୬୭/୨ (ସ୍ମୃତି ମନ୍ଧାନା-୭୪*, ହରମନପ୍ରୀତ୍ କୌର-୫୬*)। ୱେଷ୍ଟଇଣ୍ଡିଜ ମହିଳା ଦଳ: ୨୦ ଓଭରରେ ୧୧୧/୪ (ସିମେନି କ୍ୟାମ୍ପବେଲ-୪୭, ହେଲି ମାଥ୍ୟୁସ-୩୪* ; ଦୀପ୍ତି ଶର୍ମା-୨/୨୪, ରାଧା ଯାଦବ-୧/୧୦)।


ସ୍ମୃତି ମନ୍ଧାନା-୭୪*।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଇଶାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ସେନା ପ୍ରମାଣ ଦେବା ଆବଶ୍ୟକ ନାହିଁ’

## ଦିଗ୍‌ବିଜୟଙ୍କ ମନ୍ତବ୍ୟକୁ ବ୍ୟକ୍ତିଗତ କହିଲେ ରାହୁଲ

ଜମ୍ମୁ,୨୪।୧

ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଦେଇଥିବା ବିବାଦୀୟ ମନ୍ତବ୍ୟଠାରୁ ରାହୁଲ ଗାନ୍ଧୀ ତାଙ୍କ ଦଳକୁ ଦୂରେଇ ରଖିଛନ୍ତି। ଭାରତର ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ଦିଗ୍‌ବିଜୟ ପ୍ରଶ୍ନ ଉଠାଇବା ସହ କଂଗ୍ରେସ ଏକମତ ନୁହେଁ। ଦିଗ୍‌ବିଜୟଙ୍କ ମନ୍ତବ୍ୟକୁ ନେଇ ଭାରତ ଯୋଡ଼ୋ ଯାତ୍ରା ଅବସରରେ ଖବରଦାତାମାନେ ପ୍ରଶ୍ନ କରିବାରୁ ରାହୁଲ କହିଥିଲେ, ଏଭଳି କୌତୂହଳପୂର୍ଣ୍ଣ ମନ୍ତବ୍ୟ ଦଳର ନୁହେଁ। ଦଳର ମତାମତ ଆଲୋଚନାରୁ ଉତ୍ପନ୍ନ ହୋଇଥାଏ। ଦିଗ୍‌ବିଜୟ ନିଜର ବ୍ୟକ୍ତିଗତ ମତାମତ ରଖିଛନ୍ତି। ସଶସ୍ତ୍ର ବଳ ଅସାଧାରଣ କାର୍ଯ୍ୟ କରିଛି। ସେମାନଙ୍କୁ ଏହାର ପ୍ରମାଣ ଦେବାର ଆବଶ୍ୟକତା ନାହିଁ ବୋଲି ରାହୁଲ କହିଛନ୍ତି। ସୋମବାର ଜମ୍ମୁରେ ଦିଗ୍‌ବିଜୟ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଦେଖାଦେବା ପରେ ରାହୁଲ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ୨୦୧୬ରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍‌ରେ ଆତଙ୍କବାଦୀ ମରିଥିବାର କୌଣସି ପ୍ରମାଣ ନାହିଁ, ଏହା ଶାସକ ଦଳର ଡାହା ମିଛ ବୋଲି ଦିଗ୍‌ବିଜୟ ସୋମବାର କହିଥିଲେ।



ଭାରତ ଯୋଡୋ ଯାତ୍ରା: ଜମ୍ମୁ ଜିଲାର ନାଗ୍ରୋଟାଠାରେ ରାହୁଲ ଗାନ୍ଧୀ, ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଓ କେ.ସି. ବେଣୁଗୋପାଳ।

# ୨୮ରୁ ପୁଣି ପଦଯାତ୍ରା ଆରମ୍ଭ କରିବେ ଶର୍ମିଳା

ହାଇଦ୍ରାବାଦ,୨୪।୧: ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷା ୱାଇ.ଏସ୍. ଶର୍ମିଳାଙ୍କ ପ୍ରଜା ପ୍ରସ୍ଥାନମ୍ ପଦଯାତ୍ରା ଦୁଇ ମାସ ବନ୍ଦ ରହିବା ପରେ ଆସନ୍ତା ୨୮ ତାରିଖରୁ ପୁଣିଥରେ ତେଲଙ୍ଗାନାରେ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାର ଯେଉଁଠାରେ ତାଙ୍କ ପଦଯାତ୍ରାକୁ ରୋକିଥିଲେ, ସେହିଠାରୁ ହିଁ ଏହା ଆରମ୍ଭ ହେବ। କେ. ଚନ୍ଦ୍ରଶେଖର ରାଓ (କେସିଆର୍) ସରକାରଙ୍କ ଶାସନ ବିରୋଧରେ ତାଙ୍କ ଲଢ଼େଇ ଜାରି ରହିବ ବୋଲି ଶର୍ମିଳା ଘୋଷଣା କରିଛନ୍ତି। ୯ ବର୍ଷର ଶାସନ କାଳରେ କେସିଆର୍ ରାଜ୍ୟବାସୀଙ୍କୁ ଦୁର୍ଗତି ମଧ୍ୟକୁ ଠେଲିଦେଇଥିବା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷା କହିଛନ୍ତି।


## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱ. ସୁଦାମ ଚରଣ ପଟ୍ଟନାୟକ**
ଆବିର୍ଭାବ : ୧୬.୧୦.୧୯୩୦
ତିରୋଧାନ : ୨୫.୦୧.୨୦୧୯
ଚାହିଁ ଚାହିଁ ଚାରି ବର୍ଷ ବିତିଗଲା । ତମ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ । ତମର ସ୍ନେହ, ଶ୍ରଦ୍ଧା ଆମ ଜୀବନରେ ପ୍ରେରଣାର ଉତ୍ସ ହେଉ ।
ସାତ୍ୟକୀ-ସୁଶ୍ରୀ, ସଞ୍ଜୟ-ସ୍ମିତା, ଶୁଭେନ୍ଦୁ-ଅର୍ଚ୍ଚନା, ସସ୍ମିତା-ଲୋକନାଥ ପ୍ରସାଦ, ସନ୍ଦୀପ-ପଲ୍ଲବୀ, ମିଠୁନ, ଲିପି-ବିବେକ, ରୁଷାଲୀ, ସୋନୁ, ଗୁଲ୍ଲି, ସୋମି, ପିନୁ ଓ ନୋରା
ଧ-୬୧୯୪୭

**ଦ୍ୱାବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ**



**ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ**
ପ୍ଲଟ୍ ନଂ.- ୨୦୨୫, ମହତାବ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୫୬୯

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE ' SAME PRICE
For Single Day | For 7 Days | For 15 Days | For 30 Days
For Booking Contact
0674-2580385

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ତୁଟୁନି ବିଜେଡି-ଭାଜପା କଳି

## ସରିଲା ଆବାସ ଅଭିଯୋଗର ସମୟସୀମା

- ଆଜି ସବୁ ବ୍ଲକରେ ଆନ୍ଦୋଳନ କରିବ ଭାଜପା
- ୭ ଦିନରେ ଚୂଡ଼ାନ୍ତ ତାଲିକା ନ ଦେଲେ ଜୋର୍‌ଦାର ଆନ୍ଦୋଳନ ଚେତାବନୀ
- ଭାଜପା ଅଯୋଗ୍ୟ ତାଲିକା ପ୍ରକାଶକରୁ: ବିଜେଡି

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ବିଜେଡି ଏବଂ ଭାଜପା ମଧ୍ୟରେ ଆବାସ ତାଲିକା ପ୍ରସ୍ତୁତି ଏବଂ ଘର ବଣ୍ଟନକୁ ନେଇ ମୁହାଁମୁହିଁ ପରିସ୍ଥିତି ଜାରି ରହିଛି। ମଙ୍ଗଳବାର ରାଜ୍ୟର କେତୋଟି ବ୍ଲକରେ ଭାଜପା ଆନ୍ଦୋଳନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜେଡି ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍‌ଦେଇ ଦଳୀୟ ଆଧାରରେ ଆବାସ ବଣ୍ଟନ କରୁଥିବା ଭାଜପା ଅଭିଯୋଗ କରୁଛି। ଏହାସହ ଲକ୍ଷାଧିକ ଅଭିଯୋଗ ଆସି ପହଞ୍ଚିଥିବା ମଧ୍ୟ ସେମାନେ କହିଛନ୍ତି। ତେବେ ମଙ୍ଗଳବାର ଆବାସ ଘର ଦୁର୍ନୀତି ନେଇ ଅଭିଯୋଗ ଦାଖଲର ସମୟସୀମା ଶେଷ ହୋଇଛି। ଆସନ୍ତା ୨୬ ଏବଂ ୩୦ ତାରିଖରେ ଗ୍ରାମସଭା ହେବ। ଏହାପରେ ଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ତେବେ ଭାଜପା ବୁଧବାର ରାଜ୍ୟର ସବୁ ବ୍ଲକରେ ଆନ୍ଦୋଳନ କରିବାକୁ ଥିବାବେଳେ ଆସନ୍ତା ୭ ଦିନ ମଧ୍ୟରେ ଅଭିଯୋଗର ତର୍ଜମାକରି ଚୂଡ଼ାନ୍ତ ତାଲିକା ପ୍ରକାଶ କରିବାକୁ ଦାବି କରିଛି। ଯଦି ୭ ଦିନରେ ସରକାର ଏହି କାମ ନ ସାରନ୍ତି ଭାଜପା ଆନ୍ଦୋଳନକୁ ଆହୁରି ତୀବ୍ର କରିବା ସହ ଆଗକୁ ବିଧାନସଭା ଘେରାଉ କରିବ ବୋଲି ଚେତାବନୀ ଦେଇଛି। କିନ୍ତୁ ଭାଜପା ପାଖରେ ଦୁର୍ନୀତି ନେଇ କି ପ୍ରକାର ଅଭିଯୋଗ ରହିଛି ତାହା ଦେଖାଉ ବୋଲି ବିଜେଡି କହିଛି।

ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଆବାସ ଯୋଜନାରେ ଯେଉଁମାନେ ଯୋଗ୍ୟ କେବଳ ସେମାନଙ୍କୁ ଘର ଦିଆଯାଉ। ସମସ୍ତେ ଏହା ଉପରେ ନଜର ରଖିଛନ୍ତି। ଚୂଡ଼ାନ୍ତ ତାଲିକା ପ୍ରକାଶ ପୂର୍ବରୁ ଭଲ ଭାବେ ରାଜ୍ୟ ସରକାର ସମୀକ୍ଷା କରନ୍ତୁ। ଯେଉଁ ତାଲିକା ପ୍ରକାଶ ପାଇବ ତାହା ଅଣ୍ଡର ଟେବୁଲ ନ ହେଉ ବୋଲି ଅପରାଜିତା କହିଛନ୍ତି।

ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି, ଯେତିକି ଘର ଦେବା ଲାଗି ମନ୍ତ୍ରଣାଳୟ ରାଜି ହୋଇଥିଲା ଆସିବା ବେଳକୁ ସେଥିରୁ ୨୦ ପ୍ରତିଶତ କମିଗଲାଣି। ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନେ ତଥ୍ୟ ଓ ପ୍ରମାଣ ରଖି କଥା କୁହନ୍ତୁ। ସେଥିଲାଗି ଅଭିଯୋଗ କରିବା ପାଇଁ ସମୟ ଦିଆଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ଜାରି କରୁ ବୋଲି ଦେବୀ କହିଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ଅଭିଯୋଗ କରିବା ଲାଗି ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ସମୟ ଦିଆଗଲା। ଏଥିଲାଗି ବାକ୍ସରେ ଚିଠି ପକାଇବାଠାରୁ ଆରମ୍ଭକରି ଇ-ମେଲ୍, ଫୋନ୍ ଏବଂ ମେସେଜ ମାଧ୍ୟମରେ ଅଭିଯୋଗ କରିବା ଲାଗି ବ୍ୟବସ୍ଥା କରାଯାଇଥିଲା। ଆଉ ଏଥିପାଇଁ ଅନେକ ସମୟ ମଧ୍ୟ ଦିଆଯାଇଛି। ତେଣୁ ଆଗକୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଯାହା କିଛି କରାଯିବ ବୋଲି ସେ କହିଛନ୍ତି।


# Classified Everyday
0674-2580101, 2549949



MATRIMONIAL

**BRIDE WANTED**

Divorce Khandayat Boy 45/ MNC Manager/ P.M- 80,000. ‘SUHAG’ 9938199964. D-2556

Divorcee/Widow caste no bar 40 to 50 age working woman required for Bhubaneswar based Brahmin Professor 8917227438. D-2544

**Sarkar Bengali (Kayastha) 32yr/5’8” Btech ETC own Business 5Lac PA. Parents pensioners, Only Son, sister married, expects graduate Housewife, 9937164930.** D-2543

Brahmin Boy 1988 5’7”, B.Tech, MS. Software Engineer Imfosys “SUNASANSAR”. 9937512659, 8249969649. D-2549

**GROOM WANTED**

40 ବୟସ୍କା, ସୁନ୍ଦର ଅବିବାହିତା ବ୍ରାହ୍ମଣ ସରକାରୀ ଚାକିରି କରୁଥିବା ଝିଅଙ୍କ ପାଇଁ ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ- 8658185147. D-2557



REAL ESTATE

**SALE**

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

**30’road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot** ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। **7978671232 Whatsapp- 8908710655.** D-74189

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

**Urgent sale new 3BHK flat, 71 Lakhs, Nandan Vihar, Close to KIIT. No broker Contact- 7567785789.** D-2570

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

କଟକ - ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

ଭୁବନେଶ୍ୱର ପଟିଆ ଷ୍ଟେସନ **2 K.M., New Rly Station 400mtr.** ଦୂରତାରେ **yellowzone plot** ମିଳୁଛି **sqft.- 650/-. 8249081980.** D-74187

ଗଙ୍ଗପଡ଼ା NHରୁ 700mtr. distance (per sqft- 500/-), 200mtr. ଦୂରତାରେ (per sqft- 1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - **9348767829.** D-74173

Duplex sale at Bhubaneswar @ 45 Lakhs only- Contact: 9777433701. D-74199

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ଭୁବନେଶ୍ୱର ହଂସପାଳଛକରୁ **5 K.M.** ମଧ୍ୟରେ ବେଣୁପୁରରେ **30’** ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। **6371364640, 9776366322.** D-74184

**NH side plot (gharabari, boundarywall), Nakhara to Niali road, Cuttack. 8249851363.** D-74628

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200mtr** ଦୂରରେ **BDA yellowzone** ପ୍ଲଟ୍ **boundary** ସହ ମିଳୁଅଛି। **8338932027, 7978676652.** D-74192

କଳାରାହାଙ୍ଗ **(New Railway Station)** ପାଖରେ **SC, General plot** ମିଳୁଛି। **7008492511.** D-2509



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583





Newly open full body massage ladies and gents. 8327740003, 8093860513. D-74631

Newly open health benefits SPA special offer@999 Nayapalli. 7846814019. D-73676

**Full body massage by experience therapist @ 999 only. 9078484455 (Bhubaneswar).** D-2453

Newly open SPA positively health benefits with expert therapist. 7849011931. D-73677

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74632



BUSINESS

ନୂଆ କିମ୍ବା ପୁରୁଣାଘରେ ଉଈ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଚତୁର୍ଥ ଜନ୍ମବାର୍ଷିକୀ ଶୁଭେଚ୍ଛା**





(ଇଶାନ)
**ଦେବାଂଶ ଦାଶ**
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ ଓ ତୋର ଭବିଷ୍ୟତ ଉଜ୍ଜଳ ହେଉ। **ଶୁଭେଚ୍ଛା ସହ:** ଜେଜେବାପା, ଜେଜେମା’, ଆଈ, ପାପା, ମାମା, ପିଉସା, ମାମାନାନୀ, ଗୁନୁନାନୀ, ମାମୁ, ମାଇଁ, ମଉସା, ମାଉସୀ, ତିତିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ଯାଶିକା ଓ ଯେଶିଲ ।
ଧ-୬୩୭୪୧

**AFFIDAVIT**

Affidavit 19.01.2023 before Executive Magistrate, Bhubaneswar my name has changed from Sujata Nayak to Sujata Samantaray as per my husband surname. So Sujata Nayak & Sujata Samantaray is one and same person. At- Bairipur, PO.- Bantuligrama, P.S- Gop, Dist.- Puri for all purpose. D-46576

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଖଣିଜପାଣ୍ଠିକୁ ଯେପରି ଟିକସ ଯିବା କଥା ସେଭଳି ଯାଉନି: ଅପରାଜିତା

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଦୀର୍ଘ ଦଶନ୍ଧି ପରେ ଓଡ଼ିଶାରେ ପୁଣିଥରେ ଲକ୍ଷାଧିକ କୋଟି ଟଙ୍କାର ଖଣି ଦୁର୍ନୀତି ଓ ଅନିୟମିତତା ହୋଇଛି। ରାଜ୍ୟ ସରକାର ଏହି ଅନିୟମିତତାକୁ ସ୍ୱୀକାର କରିବା ସହ ରାଜ୍ୟ ଖଣି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ସହ ତଦନ୍ତ ମାଧ୍ୟମରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର ସରକାରଙ୍କୁ ଅବଗତ କରିଛନ୍ତି। କିନ୍ତୁ ରାଜ୍ୟର ଏହି ଉତ୍ତର କେନ୍ଦ୍ର ସରକାରଙ୍କୁ ସନ୍ତୁଷ୍ଟ କରିପାରିନାହିଁ ଓ ପୁଣିଥରେ ବିସ୍ତୃତ ରିପୋର୍ଟ ପଠାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଅପରାଜିତା ରାଜ୍ୟରେ ଖଣି ଦୁର୍ନୀତି ଓ ଅନିୟମିତତା ପ୍ରସଙ୍ଗରେ କେନ୍ଦ୍ର ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଏକ ଚିଠିକୁ ଉଲ୍ଲେଖକରି କହିଛନ୍ତି, ଓଡ଼ିଶାରେ ଘରୋଇ ଖଣି ଲିଜ୍‌ଧାରୀ କମ୍ପାନୀଗୁଡ଼ିକ ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଲୁହାପଥର(୫୫%ରୁ କମ୍) ଦର୍ଶାଇଥିବାରୁ ରାଜକୋଷକୁ ହଜାର ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡ଼ୁଛି। ଏପରିକି ଜିଲା ଖଣିଜ ପାଣ୍ଠିକୁ ଯେଉଁ ପରିମାଣରେ ଟିକସ ଯିବା କଥା ସେଭଳି ମଧ୍ୟ ଯାଉନାହିଁ। ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋରେଶନ ଟ୍ରଷ୍ଟକୁ ମଧ୍ୟ ପାଣ୍ଠି ହ୍ରାସ ହୋଇଛି। ଆଗାମୀ ଦିନରେ ଏଭଳି ଅନିୟମିତତା ଯେପରି ନ ହେବ ତା’ର ଗ୍ୟାରେଣ୍ଟି କ’ଣ ଓ କିଭଳି ପଦକ୍ଷେପ ନିଆଯାଉଛି ତାହା ରାଜ୍ୟ ସରକାର ସ୍ପଷ୍ଟ କରିବା ଦରକାର। ୨୦୨୧-୨୨ ଆର୍ଥିକ ବର୍ଷରେ ଯେଉଁ ଲିଜ୍‌ଧାରୀମାନେ ଏଭଳି ଦୁର୍ନୀତି ଓ ଅନିୟମିତତା କରିଛନ୍ତି ସେମାନଙ୍କ ବିରୋଧରେ କ’ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ରାଜକୋଷକୁ ହୋଇଥିବା କ୍ଷତିକୁ ଭରଣା ନିମନ୍ତେ କ’ଣ ପଦକ୍ଷେପ ନିଆଯାଇଛି ତାହା ରାଜ୍ୟ ସରକାର ଜଣାନ୍ତୁ ବୋଲି ଅପରାଜିତା କହିଛନ୍ତି।

ଭାରତର ନିର୍ବାଚନ ଆୟୋଗ

୧୩ତମ ଜାତୀୟ ମତଦାତା ଦିବସ

ଅବସରରେ ସମସ୍ତ ମତଦାତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି

୨୫ ଜାନୁୟାରୀ, ୨୦୨୩

ଭୋଟିଂ ଭଳି କିଛି ନାହିଁ ଭୋଟ ମୁଁ ନିଶ୍ଚୟ ଦେବି NVD2023

ଥିମ୍:

ଭୋଟିଂ ଭଳି କିଛି ନାହିଁ, ଭୋଟ ମୁଁ ନିଶ୍ଚୟ ଦେବି



ମୁଖ୍ୟ ଅତିଥି

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ଭାରତର ମାନ୍ୟବର ରାଷ୍ଟ୍ରପତି

ସମ୍ମାନିତ ଅତିଥି

ଶ୍ରୀ କିରେନ୍ ରିଜିଜୁ

ମାନ୍ୟବର ଆଇନ ଓ ନ୍ୟାୟ ମନ୍ତ୍ରୀ

କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ

ପୁରସ୍କାର

ସର୍ବଶ୍ରେଷ୍ଠ ନିର୍ବାଚନୀ ପଦ୍ଧତି

ବଣ୍ଟନ

ନୂଆ ଭୋଟରଙ୍କୁ ଇପିଆଇସି

ଇସିଆଇ ସଙ୍ଗୀତ ଉନ୍ମୋଚନ

ମେଁ ଭାରତ ହୁଁ, ହମ୍ ଭାରତ କେ ମତଦାତା ହେଁ

ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କୁ ସାଦର ଭେଟି

'ଇଲେକ୍ସିଂ ଦି ଫାର୍ଷ୍ଟ ସିଟିଜେନ୍ - ଆନ୍ ଇଲୁଷ୍ଟ୍ରେଟେଡ୍ କ୍ରୋନିକଲ୍ ଅଫ୍ ଇଣ୍ଡିଆସ୍ ପ୍ରେସିଡେନ୍ସିଆଲ୍ ଇଲେକ୍ସନ୍ସ'

ଅବାଧ ଏବଂ ନିରପେକ୍ଷ ନିର୍ବାଚନୀ ପ୍ରକ୍ରିୟାକୁ ସକ୍ଷମ କରୁଛି ପ୍ରଯୁକ୍ତିବିଦ୍ୟା

ଭୋଟର ହେଲ୍ପଲାଇନ୍ ଆପ୍ | ସକ୍ଷମ ଇସିଆଇ ଆପ୍ | ନୋ ୟୋର୍ କ୍ୟାଣ୍ଡିଡେଟ୍ ଆପ୍ | ସି-ଭିଜିଲ ଆପ୍ | ଭୋଟର ଟର୍ନଆଉଟ୍ ଆପ୍ | ବୁଥ୍ ଆପ୍ | ଗରୁଡ଼ ଆପ୍ | ଏନ୍‌କୋର୍ | ଅବ୍‌ଜର୍ଭର୍ ଆପ୍ | ଇଭିଏମ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ | ଇଆରଓ ନେଟ୍

FB.com/ECI @ecisveep youtube.com/eci @ecisveep 1950 ଭୋଟର ହେଲ୍ପଲାଇନ୍

CBC 52101/13/0032/2223

## ପଣ୍ଟିଂଙ୍କ ସମକକ୍ଷ ହେଲେ ରୋହିତ

**ଇନ୍ଦୋର, ୨୪।୧ (ପି.ଟି.):** ୨୦୨୦ ପରେ ପ୍ରଥମ ଥର ପାଇଁ ଦିନିକିଆ ଶତକ ହାସଲ କରିଥିବା ଭାରତ ଅଧିନାୟକ ରୋହିତ ଶର୍ମା ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂଙ୍କ ସମକକ୍ଷ ହୋଇଛନ୍ତି। ଦୀର୍ଘ ୫୦୯ ଦିନର ବ୍ୟବଧାନ ପରେ ରୋହିତ ଶତକ ହାସଲ କରିଥିବା ବେଳେ ଏହା ଦିନିକିଆରେ ତାଙ୍କର ୩୦ତମ ଶତକ। ପଣ୍ଟିଂ ୩୭୫ ମ୍ୟାଚରୁ ୩୦ ଶତକ ହାସଲ କରିଥିବା ବେଳେ ମାତ୍ର ୨୪୧ ତମ ଦିନିକିଆରୁ ରୋହିତ ନିଜ କ୍ୟାରିୟରର ୩୦ତମ ଶତକ ହାସଲ କରିଛନ୍ତି। ସଚିନ ତେନ୍ଦୁଲକର (୪୯) ଏବଂ ବିରାଟ କୋହଲି (୪୬) କେବଳ ରୋହିତଙ୍କ ଠାରୁ ଶତକ ସଂଖ୍ୟାରେ ଆଗରେ ଅଛନ୍ତି। ଏହା ସହିତ ୬ଟି ଛକା ମାରିଥିବା ରୋହିତ ଦିନିକିଆରେ ନିଜ ଛକା ସଂଖ୍ୟା ୨୭୩ରେ ପହଞ୍ଚାଇଛନ୍ତି।

## ଆଇସିସି ଦିନିକିଆ ଦଳରେ ଆୟର, ସିରାଜ

**ଦୁବାଇ, ୨୪।୧ :** ଆଇସିସି ପକ୍ଷରୁ ୨୦୨୨ର ଅନ୍ତର୍ଜାତୀୟ ଦିନିକିଆ ଦଳ ଘୋଷଣା କରାଯାଇଛି। ବାବର ଆଜମଙ୍କୁ ଦଳର ଅଧିନାୟକ କରାଯାଇଥିବା ବେଳେ ଏଥିରେ ଭାରତର ଦୁଇ ଜଣ ଖେଳାଳି ମିଡିଲ ଅର୍ଡର ବ୍ୟାଟର ଶ୍ରେୟସ ଆୟର ଓ ଯୁବ ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ସ୍ଥାନ ମିଳିଛି। ୨୦୨୨ରେ ଆୟରଙ୍କ ପାଇଁ ଏକ ସଫଳ ବର୍ଷ ଥିଲା। ଷ୍ଟାର ଖେଳାଳିଙ୍କୁ ନେଇ ଭାରତର ୫୦ ଓଭର ବ୍ୟାଟିଂ ଲାଇନ୍ ଅପ୍‌ରେ ସେ ଅନ୍ୟତମ ଖେଳାଳି ରହିଥିଲେ। ଆୟର ୧୭ଟି ମ୍ୟାଚ୍ ଖେଳି ୭୨୪ ରନ କରିଛନ୍ତି। ଅନ୍ୟପକ୍ଷରେ ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ସିରାଜ ୧୫ଟି ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୪ ଉଇକେଟ ଅକ୍ତିଆର କରିଛନ୍ତି।

# ଭାରତର କ୍ଲିନ୍ ସୁଇପ୍

## ରୋହିତ, ଗିଲ୍‌ଙ୍କ ଶତକ





ଶତକ ହାସଲକାରୀ ଶୁବମନ ଗିଲ୍ ଓ ରୋହିତ ଶର୍ମା।

**ଇନ୍ଦୋର,୨୪।୧(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚକୁ ୯୦ ରନରେ ଜିତିବା ସହିତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ୍‌କୁ କ୍ଲିନ୍ ସୁଇପ୍ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରି ଭାରତ ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲଙ୍କ ଶତକ ବଳରେ ୯ ଉଇକେଟରେ ୩୮୫ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୪୧.୨ ଓଭରରେ ୨୯୫ ରନରେ ଅଲଆଉଟ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଓପନର ଡେଭନ କନୱେ ୧୩୮ ରନ୍ କରିଥିଲେ।

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅଧିନାୟକ ରୋହିତ ଶର୍ମା (୧୦୧) ଓ ଓପନର ଶୁବମନ ଗିଲ(୧୧୨) ପ୍ରଥମ ଉଇକେଟରେ ୨୧୨ ରନ୍ ଯୋଡି ଭାରତକୁ ଏକ ଦୃଢ ମୂଳଦୂଆ ପ୍ରଦାନ କରିଥିଲେ। ରୋହିତ ୮୫ ବଲ୍ ଖେଳି ୯ ଚୌକା ଓ ୬ ଛକା ମାରିଥିବା ବେଳେ ଗିଲ୍ ୭୮ ବଲରୁ ୧୩ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ୫୪ ରନ୍ କରିଥିବା ବେଳେ ବିରାଟ କୋହଲି ୩୬ ଓ ଶାର୍ଦ୍ଦୂଳ ଠାକୁର ୨୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବ୍ଲେୟାର ଟିକ୍‌ନର ଓ ଜାକବ୍ ଡଫି ୩ଟି ଲେଖାଏ ଉଇକେଟ ନେଇଥିଲେ। ୩୮୬ ରନ୍‌ର ପିଛା କରୁଥିବା ନ୍ୟୁଜିଲାଣ୍ଡ ପ୍ରଥମ ଓଭରରେ ଓପନର ଫିନ୍ ଆଲେନଙ୍କ ଉଇକେଟ ହରାଇଥିଲା। ତେବେ ଡେଭନ୍ କନୱେ(୧୩୮) ଓ ହେନରୀ ନିକୋଲ୍ସ(୪୨) ଦ୍ୱିତୀୟ ଉଇକେଟରେ ୧୦୬ ରନ୍ ଯୋଡିଥିଲେ। ଦୁଇ ଓଭର ମଧ୍ୟରେ ଶାର୍ଦ୍ଦୂଳ ଠାକୁର ତିନି ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। ୧୦୦ ବଲ୍ ଖେଳି ୧୨ ଚୌକା ଓ ୮ ଛକା ମାରିଥିବା କନୱେ ଆଉଟ ହେବା ସହିତ ନ୍ୟୁଜିଲାଣ୍ଡ ଇନିଂସ ଭୁଶୁଡି ପଡିଥିଲା। ମିଚେଲ୍ ସାଣ୍ଟନର ୩୪ ଓ ମାଇକେଲ ବ୍ରେସୱେଲ ୨୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୂଳ ଓ କୁଲଦୀପ ଯାଦବ ୩ଟି ଲେଖାଏ ଉଇକେଟ ନେଇଥିଲେ। ୟୁଜବେନ୍ଦ୍ର ଚହଲ ୨, ଉମ୍ରାନ ମଲିକ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶାର୍ଦ୍ଦୂଳ ଠାକୁରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଓ ଶୁବମନ ଗିଲଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

### ଭାରତ ନମ୍ବର ୱାନ

ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ କ୍ଲିନ୍ ସୁଇପ୍ କରିବା ସହିତ ଇଂଲଣ୍ଡକୁ ପଛରେ ପକାଇ ଭାରତ ଆଇସିସି ଦିନିକିଆ ମାନ୍ୟତାରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଭାରତ ୧୧୪ ରେଟିଂ ପଏଣ୍ଟ ହାସଲ କରିଥିବା ବେଳେ ବିଶ୍ୱ ଚାମ୍ପିୟନ୍ ଇଂଲଣ୍ଡ ୧୧୩ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଯଥାକ୍ରମେ ୩ ଓ ୪ ନମ୍ବର ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡ ଯଦି ଦକ୍ଷିଣ ଆଫ୍ରିକା ସିରିଜକୁ ୩-୦ରେ ବିଜୟୀ ହୁଏ ତେବେ ଏହା ପୁନର୍ବାର ଏକ ନମ୍ବର ସ୍ଥାନ ହାସଲ କରିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୮୫/୯(ଶୁବମନ ଗିଲ-୧୧୨, ରୋହିତ ଶର୍ମା-୧୦୧, ହାର୍ଦ୍ଦିକ ପାଣ୍ଡ୍ୟା-୫୪, ବ୍ଲେୟାର ଟିକ୍‌ନର-୩/୭୬, ଜାକବ୍ ଡଫି-୩/୧୦୦, ମାଇକେଲ ବ୍ରେସୱେଲ-୧/୫୧)। ନ୍ୟୁଜିଲାଣ୍ଡ ୪୧.୨ ଓଭରରେ ୨୯୫/୧୦ (ଡେଭନ୍ କନୱେ-୧୩୮,ହେନରୀ ନିକୋଲ୍ସ-୪୨, ମିଚେଲଗ ସାଣ୍ଟନର-୩୪, ଶାର୍ଦ୍ଦୂଳ ଠାକୁର-୩/୪୫, କୁଲଦୀପ ଯାଦବ-୩/୬୨, ୟୁଜବେନ୍ଦ୍ର ଚହଲ-୨/୪୩)।

ଆଖିର କ୍ଲାନ୍ତି ଦୂର କରିବାର ସହଜ ସମାଧାନ




Helps in:
- Eye Strain
- Eye Tiredness
- Eye Dryness
- Eye Freshness
- Eye Cleanliness

Dr. Juneja's ଆଇ ମନ୍ତ୍ରା
Ayurvedic Eye Relief Drops

ମୋର ନାମ ହୁକୁମ ସିଂହ, ବୟସ 29 ବର୍ଷ, ଜିଲ୍ଲା ଯୋଧପୁର, ରାଜସ୍ଥାନର ବାସିନ୍ଦା । ଦୀର୍ଘ ସମୟ ଧରି ମୋ ଆଖିରେ ଜଳନ, କ୍ଲାନ୍ତି ଓ ଆଖିରୁ ପାଣି ଝରିବା ସମସ୍ୟା ରହୁଥିଲା । ମୁଁ ଅନେକ ଔଷଧ ବ୍ୟବହାର କରି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୁଁ ଖବରକାଗଜରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସର ବିଜ୍ଞାପନ ଦେଖିଲି । ସମ୍ପୂର୍ଣ୍ଣ ସୂଚନା ନେବା ପରେ ମୁଁ ନିୟମିତ ଏହାକୁ ବ୍ୟବହାର କରିବା ଆରମ୍ଭ କଲି । ମାତ୍ର କିଛିଦିନ ମଧ୍ୟରେ ହିଁ ମୋତେ ଆଖି ସମ୍ବନ୍ଧୀୟ ସମସ୍ତ ସମସ୍ୟାରୁ ବହୁତ ଉପଶମ ମିଳିଲା । ଏବେ ମୋତେ ଆଖିର କୌଣସି ସମସ୍ୟା ନାହିଁ । **ଆଇ ମନ୍ତ୍ରା ବାସ୍ତବରେ ବହୁତ ଲାଭଦାୟକ ଅଟେ ।**

ମୋର ନାମ ଶେଖ୍ ଅବ୍ବାସ ହୁସେନ୍, ବୟସ 62 ବର୍ଷ, ମହାରାଷ୍ଟ୍ରର ବାସିନ୍ଦା ଅଟେ । ଅନେକ ସମୟ ଧରି ମୋ ଆଖିରୁ ପାଣି ଝରିବା, ଶୁଷ୍କତା, ଜଳନ ଭଳି ସମସ୍ୟା ଦେଖାଯିବାକୁ ଲାଗିଥିଲା । ଦିନେ ମୁଁ ଖବରକାଗଜରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସର ବିଜ୍ଞାପନ ଦେଖିଲି । ନିର୍ଦ୍ଦେଶ ଅନୁସାରେ ଏବଂ ପୂର୍ଣ୍ଣ ବିଶ୍ୱାସ ସହିତ ବ୍ୟବହାର କରିବା ପରେ ମାତ୍ର ଅଳ୍ପ କିଛି ଦିନରେ ହିଁ ମୋ ଆଖିରୁ ପାଣି ଝରିବା, ଶୁଷ୍କତା ଆଦି ସମସ୍ୟାରୁ ବହୁ ମାତ୍ରାରେ ଉପଶମ ମିଳିଲା । ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି । ସବୁଠାରୁ ଭଲ କଥା ହେଉଛି କି ଏହା ଏକ **ଆୟୁର୍ବେଦିକ ପ୍ରଡକ୍ଟ ଅଟେ ଯାହାର କୌଣସି ସାଇଡ୍-ଇଫେକ୍ଟ ମଧ୍ୟ ନାହିଁ ।**

ମୁଁ ମାଷ୍ଟର ଧର୍ମ ସିଂହ, ବୟସ 70 ବର୍ଷ, ଅମୃତସରର ନିବାସୀ ଅଟେ । କିଛି ମାସ ପୂର୍ବେ ମୋ ଆଖିରୁ ପାଣି ଝରିବା, କ୍ଲାନ୍ତି, ଜଳନ ଭଳି ସମସ୍ୟା ରହୁଥିଲା । ଏହି କାରଣରୁ ମୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲି । ଦିନେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସ ବିଷୟରେ ସୂଚନା ମିଳିଲା । ଏହାକୁ ଦୈନିକ ବ୍ୟବହାର କରିବା ଦ୍ୱାରା ମାତ୍ର ଅଳ୍ପ କିଛି ଦିନରେ ହିଁ ମୋର ଆଖି ସମ୍ବନ୍ଧୀୟ ସମସ୍ୟାରେ ବହୁତ ଲାଭ ମିଳିଲା । ଆଇ ମନ୍ତ୍ରା ପାଇଁ ମୁଁ କମ୍ପାନୀକୁ ଧନ୍ୟବାଦ କରୁଛି ଏବଂ ଯଦି ଅନ୍ୟ କାହାକୁ ମଧ୍ୟ ଏପରି କିଛି ସମସ୍ୟା ଅଛି ତେବେ **ଥରେ 'ଆଇ ମନ୍ତ୍ରା' ନିଶ୍ଚୟ ବ୍ୟବହାର କରି ଦେଖନ୍ତୁ ।**

ମୋର ନାମ ସୁରେନ୍ଦ୍ର ଗୁର୍ଜର, ବୟସ 29 ବର୍ଷ, ରାଜସ୍ଥାନର ବାସିନ୍ଦା ଅଟେ । ବିଗତ ଅନେକ ସମୟ ଧରି ପାଠପଢ଼ା ସମୟରେ ମୋ ଆଖିରୁ ପାଣି ଝରିବା, ଜଳନ, ଶୁଷ୍କତା ଭଳି ସମସ୍ୟା ରହୁଥିଲା । ଏହି କାରଣରୁ ମୋ ମୁଣ୍ଡବ୍ୟଥା ମଧ୍ୟ ହେଉଥିଲା । ଦିନେ ମୁଁ ଖବରକାଗଜରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସର ବିଜ୍ଞାପନ ଦେଖିଲି । ସମ୍ପୂର୍ଣ୍ଣ ସୂଚନା ହାସଲ କରିବା ପରେ ମୁଁ ଏହାର ବ୍ୟବହାର ଆରମ୍ଭ କରିଦେଲି । ବିଶ୍ୱାସ କରନ୍ତୁ, ଅଳ୍ପ କିଛି ଦିନରେ ହିଁ ମୋତେ ଏହାର ବହୁତ ଭଲ ପରିଣାମ ମିଳିଲା । ଏବେ ତ ମୁଁ ସମ୍ପୂର୍ଣ୍ଣ ଠିକ୍ ଅଛି । **ମୁଁ ଆୟୁର୍ବେଦିକ 'ଆଇ ମନ୍ତ୍ରା'କୁ ହୃଦୟରୁ ଧନ୍ୟବାଦ ଦେଉଛି ।**

24x7 Helpline: 8196822222 • www.eyemantra.com • Available at all leading medical stores

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୫/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, January 25/2023 Page 20 ₹ 7.00



**ଆଇସିସି ଟେଷ୍ଟ ଦଳରେ ପନ୍ତ**
ଆଇସିସି ପକ୍ଷରୁ ମନୋନୀତ ଟେଷ୍ଟ କ୍ରିକେଟ ଦଳରେ ଭାରତର ଏକ ମାତ୍ର ଖେଳାଳି ରିଷଭ ପନ୍ତଙ୍କୁ ସ୍ଥାନ ମିଳିଛି।
୦୫

୦୪
**ଆଜି 'ପଠାନ୍' ରିଲିଜ୍**
ବଲିଉଡ୍ ମେଗାଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ପଠାନ୍' ୧୦୦ରୁ ଊର୍ଦ୍ଧ୍ୱ ଦେଶର ୫ ହଜାର ସିନେମା ହଲ୍‌ରେ ରିଲିଜ୍ ହେଉଛି।





କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ସ୍ପେନ୍ ବିପକ୍ଷ ହକି ବିଶ୍ୱକପ କ୍ୱାର୍ଟର ଫାଇନାଲରେ ପେନାଲ୍ଟି ଷ୍ଟ୍ରୋକ ସେଭ୍ କରିବା ପରେ ଅଷ୍ଟ୍ରେଲିଆ ଗୋଲକିପର ଆଣ୍ଡ୍ରୁ ଚାର୍ଟରଙ୍କୁ ସାଥୀ ଖେଳାଳିଙ୍କ ବଧେଇ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୪-୩ ଗୋଲରେ ବିଜୟୀ ହୋଇଛି।

**ହକି ବିଶ୍ୱକପ୍**

| ବୁଧବାର ମ୍ୟାଚ୍ | | ମଙ୍ଗଳବାର ମ୍ୟାଚ ଫଳାଫଳ |
|---|---|---|
| ଇଂଲଣ୍ଡ ବନାମ ଜର୍ମାନୀ ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ଣ ୪.୩୦ | ନେଦରଲାଣ୍ଡ ବନାମ କୋରିଆ ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭.୦୦ | ଅଷ୍ଟ୍ରେଲିଆ-୪ ସ୍ପେନ୍-୩ |
| | | ବେଲଜିୟମ-୨ ନ୍ୟୁଜିଲାଣ୍ଡ-୦ |

# କନଷ୍ଟେବଲ ନିଯୁକ୍ତି ବୟସ ସୀମା ୪ବର୍ଷ କୋହଳ

- **କେବଳ ଚଳିତ ବର୍ଷ ପାଇଁ ସର୍ବାଧିକ ବୟସ ସୀମା ୨୩ରୁ ୨୭କୁ ବୃଦ୍ଧି**
- **୪,୭୯୦ ପଦବୀ ପାଇଁ ପ୍ରକାଶ ପାଇଥିଲା ବିଜ୍ଞପ୍ତି**
- **୩ ମାମଲାର ଏକତ୍ର ଶୁଣାଣି କରି ରାୟ ପ୍ରକାଶ**



**କଟକ ଅଫିସ,୨୪।୧**

କନଷ୍ଟେବଲ ନିଯୁକ୍ତି ପାଇଁ ବୟସ ସୀମା କୋହଳ ପ୍ରସଙ୍ଗରେ ହାଇକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ କନଷ୍ଟେବଲ ନିଯୁକ୍ତି ହୋଇ ନ ଥିବାରୁ ଆଶାୟୀଙ୍କ ସର୍ବାଧିକ ବୟସ ସୀମାକୁ ବିଚାରକୁ ନେଇ ୪ବର୍ଷ କୋହଳ କରାଯାଇଛି। ଏହି ନିର୍ଦ୍ଦେଶ କେବଳ ଚଳିତ ବର୍ଷ ପାଇଁ ଲାଗୁ ହେବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହିତ ଅଦାଲତ କୌଣସି ଶାରୀରିକ ଦକ୍ଷତା(ଫିଟ୍‌ନେସ) ପ୍ରସଙ୍ଗରେ କୋହଳ କରି ନାହାନ୍ତି। ବୟସ ସୀମା କୋହଳ ପାଇଁ ହାଇକୋର୍ଟରେ ଆଗତ ୩ଟି ମାମଲାର ଏକତ୍ର ଶୁଣାଣି କରି ବିଚାରପତି ଏ.କେ. ମହାପାତ୍ର ଏହି ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ୪,୭୯୦ କନଷ୍ଟେବଲ ପଦବୀ ପୂରଣ ପାଇଁ ୨୦୨୨ ଡିସେମ୍ବର ୩୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଆବେଦନକାରୀଙ୍କ ସର୍ବନିମ୍ନ ବୟସ ୧୭ ଏବଂ ସର୍ବାଧିକ ବୟସ ୨୩ ରଖାଯାଇଥିଲା। ଆବେଦନର ଶେଷ ତାରିଖ ୨୦୨୩ ଜାନୁୟାରୀ ୨୨ ରହିଥିଲା। ହେଲେ କୋଭିଡ୍ ଯୋଗୁ ଗତ ୪ବର୍ଷ ହେଲା କନଷ୍ଟେବଲ ନିଯୁକ୍ତି ହୋଇ ନ ଥିବା କାରଣରୁ ବହୁ ଆଶାୟୀ ଆବେଦନ କରିପାରି ନ ଥିଲେ ଏବଂ ସର୍ବାଧିକ ବୟସ ପାର କରିଯାଇଥିଲେ। ତେଣୁ ବୟସ ସୀମା କୋହଳ କରିବାକୁ ନଗେନ ଭୋଇ, ରଶ୍ମିରଞ୍ଜନ ବେହେରା, ସତ୍ୟଜିତ ପ୍ରଧାନ ଏବଂ ଅନ୍ୟମାନେ ହାଇକୋର୍ଟରେ ପୃଥକ ଆବେଦନ କରିଥିଲେ, ଯାହା ଯଥାକ୍ରମେ ଡବ୍ଲ୍ୟୁପିସି ନଂ. ୩୪୧/୨୦୨୩, ଡବ୍ଲ୍ୟୁପିସି ନଂ. ୩୧୪/୨୦୨୩ ଏବଂ ଡବ୍ଲ୍ୟୁପିସି ନଂ. ୮୮୦/୨୦୨୩ରେ ପଞ୍ଜୀକୃତ ହୋଇଥିଲା। ଗତ ୧୭ତାରିଖରେ ଉକ୍ତ ୩ମାମଲାର ବିଚାରପତି ମହାପାତ୍ରଙ୍କ ପୀଠରେ ଏକତ୍ର ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଥିଲା। ଅଦାଲତ ମଙ୍ଗଳବାର ଏହାର ରାୟ ପ୍ରକାଶ କରି ଗୃହ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ କନଷ୍ଟେବଳ ପଦବୀ ପାଇଁ ସର୍ବାଧିକ ବୟସ ସୀମାକୁ ୪ବର୍ଷ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା କେବଳ ଚଳିତ ଥର ପାଇଁ ଲାଗୁ ହେବ। ଏଥିସହିତ ଗତ ୩୦ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବେ ଖାରଜ ନ କରି କେବଳ ବୟସ ସୀମା ୪ବର୍ଷ ☞ପୃଷ୍ଠା-୫

# ଫେବୃୟାରୀ ୧୫ରୁ ଅସମ୍ଭାଳ ହେବ ତାତି

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଚଳିତ ବର୍ଷ ଶୀତର ପ୍ରକୋପ ନାହିଁ। ଜାନୁୟାରୀ ପ୍ରଥମ ସପ୍ତାହରେ ୨/୪ ଦିନ ରାଜ୍ୟରେ ଥଣ୍ଡାର ପ୍ରକୋପ ଦେଖା ଦେଇଥିବା ବେଳେ ଶୀତ ଏକପ୍ରକାର ଗାଏବ ହୋଇଯାଇଛି। ଜାନୁୟାରୀରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସକୁ ଟପିଗଲାଣି। ଆସନ୍ତା ଫେବୃୟାରୀ ୧୫ରୁ ରାଜ୍ୟରେ ଅସହ୍ୟ ତାତିର ପ୍ରକୋପ ସହ୍ୟ କରିବାକୁ ପଡ଼ିବ ବୋଲି ପାଣିପାଗ ବିଶେଷଜ୍ଞ ସତର୍କ କଲେଣି।

ରାଜ୍ୟରେ ତାତି ବଢ଼ିବା ଆରମ୍ଭ ହୋଇଛି। ଗତ କିଛିଦିନ ହେବ ଦିନର ସର୍ବୋଚ୍ଚ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବଢ଼ିଲାଣି। ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ପାରଦ ଉପରମୁହାଁ ହେବ। ଚଳିତ ମାସ ଶେଷ ଯାଏ ପାଗରେ କୌଣସି ପରିବର୍ତ୍ତନର ସୂଚନା ନାହିଁ। ନିକଟରେ ମଧ୍ୟ ବର୍ଷାର ☞ପୃଷ୍ଠା-୫

# ୱେବ୍‌ଚ୍ୟାନେଲ ଅଫିସରେ ସେକ୍ସ ର୍ୟାକେଟ

- **୪ ଦେହଜୀବୀଙ୍କ ସହ ୨ ଗ୍ରାହକ ଅଟକ**
- **ମାଷ୍ଟରମାଇଣ୍ଡ ଗିରଫ**

**କଟକ ଅଫିସ,୨୪।୧**

କଟକ ବାଦାମବାଡ଼ି ଥାନା ଅନ୍ତର୍ଗତ ସୂର୍ଯ୍ୟବିହାର ଲେନ-୨ସ୍ଥିତ ଏକ ୱେବ ଚ୍ୟାନେଲ ଅଫିସରେ ଚାଲିଥିବା ଏକ ସେକ୍ସ ର୍ୟାକେଟକୁ ପୋଲିସ ମଙ୍ଗଳବାର ଧରିଛି। କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ପୋଲିସ ଚଢ଼ାଉ ସମୟରେ ୫ଜଣ ଦେହଜୀବୀଙ୍କ ସମେତ ୨ ଗ୍ରାହକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ୪ ଜଣ ଦେହ ବ୍ୟବସାୟୀ ଅଟକ ଥିଲାବେଳେ ମାଷ୍ଟରମାଇଣ୍ଡ ଜଣେ ମହିଳାଙ୍କୁ ପୋଲିସ ଗିରଫ ଦର୍ଶାଇଛି। ଉଦ୍ଧାର ସମୟରେ ଅନେକ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ କରାଯିବା ସହ ବାଦାମବାଡ଼ି ଥାନାରେ ଇମୋରାଲ୍ ଟ୍ରାଫିକିଂ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି ଯେ, କେତେଦିନ ପୂର୍ବରୁ ଏହି ଅନୈତିକ କାର୍ଯ୍ୟ ଉକ୍ତ ୱେବ ଚ୍ୟାନେଲ ଅଫିସରେ ଚାଲିଥିଲା, ଏଥିରେ ୱେବ ଚ୍ୟାନେଲର ସମ୍ପୃକ୍ତି ରହିଛି କି ନାହିଁ ତାହା ତଦନ୍ତ ପରିସରଭୁକ୍ତ ରହିଛି। ଚଢ଼ାଉ ବେଳେ ଉଦ୍ଧାର ଗ୍ରାହକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଖୁବ୍‌ଶୀଘ୍ର ଏହି ଘଟଣାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଡିସିପି କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସୂର୍ଯ୍ୟବିହାର ଲେନ୍-୨ର ଏକ ଘର ସମ୍ମୁଖରେ ଏକ ୱେବ ଚ୍ୟାନେଲର ସାଇନ୍ ବୋର୍ଡ ମରାଯାଇଥିବାବେଳେ ଅଫିସ ଭିତରେ ଦୀର୍ଘ ଦିନ ହେବ ସେକ୍ସ ର୍ୟାକେଟ ଚାଲୁଥିଲା। ଏନେଇ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ। ଏହି ସେକ୍ସ ର୍ୟାକେଟ ଚଳାଉଥିବା ମାଷ୍ଟରମାଇଣ୍ଡ କୁହାଯାଉଥିବା ମହିଳା ଜଣକ କଟକ ସହର ବାସିନ୍ଦା କି ବାହାରର ସେ ସମ୍ପର୍କରେ ପୋଲିସ ଖୋଳତାଡ଼ କରୁଛି। ଉକ୍ତ ୱେବ ଚ୍ୟାନେଲକୁ ନେଇ ମଧ୍ୟ ପୋଲିସ ତଦନ୍ତ ଆରମ୍ଭ କରିଛି। ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି ତାହାକୁନେଇପୋଲିସଅଧିକତଦନ୍ତଚଳାଇଛି।

# ପ୍ଲାଷ୍ଟିକ୍ ବର୍ଜ୍ୟରୁ ଇନ୍ଧନ






- **ସବୁଜଗୃହ ବାଷ୍ପକୁ ବ୍ୟବହାରଯୋଗ୍ୟ କରିହେବ**
- **କେମ୍ବ୍ରିଜ୍ ବୈଜ୍ଞାନିକ ବିକଶିତ କଲେ ରିଆକ୍ଟର**

**ଲଣ୍ଡନ, ୨୪।୧**

ବିଶ୍ୱରେ ସବୁଜଗୃହ ବାଷ୍ପ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟର ପରିମାଣ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା ଉଭୟ ବାୟୁମଣ୍ଡଳ ଓ ପରିବେଶ ଦୂଷିତ ହେଉଛି। ବିଷାକ୍ତ ବାଷ୍ପ ଓ ପ୍ଲାଷ୍ଟିକ୍ ଯୋଗୁ ଲୋକଙ୍କୁ ବହୁ ଅଜଣା ରୋଗ ଗ୍ରାସ କରୁଥିବାବେଳେ ଅନେକ ପ୍ରଜାତିର ଜୀବ ଏବେ ବିଲୁପ୍ତ ହେବାକୁ ବସିଛନ୍ତି। ସବୁଜଗୃହ ବାଷ୍ପ ଓ ପ୍ଲାଷ୍ଟିକ୍ ବର୍ଜ୍ୟକୁ ବ୍ୟବହାରଯୋଗ୍ୟ କରିବା ଲାଗି ବ୍ରିଟେନସ୍ଥିତ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଏକ ସିଷ୍ଟମ ବା ରିଆକ୍ଟର ଉଦ୍ଭାବନ କରିଛନ୍ତି। ଏହା ପ୍ଲାଷ୍ଟିକ୍ ବର୍ଜ୍ୟକୁ ଇନ୍ଧନରେ ରୂପାନ୍ତରିତ କରିବ।

ରେଇଜ୍‌ନର ଲ୍ୟାବ୍‌ରେ ପ୍ରଫେସର୍ ଇର୍‌ୱିନ୍ ରେଇଜ୍‌ନରଙ୍କ ଅଧକ୍ଷତାରେ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଏହି ରିଆକ୍ଟର ତିଆରି କରାଯାଇଛି। ଏହା ସୌର ଶକ୍ତି ଦ୍ୱାରା ପରିଚାଳିତ। ଏଥିରେ ଦୁଇଟି କମ୍ପାର୍ଟମେଣ୍ଟ ବା କକ୍ଷ ରହିଥାଏ। କାର୍ବନ ଡାଇଅକ୍ସାଇଡ୍ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟ ପୃଥକ୍ ଭାବେ ବ୍ୟବହାର ଉପଯୋଗୀ ପଦାର୍ଥରେ ରୂପାନ୍ତରିତ କରାଯାଏ ବୋଲି ଗବେଷକ ମୋତିଆର୍ ରହମାନ କହିଛନ୍ତି। ରିଆକ୍ଟର ବ୍ୟବହାର ଦ୍ୱାରା କାର୍ବନ ଡାଇଅକ୍ସାଇଡ୍ ଓ ପ୍ଲାଷ୍ଟିକ୍ ୱେଷ୍ଟରୁ ସିନ୍‌ଗ୍ୟାସ୍, ଫର୍ମିକ ଏସିଡ୍ ଏବଂ ଗ୍ଲାଇକୋଲିକ୍ ଏସିଡ୍‌ରେ ପରିବର୍ତ୍ତନ କରାଯାଇଥାଏ। ତରଳ ଇନ୍ଧନ ତିଆରି କ୍ଷେତ୍ରରେ ସିନ୍‌ଗ୍ୟାସ୍ ବ୍ୟବହାର କରାଯାଉଥିବାବେଳେ ଫର୍ମିକ୍ ଏସିଡ୍‌କୁ ଚମଡ଼ା କାରଖାନା ଏବଂ ଗ୍ଲାଇକୋଲିକ୍ ଏସିଡ୍‌କୁ ଔଷଧ ନିର୍ମାଣରେ ବହୁଳ ମାତ୍ରାରେ ବ୍ୟବହାର କରାଯାଏ। ବର୍ଜ୍ୟକୁ ବ୍ୟବହାର ଉପଯୋଗୀ ପଦାର୍ଥର ରୂପାନ୍ତରିତ କାର୍ଯ୍ୟ ଫେଟୋ ଇଲେକ୍ଟ୍ରୋଡ୍‌ସ ପ୍ରସେସ୍‌ରେ ହେଉଥିବାବେଳେ ସମ୍ପୂର୍ଣ୍ଣ ପ୍ରଣାଳୀରେ ଏହା କାଟାଲିଷ୍ଟ (କେମିକାଲ ରିଆକ୍ସନ୍‌ରେ ବ୍ୟଗ୍ରତା ଆଣୁଥିବା ପଦାର୍ଥ) ଭାବେ କାର୍ଯ୍ୟ କରିଥାଏ ବୋଲି ରହମାନ ସୂଚନା ଦେଇଛନ୍ତି। କାଟାଲିଷ୍ଟ ପରିବର୍ତ୍ତନ କରି ବର୍ଜ୍ୟ ଓ କ୍ଷତିକାରକ ଗ୍ୟାସ୍‌ରୁ ଅନେକ ବ୍ୟବହାର ଉପଯୋଗୀ ପଦାର୍ଥର ଉଦ୍ଭାବନ କରାଯାଇ ପାରିବ ବୋଲି ଷ୍ଟଡିର ଆଉଜଣେ ଗବେଷକ ଶୁଭଜିତ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି। ବହୁ ଦେଶ ଏହି ରିଆକ୍ଟରର ବ୍ୟବହାର କରି ଜଳବାୟୁ ପରିବର୍ତ୍ତନ ଜନିତ ଅସୁବିଧାରୁ ମଧ୍ୟ ନିସ୍ତାର ପାଇ ହେବ ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି। ଉଭୟ ଭଟ୍ଟାଚାର୍ଯ୍ୟ ଏବଂ ରେହମାନ ଭାରତୀୟ ବୋଲି ଜଣାପଡ଼ିଛି।



# ଜୈବିକ ପ୍ରଣାଳୀରେ କଳରାଚାଷ



ମାନସ ରଞ୍ଜନ ପଟ୍ଟନାୟକ

ପନିପରିବା ମଧ୍ୟରେ କଳରା ବେଶ ପରିଚିତ। ଏହାର ସ୍ୱାଦ ଖୁବ୍ ପିତା ହେଲେ ହେଁ ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ବିଶେଷଭାବରେ ମଧୁମେହ ବା ଡାଇବେଟିସ୍ ଏବଂ କୃମିଜନିତ ରୋଗ ପାଇଁ ଏହା ଲାଭପ୍ରଦ । କଳରାରୁ କଳରା ଜୁସ୍, କଳରା ଆଚାର, କଳରା ଚଟଣି, କଳରା ବଡ଼ି, କଳରା ଚିପ୍ସ ଆଦି ପ୍ରସ୍ତୁତ କରାଯାଇପାରିବ। ଏଥିରେ ଅନେକ ପ୍ରକାର ପୋଷକତତ୍ତ୍ୱ ଭରି ରହିଛି। କଳରାରେ ପୁଷ୍ଟିସାର ୨୧ ପ୍ରତିଶତ, ସ୍ନେହସାର ୧.୦ ପ୍ରତିଶତ, ଶ୍ୱେତସାର ୯.୮ ପ୍ରତିଶତ, ଖଣିଜ ଲବଣ ୧.୪ ପ୍ରତିଶତ ଏବଂ ଜୀବନିକା ୨.୫ ପ୍ରତିଶତ ରହିଛି।

ଆମ ଦେଶରେ ବିଭିନ୍ନ ପ୍ରକାର ଦେଶୀ ଓ ବର୍ଣ୍ଣଆ କିସମ କଳରା ଦେଖିବାକୁ ମିଳେ। ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ, ତାମିଲନାଡୁ ଏବଂ ଓଡ଼ିଶା ଆଦି ରାଜ୍ୟରେ କଳରା ବହୁଳ ପରିମାଣରେ ଚାଷ ହେଉଛି। ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲା ଯଥା-କେନ୍ଦ୍ରାପଡ଼ା, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ ବ୍ୟତୀତ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀରରେ ଏହାକୁ ଚାଷ କରାଯାଇପାରିବ। ବର୍ତ୍ତମାନ ଢେଙ୍କାନାଳ ଜିଲାରେ ବର୍ଷ ସାରା ଏହାକୁ ଚାଷ କରାଯାଇପାରୁଛି ଏବଂ ସେଥିରୁ ଲାଭ ମଧ୍ୟ ମିଳୁଛି।

**ଜଳବାୟୁ**

ଅତ୍ୟଧିକ ଶୀତ ଏବଂ ଅତ୍ୟଧିକ ଉତ୍ତାପ ସମୟରେ କଳରା ଚାଷ କରାଯାଇପାରିବ। ଯଦି ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ହୁଏ ତେବେ ଏଥିରେ ଅଣ୍ଡିରାଫୁଲ ହୋଇଥାଏ। ତାପମାତ୍ରା ୧୮ ଡିଗ୍ରୀରୁ କମ୍ ଏବଂ ୪୦ ଡିଗ୍ରୀରୁ ଅଧିକ ହେଲେ କଳରା ଫସଲରେ ରୋଗ ପ୍ରାଦୁର୍ଭାବ ଅଧିକ ଥାଏ।

**ମୃତ୍ତିକା**

ଉର୍ବର, ନିଗିଡ଼ା ତଥା ଦୋରସା ଏବଂ ବାଲିଆ-ଦୋରସା ଏବଂ ଯେଉଁ ମାଟିର ଅମ୍ଳତା ୬.୫ରୁ ୭.୦ ଥାଏ ସେଭଳି ମାଟିରେ କଳରା ଚାଷ ଭଲ ହୋଇପାରିବ।

**କିସମ**

ଆକାର ଅନୁସାରେ କଳରା ୨ ପ୍ରକାର- ଛୋଟ ଏବଂ ଲମ୍ବା। ଛୋଟ କଳରାର ଉନ୍ନତ କିସମଗୁଡ଼ିକ ହେଲା-ଆର୍କାହରିତ୍, ପ୍ରୀତି,ନଖରା ଇମ୍ଫୁଭ। ଲମ୍ବା କଳରାର ଉନ୍ନତ କିସମ ମଧ୍ୟରେ ରହିଛି-ସିଓ-୧, ଏମ୍‌ଡିୟୁ ୧, ପୁଷା ଦୋ ମୌସୁମୀ, ଆର୍କା ହରିତ, ଲଙ୍ଗ୍‌ଗ୍ରୀନ୍। ସଙ୍କରଜାତୀୟ କିସମଗୁଡିକ ହେଲା-ହାଇବ୍ରିଡ୍ ୪, ହ୍ୱାଇଟ୍ ଲଙ୍ଗ୍, ଗ୍ରୀନ୍ ଲଙ୍ଗ୍, ଚମନ୍, ସମର ଗ୍ରୀନ୍, ସୋନମ୍, କିରଣ, ପ୍ରାଚୀ, ଶ୍ରୀୟା, ପୁଷା ଏବଂ ପୁଷା ହାଇବ୍ରିଡ୍।

**ମଞ୍ଜି ବୁଣିବା ପ୍ରଣାଳୀ**

କଳରା ଲଗାଇବା ପାଇଁ ଧାଡ଼ିକୁ ଧାଡ଼ି ୪ ଫୁଟ ଏବଂ ଗଛକୁ ଗଛ ୪ ଫୁଟ ଦୂରତାରେ ମନ୍ଦା କରାଯାଏ। ଲଗାଇବା ପାଇଁ ଏକର ପ୍ରତି ୭ କି.ଗ୍ରା. ମଞ୍ଜିର ଆବଶ୍ୟକତା ପଡ଼ିଥାଏ।

**ମଞ୍ଜି ବିଶୋଧନ**

କଳରା ମଞ୍ଜି ଲଗାଇବା ପୂର୍ବରୁ ମଞ୍ଜିକୁ ଗୋମୂତ୍ରରେ ୩-୪ ଘଣ୍ଟା ଭିଜାଇ ରଖନ୍ତୁ। ତା'ପରେ ସେଗୁଡ଼ିକୁ ଛାଇରେ ଶୁଖାଇ ବୁଣନ୍ତୁ। ଏହାଦ୍ୱାରା କଳରା ଚାଷରେ ବିହନଜନିତ ରୋଗ ଆଶଙ୍କା ଅନେକାଂଶରେ କମ୍ ଥାଏ। କଳରା ମଞ୍ଜି ଶୀଘ୍ର ଗଜା ହେବା ପାଇଁ ମଞ୍ଜିଗୁଡ଼ିକୁ ଲଗାଇବା ପୂର୍ବରୁ ସେଗୁଡିକୁ ୨୦-୨୪ ଘଣ୍ଟା ବତୁରାଇ ୪୮-୭୨ ଘଣ୍ଟା ଯାଏଁ ଓଦା କନାରେ ଗୁଡାଇ ରଖାଯାଏ। ଗାତ ପ୍ରତି ୪-୫ଟି ମଞ୍ଜି କିମ୍ବା ଗଜା ହୋଇଥିବା ୨-୩ଟି ମଞ୍ଜି ଲଗାଯାଇଥାଏ। ଉଇ ହେଉଥିବା ସ୍ଥାନରେ ଗାତ ପ୍ରତି ୨୦-୨୫ ଗ୍ରାମ କ୍ଲୋରୋଫାଇରାଫସ୍ ଗୁଣ୍ଡ ଦେଇ ଗାତ ପୂରଣ କରାଯାଏ।



**ଲଗାଇବା ସମୟ**

କଳରା ଉଭୟ ଶୀତ ଓ ଖରାଦିନେ ଲଗାଯାଇପାରିବ। ଏଥିପାଇଁ ଜୁନ୍, ଅକ୍ଟୋବରରୁ ନଭେମ୍ବର କିମ୍ବା ଫେବୃୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ମଞ୍ଜି ଲଗାଇପାରିବେ।

**ଖତସାର**

ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୧୦ ଟନ୍ ଶଢ଼ା ଖତ/୫ ଟନ୍ କମ୍ପୋଷ୍ଟ/୨ ଟନ୍ ଜିଆଖତ ପ୍ରୟୋଗ କରନ୍ତୁ। ଏକର ପ୍ରତି ୪୦ କି.ଗ୍ରା. ନିମ୍ବ ପିଡ଼ିଆ ମଧ୍ୟ ବ୍ୟବହାର କରନ୍ତୁ। ଏହାଦ୍ୱାରା ସୂତ୍ରଜୀବମାନଙ୍କଠାରୁ ଫସଲକୁ ରକ୍ଷା କରିହେବ। କଳରା ଲଗାଇବାର ଏକ ସପ୍ତାହ ପୂର୍ବରୁ ଏକର ପ୍ରତି ୨ କି.ଗ୍ରା. ଆଜୋସ୍ପିରିଲମ୍, ୨ କିଗ୍ରା ଫସପୋବ୍ୟାକ୍ଟିରିଆ ୨୪ କିଗ୍ରା କମ୍ପୋଷ୍ଟ ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ। କଳରା ମଞ୍ଜି ଲଗାଇବାର କିଛି ଘଣ୍ଟା ପୂର୍ବରୁ ପ୍ରତି ମଳାରେ ଆଞ୍ଜୁଳାଏ ଲେଖାଏ ଜିଆଖତ, କିଛି ପାଉଁଶ ତଥା ପାଣି ଦେଇ ଲଗାନ୍ତୁ।

**ଜଳସେଚନ**

ଯଦି ବର୍ଷାଦିନେ କଳରାଚାଷ କରୁଛନ୍ତି ତେବେ ଜଳ ନିଷ୍କାସନର ଉପଯୁକ୍ତ ବ୍ୟବସ୍ଥା କରିବା ଦରକାର। ଖରାଦିନେ ମଧ୍ୟ ଜଳସେଚନ ବ୍ୟବସ୍ଥା କରନ୍ତୁ।

**ରୋଗପୋକ ପରିଚାଳନା**

କଳରା ଫସଲରେ ମଧ୍ୟ ରୋଗପୋକ ଆକ୍ରମଣ କରିଥାଏ। ଫଳମାରି ପୋକ ଦମନ ପାଇଁ ଘୋଳଦହିକୁ ୪୦ ଦିନ ରଖିବା ପରେ ୫୦ ମି.ଲି. ଘୋଳଦହି ସହିତ ୧ ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ କରନ୍ତୁ। ଏହାଦ୍ୱାରା ମଧ୍ୟ କଳରାରେ ଫଳବିନ୍ଧା ପୋକ ଦମନ କରାଯାଇପାରିବ। ଏହି ଚାଷରେ ରୋଗପୋକ ଦମନ ପାଇଁ ବିଭିନ୍ନ ନିମଜାତୀୟ ଔଷଧ ବ୍ୟବହାର କରାଯାଇପାରିବ। ଏଥିରେ ପାଉଁଶିଆ ରୋଗ ଦମନ ପାଇଁ ୨ କି.ଗ୍ରା. ହଳଦୀ ଗୁଣ୍ଡ ସହ ୮ କି.ଗ୍ରା. ଗୁଣ୍ଡ ପାଉଁଶ ଭଲ ଭାବରେ ମିଶାନ୍ତୁ। ଏହି ମିଶ୍ରଣକୁ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ପତ୍ରରେ କାକର ଲାଗିଥିବା ସମୟରେ ଭଲ ଭାବରେ ଛିଞ୍ଚି ଦିଅନ୍ତୁ। ଏହା ମଧ୍ୟ ଶୋଷକ ପୋକକୁ ନିୟନ୍ତ୍ରଣ କରିପାରିବ।କଳରାକୁ ଗଛରୁ ତୋଳି ଅମଳ କରାଯାଏ। ଉପଯୁକ୍ତ ଯତ୍ନ ସହକାରେ ଚାଷ କଲେ ଏକର ପ୍ରତି ପ୍ରାୟ ୨୮ କୁଇଣ୍ଟାଲ ଅମଳ କରାଯାଇପାରିବ।



-ପ୍ରିନ୍ସପାଲ,ଆଗ୍ରୋପଲିଟେକନିକ୍ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୯୬୩୮୦୦୪

## ରାଶି ବୁଣୁଥିଲେ...

ଜାନୁୟାରୀ ଶେଷରୁ ଫେବୃୟାରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର (୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।



## ଚାଷୀଙ୍କ ପାଇଁ

- ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।
- ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ। ଉନ୍ନତ କିସମ - ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ସଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍।
- ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ ।
- ଖରାଟିଆ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।




# ଖରିଫ ଧାନ ସଂରକ୍ଷଣ

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇବା ଜରୁରୀ। ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାରଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

# କୋବି ଫସଲରେ ରୋଗପୋକ ପରିଚାଳନା

(ଶେଷ ଭାଗ)

**ଘରାକଟା ରୋଗ :** ଏହି ରୋଗ ପ୍ରାୟ ତଳିପଟିରେ ଅଧିକ ଦେଖାଯାଏ। ଏହା ହେଲେ ମାଟିକୁ ଲାଗିଥିବା କୋବି ଚାରା ପଚିଯାଇ କୋମଳ ହୋଇଯାଏ। ନିମ୍ନଭାଗ ପଚିଯାଇ କୋମଳ ହୋଇଯିବାରୁ ଗଛ ନିଜର ଭାରସାମ୍ୟ ରକ୍ଷା କରିପାରେ ନାହିଁ ଏବଂ ତଳେ ପଡ଼ିଯାଏ। ତଳି ପଟିରେ ଚେକା ଚେକା ହୋଇ ଗଛ ମରିଯାଏ। ଆକ୍ରାନ୍ତ ଅଂଶ ବାଦାମୀ କିମ୍ବା କଳାମିଶା ବାଦାମୀ ରଙ୍ଗର ହୁଏ। ଚାରା ମୁଖ୍ୟ ଜମିରେ ରୋଇଲା ପରେ ଏହି ରୋଗ ହେଲେ ମାଟିର ଠିକ୍ ଉପର ଅଂଶ ପୋଡ଼ି ଗଛ ଢଳିପଡ଼େ। ଏହି ରୋଗ ପାଇଁ ଦାୟୀ ଫିମ୍ପିମାନେ ମୃତ୍ତିକାରେ ରହନ୍ତି ଓ ଅଧିକ ଆପେକ୍ଷିକ ଆର୍ଦ୍ରତା ଓ ମାଟି ଓଦା ରହିଲେ ସଂକ୍ରମଣ ବଢ଼ିଥାଏ।

**ପରିଚାଳନା :** ଘରାକଟା ରୋଗର ପରିଚାଳନା ପାଇଁ ପ୍ରୋକ୍ଲୋରେଜା ୫.୭ ପ୍ରତିଶତ ସହ ଟେବୁକୋନାଜୋଲ ୧.୪ ଇଏସ୍ ପ୍ରତି କି.ଗ୍ରା. ବିହନରେ ୧.୫ ମି.ଲି. ମିଶାଇ ବିହନ ବିଶୋଧନ କରାଯାଏ। ପ୍ରତି ଲିଟର ପାଣିରେ ପେନ୍ ଫ୍ଲୁଫେନ୍ ୧୩.୨୮ ସହ ଟ୍ରାଇଫ୍ଲୋକ୍ସାଷ୍ଟ୍ରେବିନ୍ ୧୩.୨୮ ପ୍ରତିଶତ ଏଫ୍‌ଏସ୍ ମିଶାଇ ତଳିକୁ ସିଞ୍ଚନ କରନ୍ତୁ।



**ନିମ୍ନମୁଖୀ ପତ୍ରପୋଡ଼ା ରୋଗ :** ଏହି ରୋଗର ଆକ୍ରମଣ ପୁରୁଣା ଗଛ ଅପେକ୍ଷା ନୂଆ ଗଛରେ ଅଧିକ ହୁଏ। ପତ୍ରରେ ଏହି ରୋଗର ଲକ୍ଷଣ ଦେଖାଯାଏ। ପତ୍ରର ତଳଭାଗରେ ଅତି ସୂକ୍ଷ୍ମ ନିମ୍ନମୁଖୀ କବକ ବୃଦ୍ଧି ହୋଇଥାଏ। ଏହି କବକ ବୃଦ୍ଧି ନିକଟରେ ଖୁବ୍ ଛୋଟ ଛୁଞ୍ଚି ମୁନ ପରି ବାଦାମୀ ଦାଗ ଦେଖାଯାଏ। ପରବର୍ତ୍ତୀ ସମୟରେ ଏହି ଦାଗଗୁଡ଼ିକ ଲାଗି ଯାଇ ପତ୍ରର ବିଶେଷ ଭାଗ କ୍ଷତି ହୁଏ।

**ପରିଚାଳନା :** ନିମ୍ନମୁଖୀ ପତ୍ରପୋଡ଼ା ରୋଗ ପରିଚାଳନା ପାଇଁ ମେଟାଲକ୍ସିଲ ୩୫ ପ୍ରତିଶତ ଡବ୍ଲ୍ୟୁପି ପ୍ରତି କି.ଗ୍ରା. ବିହନରେ ୫ ଗ୍ରାମ ମିଶାଇ ବିହନ ବିଶୋଧନ କରନ୍ତୁ। ଏକର ପ୍ରତି ମେଟିରାମ୍ ୫୫ ପ୍ରତିଶତ ସହ ପାଇରାକ୍ଲୋଷ୍ଟ୍ରାବିନ୍ ୫ ପ୍ରତିଶତ ଡବ୍ଲ୍ୟୁଜି ୬୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଅଲ୍‌ଟରନାରିଆଜନିତ ପତ୍ରଦାଗ :** ଅଲ୍‌ଟରନାରିଆଜନିତ ପତ୍ରଦାଗ ରୋଗ ଫୁଲ କୋବିରେ ପ୍ରାଥମିକ ଅବସ୍ଥାରେ ଦେଖାଯାଉଥିବା ବେଳେ ପତ୍ରକୋବିରେ ଗଛ ବଢ଼ିଲା ପରେ ଦେଖାଯାଏ। ଛୋଟ ଗଛର ପତ୍ରରେ ଛୋଟ, ଗାଢ଼ ରଙ୍ଗର ଚିହ୍ନ ଦେଖାଯାଏ, ଯାହାଦ୍ୱାରା ଗଛ ବଢ଼ି ନ ପାରି ରହିଯାଏ। ଏହା ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ବିଶେଷ ଭାବରେ ଦେଖାଯାଏ। ବଡ଼ ଗଛର ଉପରିଭାଗର ପତ୍ର ସଂକ୍ରମଣ ହୁଏ ଏବଂ ପତ୍ରରେ ପ୍ରଥମେ ଛୋଟ ବାଦାମୀ ରଙ୍ଗର ଦାଗ ଦେଖାଯାଏ। ଏହି ଦାଗ ପରେ ବଢ଼ିଯାଏ ଏବଂ ଏହାର ଚାରିପଟରେ ଗୋଲାକାରରୁ ବର୍ତ୍ତୁଳାକାର ଚିହ୍ନ ହୁଏ।

**ପରିଚାଳନା :** ଏହି ରୋଗର ଦମନ ପାଇଁ ପ୍ରୋପିନେବ୍ ୭୦ ପ୍ରତିଶତ ଡବ୍ଲ୍ୟୁପି ୩୦୦ ଗ୍ରାମ କିମ୍ବା କପର ଅକ୍ସିକ୍ଲୋରାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୧ କି.ଗ୍ରା. କିମ୍ବା ଆଜୋକ୍ସିଷ୍ଟ୍ରୋବିନ୍ ୧୧ ପ୍ରତିଶତ ସହ ଟେବୁକୋନାଜୋଲ ୧୮.୩ ପ୍ରତିଶତ ଏସ୍‌ପି ୩୦୦ ମି.ଲି. କିମ୍ବା କପର ହାଇଡ୍ରୋକ୍ସାଇଡ୍ ୭୭ ପ୍ରତିଶତ ଡବ୍ଲ୍ୟୁପି ୭୫୦ ଗ୍ରାମ ୨୦୦ ମି.ଲି. ପାଣିରେ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ। ଏହିସବୁ ଉପାୟ ଅବଲମ୍ବନ ଦ୍ୱାରା କୋବି ଫସଲରେ ରୋଗପୋକ ଆକ୍ରମଣଜନିତ କ୍ଷତି କମାଇପାରିବା ଏବଂ ଅଧିକ ଲାଭବାନ୍ ହୋଇପାରିବା।

-ପ୍ରତ୍ୟୁଷ ପଣ୍ଡା, ଏମ୍‌ଏସ୍‌ସି, କୀଟତତ୍ତ୍ୱ ବିଜ୍ଞାନ (ପ୍ରଥମ ବର୍ଷ), ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ,
ମୋ : ୬୮୭୩୮୨୭୮୩୦

## ଡାଲିଜାତୀୟ ଫସଲ ସମ୍ପର୍କରେ...



ଡାଲିଜାତୀୟ ଫସଲ ଲାଗି ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

## ମାଛଙ୍କ ପାଇଁ ଖାଦ୍ୟ

୧ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ସହ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।



## ପିଆଜରେ ଆଞ୍ଚୁଡ଼ା ଦାଗ



ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମି.ଲି. ଡାଇମେଥୋଏଟ୍ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

**ବ୍ରାଉନସୁଗାର ଜବତ, ଜଣେ ଗିରଫ**

ବ୍ରହ୍ମଗିରି,(ଡି.ଏନ୍.ଏ.) : ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗୋପ ନୂଆସାହିରୁ ମଙ୍ଗଳବାର ବ୍ରହ୍ମଗିରି ପୋଲିସ ବ୍ରାଉନସୁଗାର ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସାମନ୍ତରାପୁରର ପ୍ରଶାନ୍ତ ସ୍ୱାଇଁ। ଏ ନେଇ ପୋଲିସ ଏକ ମାମଲା(ନଂ.୨୨।୨୩) ରୁଜୁ କରିଛି। ପ୍ରଶାନ୍ତ ଗୋପ ନୂଆସାହିରେ ଦୀର୍ଘ ଦିନ ଧରି ରହୁଥିଲେ। ସେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ଖବର ପାଇ ପୋଲିସ ଚଢାଉ କରି ତାଙ୍କ ଠାରୁ ୯ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୧।୨୦୨୩

| | |
|---|---|
| ୪,୫୨,୩୭୦ ଟଙ୍କା | |
| ସୁନା | ୨.୮୦୦ ଗ୍ରାମ |
| ରୁପା | ୩୫୦ ଗ୍ରାମ |

# ରଥଯାତ୍ରା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ

■ ଶ୍ରୀନଅରରୁ ସିଂହଦ୍ୱାର ଯାଏଁ ରାସ୍ତା ଖୋଲିଲା
■ ୧୮ଦିନ ହେଲା ବନ୍ଦ ଥିଲା, ଗାଡ଼ିକୁ ବାରଣ
■ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ପୁରୀ ଅଫିସ,୨୪।୧

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ତେବେ ଗତ ୬ ତାରିଖଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ରାସ୍ତା କାର୍ଯ୍ୟ ପାଇଁ ଶ୍ରୀନଅରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ରାସ୍ତାକୁ ସର୍ବସାଧାରଣଙ୍କ ଯାତାୟାତ ପାଇଁ ବନ୍ଦ ରହିଥିଲା। ତେବେ ମଙ୍ଗଳବାର ଉକ୍ତ ରାସ୍ତାକୁ ଭକ୍ତମାନଙ୍କ ନିମନ୍ତେ ପ୍ରଶାସନ ଖୋଲିଛି। ତେବେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସରି ନ ଥିବାବେଳେ କେବଳ ଲୋକମାନେ ଉକ୍ତ ରାସ୍ତା ଦେଇ ଚାଲି ଯାଇପାରିବେ। ତେବେ ଗାଡ଼ି ମୋଟର ଯାତାୟାତ ଉପରେ ବାରଣ କରାଯାଇଛି। ସେହିପରି ମଙ୍ଗଳବାର ଜିଲାପାଳ ଶ୍ରୀମନ୍ଦିର ଚାରିପାଖ ବୁଲି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତେବେ ରଥଯାତ୍ରା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି।

ଜିଲାପାଳ ସମର୍ଥ ବର୍ମା, ଓବିସିସିର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରଭାତ ପାଣିଗ୍ରାହୀ ପୁରା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି କାର୍ଯ୍ୟର ତଦାରଖ କରିଥିଲେ। ସେହିପରି ସିଂହଦ୍ୱାର ରାସ୍ତା ବନ୍ଦ ଥିବାରୁ ସ୍ଥାନୀୟ ବାସିନ୍ଦା ଓ ଶ୍ରଦ୍ଧାଳୁଙ୍କୁ ବୁଲି କରି ଯିବାକୁ ପଡୁଥିଲା। ତେବେ ରାସ୍ତା ଖୋଲା ହେବା କାରଣରୁ ଶ୍ରଦ୍ଧାଳୁମାନେ ବେଶ୍ ଖୁସି ପ୍ରକଟ କରିଛନ୍ତି। ପ୍ରାୟ ୧୮ଦିନ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ଥିବା ବଡ଼ଦାଣ୍ଡର ଡ୍ରେନେଜ, ସ୍ୱେରେଜ, ଇଲେକ୍ଟ୍ରିସିଟି ଓ ପାଣି ପାଇପ୍ ପାଇଁ କାର୍ଯ୍ୟ ଶେଷ ପରେ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ପାଇଁ ଉକ୍ତ ରାସ୍ତାକୁ ଖୋଲାଯାଇଛି। କାର୍ଯ୍ୟ ପାଇଁ ଗତ ୬ ତାରିଖରେ ହଠାତ୍ ଶ୍ରୀମନ୍ଦିର ସିଂହଦ୍ୱାରରୁ ଗଜପତିଙ୍କ ଶ୍ରୀନଅର ରାସ୍ତାକୁ ବନ୍ଦ କରିଦିଆଯାଇଥିଲା। ଫଳରେ ଭକ୍ତ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଯାତାୟାତରେ ଅସୁବିଧା ହେଉଥିଲା। ସେହିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟ ଯୋଗୁ ବାସେଳି ସାହି, ମାର୍କଣ୍ଡେଶ୍ୱର ସାହି, ହରଚଣ୍ଡୀ ସାହି, ବାଲିସାହି ବାସିନ୍ଦା ମଧ୍ୟ ହଇରାଣ ହେଉଛନ୍ତି। ସେମାନଙ୍କ ପାଇଁ ମଧ୍ୟ ରାସ୍ତା କିଭଳି ଖୋଲିପାରିବ ତା'ଉପରେ ଜିଲାପାଳ ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହେଉଛି।

ତେବେ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିକୁ ଜିଲାପାଳ ବର୍ମା ବୁଲିବୁଲି ମିନି ମେଘନାଦ ପାଚେରି, ରାସ୍ତାର ଫେବରବ୍ଲକ କାର୍ଯ୍ୟକୁ ତଦାରଖ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ସହ ଓବିସିସି ଓ ଟାଟାର ଅଧିକାରୀ ଉପସ୍ଥିତ ଥିଲେ। ଏନେଇ ଓବିସିସି ଇଞ୍ଜିନିୟର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ବିଶେଷକରି ୨୦ମିଟର ରାସ୍ତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା କୌଣସି ପ୍ରାଚୀର ନୁହେଁ କେବଳ ୭୫ମିଟରକୁ ୫୫ମିଟରରେ ଏକ ବ୍ୟାରିୟର ନିର୍ମାଣ କରାଯାଉଛି। ଫଳରେ କୌଣସି ଗାଡି ମୋଟର ଯେପରି ମନ୍ଦିର ନିକଟବର୍ତ୍ତୀ ହେବ ନାହିଁ। ଫେବରବ୍ଲକ ନିର୍ମାଣ ଆରମ୍ଭ ହୋଇଛି। ତେବେ ଭକ୍ତମାନେ ଯେପରି ଭଲ ଭାବେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ଦିନ ରାତି କାର୍ଯ୍ୟ ଚାଲିଛି। ଶ୍ରୀମନ୍ଦିର ପଶ୍ଚିମପଟ ପାର୍ଶ୍ୱରେ ଫେବର ବ୍ଲକ୍ କାର୍ଯ୍ୟ ଚାଲିଛି। ତେବେ ଚଳିତ ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଫେଜ ସ୍ତରରେ କାର୍ଯ୍ୟ ସରିବ। ସିଂହଦ୍ୱାର ପାଖ ରାସ୍ତା ଖୋଲା ହେବାକୁ ନେଇ ପୁରୀ ବାସିନ୍ଦା ମାନସଙ୍କ କହିବା ଅନୁଯାୟୀ, ଯିବାଆସିବା ପାଇଁ ଆଶ୍ୱସ୍ତି ମିଳିଲା। ରାସ୍ତା ବନ୍ଦ ଥିବାରୁ ବୁଲି ଯିବାକୁ ହେଉଥିଲା। ସେହିପରି ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ପ୍ରଶାସନ ଯଥାଶୀଘ୍ର ଶେଷ କରୁ। ଫଳରେ ପୁରୀବାସୀ ବିଶେଷକରି ଶ୍ରୀମନ୍ଦିର ଚାରିପାଖରେ ରହୁଥିବା ଲୋକେ ସୁବିଧାରେ ଯାତାୟାତ କରିପାରିବେ।


ଶ୍ରୀନଅରରୁ ସିଂହଦ୍ୱାର ଯାଏଁ ରାସ୍ତା ଖୋଲିବା ପରେ ଶ୍ରଦ୍ଧାଳୁ ଯାତାୟାତ କରୁଛନ୍ତି ।



ବିଭିନ୍ନ ସମସ୍ୟା ନେଇ ପୁରୀ ପାଇକ ସାହିର ବସ୍ତିବାସିନ୍ଦା ମଙ୍ଗଳବାର ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି ।

## ସଂକ୍ଷେପରେ

### ଟ୍ରେନ୍‌ରେ ନିଶା ଦେଇ ଦମ୍ପତିଙ୍କଠାରୁ ଲୁଟ୍

ପୁରୀ ଅଫିସ,୨୪।୧- କିଛି ଦିନର ବ୍ୟବଧାନ ପରେ ପୁଣି ଟ୍ରେନ ଯାତ୍ରୀଙ୍କୁ ନିଶା ଦେଇ ଦୁର୍ବୃତ୍ତ ଲୁଟ କରିଥିବା ଅଭିଯୋଗ ହୋଇଛି। ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନରେ ଜଣେ ଦମ୍ପତି ଏପରି ଲୁଟ୍‌ର ଶିକାର ହୋଇଥିବା ମଙ୍ଗଳବାର ଜଣାପଡିଛି। ସୂଚନାଯୋଗ୍ୟ, ଜଗତସିଂହପୁର ଜିଲା ଜନାର୍ଦନପୁର ଗ୍ରାମର ହେମନ୍ତ ମଲ ଓ ତାଙ୍କ ସ୍ତ୍ରୀ କୁନି ମଲଙ୍କୁ ଦୁର୍ବୃତ୍ତ ନିଶା ଦେଇ ତାଙ୍କ ଜିନିଷପତ୍ର ଲୁଟି ନେଇଯାଇଛନ୍ତି। ତେବେ ଦମ୍ପତି ପୁରୁଷୋତ୍ତମ ଏକ୍ସପ୍ରେସ ଯୋଗେ ଦିଲ୍ଲୀରୁ କଟକ ଅଭିମୁଖେ ଯାତ୍ରା କରୁଥିଲେ। ଯାତ୍ରା ସମୟରେ କୌଣସି ଦୁର୍ବୃତ୍ତ ତାଙ୍କୁ ନିଶା ଦେଇ ଲୁଟ କରିଥିଲେ। ଟ୍ରେନ ପୁରୀରେ ପହଞ୍ଚିବା ପରେ ଉଭୟ ଟ୍ରେନରେ ନିଶାସକ୍ତ ଅବସ୍ଥାରେ ପଡିଥିବା ରେଲୱେ ପୋଲିସ ଦେଖିଥିଲେ। ତାଙ୍କ ନିକଟରେ ୨ଟି ବ୍ୟାଗ ରହିଥିଲା। ତେବେ ଆରପିଏଫ୍ କର୍ମଚାରୀ ଦେଖି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ପୁରୀ ମେଡିକାଲରେ ଚିକିତ୍ସା ସମୟରେ ଉଭୟଙ୍କ ଚେତା ନ ଫେରିବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ସ୍କୁଲରେ ଜଳିଗଲା ବିଦ୍ୟୁତ୍‌ଚାଳିତ ସ୍କୁଟି

ଗୋପ,୨୪।୧(ଡି.ଏନ୍.ଏ.)- ଗୋପ ବ୍ଲକ ରାହାଙ୍ଗୋରଡ଼ା ପଞ୍ଚାୟତ ଅନ୍ତର୍ଗତ ଆଢେଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅପରାହ୍ନରେ ଏକ ବିଦ୍ୟୁତ୍‌ଚାଳିତ ସ୍କୁଟି ଜଳିଯାଇଛି। ସେହି ସ୍କୁଲର ଛାତ୍ରୀଛାତ୍ର ସୁରକ୍ଷିତ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ସ୍କୁଲ ପ୍ରଧାନଶିକ୍ଷକ ପବିତ୍ର ମୋହନ ନାୟକ ସବୁଦିନ ଭଳି ତାଙ୍କର ନୂଆ ବିଦ୍ୟୁତ୍‌ଚାଳିତ ସ୍କୁଟିକୁ ସ୍କୁଲ ବାରଣ୍ଡାରେ ରଖିଥିଲେ। ଅପରାହ୍ନ ୩ଟା ୨୦ ରେ ହଠାତ୍ ଉକ୍ତ ସ୍କୁଟିରେ ନିଆଁ ଲାଗି ଯାଇଥିଲା। ସୁରକ୍ଷିତ ରଖିବା ପାଇଁ ପ୍ରଧାନଶିକ୍ଷକ ନାୟକ ଛାତ୍ରୀଛାତ୍ରଙ୍କୁ ବାହାରକୁ ନ ଆସିବାକୁ କହିଥିଲେ। ସ୍କୁଟିଟି ଜଳିବାବେଳେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ନେଇଯାଇଥିବାବେଳେ ଆଉ କେତେଜଣ ଛାତ୍ରୀଛାତ୍ର ଭୟଭୀତ ହୋଇ ଦୌଡି ପଳାଇଥିଲେ। ଏନେଇ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶିଲ ବ୍ରହ୍ମାଙ୍କୁ ପଚାରିବାରେ, ଆଢେଣା ସ୍କୁଲରେ ଏପରି ଘଟଣା ଘଟିଥିବା ଜଣାପଡିଛି ବୋଲି କହିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ନାୟକଙ୍କୁ ପଚାରିବାରେ, ହଠାତ୍ ସ୍କୁଟିରେ ନିଆଁ ଲାଗି ଯାଇଥିଲା। କିନ୍ତୁ ଛାତ୍ରୀଛାତ୍ର ସୁରକ୍ଷିତ ଥିବା କହିଛନ୍ତି।

## ଷ୍ଟାମ୍ପ ଭେଣ୍ଡରଙ୍କ ବୈଠକ, କର୍ମକର୍ତ୍ତା ଚୟନ

କଣାସ,୨୪।୧(ସ୍ୱ.ପ୍ର.):

ପୁରୀ ଜିଲା ଷ୍ଟାମ୍ପ ଭେଣ୍ଡରଙ୍କ ଏକ ବୈଠକ ଡିଏସ୍‌ଆର୍ ଅଫିସ୍ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ମହାସଂଘର ସମ୍ପାଦକ ରାମକୃଷ୍ଣ ପରିଡ଼ା ଓ ପୁରୀ ଜିଲାର ସମସ୍ତ ଭେଣ୍ଡର ଯୋଗଦାନ କରିଥିଲେ। ସଭାପତି ସୁକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ପରମାନନ୍ଦ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର ଷ୍ଟାମ୍ପ ଭେଣ୍ଡରଙ୍କ ସହିତ ସେମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ନିମାପଡ଼ା ଟ୍ରେଜେରିରେ ଛୋଟ ଷ୍ଟାମ୍ପ ପେପର ନ ଥିବାରୁ ଷ୍ଟାମ୍ପ ଭେଣ୍ଡରମାନେ ହଇରାଣ ହେଉଥିବା କହିଥିଲେ। ସେଠାରେ ଉପକୋଷାଗାର ଅଧିକାରୀ ଛୋଟଷ୍ଟାମ୍ପ ପେପର ବଣ୍ଟନ ଓ ଷ୍ଟାମ୍ପ ଚାଲାଣ କରିବାରେ ଭେଣ୍ଡରଙ୍କୁ ହଇରାଣ କରୁଥିବା ବୈଠକରେ ଆଲୋଚନା ହୋଇଥିଲା। ପୁରୀ ଜିଲାରେ ୧୦ ଟଙ୍କାଠାରୁ ୨୦ଟଙ୍କା କମ୍ ପଇସାର ଷ୍ଟାମ୍ପ ପେପର ଘୋର ଅଭାବ ଥିବାରୁ କୋଷାଗାର ଅଧିକାରୀ ପୁରୀଙ୍କ ସହିତ ଆଲୋଚନା ହୋଇଥିଲା। ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସୁକାନ୍ତ ମହାନ୍ତି ସଭାପତି, ଦୀପକ ପ୍ରସାଦ ଦାଶ ଉପ-ସଭାପତି, ପରମାନନ୍ଦ ପଟ୍ଟନାୟକ(ଭବାନୀ) ସମ୍ପାଦକ, ବିଷ୍ଣୁପ୍ରସାଦ ମିଶ୍ର ସହ-ସମ୍ପାଦକ, ଧନପତି ପ୍ରଧାନ, ଶ୍ରୀନିବାସ ମିଶ୍ର, ଭାଗ୍ୟଧର ସେନାପତିଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା।

## ପରିସଂଖ୍ୟାନ କର୍ମଚାରୀଙ୍କ ବାର୍ଷିକ ବୈଠକ



ପୁରୀ ଅଫିସ,୨୪।୧

ଜିଲା ପରିସଂଖାନ କାର୍ଯ୍ୟାଳୟ ପରିସରରେ ଜିଲାର ଅବସରପ୍ରାପ୍ତ ପରିସଂଖ୍ୟାନ କର୍ମଚାରୀଙ୍କ ୫ମ ବାର୍ଷିକ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଯାଇଛି। ହରମୋହନ ରାଉତରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ମହାନ୍ତି ଓ ମୁଖ୍ୟ ଉପଦେଷ୍ଟା ଲୋକନାଥ ଷଡଙ୍ଗୀ ଯୋଗଦେଇଥିଲେ। ବନ୍ଧୁମିଳନର ଆବାହକ ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଦୀନବନ୍ଧୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆବାହକ ମଣ୍ଡଳୀର ସନାତନ ମିଶ୍ର, ଗୋପବନ୍ଧୁ ବରାଳ, ପ୍ରଶାନ୍ତ ପାଢୀ, ସନ୍ତୋଷ ରଥ, ବଟକୃଷ୍ଣ ସେନାପତି ଓ କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପଣ୍ଡା ସହଯୋଗ କରିଥିଲେ। ରମେଶ ଚନ୍ଦ୍ର ମହାନ୍ତି, ତ୍ରିଲୋଚନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନୀଳଲୋହିତ କର, କେଦାର ପଟ୍ଟନାୟକ ସାମିଲ ଥିଲେ। ଅନାମ ମଲ୍ଲିକ ଧନ୍ୟବାଦ ଦେଇଥିଲେ।







## ପରିବହନ ବିଭାଗ ପୋଲିସ ପକ୍ଷରୁ ଚେକିଂ

୪୬ ହଜାର ରାଜସ୍ୱ ଆଦାୟ

ଗୋପ,୨୪।୧(ଡି.ଏନ୍.ଏ.)

ଗୋପ-କୋଣାର୍କ ରାସ୍ତାର ଗୋପ ତହସିଲ କାର୍ଯ୍ୟାଳୟ ନିକଟରେ ଜିଲା ପରିବହନ ବିଭାଗ ଓ ଗୋପ ପୋଲିସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଗାଡ଼ି ମୋଟରକୁ ଚେକିଂ କରାଯାଇଛି। ଏହି ଚେକିଂ ସମୟରେ କେତେକ ଗାଡ଼ିର କାଗଜପତ୍ର ସହିତ ହେଲମେଟ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଲାଇସେନ୍ସ, କାଗଜ ପତ୍ର ନ ଥିବା ଗାଡ଼ିଗୁଡ଼ିକୁ ଫାଇନ କରାଯାଇଛି। ଏଥିସହିତ ବିଭିନ୍ନ ଗାଡ଼ି ଉପରେ ୧୦ ଗୋଟି ମୋକଦ୍ଦମା ରୁଜୁ କରାଯାଇଥିବାବେଳେ ୪୬ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଗୋପ ଥାନା ଅଧିକାରୀ ସୁନିଲ୍ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାର ଗୋପ ଥାନା ପକ୍ଷରୁ ଚେକିଂ କରାଯାଇ ୪,୬୦୦ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା।

# ଶୃଙ୍ଖଳିତ ଛାତ୍ର ଦେଶ ପ୍ରଗତିର ମେରୁଦଣ୍ଡ

■ ପିପିଲି କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପିତ
■ ମୋ କଲେଜ ଅଭିଯାନକୁ ୫ ଲକ୍ଷ ଦାନ କଲେ ଭଉଣୀଭାଇ

ପିପିଲି,୨୪।୧(ସ୍ୱ.ପ୍ର.)

ପିପିଲି କଲେଜ ପରିସରରେ ୨ ଦିନଧରି ଚାଲୁଥିବା ୪୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୋଆ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ କୁଳପତି ଡ. ଅଶୋକ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରତିଭା ମହାରଥୀ ଯୋଗଦେଇଥିଲେ। ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବାକୁ କହିଥିଲେ। କଲେଜର ବାର୍ଷିକ ପତ୍ରିକା 'ପ୍ରିୟମ୍ବଦା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାମାଜିକ କର୍ମୀ ଭଉଣୀଭାଇ ଆଶିଷ ରଞ୍ଜନ ଜେନା ଓ ମଧୁସ୍ମିତା ଜେନା ମୋ କଲେଜ ଅଭିଯାନକୁ ୫ ଲକ୍ଷ ଟଙ୍କା ଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲେ।




# ବାଳିକାଙ୍କୁ ସଶକ୍ତ କରିବା ନେଇ ଆଲୋଚନା

**ଜାତୀୟ କନ୍ୟା ସନ୍ତାନ ଦିବସ**

ପୁରୀ ଅଫିସ,୨୪।୧

ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହ ପରିସରରେ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ସତ୍ୟବାଦୀ ବ୍ଲକର ସୁଶ୍ରୀ ସିମ୍ରନ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ପୂର୍ବତନ ଅଧ୍ୟକ୍ଷା ତଥା ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ସମ୍ପାଦିକା କସ୍ତୁରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ସଦସ୍ୟ ରମାଶଙ୍କର ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ସାହୁ, ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ ପରିଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ପ୍ରମୁଖ ଯୋଗଦେଇ ବାଳିକାଙ୍କୁ ସଶକ୍ତ କରିବାର ବିଭିନ୍ନ ଦିଗ ଓ ସମୃଦ୍ଧ ବିଶ୍ୱ ଗଠନରେ ସେମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବାଳିକାଙ୍କ ଅଧିକାର, ଆତ୍ମସମ୍ମାନ, ସହଭାଗିତା ନିଶ୍ଚିତ କରିବାକୁ ମାତାପିତା, ଗୋଷ୍ଠୀ, ସମାଜକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ମାନବାଧିକାର ଶିକ୍ଷାର ରାଜ୍ୟ ସଂଯୋଜକ ପ୍ରଦୀପ୍ତ ନାୟକ ବାଳିକାଙ୍କ ସାମ୍ବିଧାନିକ ଅଧିକାର ଓ ଶିକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବାଳିକାମାନଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ ଶିଶୁ ସୁରକ୍ଷା କମିଶନ ତରଫରୁ ଜାରି ହୋଇଥିବା ଅନ୍‌ଲାଇନ କାର୍ଯ୍ୟକ୍ରମ ଚାଇଲ୍ଡରାଇଟ୍ସ ଚାମ୍ପିୟନ ନିମନ୍ତେ ଏକ ଡିଜିଟାଲ ହବ୍ ମାଧ୍ୟମରେ ବାଳିକାଙ୍କ ପଞ୍ଜୀକରଣ, କୁଇଜ, ଶିକ୍ଷା, ଇ-ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଦସ୍ତଖତ ସଂଗ୍ରହ ଅଭିଯାନ ସହ ଅତିଥି ଓ ଅଂଶଗ୍ରହଣକାରୀ ସ୍ଲୋଗାନ ଲେଖିଥିଲେ। ଏହି ଅବସରରେ ୮ଜଣ ମାତୃପିତୃହୀନ ବାଳିକାଙ୍କୁ ମାଗଣା ଉଚ୍ଚତର ଶିକ୍ଷା ନିମନ୍ତେ ଗ୍ରୀନ ପ୍ୟାସେଜ ଯୋଜନାରେ ସାର୍ଟିଫିକେଟ ଦିଆଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଶାଖାର ସ୍ନିଗ୍ଧାରାଣୀ ସାହୁ, ରୋଜାଲିନ ପାତ୍ର, ଅକ୍ଷୟ ଚୌଧୁରୀ, କମଳା ମହାରଣା, ହରେକୃଷ୍ଣ ସାହୁ, ବିଜୟ ପରିଡା, ସୁସ୍ମିତା ନନ୍ଦ, ଶକୁନ୍ତଳା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଦେଇଥିଲେ।



ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।



## ସଂକ୍ଷେପରେ

### ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ଗମ୍ଭାରୀମୁଣ୍ଡା,୨୪।୧(ଡି.ଏନ୍.ଏ.):** ବାଣପୁର ଏନ୍ଏସି ରଘୁନାଥସାହିସ୍ଥିତ ରଘୁନାଥ ଦେବଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପୂର୍ଣ୍ଣାହୁତି ପରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ କର୍ତ୍ତା ଭାବେ ସୁଧାଂଶୁ ଶେଖର ମିଶ୍ର ଓ ତାଙ୍କ ସହଧର୍ମିଣୀ କ୍ରିଷ୍ଣା କୁମାରୀ ମିଶ୍ର, ମୁଖ୍ୟ ପୁରୋହିତ ନିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଶନିବାର ଅଙ୍କୁରା ରୋପଣ କରାଯାଇଥିବା ବେଳେ ରବିବାର ପ୍ରାତଃରେ କଳସଯାତ୍ରା ବାଣପୁର ସହର ପରିକ୍ରମା ସହ ସୂର୍ଯ୍ୟପୂଜା ଓ ଯଜ୍ଞକୁଣ୍ଡ ସଂସ୍କାର କରାଯାଇ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଶାଳା ପୂଜା, ଯଜ୍ଞ ଓ ଦେବତାଙ୍କ ନ୍ୟାସ କରାଯାଇଥିବା ବେଳେ ମଙ୍ଗଳବାର ପୂର୍ଣ୍ଣାହୁତି ସମାପନ କରାଯାଇ ନୂତନ ବିଗ୍ରହଙ୍କୁ ସିଂହାସନ ଆରୋହଣ କରାଯାଇଥିଲା। ରଘୁନାଥ ଦେବ କମିଟି ସଭ୍ୟ ଓ ବାଣପୁରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିବା କମିଟି ସଦସ୍ୟ କୀର୍ତ୍ତିମାନ ପାତ୍ର କହିଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

**ବାଲୁଗାଁ,୨୪।୧ (ଡି.ଏନ୍.ଏ.):** ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ଓ ରୟାଲ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଭୁବନେଶ୍ୱର ଆନୁକୂଲ୍ୟରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗକ୍ରମେ ମାଗଣା ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଲିକା ବ୍ଲକ ଅଧୀନ ହାଟବରଡ଼ିହ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳ ଗୃହରେ ଅନୁଷ୍ଠିତ ଉକ୍ତ ଶିବିରରେ ୧୫୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୭ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଭୁବନେଶ୍ୱର ନିଆଯାଇଅଛି। ସମସ୍ତଙ୍କୁ ଔଷଧ ଓ ଚଷମା ପ୍ରଦାନ କରାଯାଇଛି। ଶିବିରକୁ କ୍ଲବ ସଭାପତି ରବିନାରାୟଣ ପାଲ, ସମ୍ପାଦକ ସୁନୀଲ ପାତ୍ର, ଆସନ୍ତା ବର୍ଷ ପାଇଁ ମନୋନୀତ ସଭାପତି ନନ୍ଦକିଶୋର ମିଶ୍ର, ପୂର୍ବତନ ସଭାପତି ବିଜୟ କୁମାର ନନ୍ଦ, ସୁରେଶ ଚନ୍ଦ୍ର ବେହେରା, ସରୋଜିନୀ ଦାଶ, ଓମ୍‌ପ୍ରକାଶ ଅଗ୍ରୱାଲ, ପ୍ରବୀଣ ଜେନାଙ୍କ ସମେତ ସଭ୍ୟ ଗଗନ ବିହାରୀ ବେହେରା, ସଚ୍ଚିଦାନନ୍ଦ ସେଠୀ, ପ୍ରସନ୍ନ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ। କ୍ଲବର ପୂର୍ବତନ ସଭାପତି ତଥା ଚକ୍ଷୁ ଚିକିତ୍ସା ସହାୟକ ବିଜୟ କୁମାର ବେହେରା ଚକ୍ଷୁ ପରୀକ୍ଷା କରିଥିଲେ।

### ଅମ୍ରିତା ବିଦ୍ୟାଳୟମ୍‌ର ବାର୍ଷିକୋତ୍ସବ

**ଝାଁଳା,୨୪।୧(ଡି.ଏନ୍.ଏ.):** ଝାଁଳାସ୍ଥିତ ଅମ୍ରିତା ବିଦ୍ୟାଳୟମ୍ ପ୍ରାଙ୍ଗଣରେ ଦଶମ ବାର୍ଷିକ ଉତ୍ସବ 'ଧାରାମୃତମ୍' ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ମୌସୁମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରହ୍ମଚାରିଣୀ ରଶିକା ଅମ୍ରିତାଜୀ ପୌରୋହିତ୍ୟ କରିଥିବା ବେଳେ ବ୍ରହ୍ମଚାରିଣୀ ନମ୍ରତା ଅମ୍ରିତାଜୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ମଧୁଛନ୍ଦା ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଦୀକ୍ଷିତପଡ଼ା ପ୍ରିମିୟର କ୍ରିକେଟ ଲିଗ୍: ନାଚୁଣୀ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୨୪।୧(ଡି.ଏନ୍.ଏ.):** ଏପିଜେ ଅବଦୁଲ କାଲାମ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦୀକ୍ଷିତପଡା ପ୍ରିମିୟର କ୍ରିକେଟ ଲିଗର ସେମିଫାଇନାଲ ମ୍ୟାଚ ହାଲିମା ସନସ ନାଚୁଣୀ ଓ ଜେଏଫସି ବାଲୁଗାଁ ମଧ୍ୟରେ ହୋଇଥିଲା। ପ୍ରଥମେ ନାଚୁଣୀ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲୁଗାଁ ଟିମ୍ ସମସ୍ତ ଉଇକେଟ ବିନିମୟରେ ୬୯ ରନ୍ ସଂଗ୍ରହ କର ପରାଜିତ ହୋଇଥିଲା। ନାଚୁଣୀ ଦଳର ସେକ୍ ନାସିରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସେକ ଜସିମୁଦିନ ଓ ସେକ୍ ଆକବର ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ଗ୍ରାମ କମିଟିର ସମ୍ପାଦକ ସେକ ଅନସାର ଅଲ୍ଲୀ, ସାମାଜିକ କର୍ମୀ ସେକ୍ ତାହର ଅଲ୍ଲୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବ୍ୟବସାୟୀଙ୍କୁ ଥଇଥାନ ପରେ ଉଚ୍ଛେଦ

**ଖୋର୍ଦ୍ଧା ଅଫିସ,୨୪।୧**

ଖୋର୍ଦ୍ଧାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ରାସ୍ତାପାର୍ଶ୍ୱ ଉଠାଦୋକାନ, ଅବରୋଧ ଡ୍ରେନେଜ୍, କ୍ୟାବିନ ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଟ୍ରାଫିକ ସମସ୍ୟା ବଢ଼ାଉଛି। ଟ୍ରାଫିକ ଛକ, ମାରୱାଡି ପଟି, ଗୋଡ଼ିପୋଖରୀ ଛକ, ନୂଆ ବସ୍‌ଷ୍ଟାଣ୍ଡ ରୋଡ, ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ, ପଲ୍ଲା ଛକରେ ସବୁବେଳେ ଯାନବାହନ ଚଳପ୍ରଚଳ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ନୂଆ ବସ୍‌ଷ୍ଟାଣ୍ଡଠାରୁ ଟ୍ରାଫିକ ଛକ, ନୟାଗଡ ରୋଡ ଆଦି ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଯାତାୟାତ ବେଳେ ଲୋକେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ମାରୱାଡି ପଟି, ପୁରୁଣା ବସ୍‌ଷ୍ଟାଣ୍ଡ, ସମବାୟ ଛକଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ୫୪୦ କ୍ୟାବିନ ରହିଛି। ଅଧିକାଂଶ କ୍ୟାବିନ ଡ୍ରେନ୍ ଉପରେ ରହିଛି। ତେବେ ଖୋର୍ଦ୍ଧା ସହରରେ ଟ୍ରାଫିକ ସମସ୍ୟାରେ ସୁଧାର ଏବଂ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସହର ସୌନ୍ଦର୍ଯ୍ୟକରଣ, ଟ୍ରାଫିକ ନିୟନ୍ତ୍ରଣ ଏବଂ ଡ୍ରେନ ସମସ୍ୟା ସୁଧାରିବା ଲାଗି ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରଶାସନିକସ୍ତରରେ ସ୍ଥିର କରାଯାଇଛି। ଏନେଇ ପୌର ପ୍ରଶାସନ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ପରେ ଉଚ୍ଛେଦ କରାଯିବ।



ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

ରାସ୍ତାକୁ ଅବରୋଧ କରିଥିବା ଦୋକାନ ଗୃହ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ଡାକବାଜି ମାଧ୍ୟମରେ ପ୍ରଚାର କରାଯିବ। ରାସ୍ତାକଡ଼, ଡ୍ରେନ ଗୁଡ଼ିକୁ ଅବରୋଧମୁକ୍ତ ଲାଗି ନୋଟିସ କରାଯିବ। ସପ୍ତାହ ପରେ ଉଚ୍ଛେଦ କରାଯିବ। ପରିବା ବ୍ୟବସାୟୀ, ଉଠାଦୋକାନୀ, ମାଛ, ମାଂସ ବେପାରୀଙ୍କୁ ଟିଏଲ୍‌ସି ରୋଡରେ ଭେଣ୍ଡିଙ୍ଗ ଜୋନ୍ ଏବଂ ନିର୍ଦ୍ଧାରିତ ସ୍ଥାନରେ ଥଇଥାନ କରାଯିବ। ନୂଆ ବସ୍‌ଷ୍ଟାଣ୍ଡଠାରୁ ଟିଏଲ୍‌ସି ରୋଡ୍ ସମେତ ସମସ୍ତ ସରକାରୀ ଜାଗା ଜବରଦଖଲ ମୁକ୍ତ କରାଯିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ତହସିଲଦାର ଈପ୍‌ସିତ ସାହୁ, ବ୍ୟବସାୟୀ ମହାସଂଘ ସମ୍ପାଦକ ଜୟନ୍ତ ରାୟଙ୍କ ସମେତ ସ୍ଥାନୀୟ ପୌର କାଉନ୍‌ସିଲର, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସମସ୍ତ ବ୍ୟବସାୟୀ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**କ୍ୟାବିନ, ଟ୍ରାଫିକ ସମସ୍ୟା ନେଇ ଆଲୋଚନା**

- ଜବରଦଖଲ ମୁକ୍ତ ହେବ ସରକାରୀ ଜାଗା
- ରାସ୍ତା, ଡ୍ରେନ ଅବରୋଧ ମୁକ୍ତ କରାଯିବ

#### ସୌନ୍ଦର୍ଯ୍ୟକରଣରେ ବାଧକ ଅବରୋଧ

ସହର ସୌନ୍ଦର୍ଯ୍ୟକରଣରେ କ୍ୟାବିନ, ରାସ୍ତାକଡ ଫୁଟପାଥ ବେପାରୀ ଓ ଡ୍ରେନ ଅବରୋଧ ବାଧକ ସାଜିଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ସହରର ସମସ୍ତ ଡ୍ରେନ ଜବରଦଖଲରେ ରହିଛି। ନୟାଗଡ ରୋଡ, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସଷ୍ଟାଣ୍ଡ ଠାରୁ ମାରୱାଡି ପଟି, ପୁରୁଣା ଦମକଳ ଛକ, ଗୋଡି ପୋଖରୀ, ମାଛ ମାର୍କେଟ, ଟ୍ରାଫିକ ଛକ ଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ଉପରେ ଉଠାଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନର ଗୃହ ରହିଛି। ଫଳରେ ସହରର ପ୍ରମୁଖ ଡ୍ରେନଗୁଡିକ ସଫା ହୋଇପାରୁନାହିଁ।

#### ବଢୁଛି ଟ୍ରାଫିକ ସମସ୍ୟା

ରାସ୍ତା ଉପରେ ଦୋକାନ ବଜାର ଗଢି ଉଠିଥିବା ବେଳେ ସାମଗ୍ରୀ କିଣିବା ଲାଗି ଆସୁଥିବା ଲୋକେ ଯାନବାହନ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ପୁରୁଣା ବସଷ୍ଟାଣ୍ଡ ଠାରୁ ଗୋଡି ପୋଖରୀ ଛକ ଏବଂ ଟ୍ରାଫିକ ଛକ ଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଉଠାଦୋକାନୀ ଏବଂ ରାସ୍ତା ଉପରେ ପସରା ମେଲାଇଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

#### ୨୦ ବର୍ଷ ପରେ ବି ତୁଟୁନି କ୍ୟାବିନ ସମସ୍ୟା

୧୯୬୦ ଜୁଲାଇ ୧୨ ରେ ଖୋର୍ଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହୋଇଥିଲା। ୨୦୦୦ ମସିହାରେ ପୌର ପରିଷଦର ମାନ୍ୟତା ପାଇଲା। ୨୦୦୩ ମସିହାରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଜିଲା ପ୍ରଶାସନସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ହାବେଳି ପଡିଆଠାରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ନିଷ୍ପତ୍ତି ହୋଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କ ଠାରୁ ୩ହଜାର ଟଙ୍କା ଲେଖାଏ ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗ୍ରହ ହୋଇଥିଲା। ଆଦାୟ ଅର୍ଥରେ ଚାରିପଟ ପାଚେରି ଏବଂ ପଡିଆକୁ ସମତୁଲ କରିବାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ୫୪୦କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ୩୪କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ରଦ୍ଦ କରିଦିଆଗଲା। ଦୀର୍ଘ ୨୦ବର୍ଷ ବିତିଲାଣି ତଥାପି କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ କରାଯାଇ ପାରୁନାହିଁ ।

## ଘରେ ଓଢ଼ଣି ବାନ୍ଧି ଝୁଲିପଡ଼ିଲେ ଛାତ୍ରୀ

**ଜଟଣୀ,୨୪।୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେତଙ୍ଗ କଲୋନି ଅଞ୍ଚଳରେ ଜଣେ କଲେଜ ଛାତ୍ରୀ ଆତ୍ମହତ୍ୟା କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତା ହେଲେ ପି. ଯମୁନା(୨୩)। ଏନେଇ ମୃତାଙ୍କ ବାପା ପି. ପାପାରାଓଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଘରେ କେହି ନ ଥିବା ବେଳେ ଯମୁନା ବେକରେ ଓଢ଼ଣି ବାନ୍ଧି ଝୁଲିପଡ଼ିଥିଲେ। ପରେ ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ ଯମୁନାଙ୍କୁ ଉଦ୍ଧାର କରି ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଡାକ୍ତରଖାନା ନେଇଥଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଯମୁନା ପିଏନ୍ କଲେଜ ବାଣିଜ୍ୟ ବିଭାଗର +୩ ତୃତୀୟ ବର୍ଷ ଛାତ୍ରୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ପ୍ରମୋଦ କୁମାର ସାହାଣୀ, କେନ୍ଦ୍ରୀୟ ପଦାଧିକାରୀ ନିରଞ୍ଜନ ମିଶ୍ର, ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତିଙ୍କ ସମେତ ବହୁ ରେଳ କର୍ମଚାରୀ ଓ ଶ୍ରମିକ ସଙ୍ଗଠନ ସଦସ୍ୟ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ହସ୍ପିଟାଲରେ ପହଞ୍ଚିଥିଲେ।

## ୨୩୦ ଅଭିଯୋଗରୁ ୧୨ ସମାଧାନ



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଜଟଣୀ,୨୪।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ବିଡିଓ ସରୋଜ କୁମାର ରାଉତ, ତହସିଲଦାର ରୁମାନା ଜାଫ୍ରି, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଏବଂ ପୌର ଅଧକ୍ଷ ଅନନ୍ତ ବେହେରା ଯୋଗଦେଇଥିଲେ। ଶିବିରରେ ବିଭିନ୍ନ ସମସ୍ୟା ସଂକ୍ରାନ୍ତୀୟ ମୋଟ୍ ୨୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୨୨୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୭ଟି ଗ୍ରାମ୍ୟ ସମସ୍ୟାଭିତ୍ତିକ ରହିଥିଲା। ତତ୍କାଳ ୧୨ଟି ଅଭିଯୋଗର ସମାଧାନ କରାଯଇଥିଲା। ଏଥିସହ ଦୁଇ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା।

## ଟ୍ରେନ୍‌ରେ ଯାତ୍ରୀଙ୍କ ମୃତ୍ୟୁ

**ଜଟଣୀ,୨୪।୧(ଡି.ଏନ୍.ଏ.)**

ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ମଙ୍ଗଳବାର ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଦେବଗ୍ରାମ ଗ୍ରାମର ଭରତ କୋନେର (୬୯)। ସୂଚନା ମୁତାବକ, ସିକନ୍ଦରାବାଦ–ଭୁବନେଶ୍ୱର ଏକ୍ସପ୍ରେସ୍ ଟ୍ରେନ୍‌ରେ ଭରତ ପରିବାର ସହ ସିକନ୍ଦରାବାଦ୍‌ରୁ ଘରକୁ ଫେରୁଥିଲେ। ତେବେ ଉକ୍ତ ପରିବାର ସିକନ୍ଦରାବାଦରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବୈଧ ରେଳଯାତ୍ରା ଟିକେଟ କରି ଫେରୁଥିଲେ। ଭରତ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ରେଲ୍‌ୱେ ପ୍ରଶାସନ ସହିତ ଚିକିତ୍ସା ପାଇଁ ଯୋଗାଯୋଗ କରିଥିଲେ। ଟ୍ରେନ୍ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରେ ମୃତ୍ୟୁ ଘୋଷଣା କରିଥିଲେ। ଏହି ଘଟଣାରେ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା (ନଂ.୬/୨୩)ରୁଜୁ ହୋଇଛି। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଆର୍‌ପି ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି।







## ସୁରକ୍ଷା ପାଇଁ ପ୍ରଶିକ୍ଷଣ ନେଲେ ଛାତ୍ରୀ



ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

**ବାଲୁଗାଁ/ ନିରାକାରପୁର/ବାଣପୁର, ୨୪।୧(ଡି.ଏନ୍.ଏ.)**

ଚିଲିକା ବ୍ଲକ ସାମନ୍ତସିଂହାରପୁରସ୍ଥିତ ପଞ୍ଚୁପଲ୍ଲୀ ଭୀମବଳବନ୍ତରାୟ ଜୁନିୟର କଲେଜରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଦେବେନ୍ଦ୍ର ନାଥ ବିଶ୍ୱାଳଙ୍କ ଅଧକ୍ଷତା, ଶାରୀରିକ ପ୍ରଶିକ୍ଷଣ ଶିକ୍ଷକ ବିପିନ ବିହାରୀ ସାମନ୍ତରାୟଙ୍କ ସଂଯୋଜନାରେ ଚାଲିଥିବା ଏହି ଶିବିରରେ ୭୦ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ କଳ୍ପଶ୍ରୀ ପ୍ରଧାନ ଓ ଅର୍ଚ୍ଚନା ବେହେରା ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ଅଧକ୍ଷ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବସନ୍ତ ମଞ୍ଜରୀ ଦାଶ, ନିରଞ୍ଜନ ମିଶ୍ର, ରବି ଶଙ୍କର ହୋତା, ସତ୍ୟନାରାୟଣ ମିଶ୍ର, ସଂଗ୍ରାମ କେଶରୀ ମିଶ୍ର, ମମତା ମହାପାତ୍ର, ବିପିନ ବିହାରୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିଭାବେ ପ୍ରଶାନ୍ତ କୁମାର ମଙ୍ଗରାଜ, ପ୍ରଦୀପ କୁମାର ବଳବନ୍ତରାୟ ଉପସ୍ଥିତ ଥିଲେ। ଏହି ଅବସରରେ ଶିବିରାର୍ଥୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି।

ମହାବିଦ୍ୟାଳୟ ଅଧକ୍ଷ ସଞ୍ଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଅନୁଷ୍ଠାନର ଅଧ୍ୟାପିକା ପ୍ରତିଭାମୟୀ ମିତ୍ର, ଅଧ୍ୟାପକ ଜୟନ୍ତ ବାନାର୍ଜି ପ୍ରମୁଖ ଅତିଥିଭାବେ ଯୋଗଦେଇ ଆବଶ୍ୟକ ସମୟରେ ଏହି କୌଶଳର ଉପଯୋଗିତା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସଂଯୋଜିକା ରଶ୍ମୀରେଖା ମହନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୋଲାନି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଭବାନୀ ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା ସହାୟତା କରିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ।

ବାଣପୁର ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ଗ୍ରାମୀଣ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ରଶ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଦୀପକ କୁମାର ସାମନ୍ତରାୟ ଯୋଗଦେଇଥିଲେ। ଅତିଥିଭାବେ ସାଲୋନୀ ପାତ୍ର, ସର୍ବେଶ୍ୱର ଷଡଙ୍ଗୀ, ମନୋଜ କୁମାର ମହାପାତ୍ର , ବିଭୁଦେନ୍ଦୁ ମାନସିଂହ, ପ୍ରଶିକ୍ଷକ ଅର୍ଚ୍ଚନା ବେହେରା, କଳ୍ପଶ୍ରୀ ପ୍ରଧାନ ଯୋଗଦେଇ ମତବ୍ୟକ୍ତ ରଖିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ୧୬୦ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।






## ସଂକ୍ଷେପରେ

### ମଇଦା ମିଲ୍‌ରୁ ୮୫ ହଜାର ଚୋରି: ୨କର୍ମଚାରୀ ଗିରଫ

ଭୁବନେଶ୍ୱର,୨୪।୧(ବ୍ୟୁରୋ): ସ୍ଥାନୀୟ ମଇଦା ମିଲ୍‌ରୁ ୮୫ ହଜାର ଟଙ୍କା ଚୋରି ଅଭିଯୋଗରେ ସମ୍ପୃକ୍ତ ୨ କର୍ମଚାରୀଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।



ଅଭିଯୁକ୍ତଦ୍ୱୟ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତିସ୍ଥିତ ଶିବମନ୍ଦିର ସାହିର ପ୍ରକାଶ ଦାସ (୧୯) ଓ ଶଶିକାନ୍ତ ଦାସ (୧୯)। ଉଭୟଙ୍କଠାରୁ ଚୋରି ଟଙ୍କାରୁ ୩୧ ହଜାର ଓ ୨ଟି ମୋବାଇଲ ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଓଲ୍ଡ ଟାଉନ ନାରାୟଣୀ କ୍ଲବ୍ ନିକଟରେ ଥିବା ମଇଦା ମିଲ୍‌ରେ କାମ କରୁଥିଲେ। ଶନିବାର ସନ୍ଧ୍ୟାରେ ମାଲିକଙ୍କ ଅଜ୍ଞାତରେ ଏଠାରୁ ସେମାନେ ୮୫ ହଜାର ଟଙ୍କା ନେଇଯାଇଥିଲେ। ରବିବାର ଏନେଇ ମାଲିକ ସନ୍ତୋଷ ପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗ କର୍ମଶାଳା

ଭୁବନେଶ୍ୱର, ୨୪।୧ (ବ୍ୟୁରୋ) ଉତ୍କଳ ବିଶ୍ୱବିଦ୍ୟାଳୟ ଯୋଗ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପାଇଁ ମଙ୍ଗଳବାର ଯୋଗ ଶିବିର କାର୍ଯ୍ୟକ୍ରମ ଓ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ ଅନୁସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଂସ୍କୃତ, ହିନ୍ଦୀ ଓ ଯୋଗ ବିଭାଗର ମୁଖ୍ୟ ପ୍ରଫେସର ଡ. ସୁବାସ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯୋଗ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ଯୋଗାସନ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲେ। ଏହି କର୍ମଶାଳା ପ୍ରତ୍ୟହ ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସଂସ୍କୃତ ଓ ଯୋଗ ବିଭାଗର ଆସୋସିଏଟ୍ ପ୍ରଫେସର ବ୍ରଜ ସୁନ୍ଦର ମିଶ୍ର ଏବଂ ଡ. ମନୋରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ୬ଜଣଙ୍କୁ 'ନିଫ୍ଟ ବେଷ୍ଟ ଏକାଡେମିକ୍ ପରଫରମାନ୍ସ ଆୱାର୍ଡ'

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି (ନିଫ୍ଟ)ର ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ରେଳ ସଦନ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଭି. ନରସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫ୍ୟାଶନ ଦୁନିଆରେ ନିଫ୍ଟର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏଠାରୁ ବାହାରି ଛାତ୍ରୀଛାତ୍ରମାନେ ଫ୍ୟାଶନ ଦୁନିଆରେ ଏକ ନୂତନ ପରିଚୟ ସୃଷ୍ଟି କରିବାରେ ସମର୍ଥ ହେଉଛନ୍ତି। ନିଫ୍ଟର ପାରମ୍ପରିକ କଳା, କଣ୍ଟେମ୍ପରାରି ଅଟ୍, ଏକାଡେମିକ୍ ଫ୍ରିଡମ୍, ଡିଜାଇନ୍‌ରେ ନୂତନତ୍ୱ ଏବଂ ଟେକ୍ନୋଲୋଜି ତାହାକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଥିବା ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ନିଫ୍ଟର ଡାଇରେକ୍ଟର ଜେନେରାଲ ଆଇଏଏସ୍



ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ନିଫ୍ଟର ସମାବର୍ତ୍ତନ ଉତ୍ସବ**

ରୋହିତ୍ କାନ୍‌ସଲ୍, ଏକାଡେମୀ ଡିନ୍ ପ୍ରଫେସର ବନ୍ଦନା ନାରଙ୍ଗ ଏବଂ ନିର୍ଦ୍ଦେଶକ ରାଜେଶ୍ କୁମାର ଝା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୬ଜଣଙ୍କୁ 'ନିଫ୍ଟ ବେଷ୍ଟ ଏକାଡେମିକ୍ ପରଫରମାନ୍ସ ଆୱାର୍ଡ' ପ୍ରଦାନ କରାଯାଇଥିବାବେଳେ ଜଣଙ୍କୁ 'ଏକ୍ସଟ୍ରା ଅର୍ଡିନାରୀ ସର୍ଭିସ ଆୱାର୍ଡ' ଏବଂ ଅନ୍ୟ ଜଣଙ୍କୁ 'ନିଫ୍ଟ ଷ୍ଟୁଡେଣ୍ଟ ଅଫ୍ ଦି ଆୱାର୍ଡ' ପ୍ରଦାନ କରାଯାଇଥିଲା। ସେହିପରି ଅତିଥିଙ୍କ ଦ୍ୱାରା ସମାବର୍ତ୍ତନର ବ୍ରୋଚର ଏବଂ ମାଗାଜିନ୍ 'କଳିଙ୍ଗମ୍' ଉନ୍ମୋଚିତ ହୋଇଥିଲା।

# କୁଆଖାଇରେ ବଡ଼ ବ୍ୟାରେଜ ନିର୍ମାଣ କରାଯାଉ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

- ଜଳ ସମ୍ପଦ ମନ୍ତ୍ରୀଙ୍କ ସହ ଆଲୋଚନା
- ଉତ୍ତର ଭୁବନେଶ୍ୱର ଉନ୍ନୟନ ପରିଷଦର ଦାବି

ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଧୀରେ ଧୀରେ ଉତ୍କଟ ହେବାରେ ଲାଗିଛି। ନଦୀରେ ପାଣି ଶୁଖିଯିବା ବେଳେ ଭୂତଳ ଜଳସ୍ତର ମଧ୍ୟ ତଳକୁ ଖସୁଛି। ଜଳ ସଂରକ୍ଷଣ କରିବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି। ସରକାର ରାଜ୍ୟର ବିଭିନ୍ନ ନଦୀରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହିକ୍ରମରେ ଭୁବନେଶ୍ୱର ନିକଟ ଦେଇ ପ୍ରବାହିତ ହୋଇଥିବା କୁଆଖାଇ ନଦୀରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯିବ। ଏ ବାବଦରେ ୧୨୭.୩୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା କାର୍ଯ୍ୟକାରୀ ହେଲେ ଖୋର୍ଦ୍ଧା ଜିଲାର ବାଲିଅନ୍ତା ଓ ଭୁବନେଶ୍ୱର ମହାନଗର ନିଗମକୁ ପାନୀୟ ଜଳ ମିଳିପାରିବ। ତେବେ ଅଧିକ ପାଣି ଧରିବା ଭଳି ବଡ ବ୍ୟାରେଜ ନିର୍ମାଣ କରିବାକୁ ଉତ୍ତର ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ନେଇ ପରିଷଦ ସଭାପତି ପ୍ରଭାତ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ତାଙ୍କ ସରକାରୀ ବାସଭବନରେ ମଙ୍ଗଳବାର ସାକ୍ଷାତ କରି ଆଲୋଚନା କରିଛନ୍ତି। ବ୍ୟାରେଜ ନିର୍ମାଣ ହେଲେ କୁଆଖାଇର ଉପରମୁଣ୍ଡରୁ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ନଦୀରେ ପାଣି ଜମି ରହିବ। ଏହାଦ୍ୱାରା ପାନୀୟ ଜଳ ସହିତ ଚାଷକୁ ମଧ୍ୟ ପାଣି ମିଳିପାରିବ। ବ୍ୟାରେଜ କେଉଁଠି ଓ କେତେବଡ଼ ନିର୍ମାଣ କରାଯିବ ସେ ନେଇ ପରିଷଦକୁ ଜଣାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# 'ମାନବ ସେବା ଭାରତୀୟ ସଂସ୍କୃତି ଓ ପରମ୍ପରା'

**ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ 'ସାଇ ଥଟ୍ ଲିଡରଶିପ୍'**



କାର୍ଯ୍ୟକ୍ରମରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଭାରତୀୟ ସଂସ୍କୃତି ଓ ପରମ୍ପରାକୁ କେନ୍ଦ୍ର କରି ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଦ୍ୱାରା ମଙ୍ଗଳବାର ଏକ ଆଲୋଚନା 'ସାଇ ଥଟ୍ ଲିଡରଶିପ୍' ଅଧିବେଶନ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ବିଚାରକ, ଲେଖକ ତଥା ଗବେଷକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଯୋଗଦେଇଥିଲେ। ଏହି ଆଲୋଚନା ଅଧିବେଶନରେ ମୁଖ୍ୟବକ୍ତା ଶତପଥୀ ଛାତ୍ରୀଛାତ୍ରମାନେ ନିଜ ଜୀବନରେ ସଂସ୍କୃତି ଓ ପରମ୍ପରାକୁ ପାଥେୟ କରି କିପରି ଜଣେ ଜଣେ ଦକ୍ଷ ଲିଡର ହୋଇପାରିବେ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁରାଣ, ଉପନିଷଦ, ରାମାୟଣ ଓ ମହାଭାରତ କିପରି ଭାରତୀୟ ମୂଲ୍ୟବୋଧ ଅଥବା ସଂସ୍କୃତିର ମହତ୍ତ୍ୱକୁ ଅତି ଉତ୍କୃଷ୍ଟ କରିଛି ତାହା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ ଚିତ୍ରଣ କରିଥିଲେ। ଭଗବାନ୍‌ଙ୍କୁ ଭଲ ପାଇବା ସହ ମାନବ ସେବା କରିବା ଭାରତୀୟ ସଂସ୍କୃତି ଓ ପରମ୍ପରା ଅଟେ। ସବୁଠାରୁ ମାନବୀୟ ବ୍ୟକ୍ତିତ୍ୱ ସିଏ, ଯିଏ ଅନ୍ୟମାନଙ୍କର ସମ୍ବେଦନଶୀଳତା ପ୍ରତି ଯତ୍ନବାନ୍ ହୋଇଥାଏ। ମାତାପିତାଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ ଦ୍ୱାରା ଜୀବନରେ ସଫଳତା ମିଳିଥାଏ ବୋଲି ଶତପଥୀ ପ୍ରକାଶ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଲ୍ପୀ ସାହୁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଘରେ ଓଢ଼ଣି ବାନ୍ଧି ଝୁଲିପଡ଼ିଲେ ଛାତ୍ରୀ

ଜଟଣୀ,୨୪।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେତଙ୍ଗ କଲୋନି ଅଞ୍ଚଳରେ ଜଣେ କଲେଜ ଛାତ୍ରୀ ଆତ୍ମହତ୍ୟା କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତା ହେଲେ ପି. ଯମୁନା(୨୩)। ଏନେଇ ମୃତାଙ୍କ ବାପା ପି. ପାପାରାଓଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଘରେ କେହି ନ ଥିବା ବେଳେ ଯମୁନା ବେକରେ ଓଢ଼ଣି ବାନ୍ଧି ଝୁଲିପଡ଼ିଥିଲେ। ପରେ ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ ଯମୁନାଙ୍କୁ ଉଦ୍ଧାର କରି ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଡାକ୍ତରଖାନା ନେଇଥଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଯମୁନା ପିଏନ୍ କଲେଜ ବାଣିଜ୍ୟ ବିଭାଗର +୩ ତୃତୀୟ ବର୍ଷ ଛାତ୍ରୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ପ୍ରମୋଦ କୁମାର ସାହାଣୀ, କେନ୍ଦ୍ରୀୟ ପଦାଧିକାରୀ ନିରଞ୍ଜନ ମିଶ୍ର, ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତିଙ୍କ ସମେତ ବହୁ ରେଳ କର୍ମଚାରୀ ଓ ଶ୍ରମିକ ସଙ୍ଗଠନ ସଦସ୍ୟ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ହସ୍ପିଟାଲରେ ପହଞ୍ଚିଥିଲେ।

# ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଖଣ୍ଡଗିରି ଥାନା ପୋଲିସ ମଙ୍ଗଳବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ତ୍ରିନାଥ ମନ୍ଦିର ପାଖରେ ଚଢ଼ାଉ କରି ୨୧ କେଜି ୧୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସ୍ଥାନୀୟ ଥାନା ଯଦୁପୁର ଅଞ୍ଚଳର ସଦାମ ଖାନ (୨୪)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଗଞ୍ଜେଇ ସହ ୪୦୦ ଟଙ୍କା ମଧ୍ୟ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ଏକ ମାମଲା (ନଂ. ୩୯/୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।







# ବିଦ୍ୟାଳୟରେ ଜାତୀୟ ଶିଶୁ କନ୍ୟା ଦିବସ

ବାଲିଅନ୍ତା,୨୪।୧(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁରସ୍ଥିତ ଆଚାର୍ଯ୍ୟ ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପରେ ପ୍ରଧାନଶିକ୍ଷକ ଗଣେଶ କରଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୬ଜଣ ଛାତ୍ରୀଙ୍କ ମା' ଯୋଗ ଦେଇଥିଲେ। ବାଳିକା ଶିକ୍ଷାର ପ୍ରଗତି ଓ ବିଭିନ୍ନ ସ୍ତରରେ ସେମାନଙ୍କ ଅଗ୍ରଣୀ ଭୂମିକା ଉପରେ ଆଲୋଚନା ହୋଇଥିଲା। ସଭାକୁ କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ଖୁଣ୍ଟିଆ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ଜମ୍ବେଶ୍ୱର ରଥ ଧନ୍ୟବାଦ ଦେଇଥିଲେ।

# ମହାତ୍ମା ଗାନ୍ଧୀ ମାର୍ଗରେ ଫୁଲ୍‌ଡ୍ରେସ ପରେଡ୍ ଅଭ୍ୟାସ



ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ଫୁଲ୍‌ଡ୍ରେସ୍ ପରେଡ୍ ଅଭ୍ୟାସକୁ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ନିରୀକ୍ଷଣ କରୁଛନ୍ତି।

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ରାଜଧାନୀର ମହାତ୍ମା ଗାନ୍ଧୀ ମାର୍ଗରେ ଗୁରୁବାର ରାଜ୍ୟସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏଥିପାଇଁ ରବିବାରଠାରୁ ପରେଡ୍ ଅଭ୍ୟାସ କରାଯାଉଛି। ମଙ୍ଗଳବାର ଫୁଲ୍‌ଡ୍ରେସ୍ ପରେଡ୍ ଅଭ୍ୟାସ କରାଯାଇଥିଲା। ସକାଳେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଯୋଗଦେଇ ଏହି ଅଭ୍ୟାସକୁ ନିରୀକ୍ଷଣ କରିଥିଲେ। ପୂର୍ବବର୍ଷ ଅର୍ଥାତ୍ ୨୦୨୨ ଜାନୁୟାରୀ ୨୬ରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳନ କଲାବେଳେ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଥିଲା। କଟକଣା ପାଇଁ ପରେଡ୍‌ରେ କେବଳ ୧୧ଟି ଗ୍ରୁପ (କଣ୍ଟିଜେଣ୍ଟ) ଅଂଶଗ୍ରହଣ କରିଥିବା ବେଳେ କୌଣସି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇ ନ ଥିଲେ। ହେଲେ ଏଥର ସମ୍ପୂର୍ଣ୍ଣ କଟକଣା ହଟିଥିବାରୁ ପୂର୍ବଭଳି ସାଧାରଣତନ୍ତ୍ର ଦିବସକୁ ଉତ୍ସାହର ସହ ପାଳନ କରିବାକୁ ବ୍ୟବସ୍ଥା କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହୋଇଥିବାବେଳେ ୫୦ଟି ଗ୍ରୁପର ଚିତ୍ତାକର୍ଷକ ପରେଡ୍ ଦେଖିବାକୁ ମିଳିବ। ଏଗୁଡ଼ିକ ମଧ୍ୟରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍), ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସ (ସପ୍ତମ ବାଟାଲିଅନ), ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ (ଏସ୍ଏସ୍‌ବି), ସ୍ପେଶାଲ ଅପରେଶନ୍ ଗ୍ରୁପ (ଏସ୍ଓଜି), ସିଆର୍‌ପିଏଫ୍, ଅଗ୍ନିଶମ, ଓଡ୍ରାଫ୍, ଆର୍ମି, ନେଭି, ପୋଲିସର ବିଭିନ୍ନ ଉଇଙ୍ଗ ସମେତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଗ୍ରୁପ ରହିଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଘ ନାଚ, ମୟୂର ନାଚ ଆଦି ଗ୍ରୁପ ନୃତ୍ୟ ପରିବେଷଣ କରିବେ। କେସିଙ୍ଗା ଏସ୍‌ଡିପିଓ ଯଶପ୍ରତାପ ଶ୍ରୀମାଲ ପରେଡ୍‌ର ନେତୃତ୍ୱ ନେବେ। ଏନେଇ ପୋଲିସ ଡିଜି ବଂଶଲ କହିଛନ୍ତି, ୨ବର୍ଷ ହେଲା କୋଭିଡ୍ କଟକଣା ପାଇଁ ଭଲ ଭାବେ ସାଧାରଣତନ୍ତ୍ର ଦିବସ ପରେଡ୍ କରିପାରି ନ ଥିଲୁ। ଏବର୍ଷ ଯେଭଳି ପରେଡ ହେବା କଥା ସେଭଳି ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସେ କହିଛନ୍ତି।

**ସାଧାରଣତନ୍ତ୍ର ଦିବସ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା**

- ନିରୀକ୍ଷଣ କଲେ ପୋଲିସ ଡିଜି
- ମୁତୟନ ହେବେ ୩୦ ପ୍ଲାଟୁନ ଫୋର୍ସ, ୨୦୦ରୁ ଉର୍ଦ୍ଧ୍ୱ ଅଧିକାରୀ

କମିଶନରେଟ ପୋଲିସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ୩୦ ପ୍ଲାଟୁନ ଫୋର୍ସ ଓ ୨୦୦ରୁ ଉର୍ଦ୍ଧ୍ୱ ଅଧିକାରୀ ମୁତୟନ ହେବେ। ପରେଡ ସମୟରେ ମହାତ୍ମା ଗାନ୍ଧୀ ମାର୍ଗ ଓ ଏହାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସର୍ବସାଧାରଣଙ୍କ ଯାତାୟାତ ପାଇଁ ବନ୍ଦ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।





ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି।






## 'ସାହିତ୍ୟ ହିଁ ସମାଜର ଦର୍ପଣ'

ମଙ୍ଗୁଳି-ଜଗତପୁର,(ଡି.ଏନ.ଏ.): ଜଗତପୁରସ୍ଥିତ ଲକ୍ଷ୍ମୀ ନାରାୟଣ ସାହୁ କଲେଜ ପରିସରରେ ସାହିତ୍ୟ ସଂସଦ ଓ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଓ ନାଟ୍ୟ ସଂସଦ ସଭାପତି ପ୍ରଫେସର ସସ୍ମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଥିଲେ, ସାହିତ୍ୟ ହିଁ ସମାଜର ଦର୍ପଣ। ସେହିପରି ସମ୍ମାନିତ ଅତିଥି ଅଭିନେତା ଆକାଶ ଦାସନାୟକ କହିଥିଲେ, ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ପାଇବେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟ ସଂସଦ ଉପସଭାପତି ଗୌତମ ପଟ୍ଟନାୟକ ଅତିଥି ପରିଚୟ ଓ ଅଧାପିକା ପୁଷ୍ପ ମଞ୍ଜରୀ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓଏମ୍‌ପି ମାର୍କେଟ କମ୍ପ୍ଲେକ୍ସରୁ ଜବରଦଖଲ ଉଚ୍ଛେଦ



**କଟକ ଅଫିସ,୨୪।୧:** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନରେ ଥିବା ଓଏମ୍‌ପି ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସରୁ ମଙ୍ଗଳବାର ପୂର୍ବାହ୍ନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସିଏମ୍‌ସି ଓ ସିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ପହଞ୍ଚି ବେଆଇନ ଭାବେ ଗଢି ଉଠିଥିବା ଗୋଟିଏ ଦୋକାନକୁ ଭାଙ୍ଗିବା ସହ ଅନ୍ୟ ଦୁଇଟି ସିଲ୍ କରିଦେଇଛନ୍ତି। ଉଚ୍ଛେଦବେଳେ ଚାଉଳିଆଗଞ୍ଜ ପୋଲିସ ଉପସ୍ଥିତ ଥିଲା। ଦୀର୍ଘଦିନ ଧରି ବହୁ ଲୋକ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥିତ ଖାଲି ସ୍ଥାନରେ ବେଆଇନ ନିର୍ମାଣ କରି ବ୍ୟବସାୟ ଚଳାଇ ଆସୁଥିଲେ। ଫଳରେ ଗ୍ରାହକମାନେ ଯାତାୟାତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବେଆଇନ ଭାବେ ଗଢି ଉଠିଥିବା ଦୋକାନ ଉଚ୍ଛେଦ କରିବା ପାଇଁ କର୍ତ୍ତୃପକ୍ଷ ଅନେକଥର ତାଗିଦ୍ କରିଥିଲେ ସୁଦ୍ଧା ସୁଫଳ ମିଳି ନ ଥିଲା। ଫଳରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଅନ୍ୟ ଦୋକାନୀମାନେ ୨ ଦିନ ମଧ୍ୟରେ ଉଠିଯିବା ପାଇଁ ଅଧିକାରୀମାନେ ସମୟ ଦେଇଛନ୍ତି। ତେବେ ଶୁକ୍ରବାର ସୁଦ୍ଧା ଯଦି ସେମାନେ ଉକ୍ତ ସ୍ଥାନ ଖାଲି ନ କରନ୍ତି ତେବେ ସେମାନଙ୍କୁ ଉଚ୍ଛେଦ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସିଏମ୍‌ସି ଡେପୁଟି କମିଶନର ଅମିୟ ପଣ୍ଡା ଓ ସିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ମୁଖ୍ୟ ପରେଶ କୁମାର ନାୟକଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କରାଯାଇଥିଲା।

### ଖ୍ରୀଷ୍ଟ କଲେଜରେ ବିଦ୍ୟାର୍ଥୀଙ୍କ କ୍ୟାମ୍ପସ ନିଯୁକ୍ତି କାର୍ଯ୍ୟକ୍ରମ

**କଟକ ଅଫିସ,୨୪।୧:** ଖ୍ରୀଷ୍ଟ କଲେଜର ଯୁକ୍ତ ୩ ଶେଷବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ବିଦ୍ୟାର୍ଥୀମାନଙ୍କର କ୍ୟାମ୍ପସ ନିଯୁକ୍ତି କାର୍ଯ୍ୟକ୍ରମ କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜର କ୍ୟାରିୟର କାଉନ୍‌ସେଲିଂ ସେଲ୍ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଆଇସିଆଇସିଆଇ ଲୋମ୍ବାର୍ଡ କମ୍ପାନୀ ଭାଗନେଇ ସମୁଦାୟ ୧୫୦ ଜଣ ବିଦ୍ୟାର୍ଥୀଙ୍କର ସାକ୍ଷାତକାର ପରୀକ୍ଷା କରିଥିଲା। ସେମାନଙ୍କ ମଧ୍ୟରୁ ୧୮ ଜଣ ଉତ୍ତୀର୍ଣ୍ଣ ହୋଇ କମ୍ପାନୀରେ ଚାକିରି କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପରେ ସାକ୍ଷାତକାର ପରୀକ୍ଷାରେ ସଫଳ ହୋଇ ଏଚ୍‌ସିଏଲ୍ କମ୍ପାନୀରେ ୩ ଜଣ, ଆଇସିଆଇସି.ଆଇ ଫୋନ୍ ବ୍ୟାଙ୍କିଙ୍ଗ୍ କମ୍ପାନୀରେ ୧୧ ଜଣ, ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା କମ୍ପାନୀରେ ୨ଜଣ ଓ ଟେକ୍ ମହିନ୍ଦ୍ରା କମ୍ପାନୀରେ ୨୧ଜଣ ବିଦ୍ୟାର୍ଥୀ ଚାକିରି କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କଲେଜ ବିଦ୍ୟାର୍ଥୀମାନଙ୍କର ଏପରି ଉଲ୍ଲେଖନୀୟ ସଫଳତାରେ ଖୁସି ହୋଇ ଅଧକ୍ଷା ମଧୁମିତା ପାତ୍ର କ୍ୟାରିୟର କାଉନ୍‌ସେଲିଂ ସେଲ୍‌ର ସଂଯୋଜକ ଡ. ଦିଲ୍ଲୀପ୍ ବରାଳଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ତଥା ନିଯୁକ୍ତି ପାଇଥିବା ବିଦ୍ୟାର୍ଥୀମାନଙ୍କୁ ଶୁଭକାମନା ଜଣାଇଛନ୍ତି।

# ନିଲମ୍ବିତ ହେଲେ ସହକାରୀ ଯନ୍ତ୍ରୀ

## ମୁକୁଳା ନାଳରେ ପଡ଼ି ବାଳକଙ୍କ ମୃତ୍ୟୁ ଘଟଣା

କଟକ ଅଫିସ,୨୪।୧

କଟକ ବିଡାନାସୀ ବନ୍ଧ ଛକ ବସ୍ତିପାଖ ଏକ ମୁକୁଳା ଡ୍ରେନ୍‌ରେ ପଡି କିଶୋର ସାହାଣୀଙ୍କ ପୁଅ ଯୋଶେଫ ସାହାଣୀ(୯)ଙ୍କ ମୃତ୍ୟୁ ଘଟିଥିଲା। କଟକ ମହାନଗର ନିଗମ(ସିଏମ୍‌ସି) ଅଧିକାରୀଙ୍କ ଦାୟିତ୍ୱହୀନତା ଓ କାର୍ଯ୍ୟରେ ଅବହେଳା ପାଇଁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଫଳରେ ସିଏମ୍‌ସି ସିଟି ଇଞ୍ଜିନିୟର ଏ ନେଇ ସହକାରୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ସାଇଟ୍ ପରିଦର୍ଶନ ନ କରିବା, ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଯିବା ଅଥବା ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲେ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି ଉକ୍ତ ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ଏଥିପାଇଁ ତୁମ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ ୩ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ଏବେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ମନୋଜ ଦେବତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

ଅପରପକ୍ଷରେ ଯୋଶେଫଙ୍କ ମୃତ୍ୟୁ ଘଟଣାକୁ ୧୦ ଦିନ ବିତିଥିଲେ ମଧ ତାଙ୍କ ପରିବାରକୁ ସେଭଳି ଆଖିଦୃଶିଆ ସହାୟତା ପ୍ରଦାନ କରାଯାଇନାହିଁ। ତୁରନ୍ତ ସରକାରୀ ସହାୟତା ପ୍ରଦାନ ସହ କାର୍ଯ୍ୟରେ ଅବହେଳା ପାଇଁ ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ପାଇଁ ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସ ଦାବି କରିଛନ୍ତି। ଏ ନେଇ ସେ ସିଏମ୍‌ସି କମିଶନର, ମେୟର, ଜିଲାପାଳ ଓ ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଯୋଶେଫ ଗୁଡ଼ି ଉଡାଉଥିବାବେଳେ ମୁକୁଳା ଡ୍ରେନ୍‌ରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଶିଶୁଭବନ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ମଙ୍ଗଳବାର ସିଏମ୍‌ସି ଅଫିସ ସମ୍ମୁଖରେ ଠିକା କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# କାରଖାନାରେ ଶ୍ରମିକ ଟଳିପଡ଼ିଲେ

ଖୁଣ୍ଟୁଣୀ,୨୪।୧(ଡି.ଏନ୍.ଏ.)

- ସାଇକେଲରେ ଡ୍ୟୁଟି କରିବାକୁ ଯାଇଥିଲେ
- ମୃତକଙ୍କ ପରିବାରକୁ ୧୫ ଲକ୍ଷ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି

ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲଠାରେ ଥିବା ଆରତୀ ଷ୍ଟିଲ କାରଖାନା ପରିସରରେ ଜଣେ ଶ୍ରମିକ ସାଇକେଲରୁ ପଡିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଘଣ୍ଟିଖାଲ ଗ୍ରାମର ଅନ୍ତର୍ଯ୍ୟାମୀ ସାହୁ(୫୨)। ସୋମବାର ରାତିରେ ସେ କାମ କରିବା ପାଇଁ ଘରୁ ସାଇକେଲରେ ଉକ୍ତ କାରଖାନାକୁ ଯାଇଥିଲେ। କାରଖାନା ଗେଟ୍ ପାର ହୋଇଥିବାବେଳେ ହଠାତ୍ ସାଇକେଲରୁ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପରେ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଓ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ଆମ୍ବୁଲାନ୍ସରେ ମୃତଦେହ ଆଣି କାରଖାନା ପରିସରରେ ରଖିଥିଲେ। ମୃତକଙ୍କ ପରିବାରକୁ ୩୦ ଲକ୍ଷ କ୍ଷତିପୂରଣ, ମୃତଦେହ ସତ୍କାର ପାଇଁ ୧ ଲକ୍ଷ ଓ ଶୁଦ୍ଧିକ୍ରିୟା ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ ସହ ପରିବାରର ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ପରେ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, କାରଖାନାର ବରିଷ୍ଠ ଅଧିକାରୀ ଏନ୍. ଶ୍ରୀନିବାସନ, ପରମେଶ୍ୱର ଭଟ୍ଟାଚାର୍ଯ୍ୟ, ମାନବ ସମ୍ବଳ ଅଧିକାରୀ ସରୋଜ ଜେନା ଓ ଲୋକସମ୍ପର୍କ ଅଧିକାରୀ ଶରତ ନିଶାଙ୍କ ପ୍ରମୁଖ ଆଲୋଚନା ପାଇଁ ସମସ୍ତଙ୍କୁ ଡାକିଥିଲେ। ଶ୍ରମିକ ସଙ୍ଗଠନ ସମ୍ପାଦକ ସନ୍ତୋଷ ବେହେରା, ବିରଜା ଶଙ୍କର ନାୟକ, ସରୋଜ ସ୍ୱାଇଁ, ଘଣ୍ଟିଖାଲ ସରପଞ୍ଚ ସୁବାସ ବିଶ୍ୱାଳଙ୍କ ସହିତ ଅଧିକାରୀମାନେ ଆଲୋଚନା କରି ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା, ମୃତଦେହ ସତ୍କାର ପାଇଁ୫୦ ହଜାର, ଶୁଦ୍ଧିକ୍ରିୟା ନିମନ୍ତେ ୧ ଲକ୍ଷ ଟଙ୍କା ସହ ପରିବାରର ଜଣଙ୍କୁ ଠିକାଦାରଙ୍କ ଅଧୀନରେ କାମ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ପରିବାର ଲୋକେ ମୃତଦେହ ନେଇ ସ୍ଥାନୀୟ ଶ୍ମଶାନରେ ସତ୍କାର କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ପୋଲିସ କହିଛି।

# ଭିଡିଓ ଭାଇରାଲ ପରେ କଲେଜରେ ଉତ୍ତେଜନା



କଲେଜ ପରିସରରେ ଅଞ୍ଚଳବାସୀ ହୋହଲ୍ଲା କରୁଛନ୍ତି।

## ଅଧ୍ୟକ୍ଷଙ୍କୁ ଘେରାଉ, ବଦଳି ଦାବି

ନିଆଳି, ୨୪।୧(ଡି.ଏନ.ଏ.)

ନିଆଳି ଥାନା ଅନ୍ତର୍ଗତ କସର୍ଦ୍ଦାସ୍ଥିତ ଦୋଳଗୋବିନ୍ଦ ବ୍ରଜକିଶୋର କଲେଜ ଅଧ୍ୟକ୍ଷଙ୍କ ଏକ ଭାଇରାଲ ଭିଡିଓକୁ ନେଇ ମଙ୍ଗଳବାର ପୂର୍ବାହ୍ନରେ କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ଅଧ୍ୟକ୍ଷଙ୍କୁ ଘେରିବା ପରେ କଲେଜ ପରିସରରୁ ବାହାର କରି ଫାଟକରେ ତାଲା ପକାଇ ହୋହଲ୍ଲା କରିଥିଲେ। କସର୍ଦ୍ଦା ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ହେଲେ ସ୍ଥାନୀୟ ଅଞ୍ଚଳରେ ଏବେ ବି ଉତ୍ତେଜନା ଲାଗି ରହିଛି।

ଅଧ୍ୟକ୍ଷଙ୍କର ଏକ ଭିଡିଓ ସୋମବାରଠାରୁ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଅଧ୍ୟକ୍ଷ କିଛି ପାନୀୟ ପିଇବା ସହ ଜଣେ ମହିଳାଙ୍କ କାନ୍ଧରେ ହାତ ପକାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କସର୍ଦ୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି, ରାଣୀଓଳା ସମବାୟ ସମିତି ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ସମେତ ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷଙ୍କୁ ଘେରିଥିଲେ। କସର୍ଦ୍ଦା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧ୍ୟକ୍ଷଙ୍କୁ ଉଦ୍ଧାର କରି ଫାଣ୍ଡିକୁ ଆଣିଥିଲା। ଏହାପରେ ଫାଣ୍ଡିରେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ସଦର ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଉପଜିଲାପାଳଙ୍କ ସହ ଫୋନ୍‌ରେ ଆଲୋଚନା କରାଯିବା ପରେ ଏଠାରୁ ଅଧ୍ୟକ୍ଷଙ୍କୁ ଛୁଟିରେ ଯିବା ପାଇଁ କୁହାଯାଇଛି। ତୁରନ୍ତ ଅଧ୍ୟକ୍ଷଙ୍କ ବଦଳି ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷଙ୍କୁ ପଚାରିବାରୁ ମୋ ନାଁରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି କହିଥିଲେ। ହେଲେ ଭାଇରାଲ ଭିଡିଓ ସମ୍ପର୍କରେ ସେ କହିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

# ପାଲା ସାହିତ୍ୟ ବିକାଶରେ ତୀର୍ଥାନନ୍ଦଙ୍କ ଉଦ୍ୟମ ପ୍ରଶଂସନୀୟ



ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ଡକ୍ଟର ତୀର୍ଥାନନ୍ଦ ମିଶ୍ର ସ୍ମୃତି ସମ୍ମାନ ଦିଆଯାଉଛି।

## ଡ. ତୀର୍ଥାନନ୍ଦ ମିଶ୍ରଙ୍କ ସ୍ମୃତି ଉତ୍ସବ

କଟକ ଅଫିସ, ୨୪।୧

ବିଶିଷ୍ଟ ସାହିତ୍ୟିକ, ଗବେଷକ, କବି ଡ. ତୀର୍ଥାନନ୍ଦ ମିଶ୍ରଙ୍କ ସ୍ମୃତି ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ସଞ୍ଜିତ୍ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜଷ୍ଟିସ୍ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଡ. ମିଶ୍ର ଥିଲେ ବିଶିଷ୍ଟ ସାଧକ ଓ ଆଧ୍ୟାତ୍ମିକବାଦୀ ମଣିଷ। ଗବେଷଣା, କବିତା ଓ ପାଲା ସାହିତ୍ୟ ବିକାଶରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ସେହିପରି ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, କବି ଓ ପାଲାକାର ଭାବରେ ମିଶ୍ର ସୁବିଦିତ ଥିଲେ। ସେହିପରି ପ୍ରବଚକ ପଦ୍ମନାଭ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସାହିତ୍ୟ ଓ ଆଧ୍ୟାତ୍ମିକତା ଏବଂ ପାଲା ସାହିତ୍ୟ ତ୍ରିବେଣୀ ସଙ୍ଗମ ଘଟିଛି ତୀର୍ଥାନନ୍ଦ ମିଶ୍ରଙ୍କ ନିକଟରେ। ତାଙ୍କର ସାଧନା ଓଡ଼ିଆ ଆଧ୍ୟାତ୍ମିକ ଓ ପାଲା ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ତ୍ରିପାଠୀ କହିଥିଲେ। ଏହି ଅବସରରେ ପ୍ରାବନ୍ଧିକ, ସମାଲୋଚକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲଙ୍କୁ ଡକ୍ଟର ତୀର୍ଥାନନ୍ଦ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦର ସମ୍ପାଦିକା ଶାଶ୍ୱତୀ ସୌମ୍ୟା ମିଶ୍ର ପ୍ରାରମ୍ଭିକ ସୂଚନା, ପ୍ରଜ୍ଞା ମିଶ୍ର ମାନପତ୍ର ପାଠ ଓ ଶାଶ୍ୱତ ସୌମ୍ୟ ପ୍ରକାଶ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ମିଶ୍ରଙ୍କ ସ୍ତ୍ରୀ ମମତା ମିଶ୍ର, ତରୁଣ କୁମାର ସାହୁ, ନାଟ୍ୟକାର ଧନୁର୍ଦ୍ଧର ମିଶ୍ର, ପ୍ରଫେସର ପ୍ରଭାତୀ ଦାସ, ଡ. ସତ୍ୟ ରାୟ, ଡ. ସୁନାମଣି ରାଉତ, ଲକ୍ଷ୍ମୀଧର ମହାରଣା, ରାଧାଶ୍ୟାମ ପଣ୍ଡା, ରାଷ୍ଟ୍ରଦୀପର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୫୨ ମାମଲାର ଫଇସଲା

## ଜିଲାପାଳଙ୍କ ଜନଶୁଣାଣି ଶିବିର

କଟକ ସଦର, ୨୪।୧(ଡି.ଏନ୍.ଏ.)

କଟକ ଜିଲା କିଶୋର ନଗରଠାରେ ଜିଲାପାଳଙ୍କ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୬ ମାମଲାର ଶୁଣାଣି କରାଯାଇ ୫୨ଟିର ଫଇସଲା କରାଯାଇଥିଲା। ତଫସିଲଭୁକ୍ତ ଜନଜାତି ସମ୍ପ୍ରଦାୟର ଲୋକମାନେ ଘରଡିହ ପାଇବା ପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦରଖାସ୍ତ ମାଧ୍ୟମରେ ଅବଗତ କରାଇଥିଲେ। ପ୍ରତ୍ୟେକ ଥର ତହସିଲସ୍ତରୀୟ ଜନ ଶୁଣାଣି ଶିବିରରେ ଅନେକ ଜନଜାତି ଲୋକ ଡିହ ପାଇବା ପାଇଁ ଆବେଦନ କରିଥିଲେ ସୁଦ୍ଧା ସ୍ଥାନୀୟ ତହସିଲଦାର ଜମିପଟ୍ଟା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ବୋଲି ଅଭିଯୋଗ ହୋଇଛି। ହେଲେ ଏବେକାର ତହସିଲଦାର ସମସ୍ୟା ଉପରେ ଦୃଷ୍ଟି ଦେବେ ବୋଲି ସେମାନେ ଜିଲାପାଳଙ୍କୁ କହିଥିଲେ। ମାତ୍ର ଜମି ପାଇଁ ଆବେଦନ କରିଥିବା ଲୋକମାନଙ୍କର ଅନ୍ୟ ଜିଲାରେ ଜାଗାବାଡି ଥିବାରୁ ଏଠାରେ କିଛି କରିହେବନାହିଁ ବୋଲି ଜଣେ ବରିଷ୍ଠ ରାଜସ୍ୱ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ଏହି ଶିବିରରେ ଜିଲାପାଳ ଚୟନୀ, ଅତିରିକ୍ତ ଜିଲାପାଳ ଶିବୋ ଟପୋ, ଉପ ଜିଲାପାଳ କମଳଜିତ୍ ଦାସ, ତହସିଲଦାର ମଧୁସୂଦନ ନାୟକଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।













# ବସ୍ତିରେ ସଚେତନତା ବାର୍ତ୍ତା ବାଣ୍ଟିବ ରଥ

## ଜିଲାସ୍ତରୀୟ କନ୍ୟା ସନ୍ତାନ ଦିବସ

- ୬୦ ପ୍ରତିଭାଧାରୀ ପୁରସ୍କୃତ

କଟକ ଅଫିସ, ୨୪।୧

କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ କନ୍ୟା ସନ୍ତାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ, ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ସମଗ୍ର ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସପ୍ତାହ ବ୍ୟାପୀ ଏହି ଦିବସ ପାଳନର ମଙ୍ଗଳବାର ଥିଲା ଉଦ୍‌ଯାପନ ଦିବସ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା କରାଯାଇଥିବା ଏକ ଆର୍ଟ ଗ୍ୟାଲେରୀକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ପିଲାମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏହାପରେ ସେ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ସହରାଞ୍ଚଳର ବିଭିନ୍ନ ବସ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିକ୍ରମା କରିବ। କନ୍ୟାଭ୍ରୂଣ ହତ୍ୟାର ବିଭିନ୍ନ ଆଇନଗତ ଦିଗ ଉପରେ ପ୍ରଚାର, ଝିଅପୁଅମାନଙ୍କ ମଧ୍ୟରେ ସମାନତା, କିଶୋରୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା, ଯୌନ ନିର୍ଯାତନାରୁ ସୁରକ୍ଷା, ବାଲ୍ୟ ବିବାହର କୁପରିଣାମ ଉପରେ ସଚେତନତା ବାର୍ତ୍ତା ଦେବ ଏହି ରଥ।



ଜିଲାପାଳ ଭବାନୀ ଶଙ୍କର ଚୟନୀ ଆର୍ଟ ଗ୍ୟାଲେରି ବୁଲି ଦେଖୁଛନ୍ତି।

ଏହି ଅବସରରେ କାର୍ଯ୍ୟାଳୟ ସମ୍ମୁଖରେ ଲୋକନୃତ୍ୟ, ଘୋଡ଼ାନାଚ ମାଧ୍ୟମରେ କନ୍ୟା ସୁରକ୍ଷା ସମ୍ବନ୍ଧରେ ଏକ ପ୍ରତିକାତ୍ମକ ବାର୍ତ୍ତା ପରିବେଷଣ କରାଯାଇଥିଲା। ଏହି ଅବସରରେ ୬୦ ଜଣ ପ୍ରତିଭାଧାରୀ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସର୍ବୋଚ୍ଚ ପଞ୍ଜୀକରଣ କରିଥିବା ୩ ଜଣ ସ୍ୱାସ୍ଥ୍ୟକର୍ମୀ ପୁରସ୍କୃତ ହୋଇଥିଲେ। ଏହାପରେ ପିଲାମାନଙ୍କ ଦ୍ୱାରା ବାଳିକା ନିର୍ଯାତନା, ସୁରକ୍ଷା ଏବଂ ସଶକ୍ତିକରଣ ଉପରେ ନୃତ୍ୟ ଏବଂ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସିପି ଆଶୁତୋଷ ମିଶ୍ର, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଶିଶୁ ମଙ୍ଗଳ ସମିତି ସଦସ୍ୟ ହରିହର ନାୟକ, ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି 'ପଠାନ୍' ରିଲିଜ୍

**ବଲିଉଡ୍ ପାଇଁ ନୂଆ ଆଶା**

- **୪.୧୯ ଲକ୍ଷ ଆଡଭାନ୍ସ ଟିକେଟ୍ ବିକ୍ରି**
- **୫,୦୦୦ ହଲ୍‌ରେ ମୁକ୍ତିଲାଭ କରିବ**

ମୁମ୍ବାଇ

ବହୁ ବାଦବିବାଦ ପରେ ବୁଧବାର ରିଲିଜ୍ ହେଉଛି ବଲିଉଡ୍‌ର ଚର୍ଚ୍ଚିତ ଫିଲ୍ମ 'ପଠାନ୍'। ଲୋକପ୍ରିୟ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ହାଇବଜେଟ୍ ସିନେମା ପାଇଁ ମଙ୍ଗଳବାର ୪.୧୯ ଲକ୍ଷ ଆଡଭାନ୍ସ ଟିକେଟ ବିକ୍ରି ହୋଇଛି। ଫିଲ୍ମଟି ମୋଟ ୫, ୦୦୦ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଥିବାବେଳେ ଏହାର ଫାଷ୍ଟ ଶୋ' ଟାଇମିଂ ସକାଳ ୬ରୁ ୭ଟା ମଧ୍ୟରେ ହେବ। 'ପଠାନ୍' ବଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଶୁଭଙ୍କର ହେବ ବୋଲି ଅନେକଙ୍କ ମତ ରହିଛି। କାରଣ ମହାମାରୀ ପରେ ଏହା ହେଉଛି ପ୍ରଥମ ହିନ୍ଦୀ ଫିଲ୍ମ, ଯାହାର ରିଲିଜ୍ ପୂର୍ବରୁ ବିପୁଳ ମାତ୍ରାରେ ଟିକେଟ ବିକ୍ରି ହୋଇସାରିଛି। ମୁକ୍ତିଲାଭ ପୂର୍ବରୁ ହିଁ 'ପଠାନ୍' ମନୋରଞ୍ଜନ ଜଗତରେ ବିରଳ ରେକର୍ଡ ସୃଷ୍ଟି କରିଛି। କୋଭିଡ୍-୧୯ କାରଣରୁ ହିନ୍ଦୀ ଫିଲ୍ମ ଜଗତ ମନ୍ଦାବସ୍ଥା ଆଡ଼କୁ ଚାଲିଯାଇଥିବାବେଳେ ଶାହରୁଖ୍‌ଙ୍କ 'ପଠାନ୍' ପାଇଁ ବଲିଉଡ୍ ବିଜ୍‌ନେସ୍ ପୁଣିଥରେ ଜମିବା ଆଶା ଉଦ୍‌ଜୀବିତ ହୋଇଥିବା ଟ୍ରେଡ୍ ଆନାଲିଷ୍ଟ ତରନ ଆଦର୍ଶ କହିଛନ୍ତି। ପ୍ରକାଶ ଯେ, 'ବେସରମ୍ ରଙ୍ଗ' ଗୀତରେ ଦୀପିକାଙ୍କ ଗୈରିକ ରଙ୍ଗର ସ୍ୱଳ୍ପ ବସ୍ତ୍ର ଓ କାମୋଦ୍ଦୀପକ ଅଙ୍ଗଭଙ୍ଗୀ ନେଇ ଫିଲ୍ମକୁ ବର୍ଜନ କରାଯାଉ ବୋଲି ବଜରଙ୍ଗ ଦଳ ସମେତ ଅନେକ ଦକ୍ଷିଣପନ୍ଥୀ ସଙ୍ଗଠନ ଦାବି କରିଥିଲେ।

### ଫାଷ୍ଟ ଡେ'ରେ ୫୦ କୋଟି କଲେକ୍ସନ୍

ପ୍ରଥମ ଦିନରେ ଫିଲ୍ମର ହିନ୍ଦୀ ସଂସ୍କରଣ ବକ୍ସ ଅଫିସରେ ୪୫ରୁ ୫୦ କୋଟି ଟଙ୍କାର କଲେକ୍ସନ କରିବ ବୋଲି ଆଇନକ୍ସ ମଲ୍ଟିପ୍ଲେକ୍ସର ମୁଖ୍ୟ ପୋଗ୍ରାମିଂ ଅଫିସର ରାଜେନ୍ଦ୍ର ସିଂ ଜ୍ୱାଲା କହିଛନ୍ତି। ଆଡ୍‌ଭାନ୍ସ ଟିକେଟ୍ ବୁକିଂରେ 'ପଠାନ୍' ପାନ୍ ଇଣ୍ଡିଆ ଫିଲ୍ମ 'କେଜିଏଫ୍-୨'ର ରେକର୍ଡ ଭାଙ୍ଗିଛି। ମୁମ୍ବାଇ, ଦିଲ୍ଲୀ, ପୁଣେ, କୋଲକାତା ଆଇନକ୍ସରେ ସକାଳ ୭ଟା ଶୋ' ପାଇଁ ୮୦% ସିଟ୍ ବୁକ୍ ହୋଇସାରିଛି। ଦକ୍ଷିଣ ଭାରତରେ 'ପଠାନ୍'କୁ ନେଇ ଲୋକେ ଉତ୍ସାହିତ ଅଛନ୍ତି।

### ୧୦୦ ଦେଶରେ ରିଲିଜ୍

ଯଶ୍ ରାଜ୍ ଫିଲ୍ମ (ୱାଇଆର୍‌ଏଫ୍) ବ୍ୟାନର୍‌ରେ ନିର୍ମିତ ଏସ୍‌ଆର୍‌କେଙ୍କ 'ପଠାନ୍' ୧୦୦ରୁ ଉର୍ଦ୍ଧ୍ୱ ଦେଶରେ ମୁକ୍ତିଲାଭ କରିବ। ପୂର୍ବରୁ ୱାଇଆର୍‌ଏଫ୍ ବ୍ୟାନରେ ନିର୍ମିତ କୌଣସି ଫିଲ୍ମ ଶତାଧିକ ଦେଶରେ ରିଲିଜ୍ ହୋଇନାହିଁ। ବିଶ୍ୱର ୪ର୍ଥ ଧନୀ ସେଲିବ୍ରିଟି ଭାବେ ପରିଗଣିତ କିଙ୍ଗ୍ ଖାନ୍‌ଙ୍କ ଲୋକପ୍ରିୟତା ଖାଲି ଭାରତ ନୁହେଁ, ବିଦେଶରେ ମଧ୍ୟ କାହିଁରେ କ'ଣ। ସେ ଜଣେ ସଫଳ ଅଭିନେତା ଓ ଅନେକେ ତାଙ୍କୁ ଆଇଡଲ୍ ମାନନ୍ତି। ଲୋକପ୍ରିୟତାକୁ ଦୃଷ୍ଟିରେ ରଖି 'ପଠାନ୍' ଟିମ୍ ଏହାକୁ ୧୦୦ରୁ ଉର୍ଦ୍ଧ୍ୱ ଦେଶରେ ରିଲିଜ୍ କରାଇବାକୁ ନିଷ୍ପତ୍ତି ନେଇଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'ପଠାନ୍'ରେ ଶାହରୁଖ ଓ ଦୀପିକା ପାଦୁକୋନ୍‌ଙ୍କ ଲଭ୍ ରୋମାନ୍ସ ସାଙ୍ଗକୁ ଜନ୍ ଆବ୍ରାହମ୍‌ଙ୍କ ଦମ୍‌ଦାର ଆକ୍ସନର ମଜା ଉଠାଇପାରିବେ ଦର୍ଶକେ। ୧୪୬ ମିନିଟ୍‌ର ଏହି ଫିଲ୍ମ ନିର୍ମାଣରେ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୪ ବର୍ଷ ପରେ ଶାହରୁଖ୍‌ଙ୍କୁ ଫ୍ୟାନ୍ସ ବଡ଼ ପରଦାରେ ଦେଖିବାର ସୁଯୋଗ ପାଇବେ। ଶେଷଥର ପାଇଁ ୨୦୧୮ରେ କିଙ୍ଗ୍ ଖାନ୍ ୱାଇଆର୍‌ଏଫ୍ ଫିଲ୍ମ 'ଜିରୋ'ରେ ନଜର ଆସିଥିଲେ।



ଶାହରୁଖ୍ ଖାନ୍

ଦୀପିକା ପାଦୁକୋନ

## କାଇଲିଙ୍କ ସିଂହ ଗାଉନ୍



**ପ୍ୟାରିସ୍:** ଚିଆପାରେଲିରେ ଅନୁଷ୍ଠିତ ପ୍ୟାରିସ ଫ୍ୟାଶନ୍ ୱିକ୍‌ରେ ରିଆଲିଟି ଶୋ' ସେଲିବ୍ରିଟି କାଇଲି ଜେନର୍‌ଙ୍କ ଗାଉନ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସୋମବାର ଏହି କାର୍ଯ୍ୟକ୍ରମରେ ବହୁ ମଡେଲ୍ ଓ ଚର୍ଚ୍ଚିତ ଚେହେରା ଭାଗ ନେଇଥିବାବେଳେ କାଇଲିଙ୍କ ଲୁକ୍ ଥିଲା ପୂରା ଭିନ୍ନ। ତାଙ୍କ ଡ୍ରେସ୍ କିନ୍ତୁ ସୋସିଆଲ ମିଡିଆ ୟୁଜର୍ସମାନଙ୍କୁ ପସନ୍ଦ ଆସିନାହିଁ। କାଇଲିଙ୍କୁ ଏ ପୋଷାକ କିଏ ଦେଲା ବୋଲି ଜଣେ ୟୁଜର କମେଣ୍ଟ କରିଥିବାବେଳେ ଆଉଜଣେ ଲେଖିଛନ୍ତି, ଫ୍ୟାଶନ୍ ରେଷ୍ଟ ଇନ୍ ପିସ୍। କାଇଲିଙ୍କ ସିଂହ ମୁଣ୍ଡ ଲଗା ଗାଉନ୍ ଏବେ ସୋସିଆଲ ମିଡିଆରେ ଆଲୋଚନାର ବିଷୟ ପାଲଟିଛି।

## ମତଦାନ ମୌଳିକ ଅଧିକାର

**ଜାତୀୟ ଭୋଟର ଦିବସ**



ଅଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗ ନେବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିବର୍ଷ ଜାନୁୟାରୀ ୨୫କୁ 'ଜାତୀୟ ଭୋଟର ଦିବସ' ଭାବରେ ପାଳନ କରିଥାନ୍ତି। ଆୟୋଗର ମୂଳ ଦିବସ ପାଳନ ପାଇଁ ଏହା ୨୫ ଜାନୁୟାରୀ ୨୦୧୧ରୁ ଆରମ୍ଭ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ର ଏକ ବୈଠକ ଆଇନ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଭୋଟରଙ୍କ ସଂଖ୍ୟା କମ୍ ଥିବାରୁ ଏହି ସମସ୍ୟାର ଫଳପ୍ରଦ ମୁକାବିଲା ପାଇଁ ନିର୍ବାଚନ ଆୟୋଗ ଦେଶର ୮.୫ ଲକ୍ଷ ମତଦାନ କେନ୍ଦ୍ରରେ ପ୍ରତିବର୍ଷ ଜାନୁୟାରୀ ୧ ତାରିଖରୁ ୧୮ ବର୍ଷ ବୟସ ହାସଲ କରିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏକ ଜୋରଦାର ଉଦ୍ୟମ କରିବାକୁ ନିଷ୍ପତ୍ତି ନେଇଥିଲେ। ଯୋଗ୍ୟ ଭୋଟରମାନଙ୍କର ଠିକ ସମୟରେ ନାମ ପଞ୍ଜୀକରଣ ସହିତ ପ୍ରତିବର୍ଷ ଜାନୁୟାରୀ ୨୫ରେ ସେମାନଙ୍କର ଇଲେକ୍ଟୋରାଲ ଫଟୋ ପରିଚୟ କାର୍ଡ (ଇପିସିଆଇ) ହସ୍ତାନ୍ତର କରାଯିବ ବୋଲି ମନମୋହନ ସିଂ ସରକାର ଘୋଷଣା କରିଥିଲେ। ନିର୍ବାଚନ ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟାରେ ଉତ୍କର୍ଷତା, ଦକ୍ଷତା ଏବଂ ନବସୃଜନ ପାଇଁ ଜାତୀୟ ପୁରସ୍କାର ମଧ୍ୟ ପ୍ରଚଳନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ମତଦାନ ଅଧିକାର ପ୍ରତି ଭୋଟରଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।

**ଜାତୀୟ/ଅନ୍ତର୍ଜାତୀୟ**

## ଭାରତରେ ଇଜିପ୍ଟ ରାଷ୍ଟ୍ରପତି

**ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ**

- **ଆଜି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ**
- **୬ ଚୁକ୍ତି ସ୍ୱାକ୍ଷର ହୋଇପାରେ**

ନୂଆଦିଲ୍ଲୀ,୨୪।୧

ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତ୍ତହ ଏଲ୍-ସିସି ମଙ୍ଗଳବାର ୩ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ନୂଆଦିଲ୍ଲୀ ଏୟାରପୋର୍ଟରେ ତାଙ୍କୁ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜକୁମାର ରଞ୍ଜନ ସିଂ ଭବ୍ୟ ସ୍ୱାଗତ କରିଥିଲେ। ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେବାକୁ ଥିବା ୬୮ ବର୍ଷୀୟ ଆରବ ନେତା ଏଲ୍-ସିସି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ପ୍ରଧାନମନ୍ତ୍ରୀ ତାଙ୍କୁ ସ୍ୱାଗତ କରି ଟୁଇଟ୍ କରିଛନ୍ତି। ଦୁଇନେତାଙ୍କ ମଧ୍ୟରେ ସାକ୍ଷାତ ବେଳେ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ, କୃଷି, ଆଇଟି ସମେତ ୬ଟି କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷର ହେବା ନେଇ ଆଶା କରାଯାଉଛି। ଏଲ୍-ସିସିଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଆସିଛନ୍ତି। ଏହା ପୂର୍ବରୁ ୨୦୧୫ ଅକ୍ଟୋବରରେ ଏଲ୍-ସିସି ଭାରତ-ଆଫ୍ରିକା ଫୋରମ୍ ସମିଟ୍‌ରେ ଯୋଗଦେବା ପାଇଁ ଆସିଥିଲେ। ତେବେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବାରେ ସେ ହେଉଛନ୍ତି ଇଜିପ୍ଟର ପ୍ରଥମ ରାଷ୍ଟ୍ରପତି। ପ୍ରକାଶ ଯେ ୨୦୨୧-୨୨ରେ ଭାରତ-ଇଜିପ୍ଟ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୭.୨୬ ବିଲିୟନ୍ ଡଲାରରେ ପହଞ୍ଚିଥିଲା, ଯାହାକି ଏକ ସର୍ବକାଳୀନ ରେକର୍ଡ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଇଜିପ୍ଟ ରାଷ୍ଟ୍ରପତିଙ୍କ ଏହି ଗସ୍ତ ଫଳରେ ଦୁଇଦେଶ ମଧ୍ୟରେ ଥିବା ସମ୍ପର୍କ ଆହୁରି ମଜଭୁତ ହେବ ବୋଲି ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଟୁଇଟ୍ କରିଛନ୍ତି।



ଅବ୍‌ଦେଲ ଫତ୍ତହ ଏଲ୍-ସିସି

## 'ପରୀକ୍ଷା ପେ ଚର୍ଚ୍ଚା'ରେ ଭାଗନେବେ ଗଞ୍ଜାମର ୨ ଛାତ୍ର

ନୂଆଦିଲ୍ଲୀ,୨୪।୧

ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପରୀକ୍ଷା ପେ ଚର୍ଚ୍ଚା'(ପିପିସି-୨୦୨୩)ରେ ମଧ୍ୟପ୍ରଦେଶର ଇନ୍ଦୋର ଷ୍ଟାଡିୟମ୍‌ରେ ଆସନ୍ତା ୨୭ରେ ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ଭାଗରୁ ୧୦୨ ଛାତ୍ରୀଛାତ୍ର ସାମିଲ ହେବେ। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୨ ଜଣ ଛାତ୍ର ଅଛନ୍ତି। ଉଭୟେ ହେଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶ୍ରେୟଶ କୁମାର ତ୍ରିପାଠୀ ଓ ଆୟୁଷ ଦାସ। ଦୁଇ ଛାତ୍ରଙ୍କ ସହ ସେମାନଙ୍କ ଶିକ୍ଷକ ରାମକୃଷ୍ଣ ପତି ମଧ୍ୟ ଯୋଗଦେବେ। ପିପିସିର ଷଷ୍ଠ ସଂସ୍କରଣ ପାଇଁ ଓଡ଼ିଶାରୁ ୪୩,୦୦୦ ଛାତ୍ରୀଛାତ୍ର ଓ ୮,୦୦୦ରୁ ଶିକ୍ଷୟିତ୍ରୀ ଶିକ୍ଷକ ନାମ ପଞ୍ଜୀକରଣ କରିଛନ୍ତି। ଏହାବାଦ୍ ୪,୦୦୦ ଅଭିଭାବକ ମଧ୍ୟ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି।

## @ମୋଦିଆର୍କାଇଭ୍‌ରେ ପ୍ରଧାନମନ୍ତ୍ରୀଙ୍କ ଜନସମ୍ପର୍କ ଅଭିଯାନ

ନୂଆଦିଲ୍ଲୀ,୨୪।୧

ଗତ ସପ୍ତାହରେ ନୂଆଦିଲ୍ଲୀରେ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକ ଚାଲିଥିବାବେଳେ @ମୋଦିଆର୍କାଇଭ୍ ନାମକ ଟୁଇଟର ହ୍ୟାଣ୍ଡେଲ୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେତେକ ପୁରୁଣା ଫଟୋ ଶେୟାର କରାଯାଇଥିଲା। ୧୯୯୬ରେ ଭୋପାଳରେ ଆୟୋଜିତ ଭାଜପା କାର୍ଯ୍ୟକାରିଣୀ ପରଠୁ ବିଭିନ୍ନ ସମ୍ମିଳନୀବେଳର ଫଟୋଗୁଡ଼ିକୁ ଏଥିରେ ସାମିଲ କରାଯାଇଥିଲା। ମୋଦିଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଲାଲ୍‌କୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ ଓ ସ୍ୱର୍ଗତ ପ୍ରମୋଦ ମହାଜନଙ୍କ ଭଳି ଭାଜପା ନେତା ଥିବା ଏଥିରେ ଦେଖିବାକୁ ମିଳିଥିଲା। ଏହି ଟୁଇଟର ହ୍ୟାଣ୍ଡେଲରୁ ଗତ କିଛିମାସ ଧରି ଶେୟାର କରାଯାଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନ ସମ୍ପର୍କିତ କେତେକ ଫଟୋ ସୋସିଆଲ ମିଡିଆ ୟୁଜର୍ସଙ୍କ ଦୃଷ୍ଟି ଆକର୍ଷଣ କରିଛି। ୨୦୨୨ ସେପ୍ଟେମ୍ବରରେ ତିଆରି କରାଯାଇଥିବା ଏହି ହ୍ୟାଣ୍ଡେଲର ୪୯,୦୦୦ ଫଲୋୟର୍ସ ଅଛନ୍ତି। ଏହାକୁ ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ଆଉଟ୍‌ରିଚ୍ ଅଭିଯାନର ଏକ ଅଂଶବିଶେଷ ବୋଲି କୁହାଯାଇଛି।

## କର୍ମୀଙ୍କୁ ଟେକା ଫିଙ୍ଗିଲେ ମନ୍ତ୍ରୀ

ଥିରୁଭାଲୁର,୨୪।୧

ତାମିଲନାଡୁର ଜଣେ ମନ୍ତ୍ରୀ ଦଳୀୟ କର୍ମୀଙ୍କ ଉପରକୁ ଟେକା ଫିଙ୍ଗିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଥିରୁଭାଲୁର ଜିଲାରେ ଏକ କାର୍ଯ୍ୟକ୍ରମରେ ଡିଏମ୍‌କେ ନେତା ତଥା ତାମିଲନାଡୁ ମନ୍ତ୍ରୀ ଏସ୍.ଏମ୍. ନାସାର ବସିବା ପାଇଁ ଚେୟାର ଆଣିବାରେ ବିଳମ୍ବ ହେବାରୁ ସେ ଉତ୍‌କ୍ଷିପ୍ତ ହୋଇ ଦଳୀୟ କର୍ମୀମାନଙ୍କୁ ଟେକା ଫିଙ୍ଗିଥିଲେ। ଚେୟାର ଆଣିବାରେ କ'ଣ ପାଇଁ ଏତେ ବିଳମ୍ବ ହେଲା କହି ମନ୍ତ୍ରୀ ଖୁବ୍ ଜୋର୍‌ରେ ପାଟି କରୁଥିବା ଭିଡିଓରେ ଦେଖିବାକୁ ମିଳିଛି।



ତାମିଲନାଡୁ ମନ୍ତ୍ରୀ ଏସ୍.ଏମ୍. ନାସାର ଦଳୀୟ କର୍ମୀମାନଙ୍କୁ ଟେକା ଫିଙ୍ଗୁଛନ୍ତି।

**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, राँची पश्चिम, राँची**

ई-प्रोक्योरमेंट अति अल्पकालीन निविदा सूचना (द्वितीय कॉल)
जिसका PR No. 281771 (Drinking Water and Sanitaion) 2022–23 है।

Tender Reference No. - DWSD/RW-14/2022-23 Date - 24-01-2023

| S.No | Name of the Work | Estimate Cost (in Lac) | Ernest money (in Lac) | BOQ cost (in Rs.) |
|---|---|---|---|---|
| 1 | 2 | 6 | 7 | 8 |
| 1 | Detailed survey, designing and drawing, Construction of R.C.C. Intake Well cum Pump House 50 Mtr. Long & 3.00 Mtr. Wide Gangway 1.70 MLD capacity Unconventional Water Treatment Plant, RCC Elevated Service Reservoir 1 nos., Staff Quarter, Compound Wall, Infiltration Gallery, Supplying and Laying Raw and Clear Water rising main and Distribution Network, House Connection, 2436 Nos., Supplying and Installation of VT and Centrifugal pump motor and Five years operation & maintenance with allied works etc. all complete job for **Bokranda & Danekera and adjoining villages Rural Water Supply Scheme** under D.W. & S. Division Ranchi West Ranchi on "turnkey basis", | 1846.03 | 18.47 | 10000.00 |
| 2 | कार्य पूर्ण करने की अवधि | 18 Months + 3 months (trial and run) | | |
| 3 | वेबसाइट पर निविदा प्रकाशन की तिथि एवं समय | 25-01-2023 at 05:00 P.M | | |
| 4 | बीड प्राप्ति के लिए अन्तिम तिथि/समय | 31-01-2023 up to 03:00 P.M | | |
| 5 | निविदा की हार्ड कॉपी जमा करने की तिथि/समय/स्थान | 01-02-2023 up to 03:00 P.M कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची / अधीक्षण अभियंता, पेयजल एवं स्वच्छता, राँची अंचल, राँची/क्षेत्रीय मुख्य अभियंता, पेयजल एवं स्वच्छता विभाग, राँची प्रक्षेत्र, राँची। | | |
| 6 | बीड खोलने की तिथि/समय | 01-02-2023 up to 05:00 P.M | | |
| 7 | निविदा प्रकाषित करने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची। | | |
| 8 | ई–प्रोक्योरमेंट सेल का हेल्पलाईन संख्या | 0651-2491247 | | |

- किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- अन्य किसी भी प्रकार की सूचना http://jharkhandtenders.gov.in पर देखा जा सकता है।
- निविदा में प्राक्कलित राशि घट–बढ़ सकती है, तत्पश्चात अग्रधन की राशि मान्य होगा।

कार्यपालक अभियंता
PR 288270 Drinking Water and Sanitation (22-23)_D
पेयजल एवं स्वच्छता प्रमंडल, राँची पश्चिम, राँची

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Office-PLAN B SOLUTIONS
Recovery & Loan Agency of Bank.
Required Freshers from all Odisha Location. (Male & Female) Tellicaller Reqd. for Cuttack Location. **Qualification-** 10th/+2, **Salary**-5000-7000 Additional incentive also.
W App Mobile Number-6370238812

**APPOINTMENT**
Need experience / fresh Graduate with 2-wheeler for Industrial Marketing based Bhubaneswar for Odisha.
Contact: 9861161203

See Career Appointment on every **Wednesday & Saturday**

**REQUIRED**
Fresh candidate **SALES EXECUTIVE** Male or Female person (Age between 18 to 30) with good communication skills. For Garment Shop, Near Rajmahal Square, Bhubaneswar.
Contact: 9437003463

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. eT-M-OBHS-LD-BBS-210-23
କାର୍ଯ୍ୟର ନାମ : 02 ବର୍ଷ ସମୟାବଧି ନିମନ୍ତେ ଭୁବନେଶ୍ୱର ଆଧାରିତ ଟ୍ରେନଗୁଡ଼ିକରେ ଲିନେନ୍ ବିତରଣ ଏବଂ ଅନ୍-ବୋର୍ଡ ହାଉସକିପିଙ୍ଗ ସେବା ଅନ୍ତର୍ଭୁକ୍ତ କୋଚ୍ ମିତ୍ର।
ବିଜ୍ଞାପିତ ମୂଲ୍ୟ : ₹24,16,88,734.76, EMD : ₹13,58,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹11,800/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.25.01.2023ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.02.2023 ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍
PR-925/N/22-23

**ପୂର୍ବ ତଟ ରେଳପଥ**
ଯାତ୍ରୀ ଟିକଟ ସୁବିଧା କେନ୍ଦ୍ର ନିମନ୍ତେ ଅଧିସୂଚନା
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମସ୍ତ ଷ୍ଟେସନରେ ସଂରକ୍ଷିତ ଏବଂ ଅଣସଂରକ୍ଷିତ ଟିକଟ ପ୍ରଦାନ କରିବା ପାଇଁ ଯାତ୍ରୀ ଟିକଟ ସୁବିଧା କେନ୍ଦ୍ର (YTSK)ର ବ୍ୟବସ୍ଥା।
ଚୁକ୍ତିର ଅବଧି : 03 (ତିନି) ବର୍ଷ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.02.2023ରିଖ 1500 ଘଟିକାରେ।
ଷ୍ଟେସନଗୁଡ଼ିକର ସୂଚୀ ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : https://www.eastcoastrail.indianrailways.gov.in ➲ About us ➲ Division ➲ Sambalpur Divisionରେ ଉପଲବ୍ଧ।
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-930/N/22-23

Government of Odisha
**Department of Agriculture & Farmers' Empowerment**
**AUCTION SALE NOTICE**
**No.L-125:**The auction of the Ambassador vehicle bearing Registration No. OR-02AE-5678 of the Department of Agriculture & Farmers' Empowerment published vide Auction Notice No. 24113 dt. 17.11.2022 has been cancelled due to insufficient eligible bidders. Hence, sealed tender in plain papers/pad are once again invited by the undersigned for auction to the said Ambassador vehicle bearing Registration No. OR-02AE-5678 in the upset price Rs 15,000/-. The vehicle is available for inspection in the Secretariat premises of Krushi Bhawan, Gopabandhu Marg, Bhubaneswar in any working days between 11.00 A.M. to 4.00 P.M. before the last date of tender. The tender/bid should reach the undersigned by 12.00 PM of 03.02.2023 at the latest and tenders received shall be opened before the Additional Secretary to Government, Department of Agriculture and Farmers' Empowerment, in charge of O.E.-II Section at 4.00 P.M. on 03.02.2023 in the presence of tenderers or their authorized representative.
The detailed terms & conditions is available in the Department Notice No.1718, dt.21.1.2023, which is available in the Department website http://agri.odisha.gov.in.
**Sd./- Under Secretary to Government**
OIPR-01425/11/0024/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୫ ଜାନୁୟାରୀ, ୨୦୨୩

**୧ରୁ ଖୋଲିବ କୁସୁପୁର ସାପ୍ତାହିକ ପରିବା ହାଟ**

ସାଲେପୁର,(ଡି.ଏନ୍.ଏ.):ସାଲେପୁର ବ୍ଲକ୍ ଓଡ଼ାସିଂହ ପଞ୍ଚାୟତର କୁସୁପୁର ଗ୍ରାମରେ ଏକ ନୂତନ ପରିବା ହାଟ ଖୋଲିବାପାଇଁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଅଞ୍ଚଳରେ ବହୁ ପରିମାଣରେ ପରିବା ଚାଷ ହେଉଛି। ତେଣୁ ଚାଷୀ ଓ ଖାଉଟିଙ୍କ ସୁବିଧାକୁ ଦୃଷ୍ଟିରେ ରଖି କୁସୁପୁରଠାରେ ଏହି ହାଟ ଖୋଲିବାପାଇଁ ପଞ୍ଚାୟତ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସପ୍ତାହରେ ଦୁଇଦିନ ବୁଧବାର ଓ ଶନିବାରରେ ଏହି ହାଟ ବସିବ। ଆସନ୍ତା ଫେବୃୟାରୀ ୧ରୁ ଏହି ହାଟର ଶୁଭାରମ୍ଭ କରାଯିବ ବୋଲି ସୂଚନା ମିଳିଛି।



# ବାପ, ପୁଅ ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ

ନିଶ୍ଚିନ୍ତକୋଇଲି,୨୪।୧(ସ୍ୱ.ପ୍ର.):

ଆମେ ବାପ-ପୁଅ ଦୁହେଁ ବିକଳାଙ୍ଗ ହୋଇଗଲୁ। ମୁଁ ମନ୍ଦିରରେ ପୂଜା କରିବା ପାଇଁ ସକ୍ଷମ ହେଲିନାହିଁ। ଆଶା କରିଥିଲି ପୁଅର ରୋଜଗାରରେ ଦିନ କାଟିଦେବି। କିନ୍ତୁ ନିୟତିର ନିୟମ ଥିଲା ଅଲଗା। ଯୁବା ପୁଅ ଦୁର୍ଘଟଣାରେ ଗୋଡ଼ ହରାଇଲା। ସେ ବି ମୋ ଭଳି ଅର୍କମଣ୍ୟ ହୋଇଗଲା। ଦୁହେଁ ବାପ-ପୁଅ ଏବେ ବିକଳାଙ୍ଗ ହୋଇ ସରକାରୀ ସହାୟତା ପାଇଁ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଅଫିସରଙ୍କୁ ଗୁହାରି କରୁଛି। ହେଲେ କେହି ଶୁଣୁନାହାନ୍ତି। ସମସ୍ତେ କେବଳ ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ଆମେ ବାପ-ପୁଅ କେବେ ଭତ୍ତା ପାଇବୁ ସେ କଥା ଈଶ୍ୱର ହିଁ ଜାଣନ୍ତି। ଏ ଉକ୍ତ କୌଣସି ନାଟକ କିମ୍ବା ଡ୍ରାମାର ସଂଳାପ ନୁହେଁ। ଏହେଉଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ ଓଥକା ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ମନର କୋହ। ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ନାନା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଅବହେଳା ହେତୁ ଦିବ୍ୟାଙ୍ଗ ପିତା-ପୁତ୍ର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।




ଭିନ୍ନକ୍ଷମ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ପୁଅ ମନୋଜ।

ପ୍ରଫୁଲ୍ଲ ଜଣେ ଅସହାୟ, ଗରିବ ବ୍ୟକ୍ତି। ଦୀର୍ଘ ବର୍ଷ ହେଲା ସେ ଶାରୀରିକ ଭାବେ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କ ଗୋଡ଼ହାତ ଅଚଳ ହୋଇପଡିଥିବାରୁ ସେ କୌଣସି କାମଧନ୍ଦା କରିପାରୁନାହାନ୍ତି। ତାଙ୍କୁ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ୭୦% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ତାଙ୍କ ପୁଅ ମନୋଜ କୁମାର ପଣ୍ଡା ମଧ ଜଣେ ଦିବ୍ୟାଙ୍ଗ। କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମନୋଜଙ୍କୁ ୮୦% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଭତ୍ତା ପାଇବା ନିମନ୍ତେ ଦିବ୍ୟାଙ୍ଗ ପିତାପୁତ୍ର ଏକାଧିକବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ନିକଟରେ ଆବେଦନ ଓ ନିବେଦନ କରିଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ।

## ପ୍ରଶାସନ ଜାଣି ଅଜଣା

ଭତ୍ତା ମିଳୁ ନ ଥିବାରୁ ଦିବ୍ୟାଙ୍ଗ ପିତା-ପୁତ୍ର ଦୟନୀୟ ଭାବେ ପରିବାର ଚଳାଉଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ମଧ ଅର୍ଥ ନାହିଁ। ଆର୍ଥିକ ଅନଟନ ହେତୁ ଏହି ପିତା-ପୁତ୍ର ସେମାନଙ୍କ ଘର ଛାଉଣି କରିପାରି ନ ଥିବା ଦେଖାଯାଇଛି। ଟିକିଏ ବର୍ଷା ହେଲେ ଘରେ ପାଣି ଲହଡି ଖେଳୁଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ଅଭିଯୋଗ କରାଯାଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରି ଭତ୍ତା ପ୍ରଦାନ ନିମନ୍ତେ ପଦକ୍ଷେପ ନେବେ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ତରଫରୁ ତୁରନ୍ତ ଏହି ଦିବ୍ୟାଙ୍ଗ ବାପ-ପୁଅଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସାମାଜିକ କର୍ମୀ ବଲ୍ଲଭ ଚରଣ ପଲେଇ ଓ ଅମିୟ କୁମାର ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

# ‘ଗବେଷଣାର ମୌଳିକତା ବୁଝନ୍ତୁ ଗବେଷକ’

## ରେଭେନ୍ସାରେ ଷ୍ଟୁଡେଣ୍ଟ ରିସର୍ଚ୍ଚ ସମ୍ମିଳନୀ ଉଦ୍‌ଘାଟିତ

କଟକ ଅଫିସ,୨୪।୧

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସେଣ୍ଟ୍ରାଲ ଜୋନ୍ ଷ୍ଟୁଡେଣ୍ଟ ରିସର୍ଚ୍ଚ ସମ୍ମିଳନୀ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି ଆନୁକୂଲ୍ୟରେ ଆୟୋଜିତ ସମ୍ମିଳନୀରେ ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଉଚ୍ଚଶିକ୍ଷାର ଏକ ଅଭିନ୍ନ ଅଙ୍ଗ ଭାବେ ରିସର୍ଚ୍ଚ ପ୍ରକଳ୍ପର ମହତ୍ତ୍ୱ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ସମ୍ମାନିତ ଅତିଥି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ କହିଥିଲେ, ରିସର୍ଚ୍ଚ ଦ୍ୱାରା ଗବେଷକମାନଙ୍କ ବୌଦ୍ଧିକ ଏବଂ ସମାଲୋଚନାତ୍ମକ ଦକ୍ଷତାର ବିକାଶ ଘଟିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି ରିସର୍ଚ୍ଚ ବିଭାଗର ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ପାଣି କହିଥିଲେ, ଗବେଷକମାନେ ଗବେଷଣାର ମୌଳିକତାକୁ ବୁଝନ୍ତୁ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ସୁଦର୍ଶନ ମିଶ୍ର ସ୍ୱାଗତ ଭାଷଣ, ପ୍ରାଧ୍ୟାପକ ଡ. ଶରତ ରାଉତ ଅତିଥି ପରିଚୟ ଓ ପ୍ରାଧ୍ୟାପକ ଡ. ବିକଳି ଚରଣ ଦାସ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧକ୍ଷା ପ୍ରଫେସର ଅସୀମା ସାହୁ, ପ୍ରଫେସର ପ୍ରଦୀପ୍ତ ମହାପାତ୍ର, ଲୁନା ସାମନ୍ତ, ଶିବବ୍ରତ ଦାସ, ଡ. ମାନସ ପାଣିଗ୍ରାହୀ, ଅଶୋକ ଦଂଶନା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ପାଲ୍ ଉଦ୍‌ଘାଟନୀ ଅଧିବେଶନରେ ସଂଯୋଜନା କରିଥିଲେ। ଏହି ଅବସରରେ ରିସର୍ଚ୍ଚ ସମ୍ପର୍କିତ ପୋଷ୍ଟର ପ୍ରଦର୍ଶନୀ ହୋଇଥିଲା। ୫ଟି ଅଧିବେଶନରେ ବିଭିନ୍ନ ପ୍ରକଳ୍ପଗୁଡିକୁ ବିଶେଷଜ୍ଞ ସମିତି ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ଶ୍ରେଷ୍ଠ ପ୍ରକଳ୍ପଗୁଡିକ ଜାତୀୟସ୍ତରରେ ହେବାକୁ ଥିବା କନ୍‌ଭେନ୍‌ସନ୍‌ରେ ଉପସ୍ଥାପନ କରାଯିବ।

# ବକ୍ସିବଜାରରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

କଟକ ଅଫିସ,୨୪।୧

ପରାଧୀନ ଭାରତକୁ ବ୍ରିଟିଶ୍ ଶାସନ କବଳରୁ ମୁକୁଳାଇବା ପାଇଁ ବକ୍ସି ଜଗବନ୍ଧୁ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। କାଳକ୍ରମେ ବ୍ରିଟିଶ୍ ସରକାର ତାଙ୍କୁ ଗିରଫ କରି କଟକ ବକ୍ସିବଜାର ଅଞ୍ଚଳରେ କିଛିବର୍ଷ ପର୍ଯ୍ୟନ୍ତ ଗୃହବନ୍ଦୀ କରି ରଖିଥିଲେ। ୧୮୨୯ ଜାନୁୟାରୀ ୨୪ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ବକ୍ସିବଜାର ଛକରେ ସ୍ୱାଧୀନତା ସଂଗ୍ରାମୀ ତଥା ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, କଟକ ନଗର କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ଲୋକସେବକ ମଣ୍ଡଳ ସମ୍ପାଦକ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ବକ୍ସିବଜାର ବଣିକ ସଂଘ ସଭାପତି ସଲିଲ୍ ଘୋଷ, ବଜାର କମିଟି ସମ୍ପାଦକ ଜଗନ୍ନାଥ ପ୍ରସାଦ ଭଗ୍ନ, ସାହିତ୍ୟିକ ଦେବାଶିଷ ମହାନ୍ତି, ବିଧାୟକ ସୌଭିକ୍ ବିଶ୍ୱାଳ, ଏମ୍‌ପି ଭର୍ତ୍ତୃହରି ମହତାବ, ନିରାମୟର ରାଜ୍ୟ ଉପଦେଷ୍ଟା ଡ.ରଞ୍ଜନ୍ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ସି ଜଗବନ୍ଧୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବକ୍ସିବଜାର ଛକରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସେମାନେ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ବକ୍ସିବଜାର ଛକରେ ସମରକଳା ପ୍ରଦର୍ଶିତ ହୋଇଥିଲା। ରଞ୍ଜିତ୍ ମେକାପ, ରାମଚନ୍ଦ୍ର ସାହୁ, ମହମ୍ମଦ ୟାକୁବ୍, ସନ୍ତୋଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଣି ପଞ୍ଚାୟତ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ମାଣିଆବନ୍ଧ,୨୪।୧(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ନରେଇଜାନି ପାଣି ପଞ୍ଚାୟତ ତରଫରୁ ୨ ଉପଖଣ୍ଡ ବାଙ୍କୀ ଓ ଆଠଗଡ ବ୍ଲକରୁ ଉର୍ତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣଜ୍ଞାନ, ପ୍ରବନ୍ଧ ଏବଂ ତର୍କ ପ୍ରତିଯୋଗିତା ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏନେଇ ବଡ଼ମ୍ବା ବିଇଓ ଲକ୍ଷ୍ମଣ କୁମାର ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କ୍ଷୁଦ୍ର ଜଳସେଚନ ବିଭାଜନ, କଟକ ଶାଖା ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ବେଦପ୍ରକାଶ ନାୟକ ଓ ବଡ଼ମ୍ବା ମଣ୍ଡଳର ସହକାରୀ ଯନ୍ତ୍ରୀ ମଥୁରା ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବଡ଼ମ୍ବା, ନରସିଂହପୁର, ଟିଗିରିଆ, ଆଠଗଡ, ବାଙ୍କୀ ଓ ଡମପଡା ବ୍ଲକରୁ ଆସିଥିବା ୬୯ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ଫେବୃୟାରୀ ୪ରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତା ପାଇଁ ୧୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ ।

# ଡିଲର କେନ୍ଦ୍ର ଘେରିଲେ ଗ୍ରାମବାସୀ

ଆଠଗଡ, ୨୪।୧(ସ୍ୱ.ପ୍ର.)

ହିତାଧିକାରୀଙ୍କୁ ଠକୁଛନ୍ତି ଡିଲର । ମେଶିନରେ ଟିପ ନେଲାପରେ ଆଉ ଚାଉଳ ଦେଉନାହାନ୍ତି। ଏହାଛଡ଼ା ବେସରକାରୀ ଭାବେ ଡିଲର ତଳେ ସବ୍ ଡିଲରଙ୍କୁ ନିଯୁକ୍ତି ଦିଆଯାଇଛି । ଏଭଳି ଅଭିଯୋଗ ଆସିଛି କଟକ ଜିଲା ଆଠଗଡ ବ୍ଲକ ଖୁଣ୍ଟୁଣୀ ଓ ମହାକାଳବସ୍ତ ପଞ୍ଚାୟତରୁ। ଏନେଇ ପଞ୍ଚାୟତର ଚାଉଳ ଦାୟିତ୍ୱରେ ଥିବା ଡିଲର କେନ୍ଦ୍ରକୁ ହିତାଧିକାରୀମାନେ ଘେରାଉ କରିବା ପରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ଥାନୀୟ ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ୨ ମାସ ହେବ ସେମାନେ ଚାଉଳ ପାଇନାହାନ୍ତି। ସମ୍ପୃକ୍ତ ଡିଲର ସେମାନଙ୍କ ପାଖରୁ ହାତ ଟିପ ଚିହ୍ନ ନେବା ପରେ ଆଉ ଚାଉଳ ଦେଉନାହାଁନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି।

## ଉପଜିଲାପାଳଙ୍କ ନିକଟରେ ଅଭିଯୋଗ

ଏହି ଅବସରରେ ମହାକାଳବସ୍ତ ପଞ୍ଚାୟତର ନାଏବ ସରପଞ୍ଚ ଅଶୋକ ରାଉଳ ଓ ସ୍ଥାନୀୟ ସମିତି ସଭ୍ୟ ତଥା ଆଠଗଡ ବ୍ଲକ ଉପାଧ୍ୟକ୍ଷ ସୁବାସ ମଲ୍ଲିକ ନେତୃତ୍ୱରେ ହିତାଧିକାରୀମାନେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ ସହକାରୀ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରି ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ଆଠଗଡ଼ ଉପଜିଲପାଳ ସ୍ୱାଇଁ କହିଛନ୍ତି, ତଦନ୍ତ ପରେ ଏନେଇ କାର୍ଯ୍ୟାନୁଷ୍ଠାନ ହେବ।

# କ୍ୟାରମ୍ ପ୍ରତିଯୋଗିତା, ମହାସିଂହପୁର ଚାମ୍ପିୟନ

ସାଲେପୁର,୨୪।୧(ଡି.ଏନ୍.ଏ.)

ସାଲେପୁର ବ୍ଲକ୍ ଓଡ଼ାସିଂହ ପଞ୍ଚାୟତର ତିଳିଦା ଆଜାଦ ଆକବରୀ କ୍ଲବ ଆନୁକୂଲ୍ୟରେ କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୀରବଜାର, କାଜିବଜାର, ନାନ୍ଦୋଳ, ମହାସିଂହପୁର, ସାଲେପୁର, କୁଆଁପାଳ, ତିଳିଦା, ଓଡ଼ାସିଂହ, ଧନୁପଡ଼ା ଆଦି ଅଞ୍ଚଳରୁ ୧୬ ଟିମ୍ ଏଥିରେ ଭାଗ ନେଇଥିଲେ। ଫାଇନାଲରେ ମହାସିଂହପୁର ଦଳ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଛି। ସେହିପରି ଅନ୍ୟ ଦଳଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ନାୟକ, ତବାରକ ଅଲ୍ଲୀ ଖାଁ, କସୁ ଖାଁ, ଇମ୍‌ତିୟାଜ ଖାଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ତାହେର ଉଦ୍ଦିନ ଖାଁ, ସମ୍ପାଦକ ଅନିସଉଦ୍ଦିନ ଖାଁ, କାସିମ ଖାଁ, ଆଲାମ ଖାଁ, କ୍ଲବ୍ ଉପଦେଷ୍ଟା ଅବଦୁଲ ସଇଦ୍ ଖାଁ ସହଯୋଗ କରିଥିଲେ।

# ଫାଇନାଲରେ ଜାକୋବିନ କ୍ଲବ

## କିରଣ ସ୍ମାରକୀ କ୍ରିକେଟ୍

ଟିଗିରିଆ,୨୪।୧(ଡି.ଏନ୍.ଏ.)

ଟିଗିରିଆ ବ୍ଲକ ସୋମପଡା ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ କିରଣ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଜାକୋବିନ୍ ଟିମ୍ ଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ୍‌ରେ କିଆଁଝର କ୍ରିକେଟ କ୍ଲବ ଢେଙ୍କାନାଳକୁ ୯୫ ରନରେ ପରାସ୍ତ କରି ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାର। ଜାକୋବିନ ଟିମ୍ ପ୍ରଥମେ ବ୍ୟାଟି କରି ୨୦ ଓଭରରେ ୫ ଉଇକେଟ ହରାଇ ୩୪୬ ରନ କରିଥିଲା। ଜବାବ୍‌ରେ କିଆଁଝର ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୨୫୭ ରନ କରି ପରାସ୍ତ ହୋଇଥିଲା। ଜାକୋବିନ ଟିମ୍‌ର ପ୍ରଦୀପ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିବା ବେଳେ କିଆଁଝର ଦଳର ଗିରିଶ ନାଏକ ୬ଟି ବଲରେ ୬ଟି ଛକା ମାରି ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ୫ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସମ୍ମାନିତ ଅତିଥିଭାବେ ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ଓକିଲ ରଘୁନାଥ ଦାଶ ଯୋଗ ଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଗୁରୁବାର ଜାକୋବିନ କ୍ଲବ ଓ କଳିଙ୍ଗ ଟାଇଗର୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।


## ବିଜ୍ଞାପନ

ପତ୍ର ସଂଖ୍ୟା ତାରିଖ

No.–I–11:କଟକ ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଜନ, କଟକ ଓ ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନରେ ସିର୍ଲୋ। ସାହୁଖେତ ରାସ୍ତାର ମହାନଦୀ ନଦୀ ଉପରେ ନିର୍ମାଣ ହେଉଥିବା ସୁଉଚ୍ଚ ସେତୁର ସଂଲଗ୍ନ ରାସ୍ତା ନିର୍ମାଣ ପାଇଁ ସର୍ବସାଧାରଣଙ୍କ ଗମନାଗମନ ଓ ହିତ ପାଇଁ ସାର୍ବଜନୀନ ଉଦ୍ଦେଶ୍ୟରେ ବ୍ରାହ୍ମଣଖଣ୍ଡ ଗ୍ରାମର ୧୧ ଗୋଟି ପ୍ଲଟର ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞାପନ କରାଯାଉଅଛି । ଏହି ଜମିର ହିତାଧିକାରୀମାନଙ୍କର ନାମ ଓ ଅଧିଗ୍ରହଣ ହେଉଥିବା ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଯାଉଅଛି । ଏହି ଉତ୍ତରାଧିକାରୀ ତାଲିକାରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ତାହା ଉକ୍ତ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତା.୧୫.୦୨.୨୦୨୩ ରିଖ ସୁଦ୍ଧା ଲିଖିତ ଆକାରରେ ଦର୍ଶାଇଲେ ତାହା ବିଚାରଯୋଗ୍ୟ ହେବ ଏବଂ ଉତ୍ତରାଧିକାରୀମାନଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବା ପାଇଁ ସହଜ ଓ ସୁଗମ ହେବ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ଜମିର ବିସ୍ତୃତ ବିବରଣୀ

### ତହସିଲ ନାମ– କିଶନନଗର, ମୌଜା–ବ୍ରାହ୍ମଣଖଣ୍ଡ, ଥାନା ନାମ–କିଶନନଗର

| କ୍ରମିକ ନମ୍ବର | ପ୍ଲଟ ନମ୍ବର | ଖାତା ନମ୍ବର | କିସମ | ମୋଟ ଜମିର ପରିମାଣ (ଏକର ୧.୦୦ ଡିସିମିଲି ୧୦୦୦ ଡିସିମିଲି) | ଅଧିଗୃହୀତ ଜମିର ପରିମାଣ (ଏକର ୧.୦୦ ଡିସିମିଲି ୧୦୦୦ ଡିସିମିଲି) | ଉତ୍ତରାଧିକାରୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪୧ | ୧୦୧୨/୧୭୦ | ଘରବାରୀ | ଏକର ୦.୧୦୦ ଡିସିମିଲି | ଏକର ୦.୧୦୦ ଡିସିମିଲି | ସୀତା ବେହେରା, ସ୍ୱା–ଧରଣୀଧର ବେହେରା, ଦିବ୍ୟସିଙ୍ଗି ମହାପାତ୍ର, ପି–ଲୋକନାଥ ମହାପାତ୍ର, ଅଲେଖ ଚନ୍ଦ୍ର ମହାପାତ୍ର, ଶରତ କୁମାରୀ ମହାପାତ୍ର, ସୌଦାମିନି ମହାପାତ୍ର, ମେନକା ମେକାପ, ପିତା–ନଟବର ମହାପାତ୍ର, ରଙ୍ଗଲତା ମହାପାତ୍ର, ସ୍ୱା–ନଟବର ମହାପାତ୍ର, ବିଜୟ କୁମାର ମହାପାତ୍ର, ଅଜୟ କୁମାର ମହାପାତ୍ର, ପି–ବୀରବର ମହାପାତ୍ର, ସାବିତ୍ରୀ ମହାପାତ୍ର, ସ୍ୱା–ବୀରବର ମହାପାତ୍ର |
| ୨ | ୨୫୩ | ୯୭୯ | ଘରବାରୀ | ଏକର ୦.୦୪୦ ଡିସିମିଲି | ଏକର ୦.୦୪୦ ଡିସିମିଲି | ସୁନାକର ବେହେରା, ପି–ଗଜେନ୍ଦ୍ର ବେହେରା, ନୀଳମଣି ବେହେରା, ଭୋଳାନାଥ ବେହେରା, ଦୋଳଗୋବିନ୍ଦ ବେହେରା,ପି–ଚକ୍ରଧର ବେହେରା |
| ୩ | ୨୪୪ | ୮୨୯ | ବଗାୟତ–୩ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ଲକ୍ଷ୍ମୀଧର ବସ୍ତିଆ, ପି–ନନ୍ଦ ବସ୍ତିଆ, ଗ୍ରାମ–ବ୍ରାହ୍ମଣଖଣ୍ଡ |
| ୪ | ୨୫୨ | ୧୭୦ | ଘରବାରୀ | ଏକର ୦.୦୧୦ ଡିସିମିଲି | ଏକର ୦.୦୧୦ ଡିସିମିଲି | କେଲୁଚରଣ ବେହେରା, ପି–ବାବୁ ବେହେରା,ଜାତି–କୁମ୍ଭାର, ଗ୍ରାମ–ବ୍ରାହ୍ମଣଖଣ୍ଡ |
| ୫ | ୨୪୨ | ୭୮୭ | ପତିତ | ଏକର ୦.୦୬୦ ଡିସିମିଲି | ଏକର ୦.୦୬୦ ଡିସିମିଲି | ରତ୍ନାକର ମହାପାତ୍ର, ବଂଶୀଧର ମହାପାତ୍ର, ପି–ଗୋପୀନାଥ ମହାପାତ୍ର, ଜାତି–ବ୍ରାହ୍ମଣ, ଗ୍ରାମ–ବ୍ରାହ୍ମଣଖଣ୍ଡ |
| ୬ | ୨୪୦ | ୬୩୦ | ବଗାୟତ–୨ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ବିଜୟ କୁମାର ସ୍ୱିହା, ବିକ୍ରମ କୁମାର ସ୍ୱିହା, ବିନୟ କୁମାର ସ୍ୱିହା, ସରୋଜ କୁମାର ସ୍ୱିହା, ପି–କମଳାକାନ୍ତ ସ୍ୱିହା, ଅମୃତବାଳା ସିହ୍ନା, ସ୍ୱା–କମଳାକାନ୍ତ ସ୍ୱିହା,ଜାତି–ଖଣ୍ଡାୟତ, ଗ୍ରାମ–ନୂଆଗାଁ |
| ୭ | ୨୪୩ | ୫୫୦ | ବଗାୟତ–୨ | ଏକର ୦.୦୪୦ ଡିସିମିଲି | ଏକର ୦.୦୪୦ ଡିସିମିଲି | ଫକିର ବସ୍ତିଆ, ପି–ସତ୍ୟବାଦୀ ବସ୍ତିଆ, ଜାତି–ଖଣ୍ଡାୟତ, ଗ୍ରାମ–ବ୍ରାହ୍ମଣଖଣ୍ଡ |
| ୮ | ୨୪୬ | ୯୬୩ | ବଗାୟତ–୩ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ସୁକାନ୍ତ ବସ୍ତିଆ, ପି–ଗୋପୀନାଥ ବସ୍ତିଆ, ଜାତି–ଖଣ୍ଡାୟତ, ଗ୍ରାମ–ବ୍ରାହ୍ମଣଖଣ୍ଡ |
| ୯ | ୨୪୭ | ୧୦୦୩ | ବଗାୟତ–୩ | ଏକର ୦.୦୯୦ ଡିସିମିଲି | ଏକର ୦.୦୯୦ ଡିସିମିଲି | ହାଡିବନ୍ଧୁ ବସ୍ତିଆ, ପି–ଧ୍ରୁବଚରଣ ବସ୍ତିଆ, ଜାତି–ଖଣ୍ଡାୟତ, ଗ୍ରାମ–ବ୍ରାହ୍ମଣଖଣ୍ଡ |
| ୧୦ | ୨୫୪ | ୧୦୧୨/୧୭୯ | ଘରବାରୀ | ଏକର ୦.୦୪୦ ଡିସିମିଲି | ଏକର ୦.୦୪୦ ଡିସିମିଲି | ରାମଚନ୍ଦ୍ର ସାହୁ, ପି–ବଟକୃଷ୍ଣ ସାହୁ, ସବିତା ସାହୁ, ସ୍ୱା– ନୃସିଂହ ଚରଣ ସାହୁ, ଜାତି–ତେଲି,ଗ୍ରାମ–ବ୍ରାହ୍ମଣଖଣ୍ଡ |
| ୧୧ | ୨୪୫ | ୫୭୧ | ବଗାୟତ–୩ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ମଦନ ମୋହନ ପୃଷ୍ଟି, ପି–କୃମନ ପୃଷ୍ଟି, ଜାତି–ଖଣ୍ଡାୟତ, ଗ୍ରାମ–ବ୍ରାହ୍ମଣଖଣ୍ଡ |

ସ୍ୱା./–ଅଶୋକ କୁମାର ସାହୁ
ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, କଟକ
OIPR-25053/14/0023/2223



## BERHAMPUR MUNICIPAL CORPORATION

No. 1267 Date: 24.01.2023

### REQUEST FOR PROPOSAL

No. C-2338: Berhampur Municipal Corporation invites **Request for Proposal** for Selection of Consultant for Setting up of Strategic Support Unit (SSU) for Implementation of Swachh Bharat Mision 2.0 (Urban) at Berhampur, Odisha under jurisdiction of Berhampur Municipal Corporation

| | | |
|---|---|---|
| 01 | Available of RFP documents in website | www.tendersodisha.gov.in |
| 02 | Last date and time of submission of RFP | 10.02.2023 by 17.00 hrs. |
| 03 | Date and time of opening of Technical Bid | 13.02.2023 at 11.30 hrs. |
| 04 | Date and time of Opening of Financial Bid | To be intimated later |

The authority reserves right to accept or reject any or all the RFP without assigning any reason thereof. Any Change/Correction/Corrigendum in respect the above shall be placed in **www.tendersodisha.gov.in** website.

Sd./- Commissioner
Berhampur Municipal Corporation
OIPR-13035/11/0072/2223



## OFFICE OF THE MUNICIPAL COUNCIL, BALANGIR

Address: Office of the Municipal Council, Balangir, Opp. of Rajendra Park, Balangir, PIN - 767001
Ph. No.: 06652-232790, E-Mail id: bgrmc1972@gmail.com
EOI Letter No. 254/BM Date: 20.01.2023

### Invitation for Expression of Interest for Civil & Architectural Consultancy Services of Balangir Municipality

No. C-2340: Sealed Expression of Interest (in two cover system) are invited from the reputed Engineering Consultant/Registered Architects Firms/Consultancy Firms for preparation of Detailed project report and providing comprehensive conslutancy service towards suitable architectural Plan, elevation, estimate, structural design with quality control activities with proper assistance during implementation of various project under different scheme for the calendar year i.e. 2023 & 2024 of Balangir Municipality. The consultant should have previous experience and must have completed similar nature of works under any department of the State Govt./PSUs. The quotation paper will be available in the office of the undersigned during office hour from Dt.21.01.2023 to Dt.30.01.2023 upto 1.00 P.M. & the same may be downloaded from the dist web portal i.e. **www.balangir.nic.in**. The envelope containing the documents as per instruction should be superscripted with the letters **"Invitation for Expression of Interest for Consultancy Services"** and can be submitted through Speed Post/Regd. Post or by person in the tender drop box of the office of the undersigned within 1.00 P.M. of Dt.30.01.2023. The EOI will open on the same day at 4.00 P.M. in the Conference hall of Balangir Municipality in presence of the bidders or authorized representative. The EOI must accompanied with Rs.10,000/- (Rupees ten thousand) only in shape of Demand Draft towards tender paper cost duly pledge in favour of the Executive Officer, Balangir Municipality payable at Balangir, which is non refundable and the bidders are requested to quote their rates without any added taxes (Taxes will be added/Deducted at source as applicable by the Govt.). The bidders are requested to submit the EOI accompanined with registered certificate of the agency, GST registration, PAN, Service Tax Registration & Certificate of Experience from the competent authority in support of their expertise. The un-experience bidders are not allowed to participate in the bidding process.
The authority reserves the right to accept or reject any or all EOI without assigning any reason thereof.

Sd./- Executive Officer
Balangir Municipality
OIPR-13169/11/0037/2223



## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

### INVITATIONS FOR BIDS (IFB)

File No. B-I-Home-81/2022 Lr. No. 2792 Dt. 21st Jan. 2023
No. B-1177 **Invitation for Bids**
**Bid Identification No. OSD C.E. (B) - 49/2022-23**

| | | |
|---|---|---|
| 1. | The OSD Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works **"Consruction of Building (B+G+2) for the Centre for Judicial Archives at Cuttack" amounting to Rs.27,01,19,704/-** as detailed below. | |
| 2. | Nature of Work | Building work |
| 3. | No. of Work | 01 No. |
| 4. | Bid Cost | Rs.10,000/- (each) |
| 5. | Class of Contractor | Special/Super Class |
| 6. | Availability of Bid Documents in the website | From Dt.25.01.2023 to 17.00 hours of Dt.03.02.2023. |
| 7. | Date of opening of Bids | Dt.04.02.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- OSD Chief Engineer (Buildings)
Odisha, Bhubaneswar
OIPR-34117/11/0108/2223



## OFFICE OF THE DIRECTOR
## ACHARYA HARIHAR POST GRADUATE INSTITUTE OF CANCER

(Formerly: Acharya harihar Regional Cancer Centre)
Cuttack - 753007 (Odisha)
Tel. No.: 0671-2304264, Fax No.: 0671-2304683
Email: ahrccdirector@gmail.com
Tender Notice No.391/AHPGIC, Cuttack Date: 24.01.2023
S-28/2023

No. E-851: Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack - 753007 (previously known as Acharya Harihar Regional Cancer Centre) for supply of reagents for Fully Automated Biochemistry Analyzer Machine (Make-Elitech, Model - Selectra Pro - M) on rate contract basis for the period of one year. The bid document and all details can be downloaded only from the website of AHPGIC, **www.ahrcc.in**.
The tender schedule dates are as mentioned below:

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by Speed Post/Registered Post) | 15.02.2023 by 5.00 P.M. |
| 2 | Last date & time of receipt of pre-bid queries through mail **(ahrccdirector@gmail.com / ntstore.ahrcc.2019@gmail.com)** | 30.01.2023 by 2 P.M. |
| 3 | Date and time of pre-bid meeting | 01.02.2023 at 12.30 P.M. |
| 4 | Date & time of opening of Technical Bids (in presence of bidders/their authorized agents) | 16.02.2023 at 12.30 P.M. |
| 5 | Date of opening of price bids | To be informed to qualified bidders |

The authority reserves the right to accept/reject any/all bids without assigning any reason thereof.
In case any modifications/corrections are made to the original tender document after the pre-bid meeting, the same shall be updated in the website of AHPGIC only and no corrigendum in this regard shall be published in Newspapers. In case of any bid amendment and/or clarification, it is the sole responsibility of the prospective bidder to download the same from the website of AHPGIC, Cuttack.
In case the last date of submission of bid/date of pre-bid meeting/date of opening of technical bids falls on a holiday, then the next working day shall be the default for the same.

Sd./- Director, AHPGIC, Cuttack
OIPR-10171/11/0018/2223



## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore.

Email ID: sedcbls@yahoo.com
No.A-1064: **"e" PROCUREMENT NOTICE NO.- ACEDCBLS - 02/2022-23**

| Procurement Officer/ Name & Address of the Officer Inviting Bids | Name of Work | Bid Identification Number | Tender Cost (in INR) (excluding G.S.T.) of individual work | Bid Security/ EMD- (online) (in INR) | Cost of tender document (online) (in INR) | Class of Contractor (Odisha PWD or equivalent class of other licensing authority) | Period of Completion | Bid Document available online for bidding From | Bid Document available online for bidding To | Date of Opening of the Technical Bid (Cover-1) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Additional Chief Engineer, Drainage Circle, Balasore | 1) Renovation of Samuka Canal, Sahada Brackish water Aqua cluster in Balasore district | ACED-CBLS/ DDBLS-1-02/2022-23 | Rs.4,21,03,423/- | 4,21,100/- | 10,000/- | "A" | 11 (Eleven) Calendar Months | 30.01.23 | 15.02.23 | 16.02.23 |
| Additional Chief Engineer Drainage Circle, Balasore | 2) Dredging of Panchubisa Nallah in Bahanaga Block of Balasore District (Panchubisa Cluster) | ACED-CBLS/ DDBLS-2-02/2022-23 | Rs.3,83,03,922/- | 3,83,100/- | 10,000/- | "A" | 11 (Eleven) Calendar Months | 30.01.23 | 15.02.23 | 16.02.23 |
| Additional Chief Engineer Drainage Circle, Balasore | 3) Renovation of Srijung Brackish water aqua cluster coast canal at Chandipur in Balasore District, Odisha | ACED-CBLS/ DDBLS-3-02/2022-23 | Rs.8,35,15,068/- | 8,35,200/- | 10,000/- | "A" & "Special" | 18 (Eighteen) Calendar Months | 30.01.23 | 15.02.23 | 16.02.23 |

Further details can be seen from the Govt. website **www.tendersodisha.gov.in.**
OIPR-32190/11/0005/2223
Sd./- Additional Chief Engineer, Drainage Circle, Balasore



କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ସ୍ପେନ୍ ବିପକ୍ଷ କ୍ୱାର୍ଟର ଫାଇନାଲ ଜିତିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ।





ହକି ଇଣ୍ଡିଆ କର୍ମକର୍ତ୍ତାଙ୍କ ସହ ଅତିଥି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

# ସେମିରେ ଅଷ୍ଟ୍ରେଲିଆ, ବେଲ୍‌ଜିୟମ

ଭୁବନେଶ୍ୱର, ୨୪।୧
(କ୍ରୀଡ଼ା ପ୍ରତିନିଧି)

ତିନିଥର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଗତ ସଂସ୍କରଣର ଟାଇଟଲ ବିଜେତା ବେଲଜିୟମ ଚଳିତ ହକି ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ ୪-୩ ଗୋଲରେ ସ୍ପେନ୍‌କୁ ହରାଇଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ ୨-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଫଳରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡର ଅଭିଯାନ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଶେଷ ହୋଇଛି। ବେଲଜିୟମ-ନ୍ୟୁଜିଲାଣ୍ଡ ମ୍ୟାଚ ଆରମ୍ଭରେ ପୁରୀ ଗଜପତି ଦିବ୍ୟସିଂହ ଦେବ ଅତିଥିଭାବେ ଯୋଗଦେଇ ଦୁଇ ଦଳର ଅଧିନାୟକଙ୍କ ସହ ପରିଚିତ ହୋଇଥିଲେ।

କ୍ରସ୍‌ଓଭରରେ ଉତ୍ସାହୀ ପ୍ରଦର୍ଶନ କରି ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ଭାରତକୁ ପରାସ୍ତ କରିଥିବା ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲରେ ବେଲଜିୟମ ବିପକ୍ଷରେ କିନ୍ତୁ ସେହି ପ୍ରଦର୍ଶନ ଦୋହରାଇ ପାରି ନ ଥିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବେଲଜିୟମ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୧୦ମ ମିନିଟରେ ମିଳିଥିବା ପ୍ରଥମ ପେନାଲ୍ଟି କର୍ନରକୁ ଗୋଲ ପରିଣତ କରି ବେଲଜିୟମକୁ ଅଗ୍ରଣୀ କରିଥିଲେ ଟମ୍ ବୁନ୍। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ମୋମେଣ୍ଟମ ବଜାୟ ରଖିଥିଲା ଗତଥରର ଚାମ୍ପିୟନ ଦଳ। ୧୬ତମ ମିନିଟରେ ସିମନ ଗୁଗନାର୍ଡଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ବେଲଜିୟମର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ ଫ୍ଲୋରେଣ୍ଟ ଭାନ୍ ଅଉବେଲ। ୨୪ତମ ମିନିଟରେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବାକୁ ବେଲଜିୟମ ନିକଟରେ ସୁଯୋଗ ଥିଲା। ମାତ୍ର ପେନାଲ୍ଟି କର୍ନରରୁ ଗୋଲ ହୋଇପାରି ନ ଥିଲା। ୨୮ତମ ମିନିଟରେ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା ନ୍ୟୁଜିଲାଣ୍ଡ। ମାତ୍ର ବେଲଜିୟମର ରକ୍ଷଣଭାଗକୁ ଭେଦ କରିବାରେ ଅସମର୍ଥ ରହିଥିଲା। ୪୬ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଫଳ ସମାନ ରହିଥିଲା। ଶେଷ ୬ ମିନିଟ ଗୋଲକିପର ହଟାଇ ଖେଳିଥିଲା ନ୍ୟୁଜିଲାଣ୍ଡ। ଅର୍ଥାତ୍ ୧୧ ଜଣ ଖେଳାଳିଙ୍କୁ ନେଇ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରିଥିଲା। ଏହି ସମୟ ମଧ୍ୟରେ ବେଲଜିୟମ ରଣନୀତି ବଦଳାଇ ରକ୍ଷଣଭାଗକୁ ଗୁରୁତ୍ୱ ଦେଇଥିଲା। ଖେଳାଳିମାନେ ଅଧିକାଂଶ ସମୟ ଏରିଏଲ୍ ପାସ୍ ଦେଇ ସମୟ ଅତିକ୍ରମ କରିଥିଲେ। ୫୯ତମ ମିନିଟରେ ନ୍ୟୁଜିଲାଣ୍ଡ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ବେଲଜିୟମ ରକ୍ଷଣଭାଗ ପ୍ରାଚୀର ସଦୃଶ ଏହାକୁ ପ୍ରତିରୋଧ କରିଥିଲେ। ବେଲଜିୟମ ଅଧିନାୟକ ଫେଲିକ୍ସ ଡୋନେର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଇଂଲଣ୍ଡ-ଜର୍ମାନୀ କ୍ୱାର୍ଟର ଫାଇନାଲର ବିଜେତାକୁ ଅଷ୍ଟ୍ରେଲିଆ ସେମିଫାଇନାଲରେ ଭେଟିବ। ସେହିପରି ନେଦରଲାଣ୍ଡ୍ସ-ଦକ୍ଷିଣ କୋରିଆ କ୍ୱାର୍ଟର ଫାଇନାଲର ବିଜେତା ସହ ବେଲଜିୟମର ମୁକାବିଲା ହେବ। ୨ଟି ଯାକ ସେମିଫାଇନାଲ ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।



ୱେଷ୍ଟ ଷ୍ଟାଣ୍ଡରେ ସ୍ପେନ୍ ପ୍ରଶଂସକ।



ବେଲ୍‌ଜିୟମ-ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## କଳିଙ୍ଗ କର୍ନର

### ଚାର୍ଲେଟଙ୍କୁ ଟପିଲେ ହେୱାର୍ଡ

**ଭୁବନେଶ୍ୱର, ୨୪।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ହକି ବିଶ୍ୱକପ୍‌ରେ ମଙ୍ଗଳବାର ଅନୁଷ୍ଠିତ ସ୍ପେନ୍ ବିପକ୍ଷ କ୍ୱାର୍ଟର ଫାଇନାଲରେ ଏକାକୀ ୨ଟି ଗୋଲ ସ୍କୋର କରିଥିଲେ ଅଷ୍ଟ୍ରେଲିଆର ଜେରେମି ହେୱାର୍ଡ। ଏଥିସହ ଟୁର୍ନାମେଣ୍ଟର ଟପ୍ ସ୍କୋରର ତାଲିକାରେ ସେ ଫ୍ରାନ୍ସର ଭିକ୍ଟର ଚାର୍ଲେଟଙ୍କୁ ପଛରେ ପକାଇ ଦେଇଥିଲେ। ଚାର୍ଲେଟ ୬ଟି ଗୋଲ ଦେଇ କ୍ରସ୍ ଓଭର ପର୍ଯ୍ୟାୟ ଶେଷ ପର୍ଯ୍ୟନ୍ତ ଟପ୍ ସ୍କୋରର ଥିଲେ। ମାତ୍ର ପ୍ରଥମ କ୍ୱାର୍ଟର ଫାଇନାଲରେ ତାଙ୍କୁ ଟପିଥିଲେ ଜେରେମି। ସ୍ପେନ୍ ବିପକ୍ଷ ୨ ଗୋଲ ସହିତ ଜେରେମି ହେୱାର୍ଡଙ୍କ ଗୋଲ ସଂଖ୍ୟା ୭ରେ ପହଞ୍ଚିଛି। ଆର୍ଜେଣ୍ଟିନାର ନିକୋଲାସ ଡେଲା ଟୋରେ, ଅଷ୍ଟ୍ରେଲିଆର ବ୍ଲେକ୍ ଗୋଭର୍ସ, ବେଲ୍‌ଜିୟମର ଟମ୍ ବୁନ୍, ଜର୍ମାନୀର ନିକ୍ଲାସ ୱେଲେନ, ନେଦରଲାଣ୍ଡସର ଥିଏରୀ ବ୍ରିଙ୍କ୍‌ମାନ ଓ ଜିପ୍ ଜାନସେନ ୫ଟି ଲେଖାଏ ଗୋଲ ଦେଇ ମିଳିତଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

### ବିଦେଶୀ ଦର୍ଶକଙ୍କ ସଂଖ୍ୟା ବଢ଼ିଲା

ହକି ବିଶ୍ୱକପ୍ ୧୫ତମ ସଂସ୍କରଣର କ୍ରସ୍ ଓଭରରୁ ଭାରତ ବିଦାୟ ନେଇଛି। କାର୍ଯ୍ୟସୂଚୀ ଅନୁସାରେ ଘରୋଇ ଦଳ କ୍ଲାସିଫିକେଶନ ମ୍ୟାଚ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିବ। ତେଣୁ କ୍ୱାର୍ଟର ଫାଇନାଲ ସମେତ ସେମିଫାଇନାଲ ଏବଂ ଫାଇନାଲରେ ବିଦେଶୀ ଦଳଗୁଡ଼ିକ କଳିଙ୍ଗ ଷ୍ଟାଡିୟମରେ ଖେଳିବେ। ଫଳରେ କଳିଙ୍ଗ ଷ୍ଟାଡିୟମରେ ବିଦେଶୀ ଦର୍ଶକଙ୍କ ସଂଖ୍ୟା ବଢ଼ିଛି। ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲ ଅଷ୍ଟ୍ରେଲିଆ-ସ୍ପେନ୍ ଏବଂ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ନ୍ୟୁଜିଲାଣ୍ଡ-ବେଲ୍‌ଜିୟମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫଳରେ ୱେଷ୍ଟ ଷ୍ଟାଣ୍ଡରେ ଉକ୍ତ ୪ ଦଳର ବହୁ ବିଦେଶୀ ଦର୍ଶକ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ। ଦଳର ପ୍ରତ୍ୟେକ ମୁଭ୍ ସମୟରେ ସେମାନେ ଜାତୀୟ ପତାକା ଦେଖାଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳର ଦର୍ଶକ ଉଲ୍ଲସିତ ହୋଇଥିବାବେଳେ ପରାଜିତ ଦଳର ପ୍ରଶଂସକ ନିରାଶ ମନରେ ବିଦାୟ ନେଇଥିଲେ।

# ୱେଷ୍ଟ ଷ୍ଟାଣ୍ଡରେ ଅଷ୍ଟ୍ରେଲିଆ ଦର୍ଶକ, ଟମ୍‌ଙ୍କ ପରିବାର

ଭୁବନେଶ୍ୱର, ୨୪।୧
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅଷ୍ଟ୍ରେଲିଆ ଓ ସ୍ପେନ୍ ମଧ୍ୟରେ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୱେଷ୍ଟ ଷ୍ଟାଣ୍ଡରେ ବ୍ୟାନର ଧରି ଉପସ୍ଥିତ ଥିଲେ ଅଷ୍ଟ୍ରେଲିଆ ଦର୍ଶକ। ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଦଳର ୨ ନମ୍ବର ଖେଳାଳି ଟମ୍ କ୍ରେଗ୍‌ଙ୍କ ପରିବାର ଆକର୍ଷଣର କେନ୍ଦ୍ରରେ ରହିଥିଲେ। ପୁଅକୁ ସମର୍ଥନ କରିବା ପାଇଁ ନ୍ୟୁ ସାଉଥ୍‌ୱେଲ୍ସର ଲେନ୍‌କୋଭରୁ ଟମ୍‌ଙ୍କ ମା'ବାପା ଓଡ଼ିଶା ଆସି କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଉପଭୋଗ କରିଥିଲେ। ମ୍ୟାଚ ଆରମ୍ଭରେ ଅଷ୍ଟ୍ରେଲିଆ ଏକଦା ୦-୨ ଗୋଲରେ ପଛୁଆ ଥିଲେ ହେଁ ଅଷ୍ଟ୍ରେଲିଆ ଦର୍ଶକ ଜାତୀୟ ପତାକା ପ୍ରଦର୍ଶନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ଜାରି ରଖିଥିଲେ। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରି ୪-୩ ଗୋଲରେ ବିଜୟୀ ହୋଇଥିଲା। ମିଡ୍ ଫିଲ୍ଡର ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ପୁଅର ପ୍ରଦର୍ଶନ ଏବଂ ଅଷ୍ଟ୍ରେଲିଆର ବିଜୟରେ ଟମ୍‌ଙ୍କ ମା'ବାପା ଖୁସି ପ୍ରକଶ କରିଥିଲେ।



ଅଷ୍ଟ୍ରେଲିଆରୁ ଆସିଥିବା ଦର୍ଶକମାନେ ଜାତୀୟ ପତାକା ଦେଖାଇ କଳିଙ୍ଗରେ ନିଜ ଦଳକୁ ଉତ୍ସାହିତ କରୁଛନ୍ତି।

# ସ୍ପେନ୍‌ର ଅଭିଯାନ ଶେଷ

ଭୁବନେଶ୍ୱର
(କ୍ରୀଡ଼ା ପ୍ରତିନିଧି), ୨୪।୧

ତିନିଥର ଚାମ୍ପିୟନ, ଦୁଇଥର ରନରଅପ୍ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଚଳିତ ହକି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଏହି ଦଳ ୪-୩ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ଅନ୍ୟପକ୍ଷରେ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରିବାର ସୁବର୍ଣ୍ଣ ସୁଯୋଗ ହାତଛଡ଼ା ସ୍ପେନ୍ ପାଇଁ ମହଙ୍ଗା ପଡ଼ିଛି। ଦଳର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ପେନାଲ୍ଟି ଷ୍ଟ୍ରୋକ୍ ସେଭ୍ କରିଥିବା ଅଷ୍ଟ୍ରେଲିଆ ଗୋଲକିପର ଆଣ୍ଡ୍ର୍ୟୁ ଚାର୍ଟର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାଚ ଆରମ୍ଭରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗଦେଇ ଦୁଇ ଦଳର ଅଧିନାୟକଙ୍କ ସହ ପରିଚିତ ହୋଇଥିଲେ। ଟୁର୍ନାମେଣ୍ଟର ସବୁଠାରୁ ଅଧିକ ପଦକ ହାସଲ କରିଥିବା ଅଷ୍ଟ୍ରେଲିଆ ୧୯୮୬, ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୨ ଓ ୨୦୦୬ରେ ରନରଅପ୍ ଏବଂ ୧୯୭୮, ୧୯୮୨, ୧୯୯୦, ୧୯୯୪ ଓ ୨୦୧୮ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛି। ଗୋଟିଏ ସଂସ୍କରଣ ବ୍ୟବଧାନରେ ଟାଇଟଲ ଜିତିବାକୁ ଆଶା ରଖିଥିବା ଏହି ଦଳ ଏଥର ମଧ୍ୟ ଲକ୍ଷ୍ୟପଥରେ ଅଗ୍ରସର ହୋଇଛି।

ଅଷ୍ଟ୍ରେଲିଆ ଏହାର ପାରମ୍ପରିକ ଷ୍ଟାଇଲ୍ ଅର୍ଥାତ୍ ଆରମ୍ଭରୁ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ ହେଁ ପ୍ରଥମ କ୍ୱାର୍ଟରରେ ଭାଗ୍ୟ ସାଥ୍ ଦେଇ ନ ଥିଲା। କେବଳ ଏହି କ୍ୱାର୍ଟରରେ ଅର୍ଥାତ୍ ୩, ୧୨ ଓ ୧୪ତମ ମିନିଟରେ ଦଳ ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଯାହାକି ଖୁବ୍ ବିରଳ ଦେଖିବାକୁ ମିଳିଥାଏ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଦଳକୁ ଆରମ୍ଭରୁ ସଫଳତା ମିଳି ନ ଥିଲା। ବରଂ ସ୍ପେନ୍‌ର ଜାଭିଅର ଗିସପର୍ଟ ୨୦ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ସ୍ପେନ୍‌କୁ ଅଗ୍ରଣୀ କରାଇଥିଲେ। କେବଳ ସେତିକି ନୁହେଁ ୨୨ତମ ମିନିଟରେ ଅଷ୍ଟ୍ରେଲିଆ ପାଇଥିବା ୪ର୍ଥ ପେନାଲ୍ଟି କର୍ନରକୁ ମିସ୍ କରିଥିବାବେଳେ ୨୪ତମ ମିନିଟରେ ମାର୍କ ରେକାସେନ୍ସ ଆଉ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ବିପର୍ଯ୍ୟୟ ସୃଷ୍ଟିର ପଥ ପ୍ରସ୍ତୁତ କରିଥିଲେ। ମାତ୍ର ଅଷ୍ଟ୍ରେଲିଆ ସହଜେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ୩୦ତମ ମିନିଟରେ ମ୍ୟାଟ୍ ଡସନଙ୍କଠାରୁ ପାସ୍ ପାଇଥିବା ଫ୍ଲାଇନ ଓଗିଲିଭ୍ ବଲ୍‌କୁ ନିୟନ୍ତ୍ରଣରେ ରଖି ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍ପେନ୍ ୨-୧ ଗୋଲରେ ଅଗ୍ରଣୀ ରହିଥିଲା।

## ପେନାଲ୍ଟି ଷ୍ଟ୍ରୋକ୍ ମିସ୍ ସ୍ପେନ୍ ପାଇଁ ମହଙ୍ଗା ପଡ଼ିଲା

ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ହୋଇଥିଲା ଅସଲ ଖେଳ। ଉଭୟ ଦଳ ଚମତ୍କାର ହକି ଖେଳର ନମୁନା ପ୍ରଦର୍ଶନ କରିଥିଲେ। ୩୨ତମ ମିନିଟରେ ସ୍ପେନ୍‌ର ଡି' ଏରିଆ ବାହାରେଥିବା ଅଷ୍ଟ୍ରେଲିଆର ମ୍ୟାଟ୍ ଡସନ ଭିତରେ ପ୍ରସ୍ତୁତ ଥିବା ଜ୍ୟାକ୍ ହ୍ୱିଟନଙ୍କୁ ପାସ୍ ଦେଇଥିଲେ। ହ୍ୱିଟନ କାଳବିଳମ୍ବ ନ କରି ବଲ୍‌କୁ ଅଧିନାୟକ ଆରନ ଜେଲସ୍କିଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ଅଭିଜ୍ଞ ଜେଲସ୍କି କୌଣସି ଭୁଲ ନ କରି ଦଳ ପକ୍ଷରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ଫଳରେ ୨-୨ ସ୍ଥିତିକୁ ମ୍ୟାଚ ଚାଲି ଆସିଥିଲା। ଏତିକିରେ ସନ୍ତୁଷ୍ଟ ନ ହୋଇ ଅଷ୍ଟ୍ରେଲିଆ ଆକ୍ରମଣ ଜାରି ରଖି ୩୨ ଓ ୩୬ତମ ମିନିଟରେ ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ଏହି ଦୁଇଟିକୁ ଗୋଲରେ ପରିଣତ କରି ଜେରେମି ହେୱାର୍ଡ ଅଷ୍ଟ୍ରେଲିଆକୁ ୪-୨ରେ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ ପାଇଁ ସ୍ପେନ୍ ୩୮ ଏବଂ ୪୧ତମ ମିନିଟରେ ଲଗାତର ୨ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ୩ଟି ମିସ୍ ହୋଇଥିବାବେଳେ ଅନ୍ତିମ ପେନାଲ୍ଟି କର୍ନରରୁ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ ଅଧିନାୟକ ମାର୍କ ମିରାଲେସ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଅଷ୍ଟ୍ରେଲିଆ ୪-୩ ଗୋଲରେ ଅଗ୍ରଣୀ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ଆଣିବା ପାଇଁ ସ୍ପେନ୍ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଥିଲା। ୫୬ତମ ମିନିଟରେ ଡି' ଏରିଆ ମଧ୍ୟରେ ଅଷ୍ଟ୍ରେଲିଆର ନାଥାନ ଇଫ୍ରମ୍ସ ଷ୍ଟିକ୍ ଚେକ୍ କରିବାରୁ ସ୍ପେନ୍‌କୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଅଷ୍ଟ୍ରେଲିଆ ଖେଳାଳି ରେଫରାଲ ମାଗିଥିଲେ ମଧ୍ୟ ତାହା ନାକଚ ହୋଇ ଯାଇଥିଲା। ମାତ୍ର ଭାଗ୍ୟଦେବୀ ସାଥ୍ ଦେଇ ନ ଥିଲେ। ସ୍ପେନ୍ ଅଧିନାୟକ ମାର୍କ ମିରାଲେସଙ୍କ ପେନାଲ୍ଟି ଷ୍ଟ୍ରୋକ୍ ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଆଣ୍ଡ୍ର୍ୟୁ ଚାର୍ଟର ଦକ୍ଷତାର ସହ ସେଭ୍ କରି ଦେଇଥିଲେ। ଏହିଠାରେ ହିଁ ମ୍ୟାଚ ଅଷ୍ଟ୍ରେଲିଆ ସପକ୍ଷକୁ ଚାଲି ଆସିଥିଲା। ସ୍ପେନ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଆଉ ସମୟ ନ ଥିଲା। ଅଷ୍ଟ୍ରେଲିଆ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା। ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୫/୨୦୨୩ Bhubaneswar, Wednesday, January 25/ 2023

**ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲ**

# ଆଜି ଇଂଲଣ୍ଡ-ଜର୍ମାନୀ, ନେଦରଲାଣ୍ଡ୍ସ-କୋରିଆ

ଭୁବନେଶ୍ୱର, ୨୪।୧(କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପ୍‌ର ତୃତୀୟ ଓ ଚତୁର୍ଥ କ୍ୱାର୍ଟର ଫାଇନାଲ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ତୃତୀୟ କ୍ୱାର୍ଟରରେ ଇଂଲଣ୍ଡକୁ ଭେଟିବ ଜର୍ମାନୀ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ ଓ ଦକ୍ଷିଣ କୋରିଆ ମଧ୍ୟରେ ମୁକାବିଲା ହେବ।

## ଜର୍ମାନୀ ରେକର୍ଡ ଭଲ

ଇଂଲଣ୍ଡ ବିପକ୍ଷରେ ଜର୍ମାନୀର ରେକର୍ଡ ବହୁତ ଭଲ ରହିଛି। ଉଭୟ ଦଳ ମଧ୍ୟରେ ମୋଟ ୨୨ଟି ମ୍ୟାଚ ଖେଳାଯାଇଥିବାବେଳେ ଜର୍ମାନୀ ୧୫ଟି ମ୍ୟାଚ ଜିତି ବହୁତ ଆଗରେ ରହିଛି। ଇଂଲଣ୍ଡ ୬ ମ୍ୟାଚ ଜିତିଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରହିଛି। ଶେଷଥର ପାଇଁ ୨୦୨୨ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଉଭୟ ଦଳ ୨ଟି ମ୍ୟାଚ ଖେଳିଥିଲେ। ଏଥିରୁ ଇଂଲଣ୍ଡ ଗୋଟିଏରେ ୧-୦ ଗୋଲରେ ବିଜୟୀ ହୋଇଥିବାବେଳେ ଅନ୍ୟଟିରେ ଜର୍ମାନୀ ୩-୨ ଗୋଲରେ ବିଜୟ ହାସଲ କରିଥିଲା। ତେଣୁ ଅତୀତ ରେକର୍ଡ ଯାହା ହେଉନା କାହିଁକି ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ସମ୍ଭାବନା ରହିଛି। ଚଳିତ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଫଳରେ ୪ ଦଳ ବିଶିଷ୍ଟ ପୁଲ୍‌ରେ ଶୀର୍ଷସ୍ଥାନ ଅଧିକାର କରି ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଥିଲା। ଅନ୍ୟପକ୍ଷରେ ଜର୍ମାନୀ ପୁଲ୍ 'ବି'ରେ ବେଲଜିୟମ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବାରୁ କ୍ରସ୍ ଓଭର ଦେଇ କ୍ୱାର୍ଟର ଫାଇନାଲକୁ ଆସିଛି। କ୍ରସ୍ ଓଭରରେ ଏହି ଦଳ ଫ୍ରାନ୍ସକୁ ୫-୧ ଗୋଲରେ ପରାସ୍ତ କରିଥିଲା।

## ନେଦରଲାଣ୍ଡ୍ସ ଫେଭରାଇଟ

ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଏସୀୟ ଦଳ କୋରିଆ ବିପକ୍ଷରେ ଗତଥରର ରନରଅପ୍ ନେଦରଲାଣ୍ଡ୍ସ କ୍ଲିୟର ଫେଭରାଇଟ ରହିଛି। କାରଣ ଇତିହାସ ଦେଖିଲେ ଉଭୟ ଦଳ ମଧ୍ୟରେ ୨୨ଟି ମ୍ୟାଚ ହୋଇ ସାରିଥିବାବେଳେ ନେଦରଲାଣ୍ଡ୍ସ ୧୫ଟି ମ୍ୟାଚ ଜିତିଛି। ଅନ୍ୟ ୭ଟି ମ୍ୟାଚରେ କୋରିଆ ବିଜୟୀ ହୋଇଛି। ଶେଷଥର ପାଇଁ ୨୦୧୫ରେ ଉଭୟ ଦଳ ମଧ୍ୟରେ ବୁଏନ୍ସ ଏୟାର୍ସଠାରେ ମୁକାବିଲା ହୋଇଥିଲା। ଏଥିରେ ନେଦରଲାଣ୍ଡ୍ସ ୬-୨ ଗୋଲରେ ବିଜୟୀ ହୋଇଥିଲା। ନେଦରଲାଣ୍ଡ୍ସ ୧୯୭୩, ୧୯୯୦ ଓ ୧୯୯୮ରେ ଚାମ୍ପିୟନ ଏବଂ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ରନରଅପ୍ ହୋଇଥିଲା। ଏହା ବ୍ୟତୀତ ୨୦୦୨ ଓ ୨୦୧୦ରେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲା। ଅନ୍ୟପକ୍ଷରେ କୋରିଆ ୨୦୦୨ ଓ ୨୦୦୬ରେ ହାସଲ କରିଥିବା ୪ର୍ଥ ସ୍ଥାନହିଁ ଦଳ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ। ଅନ୍ତର୍ଜାତୀୟ ହକିରେ ଏକ ଶକ୍ତିଶାଳୀ ଦଳ ଭାବେ ବିବେଚିତ ହେଉଥିବା ନେଦରଲାଣ୍ଡ୍ସ କୋରିଆ ତୁଳନାରେ ଅଭିଜ୍ଞତା ଦୃଷ୍ଟିରୁ ମଧ୍ୟ ବହୁ ଆଗରେ ରହିବ।

**କ୍ଲାସିଫିକେଶନ ମ୍ୟାଚ କାର୍ଯ୍ୟସୂଚୀ (୯ରୁ ୧୬)**

ଜାନୁୟାରୀ ୨୬: ଦକ୍ଷିଣ ଆଫ୍ରିକା ବନାମ ମାଲେସିଆ
ସମୟ: ପୂର୍ବାହ୍ନ ୧୧ଟା ୩୦
ୱେଲ୍ସ ବନାମ ଫ୍ରାନ୍ସ,
ସମୟ: ଅପରାହ୍ନ ୨ଟା
ଚିଲି ବନାମ ଆର୍ଜେଣ୍ଟିନା
ସମୟ: ଅପରାହ୍ନ ୪ଟା ୩୦
ଭାରତ ବନାମ ଜାପାନ, ସମୟ: ରାତି ୭ଟା
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ